# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୩୧/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, August 31 / 2019 ★★

୧୫ଶ ଭାଗ ୨୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଦୂତୀଙ୍କୁ ସ୍ୱର୍ଣ୍ଣ ପଦକ**

ଲକ୍ଷ୍ନୌଠାରେ ଅନୁଷ୍ଠିତ ୫୯ତମ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି ଓଡ଼ିଶାର ଦୂତୀ ଚାନ୍ଦ।

୧୮

୧୬

**‘ୱାର’ରେ ହ୍ରିତିକ୍ ରୋଶନ**

ବଲିଉଡ ଷ୍ଟାର ହ୍ରିତିକ୍ ରୋଶନଙ୍କ ଅଭିନୀତ ‘ୱାର’ର ଶୁଟିଂ ପର୍ତ୍ତୁଗାଲର ପୋର୍ଟୋ ନଗରୀରେ ଦୁଇଦିନ ଧରି ଚାଲିଥିଲା।



# ବ୍ୟାଙ୍କିଙ୍ଗ ସେକ୍ଟରରେ ବିଗ୍ ବ୍ୟାଙ୍ଗ୍ ଘୋଷଣା

## ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶି ହେବେ ୪ ବୃହତ ବ୍ୟାଙ୍କ

ନୂଆଦିଲ୍ଲୀ,୩୦।୮

ଦେଶର ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥାକୁ ଦୂର କରିବା ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଚଳିତ ମାସ ୨୩ରେ ବଡ଼ ଧରଣର ଆର୍ଥିକ ପ୍ୟାକେଜ ଘୋଷଣା କରିଥିଲେ। ତେବେ ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବା ଲକ୍ଷ୍ୟରେ ମୋଦି ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ବୃହତ ମିଶ୍ରଣ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରି ସୀତାରାମନ୍ ଶୁକ୍ରବାର କହିଛନ୍ତି ଯେ, ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ଦିଆଯିବ। ଏହି ମିଶ୍ରଣ ପରେ ୪ ବୃହତ ବ୍ୟାଙ୍କ ଗଠନ ହେବ, ଯାହାର ମୋଟ କାରବାର ୫୫.୮୧ ଲକ୍ଷ କୋଟି ଟଙ୍କା ହେବ। ୨୦୧୭ରେ ଦେଶରେ ୨୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଥିବା ବେଳେ ଏହି ମିଶ୍ରଣ ପରେ ସେମାନଙ୍କ ସଂଖ୍ୟା ୧୨କୁ ହ୍ରାସ ପାଇବ।

ଶୁକ୍ରବାର ଏଠାରେ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ସୀତାରାମନ୍ କହିଛନ୍ତି ଯେ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ସହ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ମିଶାଇ ଦିଆଯିବ।



ଫଳରେ ପିଏନ୍‌ବି ଦେଶରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପରେ ଦ୍ୱିତୀୟ ସର୍ବବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହେବ ଏବଂ ଏହାର ମୋଟ ବ୍ୟବସାୟ ୧୭.୯୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ସେହିପରି ସିଣ୍ଡିକେଟ ବ୍ୟାଙ୍କକୁ ମିଶାଇ ଦିଆଯିବା ପରେ କାନାରା ବ୍ୟାଙ୍କ ଦେଶର ଚତୁର୍ଥ ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହେବ ଏବଂ ଏହାର ମୋଟ କାରବାର ୧୫.୨୦ ଲକ୍ଷ କୋଟି ଟଙ୍କା ହୋଇଯିବ। ଏହାବ୍ୟତୀତ ଆନ୍ଧ୍ରା ବ୍ୟାଙ୍କ ତଥା କର୍ପୋରେଶନ ବ୍ୟାଙ୍କକୁ ମିଶାଇ ଦିଆଯିବା ପରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦେଶର ୫ମ ସର୍ବବୃହତ ବ୍ୟାଙ୍କର ମାନ୍ୟତା ହାସଲ କରିବ। ଏହାର ମୋଟ କାରବାର ପରିମାଣ ୧୪.୫୯ ଲକ୍ଷ କୋଟି ଟଙ୍କା ହୋଇଯିବ। ସୀତାରାମନ୍ କହିଛନ୍ତି ଯେ, ଇଣ୍ଡିଆନ ବ୍ୟାଙ୍କ ସହ ଆଲ୍ଲାହାବାଦ୍ ବ୍ୟାଙ୍କର ମିଶ୍ରଣ ପରେ ଏହା ଦେଶର ୭ମ ସର୍ବବୃହତ ବ୍ୟାଙ୍କର ମାନ୍ୟତା ପାଇବା ସହ ଏହାର କାରବାର ୮.୦୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ। ବୃହତ ବ୍ୟାଙ୍କ ମିଶ୍ରଣକୁ ଅର୍ଥମନ୍ତ୍ରୀ ‘ନେକ୍ସଟ ଜେନେରେଶନ ପିଏସ୍‌ବି’ ବା ‘ପରବର୍ତ୍ତୀ ପିଢ଼ିର ରାଷ୍ଟ୍ରାୟତ୍ତ ବ୍ୟାଙ୍କ’ ଭାବେ ଆଖ୍ୟା ଦେଇଛନ୍ତି। ମିଶ୍ରଣ ଶେଷ ହେବା ପରେ ଦେଶରେ ମୋଟ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥା: ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, କାନାରା ବ୍ୟାଙ୍କ, ଆଲ୍ଲାହାବାଦ୍ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କ ରହିଯିବେ।

(ସବିଶେଷ ବିବରଣୀ ବିଜ୍‌ନେସ ପୃଷ୍ଠାରେ)

### କାହା ସହ କିଏ ମିଶିଲା

| | |
|---|---|
| ୧ | ପିଏନ୍‌ବି + ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ+ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ |
| ୨ | କାନାରା ବ୍ୟାଙ୍କ+ସିଣ୍ଡିକେଟ ବ୍ୟାଙ୍କ |
| ୩ | ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ+ଆନ୍ଧ୍ରା ବ୍ୟାଙ୍କ+କର୍ପୋରେଶନ ବ୍ୟାଙ୍କ |
| ୪ | ଆଲ୍ଲାହାବାଦ୍ ବ୍ୟାଙ୍କ+ଇଣ୍ଡିଆନ ବ୍ୟାଙ୍କ |

### ନୀରବ ମୋଦି ଭଳି ମାମଲା ରୋକିବାକୁ ପଦକ୍ଷେପ

ଅର୍ଥମନ୍ତ୍ରୀ ସୀତାରାମନଙ୍କ କହିବାନୁଯାୟୀ, ନୀରବ ମୋଦି ଭଳି ମାମଲାକୁ ରୋକିବା ଲାଗି ସ୍ୱିଫ୍ଟ ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଅଧିକ ଦୃଢ଼ କରାଯାଇଛି। ଅଦ୍ୟାବଧି ୩.୮୫ ଲକ୍ଷ ଭୂତ କମ୍ପାନୀକୁ ବନ୍ଦ କରାଯାଇସାରିଛି। ସେ କହିଛନ୍ତି ଯେ, ୨୫୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ଋଣ ଉପରେ ସରକାରଙ୍କ ନଜର ରହିଛି। ପଳାତକ ଆର୍ଥିକ ଅପରାଧି ଆଇନ ଅଧୀନରେ ଦେଶ ଛାଡ଼ିଥିବା ଆର୍ଥିକ ଅପରାଧିଙ୍କ ସମ୍ପତ୍ତି ଜବତ କରାଯାଉଛି ଓ ସେମାନଙ୍କୁ ଫେରାଇ ଆଣିବା ଲାଗି ଉଦ୍ୟମ ଜାରି ରହିଛି। ଋଣ କାଗଜପତ୍ରକୁ ଏକ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉଲ୍ଲେଖ କରି ସୀତାରାମନ୍ କହିଛନ୍ତି ଯେ, ଏହାକୁ ଲାଗୁ କରିବା ଲାଗି କୋର୍ ବ୍ୟାଙ୍କିଙ୍ଗ୍ ସଲ୍ୟୁଶନ(ସିବିଏସ୍) ଏବଂ ରିଜିଓନାଲ ମ୍ୟାନେଜରଙ୍କୁ ଦାୟିତ୍ୱ ଦିଆଯାଇଛି।

## ଜିଡିପି ଅଭିବୃଦ୍ଧି ହାର ୫%କୁ ହ୍ରାସ

ନୂଆଦିଲ୍ଲୀ,୩୦।୮: ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ହାର ଶୁକ୍ରବାର ପ୍ରକାଶ ପାଇଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ(ଏପ୍ରିଲ-ଜୁନ୍) ମଧ୍ୟରେ ଦେଶର ଆର୍ଥିକ ଅଭିବୃଦ୍ଧି ବଢ଼ିବା ପରିବର୍ତ୍ତେ କମି ୫%ରେ ପହଞ୍ଚିଛି। ବାର୍ଷିକ ଆଧାରରେ ଏହା ୩% ହ୍ରାସ ପାଇଛି। ଏହା ମୋଦି ସରକାରଙ୍କ ପାଇଁ ଜୋର୍‌ଦାର ଝଟକା ବୋଲି କୁହାଯାଉଛି। ପୂର୍ବ ତ୍ରୈମାସରେ ଏହା ୫.୮% ରହିଥିଲା। ଅର୍ଥ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଜୁନ୍‌ର ଜିଡିପି ଅଭିବୃଦ୍ଧି ହାର ୬ ବର୍ଷରେ ସର୍ବନିମ୍ନ ରହିଛି। ଆର୍ଥିକ ବର୍ଷ ୨୦୧୨-୧୩ର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୪.୯% ରହିଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ଦେଶର ଜିଡିପି ଅଭିବୃଦ୍ଧି ହାର ଅନୁମାନକୁ ୬.୯% କରିଥିଲା। ପୂର୍ବରୁ ଏହା ୭% ରହିବ ବୋଲି ନିଜ ଅନୁମାନରେ ଦର୍ଶାଇଥିଲା।

(ଅଧିକ ରିପୋର୍ଟ: ପୃଷ୍ଠା-୧୭)


ଇନ୍ଦ୍ରଜିତ୍ ମହାନ୍ତି ହେବେ ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ........ ୩ ........

ପୋଲିସର ଦକ୍ଷତା ମାପିବେ ଜନତା ........ ୫ ........


## ଦୁର୍ନୀତି ବିରୋଧରେ ଲଢ଼େଇ ୧୫୦ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ,୩୦।୮

ଦୁର୍ନୀତି ବିରୋଧରେ ସରକାର ଲଢ଼େଇ ଘୋଷଣା କରିଛନ୍ତି। ଦେଶର ବିଭିନ୍ନ ସରକାରୀ ବିଭାଗରେ ସିବିଆଇ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଶୁକ୍ରବାର ଦେଶର ୧୫୦ ସ୍ଥାନରେ ଏହି ଚଢ଼ାଉ କରାଯାଇଥିବା କୁହାଯାଉଛି। ଚଢ଼ାଉରେ ଭିଜିଲାନ୍ସ ବିଭାଗ ମଧ୍ୟ ସାମିଲ ଥିଲା। ଚଢ଼ାଉ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ରହିଛି ଦିଲ୍ଲୀ, ଜୟପୁର, ଯୋଧପୁର, ଗୁଆହାଟୀ, ଶ୍ରୀନଗର, ସିଲଂ, ଚଣ୍ଡିଗଡ, ଶିମଲା, ଚେନ୍ନାଇ, ମଦୁରାଇ, କୋଲକାତା, ହାଇଦ୍ରାବାଦ, ବେଙ୍ଗାଲୁରୁ, ମୁମ୍ବାଇ, ପୁଣେ, ଗାନ୍ଧୀନଗର, ଗୋଆ, ଭୋପାଳ, ଜବଲପୁର, ନାଗପୁର, ପାଟନା, ରାଞ୍ଚି, ଗାଜିଆବାଦ, ଭଦୋଦରା, ଅହମଦାବାଦ, କୋଚିନ, ଲକ୍ଷ୍ନୌ ଓ ଡେରାଡୁନ୍। ଶୁକ୍ରବାର ସକାଳଠାରୁ ଏହିସବୁ ସହରରେ ଥିବା ରେଲୱେ, ବିଏସ୍‌ଏନ୍‌ଏଲ, ଜାହାଜ ଚଳାଚଳ କାର୍ଯ୍ୟାଳୟ, ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ, କୋଇଲା ଖଣି, ଭାରତର ଖାଦ୍ୟ ନିଗମ କାର୍ଯ୍ୟାଳୟ, ସୀମାଶୁଳ୍କ, ବିଦ୍ୟୁତ, ପରିବହନ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଦିରେ ଚଢ଼ାଉ କରାଯାଇଥିଲା। ଯେଉଁସବୁ ସରକାରୀ କାର୍ଯ୍ୟାଳୟରେ ଜନସାଧାରଣ ଅଧିକ ଦୁର୍ନୀତିର ଶୋଷଣ ହେଉଥିବା ଅଭିଯୋଗ ହେଉଛି, ସେଠାରେ ଏହି ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ କରାଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି।


### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

**ଦୂରଦର୍ଶନର କସରତ**

### ଆଜିର ମନ୍ତବ୍ୟ

“ ଭିଡ଼ହିଂସା ରୋକିବା ଲାଗି କେନ୍ଦ୍ର ସରକାର ତୁରନ୍ତ ଆଇନ ଆଣିବା ଦରକାର।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

### କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୫୪ ବିଲିୟନ ଡଲାର ହ୍ରାସ ଘଟି ୪୨୯.୦୫୦ ବିଲିୟନ ଡଲାରକୁ ଖସିଛି।

**- ରିଜର୍ଭ ବ୍ୟାଙ୍କ**


NECC NATIONAL EGG CO-ORDINATION COMMITTEE 30.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 54 | 98 | 108 |
| DKL | 57 | 102 | 112 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 56 | 101 | 111 |
| BHM | 57 | 102 | 112 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


■ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ

## ପ୍ରଦୀପଙ୍କୁ ଗ୍ରାମ୍ୟ ଉନ୍ନୟନ, ସଞ୍ଜୀବଙ୍କୁ ଗୃହ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

- ■ ହେମନ୍ତଙ୍କ ହାତରୁ ଗଲା ଶକ୍ତି , ଗ୍ରୀଡ୍‌କୋ, ଓପିଟିସିଏଲ୍
- ■ ମୋନାଙ୍କୁ ଜଙ୍ଗଲ ଓ ପରିବେଶ, ଚିତ୍ରାଙ୍କୁ ସ୍କୁଲ ଓ ଗଣଶିକ୍ଷା
- ■ ବିଶାଲ ଗଗନଙ୍କୁ ଜଳସମ୍ପଦ ଅତିରିକ୍ତ ଦାୟିତ୍ୱ

ରାଜ୍ୟ ସରକାର ଶୁକ୍ରବାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ଅନୁମୋଦନ ପରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ଜିଏ ଏଣ୍ଡ ପିଜି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଗୁରୁତ୍ୱପୂର୍ଣ୍ଣ ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱ ଦିଆଯାଇଛି। ଏଥିସହିତ ପ୍ରଦୀପଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ଏବଂ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସଂସ୍ଥା(ଓସ୍‌ଡମା)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ବିଶାଲ ଗଗନଙ୍କୁ ସେହି ବିଭାଗର କମିଶନର ତଥା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗ୍ରାମ୍ୟ ଉନ୍ନୟନ ପ୍ରମୁଖ ଶାସନ ସଚିବ ଥିବା ଡକ୍ଟର ମୋନା ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି। ଶିଳ୍ପ ବିଭାଗ ପ୍ରମୁଖ ସଚିବ ସହ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା

☞ପୃଷ୍ଠା-୪

## ଏମାର ମଠ ଉଚ୍ଛେଦ ଜାରି

## ମଠ ମହନ୍ତଙ୍କୁ ନେଇ ବଢୁଛି ଉତ୍କଣ୍ଠା

ପୁରୀ ଅଫିସ, ୩୦।୮

- ■ ଭଙ୍ଗାଯାଇ ପାରୁନି ମୁଖ୍ୟ କୋଠା
- ■ ମହନ୍ତ ମଠ ଛାଡୁ ନ ଥିବା ଚର୍ଚ୍ଚା
- ■ କୌଣସି ସମସ୍ୟା ନାହିଁ: ପ୍ରଶାସନ

ବହୁଚର୍ଚ୍ଚିତ ଏମାର ମଠ ଭଙ୍ଗାକୁ ନେଇ ଦିନକୁ ଦିନ ନାନା ପ୍ରକାର ଚର୍ଚ୍ଚା ଚାଲିଛି। ତେବେ ଶୁକ୍ରବାର ବ୍ରିଟିଶ ଅମଳର ରଘୁନନ୍ଦନ ଲାଇବ୍ରେରି ମାଟିରେ ମିଶିଥିବା ବେଳେ ମଠର ୧୩ ଦୋକାନ ଘରକୁ ଉଚ୍ଛେଦ କରାଯାଇଛି। ହେଲେ ମୁଖ୍ୟ କୋଠାରେ ହାତ ମାରିପାରିନି ପ୍ରଶାସନ। ଏଥିରେ ମଠ ମହନ୍ତ ବାଧକ ସାଜିଥିବା କୁହାଯାଉଛି। ମହନ୍ତ ମଠରୁ ବାହାରୁ ନ ଥିବାରୁ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଫଳରେ ପ୍ରଶାସନ ପାଇଁ ଅଡୁଆ ବଢିବାରେ ଲାଗିଛି। ତେବେ ଏହାକୁ ପ୍ରଶାସନ ଅସ୍ୱୀକାର କରିଥିବା ବେଳେ ମହନ୍ତ ଠାକୁରଙ୍କୁ ଛାଡି ବାହାରକୁ ଯିବେ ନାହିଁ ବୋଲି କହିବାରୁ ମହନ୍ତଙ୍କ ପାଇଁ ଏକ କଣ୍ଟେନର ଅଣାଯାଇଛି। ୩୫ ଫୁଟ ଲମ୍ବ ଏବଂ ୧୦ ଫୁଟ ଓସାର ବିଶିଷ୍ଟ ଏହି କଣ୍ଟେନରରେ ବର୍ତ୍ତମାନ ମହନ୍ତ ରହିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଏଥିରେ ବିଦ୍ୟୁତ୍ ସଂଯୋଗ ସହ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ତେବେ ମଠ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ମହନ୍ତ ବାହାରକୁ ନ ଆସିବା ଏବଂ କାହାରିକୁ ସାକ୍ଷାତ୍ ନ କରିବା ପ୍ରସଙ୍ଗକୁ ଅଧିକ ରହସ୍ୟମୟ କରିଛି। କେବଳ ଅତ୍ୟାବଶ୍ୟକସ୍ଥଳେ ଅଳ୍ପ କେତେଜଣ ପ୍ରଶାସନିକ ଅଧିକାରୀଙ୍କ ସହ ମହନ୍ତ କଥା ହେଉଥିଲେ ବି ଗଣମାଧ୍ୟମଠାରୁ ବେଶ୍ ଦୂରରେ ରହୁଛନ୍ତି। ତେଣୁ ମହନ୍ତଙ୍କୁ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢିବାରେ ଲାଗିଛି। ପୂର୍ବଦିନ ଭଳି ଶୁକ୍ରବାର ସକାଳୁ ଆରମ୍ଭ ହୋଇଥିଲା ଏମାର ମଠ ଉଚ୍ଛେଦ କାର୍ଯ୍ୟ। ଭଙ୍ଗା ଯାଇଥିବା କୋଠି ଘରର ଭଗ୍ନାବଶେଷକୁ କୋଠି ଘର ଖାଲରେ ଭର୍ତ୍ତି କରାଯାଇ ସମତୁଲ କରାଯାଇଥିଲା। ଏହାପରେ ସିଂହଦ୍ୱାର ନିକଟରେ ଥିବା ମଠର ଦୋକାନ ଘର, ଲାଇବ୍ରେରିକୁ ଭଙ୍ଗା ଯାଇଥିଲା। ପ୍ରଥମେ ଲାଇବ୍ରେରି ପଛ ପାର୍ଶ୍ୱରୁ ଭଙ୍ଗା ଆରମ୍ଭ ହୋଇଥିଲା। ତୃତୀୟ ଦିନରେ ଏହି ତିନିମହଲା କୋଠାକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ମହନ୍ତଙ୍କୁ ନେଇ ଯେଉଁ ପ୍ରକାର ଚର୍ଚ୍ଚା ସବୁ ଶୁଣିବାକୁ ମିଳୁଛି ସେଥିରେ କୌଣସି ସତ୍ୟତା ନାହିଁ। ଶୁକ୍ରବାର ଲାଇବ୍ରେରି କୋଠାକୁ ଭଙ୍ଗାଯିବା ଲାଗି ସ୍ଥିର ହୋଇଥିଲା। ଏହା ସମ୍ପୂର୍ଣ୍ଣ ଭାବେ ସଫା ହୋଇଗଲା ପରେ ମଠ ମୁଖ୍ୟ କୋଠା ଭଙ୍ଗାଯିବ। ମହନ୍ତଙ୍କ ପାଇଁ କଣ୍ଟେନର ଅଣାଯାଇଛି। ସେଥିରେ ବର୍ତ୍ତମାନ ମହନ୍ତ ରହିବେ ବୋଲି ଅତିରିକ୍ତ ଜିଲାପାଳ ସୂଚନା ଦେଇଛନ୍ତି।



ମଠ ମହନ୍ତଙ୍କ ରହିବା ପାଇଁ ଆସିଥିବା କଣ୍ଟେନର ।

# ଟ୍ରେନ୍‌ରୁ ୫ଶହ ପାରା ଜବତ୍, ୨ ଗିରଫ

ବଲାଙ୍ଗୀର ଅଫିସ, ୩୦।୮

- ■ ପଶ୍ଚିମବଙ୍ଗରୁ ଆସୁଥିଲା ଟିଟିଲାଗଡ଼
- ■ କଳାହାଣ୍ଡି ମାଣିକେଶ୍ୱରୀ ଯାତ୍ରାରେ ବିକ୍ରି ହୋଇଥାନ୍ତା

ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ୭ଟି ପେଟିରେ ଆସୁଥିବା ୫ଶହ ପାରାକୁ ବଲାଙ୍ଗୀର ଆରପିଏଫ୍(ରେଳ ସୁରକ୍ଷା ବଳ) ସ୍ଥାନୀୟ ରେଳଷ୍ଟେଶନ୍‌ରୁ ଶୁକ୍ରବାର ଜବତ କରିଛି। ପାରା ଚାଲାଣ କରୁଥିବା ବାପପୁଅଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲା ତମ୍ପାଛୋଡା ଗ୍ରାମର ନନ୍ଦକିଶୋର ଦୁର୍ଗା (୭୦) ଓ ତାଙ୍କ ପୁଅ ଧନୀରାମ ଦୁର୍ଗା (୪୦)। ଉଭୟେ ଟିଟିଲାଗଡ଼ରେ ଏକ ଘର ଭଡ଼ା ନେଇ ରହୁଥିଲେ । ସେମାନେ ଗତ କିଛି ବର୍ଷ ହେଲା ପାରା କିଣାବିକା କରୁଥିଲେ। ଦଶହରା ସମୟରେ କଳାହାଣ୍ଡିର ପ୍ରସିଦ୍ଧ ମାଣିକେଶ୍ୱରୀ ଯାତ୍ରାରେ ଏହି ପାରା ବିକ୍ରି କରିବା ଉଦ୍ଦେଶ୍ୟରେ ସେମାନେ ଆଣୁଥିଲେ ବୋଲି ସ୍ୱୀକାର କରିଛନ୍ତି। ପଶ୍ଚିମବଙ୍ଗର ଉଲବେରିଆ ହାଟରୁ ଏହି ପାରା ସବୁ କିଣି ଟିଟିଲାଗଡ଼କୁ ଆଣୁଥିବା ଦୁର୍ଗା କହିଛନ୍ତି । କୌଣସି ବନ୍ୟ ଜୀବଜନ୍ତୁ ଓ ପକ୍ଷୀଙ୍କୁ ଚାଲାଣ କରିବା ବେଆଇନ୍ ହୋଇଥିବାରୁ ସେମାନଙ୍କୁ ବଲାଙ୍ଗୀର ଆରପିଏଫ୍ ଗିରଫ କରିବା ସହ ପାରା ଜବତ୍ କରିଥିଲା । ଜବତ୍ ୫ ଶହ ପାରା ଓ ଗିରଫ ବାପପୁଅଙ୍କୁ ଆରପିଏଫ୍ ବଲାଙ୍ଗୀର ବନବିଭାଗକୁ ହସ୍ତାନ୍ତର କରିଛି । ଏନେଇ ସେକ୍ସନ୍ ୫୧ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ୍ ଆକ୍ଟ-୧୯୭୨ ଅନୁସାରେ ମାମଲା ରୁଜୁ କରାଯିବ ବୋଲି ଡିଏଫ୍‌ଓ ସମୀର ଶତପଥୀ କହିଛନ୍ତି । ଅଭିଯୁକ୍ତଦ୍ୱୟ ଏତେ ସଂଖ୍ୟକ ପାରା କେଉଁ ଉଦ୍ଦେଶ୍ୟରେ ନେଉଥିଲେ, ବଳି ଉଦ୍ଦେଶ୍ୟରେ ନିଆଯାଉଥିଲା କି ସେନେଇ ତଦନ୍ତ କରାଯିବ ବୋଲି କହିଛନ୍ତି । ପ୍ରସିଦ୍ଧ ମାଣିକେଶ୍ୱରୀ ଯାତ୍ରାରେ ପାରାମାନଙ୍କୁ ଉଡାଇବାର ପରମ୍ପରା ରହିଛି ଓ ଏଣୁ ଏହାକୁ ବିକ୍ରି ଉଦ୍ଦେଶ୍ୟରେ ସେ ଆଣୁ ଥିଲେ ବୋଲି ଦୁର୍ଗା ସୂଚନା ଦେଇଛନ୍ତି । ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି ।



ଟ୍ରେନ୍‌ରୁ ଜବତ୍ ହୋଇଥିବା ପାରା ।



ଗିରଫ ବାପାପୁଅ ।

## ହୀରାକୁଦ ଡ୍ୟାମ୍‌ର ୫ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୩୦।୮ (ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ରୁ ଶୁକ୍ରବାର ୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଇଛି। ଏହି ୫ଟି ଗେଟ ଦେଇ ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧ ହଜାର ୪୭୨ କ୍ୟୁସେକ ପାଣି ନିଷ୍କାସିତ ହେଉଛି। ଅନ୍ୟପକ୍ଷେ ଡ୍ୟାମକୁ ପ୍ରତି ସେକେଣ୍ଡରେ ୯୦ ହଜାର ୪୨୫ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାର ଚ୍ୟାନେଲରେ ୧୯ ହଜାର ୧୦୦, ବିଭିନ୍ନ କେନାଲରେ ୨ହଜାର ୬୩୨ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡାଯାଉଛି । ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍ ତଳ ମୁଣ୍ଡ ବେଲଗାଁରେ ୧୯ ହଜାର ୫୦୦, ପଥରିଆରେ ୪୮ ହଜାର ୩୮୧, ଖଇରମାଳରେ ୧ଲକ୍ଷ ୭୪ ହଜାର, ବରମୂଲାରେ ୧ଲକ୍ଷ ୮୦ ହଜାର ୮୭୫ ଓ ମୁଣ୍ଡଳୀରେ ୨ଲକ୍ଷ ୯୧ ହଜାର ୭୮୫ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଉପର ମୁଣ୍ଡରେ ବର୍ଷା କମ୍ ପରିମାଣରେ ହୋଇଥିବାବେଳେ ତଳ ମୁଣ୍ଡରେ ବର୍ଷା ହୋଇନାହିଁ । ଡ୍ୟାମରେ ଜଳସ୍ତର ୬୨୩.୧୭ ରହିଛି ବୋଲି ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି ।

DSPL-76

# ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଶୁଭାରମ୍ଭ କରୁଛୁ

## 5T ମନ୍ତ୍ରର ସଫଳ ରୂପାୟନ

- **ୱାର୍ଡ ଅଫିସ୍**

  ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା

  ତ୍ୱରିତ ଅଭିଯୋଗ ଶୁଣାଣି ଏବଂ ନିରାକରଣ

  ୧୧୪ଟି ପୌରପାଳିକାର ୨୦୩୫ଟି ୱାର୍ଡରେ ୱାର୍ଡ ଅଫିସ

- **ଇ-ବିପାସ୍**

  ଅନଲାଇନ୍ ଦରଖାସ୍ତର ୪୮ ଘଣ୍ଟା ମଧ୍ୟରେ ବିଲ୍ଡିଂ ପ୍ଲାନ୍ ଅନୁମୋଦନ

- **କ୍ଷୁଦ୍ର ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ର**

  ସ୍ୱଚ୍ଛ ସାଥୀ- ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ଭାଗିଦାରୀରେ ୧୧୪ ସହରାଞ୍ଚଳରେ ୨୦୦ଟି କ୍ଷୁଦ୍ର ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣର ଶୁଭାରମ୍ଭ

- **ମଳପଙ୍କ ବିଶୋଧନ ବ୍ୟବସ୍ଥା**

  ୨୬ଟି ସହରାଞ୍ଚଳରେ ୨୬ଟି ନୂତନ ମଳପଙ୍କ ବିଶୋଧନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ



ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ**

**ତାରିଖ: ୩୧ ଅଗଷ୍ଟ ୨୦୧୯**



**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**

13001/13/0008/1920




## ଏନ୍‌ଏଚ୍ ନିର୍ମାଣ,ମରାମତି ପୂର୍ବରୁ ରାଜ୍ୟର ପରାମର୍ଶ ନିଆଯାଉ

### ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟି ପରାମର୍ଶ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଓଡ଼ିଶା ମଧ ଦେଇ ଯାଇଥିବା ଜାତୀୟ ରାଜପଥ(ଏନ୍‌ଏଚ୍)ଗୁଡ଼ିକର ନିର୍ମାଣ, ରକ୍ଷଣାବେକ୍ଷଣ ନେଇ ବିଧାନସଭା ପୂର୍ତ୍ତ ବିଭାଗ ସ୍ଥାୟୀ କମିଟିରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଶେଷ କରି ରାଜ୍ୟ ସରକାରଙ୍କ ସହ ଆଲୋଚନା ନ କରି ଜାତୀୟ ରାଜପଥଗୁଡିକର ନିର୍ମାଣ କରାଯାଉଛି। ପରେ ରାସ୍ତାର ଓସାର, ସ୍ଥଳ ବିଶେଷରେ ୱାଟର ଲଗିଂ ସମସ୍ୟା ଦେଖାଦେଉଛି। ଅସରାଏ ବର୍ଷା ହେଲେ ରାଜଧାନୀସ୍ଥିତ ଇସ୍କନ ମନ୍ଦିର ସମ୍ମୁଖରେ ପାଣି ଜମିବା ପ୍ରସଙ୍ଗ ଆଲୋଚନା ହୋଇଥିଲା। ତେଣୁ ରାଜ୍ୟରେ ଏନ୍.ଏଚ୍. ନିର୍ମାଣ, ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଏନ୍‌ଏଚ୍‌ଏଆଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରୁ ବୋଲି କମିଟି ପରାମର୍ଶ ଦେଇଛି। ସେହିପରି କମିଟିର ସଦସ୍ୟମାନେ ବୈଠକରେ ନିଜ ନିଜ ନିର୍ବାଚନମଣ୍ଡଳୀର ରାସ୍ତା,କୋଠାବାଡ଼ି ସମ୍ପର୍କିତ ପ୍ରସ୍ତାବ ରଖିଥିଲେ। ବୈଠକରେ ପୂର୍ତ୍ତ ବିଭାଗ କମିଶନର ତଥା ସଚିବ କ୍ରିଷ୍ଣନ କୁମାର ବିଭାଗ ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ। ଗତ ୫ ବର୍ଷରେ ଧାର୍ଯ୍ୟଲକ୍ଷ୍ୟଠାରୁ ବିଭାଗ ଅଧିକ ରାସ୍ତା ଏବଂ ପୋଲ ନିର୍ମାଣ କରିଛି। ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତୁଳନାରେ ପୂର୍ତ୍ତ ବିଭାଗ ପ୍ରଦର୍ଶନ ଉତ୍ତମ ରହିଛି। ହେଲେ ପୂର୍ବାପେକ୍ଷା ବିଭାଗର ଅନୁଦାନ ହ୍ରାସ ପାଇଥିବା ସଚିବ ଉଲ୍ଲେଖ କରିଥିଲେ। ତେଣୁ ଷ୍ଟାଣ୍ଡିଂ କମିଟି ସଦସ୍ୟ ଅନୁଦାନ ବୃଦ୍ଧି ସମ୍ପର୍କିତ ଦାବି ଅର୍ଥ ଏବଂ ଯୋଜନା ଓ ସଂଯୋଜନା ବିଭାଗ ନିକଟରେ ରଖାଯାଉ ବୋଲି ମତ ଦେଇଥିଲେ। ଏହି ବୈଠକରେ ଅଧ୍ୟକ୍ଷ ପ୍ରଫୁଲ୍ଲ ସାମଲଙ୍କ ସମେତ ବିଧାୟକ ଅମର ପ୍ରସାଦ ଶତପଥୀ, ତାରାପ୍ରସାଦ ବାହିନୀପତି, ବିକ୍ରମ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରକାଶ ସୋରେନ ଏବଂ ଜୟନ୍ତ ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ବିଧାନସଭାର ୫୫ ନଂ. ରୁମ୍‌ରେ ଶୁକ୍ରବାର ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଡ୍ରେନ୍, ସ୍ୱେରେଜ ବ୍ୟବସ୍ଥା ସମ୍ପର୍କିତ ଆଲୋଚନା କରାଯାଇଥିଲା। ସେହିପରି ଉତ୍ତର-ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ରାଜଧାନୀସ୍ଥିତ କଳାରାହାଙ୍ଗ ନିକଟରେ ଏକ ରେଲୱେ ଓଭରବ୍ରିଜ(ଆରଓବି) ପାଇଁ ପ୍ରସ୍ତାବ ଦେଇଥିଲେ।

## ଜାମିନ ସର୍ତ୍ତରେ କୋହଳ ଲାଗି ହାଇକୋର୍ଟରେ ସାରଥିଙ୍କ ଆବେଦନ

**କଟକ ଅଫିସ, ୩୦।୮:** ପ୍ରାୟ ୪ ବର୍ଷ ଜେଲ୍‌ରେ ରହିବା ପରେ ସାରଥିବାବା ଓରଫ ସନ୍ତୋଷ ରାଉଳ ଗତ ଜୁଲାଇ ୨୫ରେ ଜାମିନରେ ମୁକୁଳିଥିଲେ। ଏକାଧିକ ସର୍ତ୍ତ ରଖି ହାଇକୋର୍ଟ ସାରଥିଙ୍କୁ ଜାମିନ ଦେଇଥିଲେ। ତେବେ ଉକ୍ତ ସର୍ତ୍ତ ପରିବର୍ତ୍ତନ ଓ କୋହଳ କରିବା ଲାଗି ସାରଥି ଶୁକ୍ରବାର ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ନିଜ ଖର୍ଚ୍ଚ ଭରଣା କରିବା ପାଇଁ ତାଙ୍କ ପାଖରେ ଅର୍ଥ ନାହିଁ, ସେଥିପାଇଁ ତାଙ୍କୁ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ପ୍ରବଚନ ଜରିଆରେ ସେ ଗୁଜୁରାଣ ମେଣ୍ଟାଉଥିଲେ। ସେହିପରି ପ୍ରବଚନ ଶୁଣିବା ଲାଗି ଅନେକ ବ୍ୟକ୍ତି ଇଚ୍ଛା କରୁଛନ୍ତି। କିନ୍ତୁ ଜାମିନ ସର୍ତ୍ତ ନିମନ୍ତେ ସେ ପ୍ରବଚନ ଦେଇପାରୁ ନାହାନ୍ତି। ଫଳରେ ତାଙ୍କ ଉପାର୍ଜନର ମୁଖ୍ୟ ବାଟ ହୋଇଯାଇଛି। ତେଣୁ ତାଙ୍କୁ ପ୍ରବଚନ ଦେବା ପାଇଁ ଅନୁମତି ପ୍ରଦାନ କରିବାକୁ ସେ ଆଇନଜୀବୀ ମାନସ ଚାନ୍ଦଙ୍କ ଜରିଆରେ ନିବେଦନ କରିଛନ୍ତି।

### -ରୁଷ ଗସ୍ତର ଦ୍ୱିତୀୟ ଦିନ

## ଆର୍ଥିକ ଗତିବିଧି ସମ୍ପର୍କରେ ଆଲୋଚନା କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୩୦।୮(ବ୍ୟୁରୋ)



ରୁଷ ଗସ୍ତର ଦ୍ୱିତୀୟ ଦିନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ବିଶ୍ୱର ଅଗ୍ରଣୀ ଇସ୍ପାତ୍ ଉତ୍ପାଦନକାରୀ ଏଭରାଜ୍ ଗ୍ରୁପର ସିଇଓ ଆଲେକ୍‌ଜାଣ୍ଡର ଫ୍ରୋଲୋଭ ଏବଂ ସ୍କୋଲ୍‌କୋଭୋ ଫାଉଣ୍ଡେଶନ ମୁଖ୍ୟ ତଥା ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଆରକେଡି ଡିଭୋରକୋଡିକ୍‌ଙ୍କୁ ଭେଟିଛନ୍ତି। ଏହି ଅବସରରେ ଦୁଇଦେଶ ମଧ୍ୟରେ ଇସ୍ପାତ୍, କୋଇଲା ବ୍ୟବସାୟ ଏବଂ ତୈଳ ଓ ଗ୍ୟାସ କ୍ଷେତ୍ରରେ ଆର୍ଥିକ ଗତିବିଧି ସମ୍ପର୍କରେ ଆଲୋଚନା ହୋଇଛି । ଧର୍ମେନ୍ଦ୍ର ଏଭରାଜ୍ ଗ୍ରୁପର ସିଇଓଙ୍କ ସହ କୋଇଲା ସମ୍ବଳ, ଖଣିଜ, ଇସ୍ପାତ ଉତ୍ପାଦନ, ଟେକ୍ନୋଲୋଜି ହସ୍ତାନ୍ତରଣ ଆଦି କ୍ଷେତ୍ରରେ ଏଭରାଜ୍ ଏବଂ ଭାରତୀୟ ଇସ୍ପାତ୍ କମ୍ପାନୀ ମଧ୍ୟରେ ସହଯୋଗ ରଖିବା ପାଇଁ ଆଲୋଚନା କରିଛନ୍ତି। ସେହିପରି ସ୍କୋଲ୍‌କୋଭୋ ଫାଉଣ୍ଡେଶନର ମୁଖ୍ୟଙ୍କ ସହ ଆଲୋଚନା କରିବା ପରେ ଧର୍ମେନ୍ଦ୍ର କହିଛନ୍ତି, ଉକ୍ତ ସଂସ୍ଥା ଉଦ୍ୟମିତା ଏବଂ ଅଭିନବୀକରଣ ଦିଗରେ କାର୍ଯ୍ୟ କରୁଛି। ଏହାସହ ତୈଳ ଓ ଗ୍ୟାସ କ୍ଷେତ୍ରରେ ପୁଞ୍ଜିବାଦକୁ ପ୍ରୋତ୍ସାହନ ଦେବା ପାଇଁ ଏକ ଷ୍ଟାର୍ଟଅପ୍‌କୁ ଯୋଡୁଛି । ଏହି ଫାଉଣ୍ଡେଶନର ସ୍କୋଲକୋଭୋ ସେଣ୍ଟର ଏକ ହାଇ ଟେକନିକ୍ ବ୍ୟବସାୟ କ୍ଷେତ୍ର, ଯାହା ତୈଳ ଏବଂ ଗ୍ୟାସ କ୍ଷେତ୍ର ସହ ନୂଆ ନୂଆ କୌଶଳକୁ ବିକଶିତ କରିବା ଭଳି କମ୍ପାନୀ ଏବଂ ଷ୍ଟାର୍ଟଅପ୍‌ରୁ ନିର୍ମାଣ ହୋଇଛି । ସ୍କୋଲକୋଭୋ ଫାଉଣ୍ଡେଶନ ଷ୍ଟାର୍ଟଅପ୍ ଦ୍ୱାରା ନୂଆ ଟେକ୍ନୋଲୋଜି ବିକଶିତ ହୋଇଛି। ଏହି ଟେକ୍ନୋଲୋଜି ତୈଳ ଏବଂ ଗ୍ୟାସ କ୍ଷେତ୍ରକୁ ବିକଶିତ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ଏହା ମାଧ୍ୟମରେ ଭାରତରେ ପେଟ୍ରୋଲିୟମ ଏବଂ ଗ୍ୟାସ ଅନ୍ୱେଷଣ ଓ ଉତ୍ପାଦନକୁ ବୃଦ୍ଧି କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ବଳାତ୍କାର ମାମଲାରେ ଦୋଷୀଙ୍କୁ ୧୦ବର୍ଷ ଜେଲ୍

ବାଲେଶ୍ୱର, ୩୦।୮

ଏକ ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ବାଲେଶ୍ୱର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସୋନାଲି ପଟ୍ଟନାୟକ ଶୁକ୍ରବାର ଦୋଷୀଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଆଉ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଜଳେଶ୍ୱର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କଲ୍ୟାଣପୁର ଗ୍ରାମର ଖୁଦିଆ ଟୁଡୁ ବଳାତ୍କାର କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ମାମଲା (ନଂ.୧୯୮/୧୮) ରୁଜୁ କରାଯାଇଥିଲା। ମାମଲା ଏସ୍‌ଟି ନଂ. ୨୨/୧୯୧/୧୯ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ବିଚାରପତି ପଟ୍ଟନାୟକ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରହ୍ଲାଦ ପତି ମକଦ୍ଦମା ପରିଚାଳନା କରୁଥିଲେ।

इलाहाबाद बैंक ALLAHABAD BANK
विश्वास की परंपरा A tradition of trust
ମୁଖ୍ୟ କାର୍ଯ୍ୟାଳୟ: ୨, ନେତାଜୀ ସୁଭାଷ ରୋଡ୍, କୋଲକାତା – ୭୦୦୦୦୧

**ବିଜ୍ଞପ୍ତି**

**ଆଲ୍ଲାହାବାଦ ବ୍ୟାଙ୍କ ଟ.୪୦.୦୦ ଲକ୍ଷରୁ ଊର୍ଦ୍ଧ୍ୱ ସଞ୍ଚୟ ବ୍ୟାଙ୍କ ଜମା ଉପରେ ସୁଧକୁ ଆର୍‌ବିଆଇ ରେପୋ ରେଟ୍ ସହ ଲିଙ୍କ୍ କରିଛି**

ଆଲ୍ଲାହାବାଦର ସମସ୍ତ ସଞ୍ଚୟ ବ୍ୟାଙ୍କ ଜମା ଖାତାଧାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ଟ.୪୦ ଲକ୍ଷରୁ ଅଧିକ ବଳକା ଥିବା ସଞ୍ଚୟ ବ୍ୟାଙ୍କ ଜମା ଖାତାଗୁଡ଼ିକ ଉପରେ ସୁଧ ହାରକୁ ୧ ଅକ୍ଟୋବର, ୨୦୧୯ଠାରୁ ଆର୍‌ବିଆଇ ରେପୋ ରେଟ୍ ସହ ଲିଙ୍କ୍ କରାଯାଉଛି ଏବଂ ସେହି ଅନୁଯାୟୀ ପ୍ରଭାବୀ ସୁଧ ହାର ପ୍ରଚଳିତ ରେପୋ ରେଟ୍ ଅର୍ଥାତ୍ ବାର୍ଷିକ ୩.୬୫% ସହ ସମତୁଲ୍ୟ ହେବ ।

ସଞ୍ଚୟ ବ୍ୟାଙ୍କ ଜମା ଖାତା ପାଇଁ ଅନ୍ୟାନ୍ୟ ନିୟମାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ କାର୍ଯ୍ୟାଳୟ, କୋଲକାତା
ତାରିଖ: ୨୯ ଅଗଷ୍ଟ, ୨୦୧୯

ସାଧାରଣ ପରିଚାଳକ
ଯୋଜନା ବିଭାଗ

## ଇନ୍ଦ୍ରଜିତ ମହାନ୍ତି ହେବେ ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ ଅଫିସ, ୩୦।୮

ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ଏ. ରବୀନ୍ଦ୍ର ଭଟ୍ଟ ଖୁବ୍‌ଶୀଘ୍ର ସୁପ୍ରିମ୍‌କୋର୍ଟ ବିଚାରପତି ଭାବେ ଯୋଗଦେବେ। ଫଳରେ ରାଜସ୍ଥାନ ମୁଖ୍ୟ ବିଚାରପତିଙ୍କ ପଦ ଖାଲି ପଡ଼ିବ। ତେଣୁ ସୁପ୍ରିମକୋର୍ଟଙ୍କ କଲେଜିୟମ ଏହି ପଦବୀ ଲାଗି ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ତଥା ବର୍ତ୍ତମାନ ବମ୍ବେ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟରତ ଜଷ୍ଟିସ୍ ଇନ୍ଦ୍ରଜିତ ମହାନ୍ତିଙ୍କ ନାମ ସୁପାରିସ କରିଛନ୍ତି। ଏଥିପାଇଁ କେବଳ ରାଷ୍ଟ୍ରପତିଙ୍କ ମୋହର ଲାଗିବା ବାକି ରହିଛି। ବରିଷ୍ଠତା ଦୃଷ୍ଟିରୁ ତାଙ୍କ ନାମ ସୁପାରିସ କରାଯାଇଛି।

ସୂଚନାଯୋଗ୍ୟ ଓଡ଼ିଶାର ପ୍ରଖ୍ୟାତ ଆଇନଜୀବୀ ବାରିଷ୍ଟର ରଞ୍ଜିତ୍ ମହାନ୍ତିଙ୍କ ବଡ଼ପୁଅ ଜଷ୍ଟିସ ମହାନ୍ତି ୧୧ ନଭେମ୍ବର ୧୯୬୦ରେ ଜନ୍ମଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ଲ' ସେଣ୍ଟରରୁ ଏଲ୍‌ଏଲ୍‌ବିରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ଏମ୍ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୮୪ରେ ସେ ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲର ସଦସ୍ୟ ଭାବେ ଯୋଗ ଦେଇଥିଲେ। ୩୧ ମାର୍ଚ୍ଚ ୨୦୦୬ରେ ସେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ନଭେମ୍ବର ୧୩ରେ ସେ ବମ୍ବେ ହାଇକୋର୍ଟରେ ବିଚାରପତି ଭାବେ ଯୋଗଦେଇଥିଲେ।

## ୧ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ):** ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଉତ୍ତର ପୂର୍ବ ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସେପ୍ଟେମ୍ବର ୧ ତାରିଖରୁ ବର୍ଷା ଆରମ୍ଭ ହେବ। ୩ ତାରିଖ ଯାଏ ସମଗ୍ର ରାଜ୍ୟରେ ବର୍ଷିବ। ଉପକୂଳଠାରୁ ଆରମ୍ଭ କରି ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ବର୍ଷା ହେବ । କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡିଶାର ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଉପକୂଳ ଓଡିଶାର କଟକ, ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡା, ମୟୂରଭଞ୍ଜ, ନୟାଗଡ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି। ଅନୁଗୋଳରେ ସର୍ବାଧିକ ୧୯.୪ ମିଲିମିଟର ବର୍ଷା ହୋଇଥିବା ବେଳେ ଝାରସୁଗୁଡା ୨୩.୪, ହୀରାକୁଦ ୧୮.୪, ଭବାନୀପାଟଣା ୩୩, କୋରାପୁଟ ୪୪.୬ ଏବଂ ସୋନପୁରରେ ୧୯.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




## ୧୦ ଜିଲାରେ ହେବ ଇ-ଆଇସିୟୁ ବ୍ୟବସ୍ଥା




ଇ-ଆଇସିୟୁ କର୍ମଶାଳାରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ।

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ନିମନ୍ତେ ରାଜ୍ୟ ସରକାର ଇ-ଆଇସିୟୁ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛନ୍ତି। ଜିଲାସ୍ତରୀୟ ମୁଖ୍ୟ ଚିକିତ୍ସାଳୟରେ ପ୍ରତିଷ୍ଠିତ ଆଇସିୟୁଗୁଡ଼ିକୁ ଏହା ମାଧ୍ୟମରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସହିତ ସଂଯୋଗ କରାଯାଇପାରିବ। ସି-ଡାକ ଏବଂ ଡିସିଏଲ୍ ସଫ୍ଟୱେର ଦ୍ୱାରା ଅନୁବନ୍ଧିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୦ଟି ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁକୁ ସଂଯୋଗ କରାଯିବ। ଏହି ଜିଲାଗୁଡ଼ିକ ହେଉଛି କଳାହାଣ୍ଡି, ପୁରୀ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ବଲାଙ୍ଗୀର, ନୂଆପଡ଼ା, ବାରିପଦା, ବାଲେଶ୍ୱର ସମେତ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ। ଏହି ଚିକିତ୍ସାଳୟଗୁଡ଼ିକର ଆଇସିୟୁ ଗୁଡ଼ିକୁ କଟକ ଏସ୍‌ସିବିର ଟେଲିମେଡିସିନ କେନ୍ଦ୍ର ସହିତ ସଂଯୋଗ କରାଯିବ। ଫଳରେ ଏହି ଜିଲାସ୍ତରୀୟ ଆଇସିୟୁରେ ଚିକିତ୍ସିତ ଗୁରୁତର ରୋଗୀମାନଙ୍କର ଚିକିତ୍ସା ଓ ରେଫରାଲ ନେଇ ସୁବିଧା ହେବ। ଏଥିସହ ଇ-ଆଇସିୟୁ ଯୋଜନା ଦ୍ୱାରା ରେଫରାଲ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆସିବ ଏବଂ ରୋଗୀଙ୍କ ଚିକିତ୍ସା ସ୍ଥାନରେ ହିଁ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଲବ୍ଧ କରାଯାଇ ପାରିବ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଇ-ଆଇସିୟୁ କର୍ମଶାଳାରୁ ଏହି ସୂଚନା ମିଳିଛି।

ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ଲୋକଙ୍କ ନିକଟତର ହେବା ପାଇଁ ଆହ୍ୱାନ ଦେଇଥିବାବେଳେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତଦନୁଯାୟୀ ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଆଇସିୟୁରେ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ରାଜ୍ୟରେ ପ୍ରଚଳିତ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଡିୟର ଅନୁଯାୟୀ ଚିକିତ୍ସା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ଜିଲାସ୍ତରୀୟ ଚିକିତ୍ସାଳୟ ଆଇସିୟୁଗୁଡ଼ିକରେ ବିଏସ୍‌ଏନଏଲ୍ ଅପ୍ଟିକାଲ ଫାଇବର କେବୁଲ ତଥା ୧୦ ଏମ୍‌ବିପିଏସ୍ ବେଗରେ ଟେଲିସେବା ଯୋଗାଇଦେବାକୁ କୁହାଯାଇଛି। ଏହାଦ୍ୱାରା ଡାଟା ଟ୍ରାନ୍ସଫରରେ ନିରନ୍ତରତା ଓ ଗୁଣବତ୍ତା ରହିପାରିବ। ଏହି କର୍ମଶାଳାରେ ପ୍ରସ୍ତାବିତ ଜିଲାର ମୁଖ୍ୟ ଚିକିତ୍ସାଧିକାରୀ, ମେଡିକାଲ କଲେଜ ଟେଲିମେଡିସିନ ବିଭାଗର ଅଧିକାରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସୂର୍ଯ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଦୀପଙ୍କୁ ଗ୍ରାମ୍ୟ ଉନ୍ନୟନ ...

ପ୍ରଥମ ପୃଷ୍ଠାରୁ...

ସଞ୍ଜୀବ ଚୋପ୍ରାଙ୍କୁ ପୂର୍ଣ୍ଣକାଳୀନ ଗୃହ ସଚିବ ଭାବେ ନିଯୁକ୍ତି ମିଳିଛି। ଏଥିସହିତ ସଞ୍ଜୀବ ଜିଏ ଏଣ୍ଡ୍ ପିଜି ପ୍ରମୁଖ ସଚିବ ରୂପେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ ବୋଲି ଜଣାପଡିଛି। କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ସଚିବ ଡକ୍ଟର ସୌରଭ ଗର୍ଗଙ୍କୁ ଗ୍ରୀଡକୋ ଏବଂ ଓପିଟିସିଏଲ୍‌ର ସିଏମ୍‌ଡି ସହ ଓସିପିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ)ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଅପରପକ୍ଷରେ ଦୀର୍ଘଦିନ ଧରି ଶକ୍ତି ବିଭାଗ ଓ ଏହା ଅଧୀନରେ ଆସୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ହେମନ୍ତ ଶର୍ମାଙ୍କୁ ପରିବର୍ତ୍ତନ କରାଯାଇଛି। ହେମନ୍ତ ପୂର୍ବରୁ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସହ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ବର୍ତ୍ତମାନ ହେମନ୍ତଙ୍କୁ ଶିଳ୍ପ ବିଭାଗର କମିଶନର ତଥା ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଏମ୍‌ଏସ୍‌ଏମ୍‌ଇ ସହ ଇପିକଲ୍‌ର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବାଣିଜ୍ୟିକ କର ଓ ଜିଏସ୍‌ଟି ବ୍ୟାପାର ସହ ଅତିରିକ୍ତ ଭାବେ ଏସ୍‌ଆର୍‌ସି ଦାୟିତ୍ୱ ତୁଲାଉଥିବା ବିଷ୍ଣୁପଦ ସେଠୀଙ୍କୁ ଶକ୍ତି ବିଭାଗ କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ବିଷ୍ଣୁପଦ ଓଏଚ୍‌ପିସିର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ସ୍କୁଲ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କୁ ଦାୟିତ୍ୱ ମୁକ୍ତ କରାଯାଇଛି। ନିକଟରେ ତାଙ୍କୁ କୃଷି ଉତ୍ପାଦନ କମିଶନର(ଏପିସି)ଭାବେ ପଦୋନ୍ନତି କରାଯାଇଥିଲା। ଯୋଜନା ଓ ସଂଯୋଜନା ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ୍‌ଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ତଥା ମହିଳା ବିକାଶ ସମବାୟ ନିଗମ ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଅରବିନ୍ଦ ଅଗ୍ରୱାଲଙ୍କୁ ଜିଏ ଏଣ୍ଡ ପିଜିର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହି ପ୍ରଶାସନିକ ଅଦଳବଦଳର ଦିନକ ପୂର୍ବରୁ ରାଜ୍ୟ ପ୍ରଶାସନର ସମସ୍ତ ବିଭାଗର ତର୍ଜମା ପାଇଁ ଗୁରୁବାର ମୁଖ୍ୟ ଶାସନ ସଚିବ(ସିଏସ୍) ତଥା ମୁଖ୍ୟ ଉନ୍ନୟନ କମିଶନର, ଉନ୍ନୟନ କମିଶନର(ଡିସି) ଏବଂ କୃଷି ଉତ୍ପାଦନ କମିଶନର(ଏପିସି)ଙ୍କ ମଧ୍ୟରେ ବଣ୍ଟନ କରାଯାଇ ସାରିଛି।

# ମହାପ୍ରଭୁଙ୍କୁ ଲାଗି ହେଲା ସାତପୁରୀ ପିଠା



ଶ୍ରୀମନ୍ଦିରରୁ ଶ୍ରୀନଅରକୁ ସାତପୁରୀ ବିଜେ କରାଯାଉଛି।

**ପୁରୀ ଅଫିସ, ୩୦।୮**

ସାତପୁରୀ ଅମାବାସ୍ୟାରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ସାତପୁରୀ ପିଠା। ଅମାବାସ୍ୟା ହେତୁ ନାରାୟଣ ସାଗର ବିଜେ କରିଛନ୍ତି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ର ହରଣ ନୀତି ମଧ୍ୟ ଅନୁଷ୍ଠିତ ହୋଇଛି। ଅବକାଶ ନୀତି ସମ୍ପନ୍ନ ପରେ ତିନିବାଡ଼ରେ ବେଶ ବଢି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ସାତପୁରୀ ରୋଷରେ ରୋଷ ହୋମ ସମ୍ପନ୍ନ ହୋଇ ସେଠାରେ ସାତପୁରୀ ପିଠା ପ୍ରସ୍ତୁତ ହୋଇଥିଲା। ସକାଳ ଧୂପରେ ସାତପୁରୀ ଭୋଗ ଡାଟ ରୋଷରୁ ମହାପ୍ରଭୁଙ୍କ ନିକଟକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଭିତର ଆଳତି ବଢିବା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତି ମହାପାତ୍ର ୩ ବାଡ଼ରେ ବନ୍ଦାପନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ସମସ୍ୟା ସମ୍ପର୍କରେ ଏଣୁତେଣୁ କେତେ ଗୁଡ଼ାଏ କଥା ଚିନ୍ତାକରି ମନକୁ ବିଷାକ୍ତ କରିବେ। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା କାରଣରୁ ମନ ମଧ୍ୟ ଭଲ ରହି ନ ପାରେ । ମଉଜିଆ କଥା କହି ବନ୍ଧୁମାନଙ୍କ ଗହଣରେ ପରିସ୍ଥିତିକୁ ହାଲ୍‌କା କରିପାରନ୍ତି। ଅତି ଭଲ ପାଉଥିବା ବନ୍ଧୁଟି ପ୍ରତି କିଛି ସାହାଯ୍ୟ କରିବା ଭଲ ହେବ।

**ବୃଷ** ଆଜି ସକାଳୁ ସକାଳୁ ଘର କଥା, ପରିଶୋଧ କରିବାକୁ ଥିବା ଋଣ ବିଷୟରେ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିଛିକ୍ଷଣ ପାଇଁ ଭୁଲିଯିବେ। ମନ ଭିତରେ ଘାରି ହେଉଥିବା ଘଟଣାଗୁଡ଼ିକ ସମାଧାନ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ । ଆତ୍ମୀୟମାନଙ୍କ ଭିନ୍ନ ଚିନ୍ତାଧାରାର ସମାଲୋଚନାକରି ପାରନ୍ତି।

**ମିଥୁନ** ଘଟଣା ସମ୍ପର୍କରେ ଅବଗତ ପୂର୍ବକ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବେ। ପାରିବାରିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ହେତୁ କୌଣସି ନିଷ୍ପତ୍ତି ନେବାରେ ବିଳମ୍ବ ହେବ। ପରକଥାକୁ ସତ ମନେକରି କାମ କରିଚାଲିଲେ ଖାଲରେ ପଡ଼ିପାରନ୍ତି। ପରୋକ୍ଷ ଶତ୍ରୁତା ମଧ୍ୟ ସାମୟିକ ଦୁଶ୍ଚିନ୍ତାର କାରଣ ହେବ। ଆର୍ଥିକ ସ୍ଥିତି, ଦୂରଯାତ୍ରା, ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ।

**କର୍କଟ** ଘାତ ପ୍ରତିଘାତ ମଧ୍ୟରେ କର୍ମକ୍ଷେତ୍ରରେ ଉତ୍‌ଥାନ ପତନ ଲାଗି ରହିବ । ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ । ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ ଓ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଶିଳ୍ପ, ସାମ୍ବାଦିକତା କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ । ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା କାରଣରୁ ଘରୁ ଗାଳି ଖାଇପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ । ସାମାଜିକ ସ୍ତରରେ ଅଥବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଖାମଖିଆଲି କାର୍ଯ୍ୟପଦ୍ଧତି ଫଳରେ କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯାଇପାରେ । ଆଜି ସକାଳୁ ସକାଳୁ ବୁଲିବା ସାଙ୍ଗକୁ କିଛି ନୂତନ ଖବର ମଧ୍ୟ ପାଇ ଖୁସି ହୋଇଯିବେ। ଆଇନ ଅଦାଲତ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ମାନସିକ ଅସ୍ଥିରତା ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତକାଲିର ଯୋଜନା ଠିକ୍ ଭାବରେ ସମ୍ପନ୍ନ କରିବା ପାଇଁ ବହୁ ପ୍ରକାର ଚେଷ୍ଟା କରିପାରନ୍ତି। ଆଜି ନୂଆ ସୌଖୀନ ଦ୍ରବ୍ୟ କିଣିବା ପାଇଁ ମନ ବଳାଇପାରନ୍ତି।

**ବିଛା** ଦୂରସ୍ଥ ବନ୍ଧୁଙ୍କୁ ମନେପକାଇ ମନ ବ୍ୟାକୁଳିତ ରହିବ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ । ଆକସ୍ମିକ ଭାବରେ ଘରେ ବନ୍ଧୁ ମିଳନ ଓ ଖୁସିର ଆସର ଜମିପାରେ । ବିବାଦୀୟ ପରିସ୍ଥିତିରେ କିଛି ଅଘଟଣ ଆଶଙ୍କା କରି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ଧନୁ** ଯାତ୍ରା ସମୟରେ ଅନ୍ୟମନସ୍କ କାରଣରୁ ଚୋରି ଜନିତ ଧନହାନିର ସୂଚନା ରହିଛି। ଜମା ପଟୁ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସମସ୍ୟା ଭିତରକୁ ଟାଣିହୋଇ ପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପଶ୍ଚାତେ ଅନୁତାପ କରିବାକୁ ପଡ଼ିପାରେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ କାମଗୁଡ଼ିକ ମଧ୍ୟ ଆଶାନୁରୂପ ନ ହେବା କାରଣରୁ ମନ ଭଲ ରହି ନ ପାରେ। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ । ଶିଳ୍ପ, ବାଣିଜ୍ୟ ଓ କଳା, ପରିବହନ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ପାରିବାରିକ ଅସ୍ଥିରତା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ।

**କୁମ୍ଭ** ଯାତ୍ରାକଳୀନ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ନ ଥିବା ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତ ହେବେ। ଅଫିସରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କାମରୁ ଉପକାର ମିଳିବ। ପ୍ରଶାସନ, ଆଇନ, କଳା, ସାହିତ୍ୟ, ସଂସ୍କୃତି, ଗବେଷଣା,କ୍ରୀଡ଼ା,ଚଳଚ୍ଚିତ୍ରାଦି କ୍ଷେତ୍ରରେ ସୁଫଳ ପାଇବେ।

**ମୀନ** ପ୍ରତ୍ୟେକ ଦିଗରୁ ସାହାଯ୍ୟ ସହଯୋଗ ଲାଭକରି ଆରମ୍ଭ କରିଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭଫଳ ମିଳିବ। ପରିବାର ଭିତରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଉପୁଜିପାରେ।

ଆଜି ଭାଦ୍ରବ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶନିବାର, ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା,ଅଗଷ୍ଟ ୩୧ ତାରିଖ, ଜାତୀୟ କୃମିନାଶ ଦିବସ, ସ୍ୱାୟତ୍ତ ଶାସନ ଦିବସ, ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଦିବା ଘ୨।୪୨ମି. ଗତେ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ୧୧।୪୭ମି. ଗତେ ଘ୧।୨୮ମି. ମଧ୍ୟେ, ଘ୩।୦୦ମି. ଗତେ ଘ୪।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୨ମି. ଗତେ ଘ୮।୨୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୦ମି. ଗତେ ଘ୧୦।୧୩ମି. ମଧ୍ୟେ ରାହୁକାଳ।


# classifieds Everyday

**0674-2580101, 2549302**




**SALE**

A1 Bullet running condition motor cycle model-1992, 350cc, 43,000/-, 12,000kms. 7735821217, 9861657954. D-67221

**White colour Volkswagen Vento 1.6 CR MT-HIGHLINE Car (Diesel) (September 2012) in excellent condition is for sell for INR 8 Lkhs. Navigator, tracking ete are installed. So far ran less than 40K kilometers, Contact: 9437180218.** D-14122




**SALE**

**4800 sqft gharabari plot for sale at Pokhariput, Bhubaneswar. Contact Deepak: 9937329999 (Broker excuse).** D-66291

**Gharabari boundary plot Infocity-2 near 100ft. road side. Direct owner-8144391451.** D-66768

Property Sale: (Area-5300 sqft. land) At-Madan Mohan Pada, Angul, near Main Bazar, Contact: Shakti Dwibedy, Ph. No: 9350035896. D-14082

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

Selling big patch of land @ low price, Bhubaneswar. 6371090682. D-14101

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

4BHK duplex with gated community at Balianta (Land 1400 construction 2200 @ 55,00,000/- and 2600 @ 65,00,000/-) Contact Mplanets: 9938219397, 9861022055. D-14113

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66764

ଭୁବନେଶ୍ୱର Tamando Kendriyavihar ଠାରେ 30ft yellowzone plot କିଣନ୍ତୁ ଏବଂ ପିପିଲିରେ sqft-380/-ରେ plot କିଣନ୍ତୁ। 9348767829. D-66765

**କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

**ଭୁବନେଶ୍ୱର-ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564.** D-66771

2BHK simplex 26,00,000/- finishing Hanspal (Bank finance available)- 9348576936, 9078740684. D-67053

**Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564.** D-66770

**ଭୁବନେଶ୍ୱର Patia College ରୁ 2k.m., 50’x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312.** D-66766

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709.** D-66772

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66773

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**BDA approved, Housing Board GF flat with garage and 1200 sqft. open space at Chandrasekharpur, BBSR is for sale (200 meters walking distance from main road). Owner: 7978116070.** D-14088

**Flat for sale of 2&3BHK flat at Patrapada (Walkable distance from NH), Bhubaneswar. Contact: 9861882233, 9437231479.** D-66185

**1500sqft. gharabari boundarywall plot near Hanspal 12,75,000/- Owner: 7008351926.** D-67054

**Fully furnished commercial office space near Ravi Talkies square, main road side, Lewies road. 7978584549.** D-67375

**21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse).** D-67376

**PURCHASE**

Land requires on basis of outright/ sharing/ marketing. 9937816565, 9937568585. D-14121




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14119




3 Bedroom house with drawing, dining, kitchen, balcony, ground floor. Plot: 961/2415, Forest park, Bhubaneswar. Contact: 9437008476. D-67220

2000 sqft. each in 1st and 2nd floor, behind Durgamandap, Bomikhal for office/ residence available. Contact: 9437179626. D-66183

**LEASE**

Italian ଓ Mexican ରେଷ୍ଟୁରାଣ୍ଟ ଖୋଲିବାପାଇଁ 1000-1200sqft ଦୋକାନ ଘର ଆବଶ୍ୟକ। ଯଦି କୌଣସି ବ୍ୟକ୍ତି ହୋଟେଲ୍‌କୁ ଲିଜ୍‌ରେ ଦେବାପାଇଁ ଚାହୁଁଛନ୍ତି, କେବଳ ଭୁବନେଶ୍ୱର ଲୋକମାନେ ଯୋଗାଯୋଗ କରନ୍ତୁ। 9437581042, 9515883819. D-14098

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Newly open Herbal full body massage ladies & gents. 8018246332. D-66948

Excellent body massage and SPA provided by trained expert: 7991082881. D-56653

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Physiotherapy, full body massage by trained ladies/ gents therapist: 7008773793. D-67051

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372




ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**LOST**

I, Meena Kumari Patnaik, W/o- Suryanarayan Patnaik, permanent resident of Semiliguda, recorded tenant over the landed property under mouza- Kaki, Semiliguda, Dist- Koraput, Thana No.23, Khata No. 130/9, plot No- 1358, area- Ac. 3.730 dec, Kisam-Jungle-1, that the respective R.O.R over the said property has been lost some where inadvertently, inspite of long tarned search I could not trace it out. If somebody misutilize we are not responsible. D-67222

**AFFIDAVIT**

By virtue of affidavit before the Executive Magistrate, Bhubaneswar, I Sibananda Mohanty, S/o- Buburam Mohanty, declare that as per my PAN, AADHAAR it is written as Shibananda Mohanty instead of Sibananda Mohanty. Sibananda Mohanty, Shibananda Mohanty, Shivananda Mohanty is same person. D-66954

By an affidavit before the Executive Magistrate, Sambalpur I, Rina Bhuya, D/o- Kasinath Bhuya and W/o- Dillip Kumar Nayak, At- Govindtola, PO/PS- Dhanupali, Dist- Sambalpur hereby declared that I Rina Bhuya which is mentioned in BSE Orissa Certificate. But in Aadhaar, PAN, SBI Account, Voter Identity card my name has been mentioned as Sabita Nayak. In LIC Policy my name has been mentioned as Rina Nayak. That the names Rina Bhuya, Sabita Nayak and Rina Nayak are belong to one and same person. D-37377

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**



## ଜିଲ୍ଲା ଚିଠି ଝାରସୁଗୁଡ଼ା

# ଆଶ୍ରମ ସ୍କୁଲରେ ଶିକ୍ଷା

ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି ଓ ଏସ୍‌ଟି) ଛାତ୍ରୀଛାତ୍ରଙ୍କ ଶିକ୍ଷାର ଉନ୍ନତି ପାଇଁ ଝାରସୁଗୁଡ଼ା ଜିଲାରେ ୩୬ ଆଶ୍ରମ ସ୍କୁଲ ଖୋଲିଛନ୍ତି। ଏଥିମଧ୍ୟରୁ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩ ଉଚ୍ଚ ବିଦ୍ୟାଳୟ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୭ ଉନ୍ନୀତ ଆଶ୍ରମ ବିଦ୍ୟାଳୟ ଓ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ଥିବା ୬ ସେବାଶ୍ରମ ରହିଛି। ଏହି ସମସ୍ତ ସ୍କୁଲରେ ମୋଟ ୬୧୮୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ ପାଇଁ ୧୫୭ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି। ଏହାର ପରିଚାଳନା ଭାର ଜିଲା ମଙ୍ଗଳ ବିଭାଗ ଉପରେ ନ୍ୟସ୍ତ ରହିଛି। ହେଲେ ଆବଶ୍ୟକ ଭିତ୍ତିଭୂମି ଅଭାବ ଯୋଗୁ ବିଦ୍ୟାଳୟ ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପୂରଣ ହୋଇପାରୁନି। ଉଚ୍ଚ ବିଦ୍ୟାଳୟ ପାଇଁ ଆବଶ୍ୟକ ୨ଟି ବିଏ ବିଏଡ୍, ୨ଟି ବିଏସ୍‌ସି ବିଏଡ୍, ୨ ଗଣିତ ଶିକ୍ଷକ, ଗୋଟିଏ ହିନ୍ଦୀ ଓ ଗୋଟିଏ ସଂସ୍କୃତ ଶିକ୍ଷକ ପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଏଥିସହିତ ଜିଲାର ବଞ୍ଜାରୀ, ସୋଢ଼ାମାଲ ଓ ଅର୍ଡା ଗାଁରେ ଥିବା ଆଶ୍ରମ ଉଚ୍ଚ ବିଦ୍ୟାଳୟରେ କୃଷି, କାଷ୍ଠଶିଳ୍ପ ଓ ସିଲେଇ ଆଦି ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ୩ଜଣ ଲେଖାଏ ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ଥିବାବେଳେ କେବଳ ବଞ୍ଜାରୀ ବିଦ୍ୟାଳୟରେ କାଷ୍ଠକାର୍ଯ୍ୟ ତାଲିମ ପାଇଁ ଜଣେ ମାତ୍ର ଶିକ୍ଷକ ରହିଛନ୍ତି। ଅବଶିଷ୍ଟ ୮ ଶିକ୍ଷକ ପଦବୀ ପୂରଣ ହୋଇପାରୁନି। ଏଥିଯୋଗୁ ଗତ ୫ ବର୍ଷ ଧରି କୌଣସି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଧାର୍ଯ୍ୟ ହୋଇଥିବା ଯୋଜନା ଅନୁଯାୟୀ ତାଲିମ ପ୍ରଦାନ କରାଯାଇପାରୁନି। ବିଦ୍ୟାଳୟ କାର୍ଯ୍ୟ ତଦାରଖ ପାଇଁ ୫ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସ୍ଥାନରେ ମାତ୍ର ୨ ଜଣ ନିୟୋଜିତ ହୋଇଛନ୍ତି। କୋଲାବିରା, ଝାରସୁଗୁଡ଼ା ଓ ଲଇକେରା ବ୍ଲକ ପାଇଁ ଆବଶ୍ୟକ ୩ ସମ୍ପ୍ରସାରଣ ଅଧିକାରୀ ପଦବୀ ପୂରଣ ହୋଇପାରିନି। ଅନେକ ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ଓ ଖେଳ ଶିକ୍ଷକ ନାହାନ୍ତି। ଯାହା ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ଦକ୍ଷତା ଓ ପ୍ରତିଭା ବୃଦ୍ଧି ପାଇଁ ପ୍ରତିବନ୍ଧକ ସାଜିଛି। ସରକାର ପ୍ରତି ଆଶ୍ରମ ବିଦ୍ୟାଳୟ ହଷ୍ଟେଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସୁବିଧା ପାଇଁ ସୋଲାର ଲାଇଟ୍ ସିଷ୍ଟମ ବ୍ୟବସ୍ଥା କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଖଟ, ଗଦି, ତକିଆ, କମ୍ବଳ, ଚାଦର ଯୋଗାଇ ଦେଇଛନ୍ତି। ଶୀତଦିନେ ଶୀତକାଳୀନ ବସ୍ତ୍ର, ଜିଲାରେ ଗୋଟିଏ ମେନୁ ହିସାବରେ ସମସ୍ତଙ୍କୁ ରନ୍ଧା ଖାଦ୍ୟ, ପିଇବା ପାଇଁ ବିଶୁଦ୍ଧ ପାଣି, କପଡ଼ା ସଫା କରିବା ପାଇଁ ୱାଶିଂ ମେଶିନ ଓ ସପ୍ତାହକୁ ଥରେ ମନୋରଞ୍ଜନ ପାଇଁ ଟେଲିଭିଜନ ଦେଖିବା ସୁଯୋଗ ଆଦି ସମସ୍ତ ପ୍ରକାର ମୌଳିକ ସୁବିଧା ପ୍ରଦାନ କରିଛନ୍ତି। ମାତ୍ର ଗତ ୪ ବର୍ଷ ଧରି ମ୍ୟାଲେରିଆ ଓ ଡେଙ୍ଗୁ ଭଳି ମାରାତ୍ମକ ରୋଗ ପ୍ରତିହତ ପାଇଁ ଛାତ୍ରୀଛାତ୍ରଙ୍କୁ ମଶାରି ମିଳିନାହିଁ। ଔଷଧପତ୍ର ତଥା ଚିକିତ୍ସା ଉପଚାର ବାବଦ ଖର୍ଚ୍ଚ ପାଇଁ ପ୍ରତି ହଷ୍ଟେଲକୁ ମାତ୍ର ୩ ହଜାର ଟଙ୍କା ଲେଖାଏ ମିଳୁଛି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ଦିଆଯାଉଛି। ମାତ୍ର କୌଣସି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୂର୍ବ ଭଳି ଆଉ ଖାତା, କଲମ ଓ ପେନସିଲ ଦିଆଯାଉନି। ଜିଲାରେ କେବଳ ୩ଟି ଉଚ୍ଚ ବିଦ୍ୟାଳୟକୁ ଛାଡ଼ିଦେଲେ କୌଣସି ବିଦ୍ୟାଳୟରେ କମ୍ପ୍ୟୁଟର ହଲ୍ ଓ ସାଇନ୍ସ ହଲ୍ ନାହିଁ। ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଶିକ୍ଷାଦାନ, ଭଲ ଖେଳକୁଦ କରୁଥିବା ଛାତ୍ରୀଛାତ୍ରଙ୍କୁ କୋଚିଂ ବ୍ୟବସ୍ଥା ଓ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ଧନ୍ଦାମୂଳକ ତାଲିମର ଅଭାବ ଭଳି ଅନେକ କାରଣ ରହିଛି ଯାହାଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକର ଗୁଣାତ୍ମକ ବିକାଶ ହୋଇପାରୁନି। ଫଳରେ ଜିଲାରେ ଏସ୍‌ଟି, ଏସ୍‌ସି ସାକ୍ଷରତା ହାର ମଧ୍ୟ ମନ୍ଥର ଗତିରେ ବୃଦ୍ଧି ପାଉଛି। ଏଥିଯୋଗୁ ଶିକ୍ଷାଦାନ ବ୍ୟବସ୍ଥାର ମୂଳଦୁଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

– ରଞ୍ଜନ ମହାପାତ୍ର

# ପୋଲିସର ଦକ୍ଷତା ମାପିବେ ଜନତା

- ଅଭିଯୋଗକାରୀଙ୍କ ପାଖକୁ ଯିବ କଲ୍
- ଥାନା ଅଧିକାରୀଙ୍କୁ ଦେବେ ମାର୍କ

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)




'ମୋ ସରକାର' କାର୍ଯ୍ୟକ୍ରମ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିରରେ ଡିଜିପି ବିଜୟ କୁମାର ଶର୍ମା ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ।

ପୋଲିସର ଦକ୍ଷତା ମାପିବେ ସାଧାରଣ ଜନତା। ଥାନାରେ ପୋଲିସର ଅଭିଯୋଗକାରୀଙ୍କ ପ୍ରତି ବ୍ୟବହାର କିଭଳି ରହୁଛି ଓ ତଦନ୍ତରେ ଅଭିଯୋଗକାରୀ କେତେ ସନ୍ତୁଷ୍ଟ ସେନେଇ ପୋଲିସକୁ ମାର୍କ ଦେବେ ଅଭିଯୋଗକାରୀ। ଯେଉଁ ଥାନା ବିରୋଧରେ ମାର୍କ ଆସିବ ସେହି ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଯେଉଁ ଥାନା କିମ୍ବା ଇନ୍ସପେକ୍ଟରଙ୍କୁ ଭଲ ମାର୍କ ମିଳିବ ଏବଂ ଆଗକୁ ସମ୍ପୃକ୍ତ ଅଧିକାରୀ ଯେଭଳି ଆହୁରି ଭଲ କରିବେ ସେନେଇ ମଧ୍ୟ କୁହାଯିବ ବୋଲି କହିଛନ୍ତି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ବିଜୟ କୁମାର ଶର୍ମା।

ସ୍ଥାନୀୟ ଡିଜିପି କ୍ୟାମ୍ପ ଅଫିସରେ ଶୁକ୍ରବାର ଅନୁଷ୍ଠିତ 'ମୋ ସରକାର' କାର୍ଯ୍ୟକ୍ରମ ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିରକୁ ଡିଜିପି ଶର୍ମା ଉଦ୍‌ଘାଟନ୍ କରି ଏହା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଥାନାକୁ ଅଭିଯୋଗ କରିବାକୁ ଯାଉଥିବା ବ୍ୟକ୍ତିଙ୍କ ଫୋନ୍ ନମ୍ବର ଓ ଅନ୍ୟ ତଥ୍ୟ ଥାନାରେ ରଖାଯିବ। ଏନେଇ ପରେ ରାଜ୍ୟ ପୋଲିସ କଲ୍ ସେଣ୍ଟରରୁ ତାଙ୍କ ନିକଟକୁ ଏକ କଲ୍ ଆସିବ। ଏଥିରେ ଅଭିଯୋଗକାରୀଙ୍କୁ ପୋଲିସର ଥାନାରେ ବ୍ୟବହାର, ଦକ୍ଷତା ଓ ତଦନ୍ତ ଦିଗକୁ ନେଇ ୭ଟି ପ୍ରଶ୍ନ ପଚରାଯିବ। ପ୍ରତି ପ୍ରଶ୍ନରେ ୧ରୁ ୫ ମାର୍କ ଦେବେ ଅଭିଯୋଗକାରୀ। ଆଉ ଏହା ହିଁ ଥାନା ବାବୁଙ୍କ ଦକ୍ଷତା ମାପିବ। ଏଥିସହ ଏଣିକି ଅନ୍‌ଲାଇନ୍‌ରେ ଏତଲା ଦାଖଲ କରାଯାଇପାରିବ। ମୋ' ସରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡିଜିପିଙ୍କ ସହ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, କଟକ ଡିସିପି ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ରତି ଜିଲାର ଦୁଇଜଣ ଅଫିସର ଯୋଗଦେଇ ଟ୍ରେନିଂ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ କିପରି ଲୋକଙ୍କ ଆସ୍ଥା ଜିଣିପାରିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ପୋଲିସକୁ କଣ କରିବା ଆବଶ୍ୟକ, ଥାନାକୁ ନ୍ୟାୟ ପାଇଁ ଯାଉଥିବା ଲୋକଙ୍କୁ କିପରି ବ୍ୟବହାର କରାଯିବ ତାହା ଉପରେ ଫୋକସ କରାଯାଇଥିଲା। ଏଥିପାଇଁ ପୋଲିସ ଅଫିସର ତଥା କର୍ମଚାରୀଙ୍କ ପାଇଁ ୮ଟି ସୂତ୍ରୀ ବା ମାନଦଣ୍ଡ ପ୍ରସ୍ତୁତ ହୋଇଛି। ଏହାକୁ ଆଧାର କରି ଅଧିକାରୀମାନେ ଶୃଙ୍ଖଳିତ ହେବେ ଏବଂ ଆଚରଣରେ ପରିବର୍ତ୍ତନ ଆଣିବେ। ଯେଉଁମାନେ ମାନଦଣ୍ଡ ଅନୁଯାୟୀ କାମ ନ କରିବେ ସେହି ଅଧିକାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ। ଯେଉଁ ପୋଲିସ ଅଫିସର ସାଧାରଣ ଲୋକଙ୍କ ସହ ସମ୍ପର୍କ ରଖୁଛନ୍ତି ତାଙ୍କ ପାଖରେ ସମୟାନୁବର୍ତ୍ତିତା, ଭାଷାଗତ ଶୁଦ୍ଧତା, ଏତଲା ପଞ୍ଜୀକରଣ, ଯୋଗାଯୋଗ ବାରମ୍ବାରତା, ନିରନ୍ତରତା, ପରିଶୁଦ୍ଧତା ଓ ସଚ୍ଛୋଟତା ରହିବା ଆବଶ୍ୟକ। ଏହି ମାନଦଣ୍ଡ ଅନୁଯାୟୀ କାର୍ଯ୍ୟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଠିକ୍ ସମୟରେ ତଦନ୍ତ ସାରିବା ସହ ପ୍ରତ୍ୟେକ କାମରେ ସମୟାନୁବର୍ତ୍ତି ରହିବାକୁ କୁହାଯାଇଛି। ସେହିଭଳି କଥାବାର୍ତ୍ତାରେ ଭାଷାଗତ ଶୁଦ୍ଧତାର ଆବଶ୍ୟକ ଥିବା ବେଳେ ତଦନ୍ତ ବା ବ୍ୟକ୍ତିତ୍ୱ ପ୍ରଭାବଶାଳୀ ହେବାର ଆବଶ୍ୟକ ରହିଛି। ଏତଲା ପଞ୍ଜୀକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଯୋଗାଯୋଗରେ ବାରମ୍ବାରତା ରହିବା ବାଧ୍ୟତାମୂଳକ କରାଯାଇଛି। ପୁରୁଣା ମାମଲାର ଫଲୋ-ଅପ୍ ନେବାକୁ କୁହାଯାଇଛି। ପ୍ରତି ଜିଲାରୁ ଆସିଥିବା ଦୁଇ ଅଫିସର ନିଜ ଜିଲାକୁ ଯାଇ ଅନ୍ୟ ପୋଲିସ ଅଫିସର ଏବଂ କର୍ମଚାରୀଙ୍କୁ ଏହି ପ୍ରଶିକ୍ଷଣ ଦେବେ ବୋଲି କୁହାଯାଇଛି।

# ସୂଚନା କମିଶନର ଭାବେ ଶପଥ ନେଲେ ବାଳକୃଷ୍ଣ



ରାଜ୍ୟ ସୂଚନା କମିଶନର ବାଳକୃଷ୍ଣ ମହାପାତ୍ରଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶପଥପାଠ କରାଉଛନ୍ତି।

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)

ରାଜ୍ୟ ସୂଚନା କମିଶନର ଭାବେ ବାଳକୃଷ୍ଣ ମହାପାତ୍ର ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଜଭବନର ଅଭିଷେକ ହଲ୍‌ରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଶପଥ ପାଠ କରାଇଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ହେମନ୍ତ କୁମାର ଶର୍ମା ନିଯୁକ୍ତି ସମ୍ପର୍କିତ ରାଜ୍ୟପାଳଙ୍କ ନିର୍ଦ୍ଦେଶନାମା ପାଠ କରିବା ପରେ ନବନିଯୁକ୍ତ ସୂଚନା କମିଶନର ମହାପାତ୍ର ଓଡ଼ିଆରେ ଶପଥ ପାଠ କରିଥିଲେ। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**କର୍ଲାମୁଣ୍ଡା**
- ନିଶା ନିବାରଣ ସଚେତନତା ଶୋଭାଯାତ୍ରା, ବ୍ଲକ ସଦର ମହକୁମା, ପୂର୍ବାହ୍ନ ୧୦।୩୦।

**ଅତାବିରା**
- ଅତାବିରା ଏନଏସି ତରଫରୁ ସ୍ୱାୟତ୍ତ ଶାସନ ଦିବସ ସଭା ଓ ସମ୍ବର୍ଦ୍ଧନା ଉତ୍ସବ, ଆନନ୍ଦ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଭୈରବୀ ମହୋତ୍ସବର ଲୋଗୋ ଉନ୍ମୋଚନ, ପୁରୁଣାକଟକ ଭୈରବୀ ମନ୍ଦିର, ଅପରାହ୍ନ ସାଢେ ୧ଟା।
- ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ, ବୌଦ୍ଧ ଟାଉନହଲ, ପୂର୍ବାହ୍ନ ୧୦ଟା।
- ବୌଦ୍ଧ ମାରୱାଡି ମହିଳା ସମିତି ପକ୍ଷରୁ ଅଙ୍ଗଦାନ ଜନସଚେତନତା ଶୋଭାଯାତ୍ରା, ବୌଦ୍ଧ ରାମମନ୍ଦିର, ପୂର୍ବାହ୍ନ ୧୦ଟା।

**ସିନାପାଲି**
- ପଲିଥିନମୁକ୍ତ ସଚେତନତା ଶୋଭାଯାତ୍ରା, ଥାନା ପରିସର, ପୂର୍ବାହ୍ନ ୯।୩୦ମିନିଟ।

**ସୁନ୍ଦରଗଡ**
- ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ, ମ୍ୟୁନିସପାଲିଟି କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୧ଟା।

**ନୂଆପଡା**
- ସ୍ୱାୟତ ଶାସନ ଦିବସ, ଇଣ୍ଡୋର ଷ୍ଟାଡିୟମ, ସକାଳ ୯ଟା।
- ଅର୍ଗାନ ଡୋନେଶନ ଉପରେ ମହିଳା ସମ୍ମେଳନ, ହସ୍ପିଟାଲ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଶ୍ରୀମଦ୍ ଭାଗବତ କଥା ଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ମହାନଦୀ ବାଲିବନ୍ଧା ଘାଟ, ସକାଳ ସାଢ଼େ ୮ଟା।
- ନୂଆଁଖାଇ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ଅପରାହ୍ନ ସାଢ଼େ ୨ଟା।
- ନୂଆଁଖାଇ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା, ଓଡିଶା ସାଂସ୍କୃତିକ ସମାଜ ଭବନ, ଅପରାହ୍ନ ସାଢ଼େ ୩ଟା।
- ପ୍ରମୋଦନାମା କାର୍ଯ୍ୟକ୍ରମ, ସମ୍ବଲପୁର ପବ୍ଲିକ ଲାଇବ୍ରେରୀ, ସନ୍ଧ୍ୟା ସାଢ଼େ ୬ଟା।
- ଗା ବା ନ କଳାକେନ୍ଦ୍ରର ବାର୍ଷିକ ଉତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା।

# ସ୍ୱାଧୀନତା ସଂଗ୍ରାମୀ ଉଦୟନାଥଙ୍କ ପରଲୋକ

**ଖଣ୍ଡପଡା, ୩୦।୮ (ସ୍ୱ.ପ୍ର.):** ନୟାଗଡ ଜିଲା ଖଣ୍ଡପଡା ସହରର ୧୦ନଂ. ୱାର୍ଡ ବ୍ରାହ୍ମଣ ସାହି ନିବାସୀ ସ୍ୱାଧୀନତା ସଂଗ୍ରାମୀ ଉଦୟ ନାଥ ଦାଶଙ୍କର ଶୁକ୍ରବାର ଭୋର ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା। ଦୀର୍ଘ ବର୍ଷ ଧରି ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ୧୯୪୨ ମସିହାରେ ସେ ଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିସହ ଖଣ୍ଡପଡା ଗଡ଼ଜାତ ଆନ୍ଦୋଳନରେ ସାମିଲ ହୋଇ ବ୍ରିଟିଶମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ସେ କାରାବରଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବଡପୁଅ ଲକ୍ଷ୍ମୀଧର ଦାଶ ମୁଖାଗ୍ନି ଦେଇଥିଲେ। ଗୁରୁବାର ଖଣ୍ଡପଡା ସହରର ସ୍ୱାଧୀନତା ସଂଗ୍ରାମୀ ପ୍ରଭାକର ପଣ୍ଡାଙ୍କ ପରଲୋକ ହୋଇଥିଲା। ଖଣ୍ଡପଡା ସହରବାସୀ ଗୋଟିଏ ଦିନ ବ୍ୟବଧାନରେ ୨ଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ହରାଇ ଥିବାରୁ ୨ଦିନ ଧରି ଶୋକାକୁଳ ପରିବେଶ ଲାଗି ରହିଛି। ଦେଶ ଓ ଜାତି ପାଇଁ ସେମାନଙ୍କ ସେବା ଓ ତ୍ୟାଗ ମନୋଭାବ ସବୁଠି ଆଲୋଚ୍ୟ ବିଷୟ ହୋଇଛି।



# ଗୁଳିମାଡ଼ରେ ପିଇଓ ଗୁରୁତର

**ନୟାଗଡ଼ ଅଫିସ, ୩୦।୮:** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) ମୁରଲୀଧର ବାରିକ ଶୁକ୍ରବାର ଗୁଳିମାଡ଼ରେ ଗୁରୁତର ହୋଇଛନ୍ତି। ଥାନାରୁ ମିଳିଥିବା ସୂଚନା ଅନୁସାରେ ମଧ୍ୟଖଣ୍ଡ ପଞ୍ଚାୟତ ମହାନ୍ତିପଲ୍ଲୀ ଗ୍ରାମକୁ ମୁରଲୀଧର ପଲ୍ଲୀସଭା ପାଇଁ ଯାଇଥିଲେ। ସେଠାରେ ସଭା ଆରମ୍ଭ ହେବା ସମୟରେ ଗ୍ରାମର ବିକାଶ ବେହେରା କୌଣସି କାରଣରୁ ତାଙ୍କ ସହ ପ୍ରଥମେ ଯୁକ୍ତିତର୍କ କରିଥିଲେ। ପରେ ବିକାଶ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା ବନ୍ଧୁକରୁ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ଦୁଇଟି ମୁରଲୀଧରଙ୍କ ଦୁଇ ଗୋଡ଼ରେ ବାଜିବାରୁ ସେ ଗୁରୁତର ହୋଇପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏସ୍‌ପି ଶଶିଭୂଷଣ ଶତପଥୀଙ୍କ ସମେତ ଦଶପଲ୍ଲା ପୋଲିସ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ କହନ୍ତି, କେଉଁ କାରଣରୁ ଗୁଳିମାଡ଼ ହୋଇଛି ତାହା ଜଣାପଡି ନାହିଁ। ଘଟଣା ତଦନ୍ତ କରାଯାଉଛି ଓ ଏ ନେଇ ଏକ ମାମଲା ରୁଜୁ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଘଟଣାକୁ ଜିଲା ପିଇଓ ସଂଘ ସଭାପତି ପ୍ରକାଶ କୁମାର ଦାଶ ଦୃଢ଼ ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ୨୦୧୮ ଜାନୁୟାରୀ ୧୫ ତାରିଖରେ ଦଶପଲ୍ଲା ବ୍ଲକ ଶିମିଳିସାହି ପଞ୍ଚାୟତରେ ଭତ୍ତା ଟଙ୍କା ବଣ୍ଟନ ବେଳେ ପିଇଓ ରୀନା ଦେଇଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରି ୧.୫ ଲକ୍ଷ ଟଙ୍କା ଲୁଟିନେଇଥିଲେ।



ଆହତ ପିଇଓ ମୁରଲୀଧର ବେହେରା।

# ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ରେଢାଖୋଲ, ୩୦।୮ (ଡି.ଏନ.ଏ.)

ତାଳଚେର-ସମ୍ବଲପୁର ରେଳପଥର ରେଢାଖୋଲ ଷ୍ଟେଶନଠାରୁ ପ୍ରାୟ ୨କି.ମି. ଦୂର ରେଳଧାରଣା ଉପରୁ ଶୁକ୍ରବାର ପୂର୍ବାହ୍ନ ୯ଟା ବେଳେ ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ଏହି ଯୁବତୀ ଜଣକ ରେଢାଖୋଲ ଥାନା ଲୁହାପଙ୍କ ଗ୍ରାମର ସଫଳା ପ୍ରଧାନ (୨୫) ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ପୋଲିସ କହିଛି। ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



ସମରପ୍ରିତ ମାଝୀ (ସୂର୍ଯ୍ୟ)
ଛେଣ୍ଡିପଦା, ବରସାହି, ଅନୁଗୋଳ
ଆଜି ଅଷ୍ଟମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛାସହ:
ବାପା, ମାଆ, ଅଜା, ଆଈଙ୍କ ସହ ପରିବାରବର୍ଗ।
ଧ-୧୪୧୧୫




ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ପରିଦର୍ଶନ କଲେ ମନ୍ତ୍ରୀ

# ପ୍ରଚଳନ ହେବ ୫ ନୂଆ ପାଠ୍ୟକ୍ରମ

**ଦେଶର ପ୍ରଥମ ପୁର୍ନବାସ ବିଶ୍ୱବିଦ୍ୟାଳୟ କରିବାକୁ ଉଦ୍ୟମ**

ଭୁବନେଶ୍ୱର, ୩୦।୮ (ବ୍ୟୁରୋ)

ଗୁଣାତ୍ମକ ପୁନର୍ବାସ ଏବଂ ଭିନ୍ନକ୍ଷମମାନଙ୍କ ଚିକିତ୍ସା ନିମନ୍ତେ ପ୍ରଯତ୍ନ ହେବା ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା। ଶୁକ୍ରବାର ଚନ୍ଦକାସ୍ଥିତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ' ପରିଦର୍ଶନ କରିବା ଅବସରରେ ମନ୍ତ୍ରୀ ପଣ୍ଡା ଭିନ୍ନକ୍ଷମ ପୁନର୍ବାସ ଉପରେ ଗୁରୁତ୍ୱ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ନିମନ୍ତେ ମାନବସମ୍ବଳ ତାଲିମ ନିତାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଅଟିଜିମ୍‌ରେ ଆକ୍ରାନ୍ତ ଶିଶୁମାନଙ୍କୁ କିଭଳି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସରେ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ମାଧ୍ୟମରେ ଚିକିତ୍ସା କରାଯାଉଛି ସେ ସମ୍ପର୍କରେ ମନ୍ତ୍ରୀ ପଣ୍ଡା ପଚାରି ବୁଝିଥିଲେ।

ଅନ୍ୟପକ୍ଷରେ ଭିନ୍ନକ୍ଷମମାନଙ୍କ ସମସ୍ୟା ନିରାକରଣ ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସର ଚିକିତ୍ସା ପଦ୍ଧତି ବିଶେଷ ଫଳପ୍ରଦ ହୋଇଛି। ଏହାଦ୍ୱାରା ଭିନ୍ନକ୍ଷମମାନଙ୍କୁ ସାମାଜିକ ମହାସ୍ରୋତରେ ସାମିଲ କରାଯାଇପାରିଛି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ସତ୍ୟ ମହାପାତ୍ର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। 'ମାର୍ଗଦର୍ଶୀ' ଅନୁଷ୍ଠାନ ଦ୍ୱାରା ଚନ୍ଦକାଠାରେ ୧୯୯୯ରେ ପ୍ରତିଷ୍ଠା ହୋଇଥିବା 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ' ଭିନ୍ନକ୍ଷମମାନଙ୍କ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ରେଫରାଲ୍ ହସ୍‌ପିଟାଲ୍‌ର ମାନ୍ୟତା ପାଇଛି। ଏହି ଅନୁଷ୍ଠାନ ଦ୍ୱାରା ଏପର୍ଯ୍ୟନ୍ତ ୨୦ ହଜାରରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଚିକିତ୍ସିତ ହେବା ସହ ପ୍ରତିମାସରେ ୧୫ହଜାର ଘଣ୍ଟାର ମଲ୍‌ଟି ମୋଡାଲ (ବହୁମୁଖୀ) ଥେରାପି ପ୍ରଦାନ କରାଯାଉଛି। ଅନୁଷ୍ଠାନ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ, ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଚିକିତ୍ସକମାନଙ୍କ ପାଇଁ କର୍ମଶାଳା, ଶିକ୍ଷଣ ଓ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ମହାପାତ୍ର କହିଥିଲେ। 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ'ରେ ଭବିଷ୍ୟତରେ ଆଉ ୫ଟି ନୂଆ ପାଠ୍ୟକ୍ରମ ପ୍ରଚଳନ କରିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଅନୁଷ୍ଠାନକୁ ଦେଶର ପ୍ରଥମ ପୁନର୍ବାସ ବିଶ୍ୱବିଦ୍ୟାଳୟ ଭାବରେ ଗଢ଼ିତୋଳିବା ପାଇଁ ଚାଲିଥିବା ପ୍ରୟାସକୁ ମନ୍ତ୍ରୀ ପଣ୍ଡା ପ୍ରଶଂସା କରିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଜନ୍ମେଶ୍ୱର ନାୟକ
(ସା-କୁସୁନପୁର, ପୋ-ବାରବାଟୀ, ରସୁଲପୁର ବ୍ଲକ, ଯାଜପୁର)
ଆବିର୍ଭାବ: ୦୬।୦୪।୧୯୩୪
ତିରୋଧାନ: ୨୧।୦୮।୨୦୧୯
ଦେଶକୁ ସ୍ୱାଧୀନ କରିବାରେ ଆପଣଙ୍କ ଭୂମିକା ଅବର୍ଣ୍ଣନୀୟ। ସ୍ୱାଧୀନତା ଆନ୍ଦୋଳନର ପୁରୋଧାମାନଙ୍କର ବିଶ୍ୱସ୍ତ ସହଯୋଗୀ ଭାବରେ କାର୍ଯ୍ୟକରି ସୁନାମ ଅର୍ଜନ କରିପାରିଥିଲେ। ଆପଣଙ୍କର ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଦେଶପ୍ରେମ, ସମାଜସଂସ୍କାର ଚିନ୍ତାଧାରା ଆମ୍ଭମାନଙ୍କର ଆଦର୍ଶ ହେଉ। ଆଜି ଏହି ପବିତ୍ର ଏକାଦଶାହ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପୁଅ: ସତ୍ୟାନନ୍ଦ, ବିଜୟ, ସଂଜୟ, ବୋହୂ: ମଞ୍ଜୁବାଳା, ଶୋଭାଞ୍ଜଳି, ଜାନକୀ, ଝିଅ: ପ୍ରମିଳା ଓ ଉର୍ମିଳା, ଜ୍ୱାଇଁ: କୁଳମଣି, ବାଲ୍ମିକୀ, ନାତି: ଆଶିଷ, ଆଲୋକ, ଅନବ, ଆୟୁଷ, ଅଙ୍କିତ, ଅଟିଷ୍ଟାନ, ନାତୁଣି-ଦେବୀ, ଆୟେସା, ଅନ୍ୱେଷା, ଅର୍ପିତା।
ଧ-୧୪୧୨୦

ଟ୍ରାଈଫେଡ TRIFED

**TRIBAL COOPERATIVE MARKETING DEVELOPMENT FEDERATION OF INDIA LTD. (TRIFED)**
(Ministry of Tribal Affairs, Government of India)
Regional Office, Alok Bharati Building, Sahid Nagar, Bhubaneswar-751007
Email: trifedbbsr@hotmail.com, Phone: 0674-2549510/ 7008650128,
Website: www.tribesindia.com

**PREMISES REQUIRED**

TFD/BBSR/MKTG/2019-20/ Dated: 28/08/2019

TRIFED, a Govt. of India Organisation invite offers for engagement of premises on long term rent in the following localities / towns to operate "TRIBES INDIA" Showroom and also Storage Godown for handloom and handicraft items.

| Nature of Use | Carpet area | Locality | Premises in |
| --- | --- | --- | --- |
| Showroom | Minimum 500 Sft and above | Bhubaneswar, Cuttack, Sambalpur and Rourkela | Ground Floor having visibility, parking space, On Main road commercial area with lighting & water facilities. |
| Storage Godown | Minimum 1500-2000 Sft. | Bhubaneswar City, (Any location in GGP Colony/ Rasulgarh/ Jaydev Vihar/ Satyanagar/ Sahid Nagar/ Jagannath Nagar/ Bomikhal) | Ground Floor with parking space, Road Accessibility, lighting, water etc. Residential Premises can be considered. |

Interested building owners may submit their competitive offers by speed post/ courier in a sealed envelope with details of property and terms & conditions for RENT within next 10 days from the date of this publication. TRIFED, Bhubaneswar reserves the right of accepting or rejecting any or all offers without assigning any reason thereof.

Sd/-
Regional Manager
TRIFED, Bhubaneswar

ଗୋଟିଏ ସ୍ଥାନରେ ମାଟି ଗଦା କରିବା ଅର୍ଥ ଅନ୍ୟସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସ ବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। -ଶ୍ରୀମା

# ଦୂରଦର୍ଶନର କସରତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଜକୁ ଅନେକ ବର୍ଷ ହେଲା, ବିଶେଷତଃ ଡିଜିଟାଲ ମିଡିଆର ଆଗମନ ପରେ ସରକାରୀ ପ୍ରସାରଣ ସଂସ୍ଥା ଦୂରଦର୍ଶନ କେବଳ ଅତୀତକୁ ଝୁରିହେଉଛି। ସରକାର ପରେ ସରକାର ଏହାର ପ୍ରାସଙ୍ଗିକ ହୋଇ ରହିବାର ଚେଷ୍ଟାକୁ ବିଫଳ କରିଆସିଛନ୍ତି, କାରଣ ସେମାନେ ଏହି ପ୍ରସାରଣକାରୀ ସଂସ୍ଥାକୁ ନିଜ ନିୟନ୍ତ୍ରଣରୁ ମୁକ୍ତ କରିବାକୁ ଚାହିଁଲେ ନାହିଁ। ଏହି ପୁରୁଣା ସଂସ୍ଥାକୁ ବଞ୍ଚେଇ ରଖିବା ପାଇଁ ଏବେ ଆଉ ଥରେ ଚେଷ୍ଟା ହେବା ପରି ମନେହେଉଛି। ପ୍ରାପ୍ତ ସୂଚନା ଅନୁସାରେ ଦୂରଦର୍ଶନର ପୁନର୍ଗଠନ ଓ ନବୀକରଣ କରି ଏହାର ସୃଜନଶୀଳ ଶକ୍ତିକୁ ପୁନରୁଜ୍ଜୀବିତ କରାଯିବ। ଏଥିପାଇଁ ଏକ ଅନୁସନ୍ଧାନ ଓ ଚୟନ କମିଟି ଗଠନ କରାଯାଇଛି। ପ୍ରସାରଭାରତୀ ଅଧ୍ୟକ୍ଷ ଏ. ସୂର୍ଯ୍ୟପ୍ରକାଶ ଏହାର ମୁଖ୍ୟ ଅଛନ୍ତି ଏବଂ ତାଙ୍କୁ ମୁଖ୍ୟ ବିଷୟବସ୍ତୁ ଅଧିକାରୀ (କଣ୍ଟେଣ୍ଟ ଅଫିସର) ଓ ଚାନେଲ ମୁଖ୍ୟ ପଦ ପାଇଁ ଯୋଗ୍ୟ ପ୍ରଫେସନାଲମାନଙ୍କୁ ବାଛିବା କ୍ଷମତା ଦିଆଯାଇଛି। ଦୂରଦର୍ଶନ ନେଟ୍‌ୱର୍କରେ ବିଭିନ୍ନ କାର୍ଯ୍ୟକ୍ରମ କେମିତି ଚାଲିବ, ସେଥିପାଇଁ ମୁଖ୍ୟ ବିଷୟବସ୍ତୁ ଅଧିକାରୀ ଦାୟୀ ରହିବେ। ପ୍ରସାରଭାରତୀର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ମଧ୍ୟ ସେମାନଙ୍କର ଦାୟିତ୍ୱ ଭିତରେ ରହିବ। ପ୍ରତ୍ୟେକ ଚାନେଲକୁ ଜଣେ ଜଣେ ବିଷୟବସ୍ତୁ ମୁଖ୍ୟ (କଣ୍ଟେଣ୍ଟ ହେଡ୍) ପରିଚାଳନା କରିବେ। ତା'ହେଲେ ଦୂରଦର୍ଶନର ଜାତୀୟ ଓ ଆଞ୍ଚଳିକ ଚାନେଲଗୁଡ଼ିକର କାର୍ଯ୍ୟକ୍ରମଗୁଡ଼ିକରେ ଆମେ କ'ଣ ଆଗକୁ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ପାଇବା? କ୍ୱଚିତ୍ ଲୋକ ଏହା ଉପରେ ବାଜି ଲଗାଇପାରିବେ।

### ଆଗକୁ ଅଧିକ ପରିବର୍ତ୍ତନ

ମୋଦି ସରକାର ୬୧ ପ୍ରକାର ପ୍ରଶାସନିକ ସେବାକୁ କମାଇ ତିନି ବା ଚାରି ପ୍ରକାରରେ ସୀମିତ ରଖିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ଗତବର୍ଷ ନୀତି ଆୟୋଗ ଏହି ସଂଖ୍ୟାକୁ କମାଇବା ପାଇଁ ସୁପାରିସ କରିଥିଲା ଏବଂ ସରକାର ସକ୍ରିୟଭାବେ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି। ନିକଟରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଏକ ପାଞ୍ଚବର୍ଷିଆ ଭିଜନ୍ ଡକୁମେଣ୍ଟ ପ୍ରସ୍ତୁତ କରିଛି, ଯେଉଁଥିରେ ସରକାରର ଉତ୍ତମ ପରିଚାଳନା ତଥା ଲୋକଙ୍କୁ ଉତ୍ତମ ସରକାରୀ ସେବା ପ୍ରଦାନ ପାଇଁ ପ୍ରଶାସନିକ ସେବାଗୁଡ଼ିକର ପ୍ରକାରଭେଦକୁ କମାଇବା ଲାଗି ଗୁରୁତ୍ୱ ଦିଆଯାଇଛି। ଦଳେ ଲୋକ ବିଶ୍ୱାସ କରୁଛନ୍ତି ଯେ, ସରକାର ସମସ୍ତ ଅଣପ୍ରଯୁକ୍ତିଗତ ସେବାକୁ ଆଇଏଏସ୍, ସମସ୍ତ ପୋଲିସ ଓ ସୁରକ୍ଷା ସମ୍ବନ୍ଧିତ ସେବାକୁ ଆଇପିଏସ୍ କିସମ ଭିତରେ ରଖିପାରନ୍ତି ଏବଂ ସମସ୍ତ ପ୍ରଯୁକ୍ତିଗତ ବା ବୈଷୟିକ ସେବାକୁ ଭାରତୀୟ ବୈଷୟିକ ସେବା (ଇଣ୍ଡିଆନ୍ ଟେକ୍ନିକାଲ୍ ସର୍ଭିସ୍) କିସମରେ ରଖିପାରନ୍ତି। କିନ୍ତୁ ଅନ୍ୟ ଗୁଜବ ମଧ୍ୟ ଶୁଣିବାକୁ ମିଳୁଛି। ତଥାପି ଏ ସମ୍ପର୍କରେ ନିଶ୍ଚୟ କରି କିଛି ଅନୁମାନ କରିବା ଲାଗି ଏବେ ସମୟ ଆସିନି ଏବଂ ସରକାର କ'ଣ କରିବେ ତାହା ବାସ୍ତବରେ ଏବେ କହିହେବ ନାହିଁ। ତେବେ ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଗ୍ରୁପ୍ 'ଏ' ବାବୁମାନେ କ'ଣ ସରକାରଙ୍କର ଏ ଚିନ୍ତାଧାରାକୁ ସ୍ୱାଗତ କରିବେ? ଆଉ କିଛି ସପ୍ତାହ ପରେ ତାହା ଜଣାପଡ଼ିବ। ଏ ସମ୍ପର୍କରେ କିଛି ଅଗ୍ରଗତି ବିଷୟରେ ଜାଣିବା ପାଇଁ ପାଠକେ ଏହି ସ୍ତମ୍ଭ ଉପରେ ନଜର ରଖିଥାଆନ୍ତୁ।

### ସିଆର୍‌ପିଏଫ୍ ବାବୁଙ୍କ ଆବେଦନ

ପାଞ୍ଚ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଆର୍‌ପିଏଫ୍)ର ବରିଷ୍ଠ ବାବୁମାନେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଆଗରେ ସେମାନେ ଆଇପିଏସ୍ ଅଫିସରମାନଙ୍କ ଦ୍ୱାରା ଚାକିରିର ବିଭିନ୍ନ ସୁବିଧା ସୁଯୋଗ ପାଇବାରେ ପାତରଅନ୍ତରର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଥିବା ଜଣାପଡ଼ିଛି। ଉକ୍ତ ବାବୁମାନେ ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ସଦ୍ୟ ଆଦେଶନାମା ଏବଂ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ସତ୍ତ୍ୱେ ସେମାନଙ୍କୁ ସଂଗଠିତ ସେବା ସୁବିଧା ପ୍ରଦାନ କରିବା ତଥା ସୁପର୍‌ଭାଇଜର ପାହ୍ୟାରେ ଅଧିକ ଅଣ-ଆଇପିଏସ୍ ପଦବୀ ମଞ୍ଜୁର କରିବାରେ ସେମାନଙ୍କ ମୁଖ୍ୟାଳୟ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ସାମାଜିକ ଗଣମାଧ୍ୟମ ପ୍ରଚାର ଆରମ୍ଭ କରିଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ସିଆର୍‌ପିଏଫ୍ ବାବୁମାନେ ଅମିତ ଶାହଙ୍କ ଆଗରେ ସେମାନଙ୍କ ନିଯୁକ୍ତି ନିୟମରେ ପରିବର୍ତ୍ତନ କରିବା ଏବଂ ସଂଗଠିତ କେନ୍ଦ୍ରୀୟ ସେବା ଢାଞ୍ଚାରେ ଏକ ସଦ୍ୟ କ୍ୟାଡର ସମୀକ୍ଷା କରିବା ଲାଗି ଠୋସ୍ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ନୂଆ ନିଯୁକ୍ତି ନିୟମ ପ୍ରବର୍ତ୍ତନ ହେଲେ ଏହି ବାବୁମାନେ ସୁପର୍‌ଭାଇଜର ପାହ୍ୟାରେ ଅଧିକ ସଂଖ୍ୟାରେ ନିଯୁକ୍ତି ପାଇପାରିବେ, ଯାହା ବର୍ତ୍ତମାନ ମୁଖ୍ୟତଃ ଆଇପିଏସ୍ ଅଫିସରମାନଙ୍କ ଦ୍ୱାରା ପରିଚାଳିତ ହେଉଛି। ଯାହା ଜଣାଯାଏ, ସିଆର୍‌ପିଏଫ୍ ମୁଖ୍ୟାଳୟ ବର୍ତ୍ତମାନ ସମ୍ଭବତଃ ଧୀରଗତିରେ କାର୍ଯ୍ୟ କରୁଛି କିମ୍ବା ସିଆର୍‌ପିଏଫ୍ ବାବୁମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଦେବା ଲାଗି କୁଣ୍ଠା ପ୍ରକାଶ କରୁଛି, କାରଣ ଏହାଦ୍ୱାରା ଡେପୁଟେଶନରେ ଏହି ବାହିନୀଗୁଡ଼ିକରେ ଯୋଗ ଦେଉଥିବା ଆଇପିଏସ୍ ଅଫିସରମାନଙ୍କର କର୍ମଜୀବନର ସାଫଲ୍ୟ ବ୍ୟାହତ ହେବ। ପୂର୍ବରୁ ସିଆର୍‌ପିଏଫ୍, ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ଆଇଟିବିପି ଓ ଏସ୍‌ଏସ୍‌ବି ପରି କ୍ୟାଡର ଅଫିସରମାନଙ୍କୁ ଅଣକାର୍ଯ୍ୟାତ୍ମକ ଆର୍ଥିକ ପଦୋନ୍ନତି ଦେବା ଏବଂ ସେମାନଙ୍କୁ ସଂଗଠିତ ଗ୍ରୁପ୍ ଏ ସେବା କିସମ ଅନ୍ତର୍ଭୁକ୍ତ କରିବା ପାଇଁ ମୋଦି ସରକାର ଘୋଷଣା କରିଥିଲେ।

Email: dilipcherian@gmail.com

# ବିପଦରେ ବର୍ଣ୍ଣବୋଧ



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରତ୍ୟେକ ବ୍ୟକ୍ତିର ଜାତୀୟତାର ପରିଚୟ ହେଉଛି ତା'ର ଭାଷା। ମାତ୍ର ଭାଷାର ବ୍ୟବହାର ଉପରେ ନିର୍ଭର କରେ ସେହି ପରିଚୟ ଓ ପ୍ରତିଷ୍ଠା। ଯେମିତି ସହସ୍ରାଧିକ ବର୍ଷ ଧରି ନିରବଚ୍ଛିନ୍ନ ବ୍ୟବହାର ଫଳରେ ଓଡ଼ିଆ ଭାଷାକୁ ମିଳିଲା ଶାସ୍ତ୍ରୀୟ ମର୍ଯ୍ୟାଦା। ଓଡ଼ିଆ ଭାଷାର ଗୌରବମୟ ଇତିହାସରୁ ଜଣାଯାଏ ଯେ ଶତଶତ ବର୍ଷ ଧରି ଉଚ୍ଚାରଣ ଓ ଲେଖା ମାଧ୍ୟମରେ ଓଡ଼ିଆ ଭାଷା ପାଲି-ପ୍ରାକୃତ ଓ ଅପଭ୍ରଂଶ ସ୍ତରରୁ ମାର୍ଜିତ ହୋଇ ସାରଳା, ପଞ୍ଚସଖା, ରୀତି ଯୁଗ ଓ ଆଧୁନିକ ଯୁଗରେ ମାନକ-ଓଡ଼ିଆ ଭାଷାରେ ପରିଣତ ହେଲା; ଯାହାର ସର୍ବଶେଷ ନିର୍ଯ୍ୟାସ ହେଉଛି ଭକ୍ତକବି ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ'।

ନ'ଅଙ୍କ (୧୮୬୬) ଦୁର୍ଭିକ୍ଷ ପରେ ଓଡ଼ିଆ ଜାତି ଅଣ୍ଟା ସଳଖି ଠିଆ ହେବା ଆଗରୁ ତା'ର ମାତୃଭାଷା ଉପରେ ଆରମ୍ଭ ହେଲା ଆକ୍ରମଣ। ଓଡିଆ ମାଟିରେ ଜଣେ ବେତନଭୋଗୀ ବଙ୍ଗୀୟ ଶିକ୍ଷକ ବାବୁ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ଉପଭାଷା ବୋଲି ପ୍ରମାଣ କରିବାକୁ ଯାଇ ଏକ ପୁସ୍ତିକା ଲେଖିଲେ- 'ଓଡ଼ିଆ ଏକଟା ଏକ ସ୍ୱତନ୍ତ୍ର ଭାଷା ନଏ'। ଏଥିରେ ଉତ୍ସାହିତ ହୋଇ କଚେରି ଓ ବିଦ୍ୟାଳୟରୁ ଓଡ଼ିଆ ଭାଷାକୁ ଉଚ୍ଛେଦ ପାଇଁ ଲାଗି ପଡ଼ିଲେ ଆଉ କିଛି ବଙ୍ଗୀୟ କର୍ମଚାରୀ। ଓଡ଼ିଆ ଭାଷାର ପାଠ୍ୟପୁସ୍ତକ ନ ଥିବା ଦର୍ଶାଇ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷାରେ ଶିକ୍ଷାଦାନ କରାଯାଉ ବୋଲି ସେମାନେ ପ୍ରସ୍ତାବ ବାଢିଲେ ଇଂରେଜ ସରକାରଙ୍କ ପାଖରେ। ପ୍ରତିବେଶୀମାନଙ୍କର ଏହି ହୀନ ଚକ୍ରାନ୍ତକୁ ପ୍ରତିହତ କରିବା ପାଇଁ ଆଗେଇ ଆସିଲେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର, ଭକ୍ତକବି ମଧୁସୂଦନ, କର୍ମବୀର ଗୌରୀଶଙ୍କର ପ୍ରମୁଖ ଦେଶପ୍ରାଣମାନେ। ସେମାନେ ଏକାଠି ହୋଇ ଦୀର୍ଘକାଳ ପର୍ଯ୍ୟନ୍ତ ଲଢିଲେ ବୌଦ୍ଧିକ ଲଢେଇ। ଜାତିର ଏହି ସଙ୍କଟ କାଳରେ ଓଡ଼ିଆ ଭାଷାପ୍ରେମୀଙ୍କ ପ୍ରାଣରେ ଖେଳିଗଲା ଜାତୀୟତାର ଏକ ଅଦ୍ଭୁତ ଉନ୍ମାଦନା। କବି, ଲେଖକମାନଙ୍କ ତତ୍ପରତା ଯୋଗୁ ସମୃଦ୍ଧ ହେଲା ଓଡ଼ିଆ ସାହିତ୍ୟ। ଏହି କ୍ରମରେ 'ବର୍ଣ୍ଣବୋଧ' ଲେଖି ଓଡ଼ିଆ ଭାଷାକୁ ବର୍ଣ୍ଣ ପରିଚୟ ଦେଲେ ଶିଶୁସାହିତ୍ୟର ପ୍ରାଣପ୍ରତିଷ୍ଠାତା ମଧୁସୂଦନ ରାଓ। 'ବର୍ଣ୍ଣବୋଧ' ଓଡ଼ିଆ ଭାଷା ଅସ୍ମିତାର ଓଁକାର। ସର୍ବଜନାଦୃତ ମାନକ ଓଡ଼ିଆ ଭାଷାର ଶ୍ରେଷ୍ଠ ସଂହିତା। ଓଡ଼ିଆ ବର୍ଣ୍ଣ, ମାତ୍ରା, ଯୁକ୍ତାକ୍ଷର, ବନାନ, ଉଚ୍ଚାରଣ ଓ ଶବ୍ଦ ଗଠନ ଆଦି ଶିକ୍ଷା ପାଇଁ ଏହା ଅତ୍ୟନ୍ତ ଉପାଦେୟ ଓ ଅପରିହାର୍ଯ୍ୟ। ବର୍ଣ୍ଣବୋଧ (୧୮୯୫) ପ୍ରକାଶ ପାଇବାଠାରୁ ଆଜି ପର୍ଯ୍ୟନ୍ତ ବିତିଯାଇସାରିଛି ଗୋଟିଏ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ। ଓଡ଼ିଆ ବର୍ଣ୍ଣ ପରିଚୟ ନିମନ୍ତେ ପ୍ରକାଶ ପାଇସାରିଛି କେତେ ନୂଆ ଧାରା ଓ ଅଧ୍ୟୟନ କୌଶଳ। ମାତ୍ର ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକ ମହଲରେ ବର୍ଣ୍ଣବୋଧ ହରାଇନାହିଁ ଶ୍ରେଷ୍ଠ ଓଡ଼ିଆ-ବର୍ଣ୍ଣ ପରିଚୟ ପୁସ୍ତକର ଆଦୃତି। ସମୟ ଥିଲା ଓଡ଼ିଶାର ଗ୍ରାମେ ଗ୍ରାମେ ଶବ୍ଦର ବନାନ ଓ ପଣିକିଆକୁ ଉଚ୍ଚ ସ୍ୱରରେ ଉଚ୍ଚାରଣ କରୁଥିଲେ ବିଦ୍ୟାର୍ଥୀମାନେ। ଏବେ ପ୍ରାୟତଃ ବନ୍ଦ ହୋଇଯାଇଛି ସେ ପ୍ରକାର ଶିକ୍ଷା ପ୍ରଣାଳୀ। ବିଭିନ୍ନ ସମୟରେ ଓ ବିଭିନ୍ନ ଆଳରେ ବର୍ଣ୍ଣବୋଧକୁ ପାଠ୍ୟକ୍ରମରୁ ଦୂରେଇ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର। ଏହା ସତ୍ତ୍ୱେ କୌଣସି ସମୟରେ ହ୍ରାସ ପାଇନି ମଧୁ ବର୍ଣ୍ଣବୋଧର ମୁଦ୍ରଣ ଓ ବିକ୍ରୟ ହାର।

ଅମୃତ ଅଭୀପ୍ସାର କବି ମଧୁସୂଦନ ରାଓ। ଜଣେ ବିଭୁପ୍ରାଣ ମଣିଷ। ତାଙ୍କ ଅମୃତମୟ ଲେଖନୀ ସ୍ପର୍ଶରେ ବର୍ଣ୍ଣବୋଧ ପାଲଟି ଯାଇଛି ଶିଶୁ ସାହିତ୍ୟର ଅମୂଲ୍ୟ ରତ୍ନ। ବର୍ଣ୍ଣବୋଧର ସରଳ ତରଳ ଭାଷା ଓ ଭାବ ଚପଳମତିଶିଶୁ ମନରେ ଭାଷା ଶିକ୍ଷା ନିମନ୍ତେ ସୃଷ୍ଟିକରେ ଅଦମ୍ୟ ଆଗ୍ରହ ଓ କୌତୂହଳ। ପିଲାଟି ବଢୁଥିବା ପରିବେଶରୁ ତା'ର ପରିବାର ପରିଜନ ତଥା ପରିଚିତ ଜୀବଜନ୍ତୁ ଓ ଉପକରଣକୁ ନେଇ ଏଥିରେ ଖଞ୍ଜାଯାଇଛି ଅନେକ ଶବ୍ଦପୁଞ୍ଜି, ଯାହାର ସଜ୍ଜୀକରଣ କୌଶଳ ବର୍ଣ୍ଣ ଶିକ୍ଷା ପାଇଁ ଅତ୍ୟନ୍ତ ଉପାଦେୟ ଓ ଅନନ୍ୟ। ଜଣେ ଆଦର୍ଶ ଶିକ୍ଷକ ଭାବରେ ସେ ଜାଣିଥିଲେ ଶିଶୁ ଅମୃତର ସନ୍ତାନ ଓ ତା'ର ମନ କଞ୍ଚାମାଟି ସହିତ ସମାନ। ସେହି କୋମଳ ମନରେ ଆଧ୍ୟାତ୍ମିକ, ନୈତିକ ଓ ସାମାଜିକ ଶିକ୍ଷାର ବିକାଶ ନିମନ୍ତେ ସେ ବର୍ଣ୍ଣବୋଧରେ ସଂଯୋଜିତ କରିଛନ୍ତି 'ସୁନ୍ଦର ସଂସାର', ପରମେଶ୍ୱର ସ୍ତବ, ପ୍ରଭାତ ଓ ସନ୍ଧ୍ୟା ଆଦି କବିତା। ସରଳ ଭାବୋଦ୍ଦୀପକ ଏବଂ ସଂଗୀତଧର୍ମୀ ଏହି କବିତାଗୁଡ଼ିକ ସାହାଯ୍ୟରେ ସର୍ବତ୍ର ଅଜାଡ଼ି ଦେଇଛନ୍ତି ପରମାତ୍ମା ପରମେଶ୍ୱରଙ୍କ ପ୍ରତି ଅଚଳାଚଳ ଭକ୍ତି। ସତ୍ୟ ସାଧନ, ସତ୍ୟ ବଚନ ଓ ସତ୍ୟ ଚିନ୍ତନ ସଂସାରର ଶ୍ରେଷ୍ଠ ଧର୍ମ ଏବଂ ଏହା ବିଧାତାଙ୍କ ନିର୍ଦ୍ଦେଶ। ପରମାତ୍ମାଙ୍କର ଏହି ମହାନ୍ ଭାବଧାରାକୁ ଶିଶୁର କୋମଳ ହୃଦୟରେ ଥାପିଦେବା ପାଇଁ ସେ ଲେଖିଛନ୍ତି- ଯାହା ମୁଁ କରଇ , ଯାହା ମୁଁ କହଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମ-ଈଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ପୃଥିବୀର ଏପରି କୌଣସି ଧର୍ମ ନାହିଁ, ଯେଉଁଠି ବର୍ଣ୍ଣବୋଧର ଏହି ଆତ୍ମସଚେତନତା ସୃଷ୍ଟିକାରୀ ନୀତିବାଣୀ ଦଖଲ କରିନି ପ୍ରମୁଖ ସ୍ଥାନ। ଏହି କାରଣରୁ ବର୍ଣ୍ଣବୋଧ ଆମର ଏତେ ପ୍ରିୟ ଓ ପରିଚିତ। ଅଥଚ ଏବେ ଏକ ସଂକୀର୍ଣ୍ଣ ଆଞ୍ଚଳିକ ଭାବକୁ ନେଇ ପଶ୍ଚିମ ଓଡ଼ିଶାରେ ବର୍ଣ୍ଣବୋଧ ଉପରେ ହୋଇଛି ଆକ୍ରମଣ। କଥାରେ ଅଛି ନଈକେ ବାଙ୍କ, ଦେଶ କେ ଫାଙ୍କ। ଅର୍ଥାତ୍ ଗୋଟିଏ ଅଞ୍ଚଳଠାରୁ ଆଉ ଗୋଟିଏ ଅଞ୍ଚଳର ଚଳଣି, ପରମ୍ପରା ଓ କଥିତ ଭାଷାରେ ତାରତମ୍ୟ ରହିବା ସ୍ୱାଭାବିକ। ସେଥିପାଇଁ ଉପକୂଳ ଅଞ୍ଚଳରେ ମଧ୍ୟ କଟକିଆ ଓ ବାଲେଶ୍ୱରୀ ଭାଷା ଭିତରେ ବି ଅଛି ଅନେକ ଫରକ। ମାତ୍ର ଓଡ଼ିଆ ହେଉଛି ଆମ ସମସ୍ତଙ୍କର କୁଳଭାଷା। ଓଡ଼ିଆ ଭାଷା ଆଜି ଶାସ୍ତ୍ରୀୟ ଏବଂ ଓଡ଼ିଆ ସାହିତ୍ୟ ଖୁବ୍ ପ୍ରତିଷ୍ଠିତ। ଓଡ଼ିଆ ସାହିତ୍ୟରେ ପ୍ରକାଶ ପାଉଛି ଅନେକ ଗୁଣାତ୍ମକ ମାନ ସମ୍ବଳିତ ପୁସ୍ତକ। ଏହା ସତ୍ତ୍ୱେ ପାଠକହୀନତା ସଙ୍କଟ ମଧ୍ୟଦେଇ ଗତିକରୁଛି ଓଡ଼ିଆ ସାହିତ୍ୟ। ଏ ସମସ୍ୟାକୁ ଅଧିକ ଜଟିଳ କରିଛି କୋଶଳୀ ଭାଷା ଆନ୍ଦୋଳନ। ଏପରି ସ୍ଥିତିରେ କୋଶଳୀ ଭାଷାରେ ଯେତେ ଉନ୍ନତ ସାହିତ୍ୟ ଲେଖା ହେଲେ ବି ପାଠକ ସୃଷ୍ଟି କରିବା ହେବ ତା ପାଇଁ ଏକ ଦୁରୂହ ବ୍ୟାପାର। ସାଧାରଣତଃ ଭାଷା ଆନ୍ଦୋଳନକୁ କେନ୍ଦ୍ରକରି ସୃଷ୍ଟିହୁଏ ଜାତୀୟ ଏକତା। ଜାତି, ଧର୍ମ, ବର୍ଣ୍ଣ ଓ ଅଞ୍ଚଳର ଭେଦଭାବ ଭୁଲି ସଂଗ୍ରାମରେ ସାମିଲ ହୁଅନ୍ତି ପ୍ରତ୍ୟେକ ଭାଷାପ୍ରେମୀ। ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଊନବିଂଶ ଶତାବ୍ଦୀରେ ଯେଉଁ ଭାଷା ଆନ୍ଦୋଳନ ହୋଇଥିଲା, ତା'ର ନେତୃତ୍ୱ ନେଇଥିବା ରାଧାନାଥ, ବୈକୁଣ୍ଠନାଥ ଓ ଗୌରୀଶଙ୍କର ଥିଲେ ଓଡ଼ିଆଭାଷୀ ବଙ୍ଗାଳୀ। 'ବର୍ଣ୍ଣବୋଧ' ଲେଖି ଓଡ଼ିଆ ଭାଷାକୁ ବର୍ଣ୍ଣ ପରିଚୟ ଦେଇଥିବା ମଧୁସୂଦନ ଥିଲେ ମରାଠୀ। ମାତ୍ର ସେମାନଙ୍କ ଭିତରେ ଥିବା ଗଭୀର ଜାତୀୟତାବୋଧ ସେମାନଙ୍କୁ ଆଣି ଠିଆ କରାଇ ଦେଇଥିଲା ଭାଷା ସୁରକ୍ଷା ଆନ୍ଦୋଳନର ମହାମଞ୍ଚରେ। ମାତ୍ର ଏହା କି ପ୍ରକାର ଆନ୍ଦୋଳନ, ଯେଉଁ ଆନ୍ଦୋଳନରେ ଆହୂତି ଲଭେ କୁଳଭାଷାର ଶ୍ରେଷ୍ଠ ସଂହିତା ପୁସ୍ତକ।

ଏଭଳି ହୀନମନ୍ୟତା କେବଳ ସେଇମାନେ ପୋଷଣ କରନ୍ତି, ଯେଉଁମାନଙ୍କ ସଂକୀର୍ଣ୍ଣ ଆଞ୍ଚଳିକ ଭାବନା ଆଗରେ କୌଣସି ମୂଲ୍ୟ ବହନ କରେନି ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ତଥା ପଶ୍ଚିମ ଓଡ଼ିଶା ଭାଷା ସୁରକ୍ଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ଗଙ୍ଗାଧର ମେହେରଙ୍କ ମହାର୍ଘ ବାଣୀ "ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା।" ସେହି ମାତୃଭାଷାର ବିଦ୍ୱେଷୀମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ସ୍ୱଭାବକବିଙ୍କର ସେହି ସ୍ମରଣୀୟ କବିତା ପଂକ୍ତି "ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନିଗଣରେ ଗଣିବା ଅଜ୍ଞାନ ରହିବେ କାହିଁ"। ଭାବିଲେ ଆଶ୍ଚର୍ଯ୍ୟ ଲାଗେ ସରକାରୀ ଦାପ୍ତରିକ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ ଦାବି କରି ଯେଉଁ ମାଟିର ସ୍ୱର ଏତେ ତୀବ୍ର, ସେହି ସ୍ୱଭାବକବିଙ୍କ ମାଟିରେ ଏଭଳି ମାତୃଭାଷାବିରୋଧୀ କାର୍ଯ୍ୟ ହେଲା କେମିତି? ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଉଚିତ ଯେଉଁ ରାଜ୍ୟର କବି, ଲେଖକ ଓ ବିଦ୍ୱାନମାନେ ଭାଷା ପ୍ରତିଷ୍ଠାନର ଭାଷା ବିଜ୍ଞାନୀମାନଙ୍କ ଦ୍ୱାରା କରାଯାଇଥିବା ମଧୁ ବର୍ଣ୍ଣବୋଧର ଅଳ୍ପ କେତୋଟି ଶବ୍ଦର ବନାନ ସଂଶୋଧନକୁ ବିରୋଧ କରନ୍ତି, ସେଠାରେ କେବେ ବି ବରଦାସ୍ତ କରାଯାଇପାରିବ ନାହିଁ ତା'ର ଅବମାନନା। ସେଥିପାଇଁ ରାଜ୍ୟବ୍ୟାପୀ ଏବେ ପ୍ରକାଶ ପାଇଛି ତୀବ୍ର ବିରୋଧ ଓ ପ୍ରତିକ୍ରିୟା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ଫୋନ୍ - ୯୪୩୮୮୫୫୦୮୮

# ବୁଢ଼ୀମା'ର ହାତ



ରୁଦ୍ରପ୍ରସନ୍ନ ରଥ

ଗାଁର ଯୌଥ ପରିବାରରେ ସବୁଠାରୁ ବଡ଼ ସମ୍ପତ୍ତି ହେଲା ପରିବାରର ବୁଢ଼ୀବୁଢ଼ାମାନେ। ସହରର ଛୋଟିଆ ପରିବାର ପାଖରେ ହୁଏତ ପଇସାର ଅଭାବ ନ ଥାଇପାରେ, ହେଲେ କୋଠାଘର, ରଙ୍ଗିନ ଟିଭି, ଏସି ଆଉ ଦାମୀ ଗାଡ଼ି ଭିତରେ ବି ବୁଢ଼ୀବୁଢ଼ାଙ୍କର ଅଭାବ ହିଁ ସହରିଆ ଲୋକକୁ ସବୁଠାରୁ ଅଧିକ ମାଡ଼ିବସେ। ଧୀରେ ଧୀରେ ଜଞ୍ଜାଳ ଭିତରେ ବାନ୍ଧି ହୋଇ ଗାଁକୁ ଯାଇପାରୁ ନ ଥିବା ମଣିଷଟାଏ ଗାଁର ବଡ଼ୀବୁଢ଼ାଙ୍କ ପାଖରେ ମନଟାକୁ ଯେ କେତେକାଳୁ ବନ୍ଧା ପକାଇ ଦେଇଛି ସେକଥା ସେ ନିଜେ ବି ଜାଣି ନ ଥାଏ।

ହଁ ଗାଁକୁ ଗଲେ ବା ନ ଗଲେ କିନ୍ତୁ ବୁଢୀମା' ମନେପଡ଼େ। ସହରୀ ପୁଅଟା ହୁଏତ ମା'କୁ ଧୀରେ ଧୀରେ ଭୁଲିବାକୁ ବସିଥାଏ, ହେଲେ ସହରୀ ନାତିନାତୁଣୀମାନେ ଯେତେ ବଡ଼ ହେଉଥାଆନ୍ତି ସେତେ ବେଶି ବୁଢ଼ୀମା'କୁ ଖୋଜନ୍ତି। ବୁଢ଼ୀମା' ତ ମନରେ ଥାଏ କିନ୍ତୁ ବୁଢ଼ୀମା'ର ହାତକୁ ନାତିଟୋକା କିମ୍ବା ଗେହ୍ଲେଇ ନାତୁଣୀ ଭୁଲିପାରି ନ ଥାନ୍ତି। ବୁଢ଼ୀମା' ହାତରେ ହିଁ ନାତିନାତୁଣୀଙ୍କର ଜୀବନର ମୂଳଦୁଆ ପଡିଥାଏ। ନାତିନାତୁଣୀର ଝାଡ଼ାପରିସ୍ରା ପୋଛିବା ସମୟରୁ ହିଁ ନାତିନାତୁଣୀମାନେ ସେ ହାତକୁ ଚିହ୍ନି ଦେଇଥାଆନ୍ତି।

ବୁଢୀମା'ର ହାତ ଧରି ଟୁକୁ ଟୁକୁ କରି ଚାଲି ଶିଖନ୍ତି ନାତିନାତୁଣୀ। ପୁଣି ବୁଢୀମା' ହାତରେ ତା' କାଖକୁ ଉଠିଗଲେ ଜହ୍ନରେ ପହଞ୍ଚିଲା ପରି ଲାଗେ। ଅନ୍ୟକୁ ମାତ୍ ଦେଇ କଳେବଳେକୌଶଳେ ବୁଢୀମା' ହାତ ଦେଇ ତା' କାଖକୁ ଉଠିଗଲା ପରେ ଆପଣାଛାଏଁ ଅନ୍ୟମାନଙ୍କ ଆଖିରେ ଈର୍ଷାର ଲକ୍ଷେ ପଦ୍ମଫୁଲ ଏକାଥରେ ଫୁଟିଯାଏ। ବୁଢୀମା' ବି ବେଳେ ବେଳେ ନାଚାର ହୋଇ ଏକା ସମୟରେ ସମବୟସ୍କ ନାତିନାତୁଣୀଙ୍କୁ କାଖରେ କିଛି ସମୟଧରି ରଖିବାକୁ ଚେଷ୍ଟା କରେ। କିଛି ସମୟ ପରେ ବୟସର ତାଡନାରେ ହାତ ଜବାବ ଦେଇଦିଏ, ବୁଢୀମା' ପାରେନି। ନିଜ କାଖକୁ ଟେକି ନେଇ ଆମକୁ ସ୍ୱର୍ଗସୁଖ ଦେଉଥିବା ବୁଢୀମା'ର ସେ ସମୟରେ ନିଜର ଅନୁଭୂତି କ'ଣ ହେଉଥିବ ତାହା ସେ ନିଜେ ହିଁ ଜାଣିଥିବ।

ପୁଣି ଖରାଦିନ ଛୁଟିରେ ଗାଁକୁ ନାତିନାତୁଣୀ ବୁଲିଗଲେ ବୁଢ଼ୀମାର ହାତକୁ ବିରାମ ନ ଥାଏ। ଘର ଓଳାଇବାଠାରୁ ଆରମ୍ଭକରି ମୁଢ଼ି ଭାଜିବାଯାଏ ବୁଢ଼ୀମା'ର ହାତ ଚାଲୁଥାଏ ଗୋଟିଏ ରୋବଟ୍ ପରି। ଏ ଘରୁ ସେ ଘର ବୁଲିବା ଭିତରେ ସେ ପାଲଟି ଯାଉଥାଏ ଦେବୀଟିଏ। ତା' ହାତ କେତେବେଳେ ବଟୁଆ ଖୋଲି ପାନ ଭାଙ୍ଗୁଥାଏ ତ ଆଉ କେତେବେଳେ କାଚ, ଲୁହା କିମ୍ବା ମୁନିଆ ଜିନିଷକୁ ଖୋଜି ନାତିନାତୁଣୀଙ୍କ ହାତ ପାହାନ୍ତାରୁ ଦୂରେଇ ରଖୁଥାଏ। ପୁଣି ଉଦୁଉଦିଆ ଖରାବେଳେ ଗରମ ଆଉ ତାତିକୁ ଖାତିର ନ କରି ଚୁଲିମୁଣ୍ଡେ ବସିପଡ଼େ ଚିନାବାଦମ, ଖଇ କିମ୍ବା ମୁଢ଼ି ଭାଜିବା ପାଇଁ।

ଖରାଦିନ ଅପରାହ୍ନରେ ନାତିନାତୁଣୀଙ୍କୁ ଶୁଆଇବା ପାଇଁ ସେ ହାତ ଅନବରତ ବିଞ୍ଚଣା ବିଞ୍ଚି ଚାଲୁଥାଏ। ନାତିନାତୁଣୀଙ୍କ ଆଖିରେ ନିଦମାଉସୀ ଆସର ଜମାଇଲା ବେଳକୁ ତଥାପି ସେ ହାତ ଥକିଯାଇ ନ ଥାଏ। ପୁଣି ଶୋଇପଡିଥିବା ନାତିନାତୁଣୀର ଦେହ ଉପରେ ବୁଢୀମା'ର ହାତର ପରଶ ଯିଏ ପାଇଛି ସିଏ ଜାଣିଛି। ଆମ ଭିତରୁ ଅନେକେ ଏମିତି ଥିବେ ଯିଏ ସେ ପରଶ ଟିକିଏ ପାଇବା ପାଇଁ ଭେଜାଲ ଅଥଚ ଗ୍ରହଣୀୟ ଅଭିନୟଟିଏ ନିଜ ଜୀବନରେ ଥରେ ଅଧେ ନିଶ୍ଚେ କରିଥିବେ।

ସେହି ହାତ ହିଁ ବଡ଼ ସରାଗରେ ଚାଉଳରୁ ଗୋଡ଼ି ବାଛି ଅଲଗା କରେ। ବିରି ଚୂରି ପକାଏ। ଚାଉଳ ଚୂନାକୁ ଆଉଟି ପିଠା କରିପକାଏ। ସନ୍ଧ୍ୟାବେଳେ ମାଛି ଅନ୍ଧାରରେ ବିଜୁଳି ଆଲୁଅ ନ ଥିବା ରୋଷେଇଘରେ ପିଠା ଲେଉଟାଇବା ଶବ୍ଦ ଯିଏ ଶୁଣିଛି ତାକୁ ବଡ଼ ଦିନେ ବିଥିହୋଭେନ, ମୋଜର୍ଟ ଏବଂ ୟାନିଙ୍କ ସଙ୍ଗୀତ ବି ବେସୁରା ମନେ ହେବ। ହଁ, ସେ ହାତ କେବଳ ପିଠା କରେନି ବରଂ ପିଠା ମଧ୍ୟରେ ଆମକୁ ଜୀବନର ସଙ୍ଗୀତ ଶୁଣାଏ। ଖଡ଼ିକା ଦେଇ ବୁଢ଼ୀମା' ପିଠା ଲେଉଟେଇବା କଥା ଭାବିଲେ ଏବେ ବି ଆମ ପିଲାଦିନ ଆମ ଅଜାଣତରେ କଡ଼ ଲେଉଟାଇ ଦିଏନି କି?

ବେଳେ ବେଳେ ବୁଢୀମା'କୁ ଗାଁରୁ ସହରକୁ ଆସିବା ପାଇଁ ଡାକରା ପଡ଼େ। ସେଇ ଡାକରା ଟିକକରେ ବୁଢୀମା'ର ଖୁସି ଦେଖେ କିଏ? ହାତ ନ ପାଉଥିଲେ ବି ଶଜନା ଗଛରୁ ଛୁଇଁ ତୋଳିବାକୁ ଲାଗିପଡ଼େ। ଆକାଶରୁ ଜହ୍ନ ତୋଳିବାର ଆସ୍ପର୍ଦ୍ଧା କରିବା ପରି ପିଜୁଳି ଗଛରୁ ପିଜୁଳି ତୋଳେ। ଆଉ ସବୁବେଳେ ସେହି ହାତରେ ଛୋଟ ଛୋଟ ପୁଡିଆ ଖୁସିରେ ବାନ୍ଧି ପକାଏ। କେଉଁଥିରେ ଚାଉଳ ତ ଆଉ କେଉଁଥିରେ ବଡ଼ି। ପୁଣି କେଉଁଥିରେ କୋଳି ଆଚାର। ପୁଡିଆ ସବୁର ଓଜନରେ ବୁଢୀମା' ଗୋଟିଏ ପଟକୁ ଢଳି ପଡୁଥିଲେ ବି ତା' ହାତକୁ ସେମିତି ମଜଭୁତ କରି ସେ ଅଧବସ୍ତା କିମ୍ବା ବଡ଼ ବ୍ୟାଗକୁ ଜାବୁଡ଼ି ଧରିଥାଏ।

ସମୟର ପ୍ରଖର ସ୍ରୋତରେ ବୁଢ଼ୀମାର ବୟସ ବି ବହି ଚାଲିଯାଏ। କେତେବେଳୁ ବିଧାତା ତା' ହାତରୁ କାଚ ପୋଛି ନେଇଥାଏ। ପୁଣି ଅନେକ ସମୟରେ ଚିତାକୁଟା ହାତର ମାଂସପେଶୀ ଗଳିପଡିଥାଏ । ହାତର ଶିରାପ୍ରଶିରା ମୋଟା ହୋଇ ବାହାରକୁ ଦେଖାଯାଉଥାଏ। ନାତିନାତୁଣୀମାନେ ବେଶ୍ ବଡ଼ ହୋଇ ସାରିଥାନ୍ତି। ବୁଢ଼ୀମା' ବି ଜାଣି ସାରିଥାଏ ତା'ର ଜୀବନ ସରିବାକୁ ଆସୁଛି। ବୁଢ଼ୀମା'ର ଆଉ ଦେବା ପାଇଁ କିଛି ନ ଥାଏ। ଶେଷଯାଏ ସେ ହାତ ଉଠାଇ ଚାଲିଥିବା ଯାଏ ନାତିନାତୁଣୀଙ୍କୁ ଆଶୀର୍ବାଦ ହିଁ ଦେଇଚାଲିଥାଏ।

ଧବଳଗିରି, ଯାଜପୁର ରୋଡ,
ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ଜାମିନ ଚାହୁଁଥିଲେ ଲଗାଇବାକୁ ପଡିବ ୫ ଚାରା। ୬ ମାସ ପର୍ଯ୍ୟନ୍ତ ଯତ୍ନ ବି ନେବାକୁ ହେବ। ଉତ୍ତରପ୍ରଦେଶ ବାନ୍ଦା ଜିଲା ନରେନିର ମାଜିଷ୍ଟ୍ରେଟ୍ ବନ୍ଦିତା ଶ୍ରୀବାସ୍ତବ ବୃକ୍ଷରୋପଣର ଏକ ନିଆରା ସୂତ୍ର ବାହାର କରିଛନ୍ତି। 'ହରିୟାଲି ଦଣ୍ଡ' ବ୍ୟବସ୍ଥା କରି ଅପରାଧୀମାନଙ୍କୁ ଏବେ ସେ ସର୍ତ୍ତମୂଳକ ଜାମିନ ଦେଉଛନ୍ତି। ଉକ୍ତ ସର୍ତ୍ତ ଅନୁଯାୟୀ, ଯେଉଁମାନେ ଜାମିନରେ ଯାଉଛନ୍ତି ସେମାନେ ୫ଟି ଚାରା ଲଗାଇବା ସହ ୬ ମାସ ପର୍ଯ୍ୟନ୍ତ ସେଗୁଡିକର ଯତ୍ନ ନେବେ। ଏ ପର୍ଯ୍ୟନ୍ତ ଏହି ନିୟମ ଅନୁଯାୟୀ ପାଖାପାଖି ୫ଶହ ବୃକ୍ଷରୋପଣ କରାଯାଇଥିବା ସେ କହିଛନ୍ତି। ଜାମିନ ପାଇଥିବା ବ୍ୟକ୍ତିମାନେ ନିଜ ବାଡ଼ି, ବିଦ୍ୟାଳୟ ବା ପଞ୍ଚାୟତ ପୋଖରୀ ସଂଲଗ୍ନ ସ୍ଥାନରେ ଗଛ ଲଗାଇପାରିବେ। ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ଗଛ ଲଗାଇଛନ୍ତି କି ନା, ତାହା ସ୍ପଷ୍ଟ କରିବାକୁ ଏମାନେ କୋର୍ଟରେ ହାଜର ହେବା ଦିନ ଲଗାଇଥିବା ଗଛ ସହ ସେଲ୍‌ଫି ନେଇ ତା'ର ଏକ କପି ଦାଖଲ କରିବାକୁ କୁହାଯାଇଛି। ପ୍ରଶ୍ନ ଉଠୁଛି, ଜଣେ ଯଦି ଏହି ସର୍ତ୍ତରେ ରାଜି ନ ହୁଅନ୍ତି; ତେବେ କ'ଣ ତାଙ୍କୁ ଜାମିନ ମିଳିବ ନାହିଁ? ଏହାର ଉତ୍ତରରେ ବନ୍ଦିତା କହିଛନ୍ତି, ସେମିତି କିଛି ନିୟମ ନାହିଁ। କିନ୍ତୁ ଯେଉଁମାନଙ୍କୁ ଜାମିନ ମିଳୁଛି, ସେମାନଙ୍କୁ ଗଛ ଲଗାଇବାକୁ ପ୍ରେରଣା ଦିଆଯାଉଛି।

## ଚିରନ୍ତନୀ

"କ୍ଷଣିକ ଆଘାତ ଆସେ କ୍ଷଣ ପରେ ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।" (ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅଗଷ୍ଟ ୧୯୯୪

- ଆମେରିକା ଏବଂ ଚାଇନାର ବିଭିନ୍ନ କମ୍ପାନୀଙ୍କ ମଧ୍ୟରେ ୫ ନିୟୁତ ଅର୍ଥ କାରବାର ସମ୍ପର୍କରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ଶତକଡା ୬୮ ଭାଗ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସକାଶେ ସୁପ୍ରିମକୋର୍ଟ କର୍ନାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | C | | | | 9 | | E | D | 8 | | |
| | 9 | | | | 2 | 5 | | 0 | | 8 | A | | | 7 |
| | A | 3 | | | | | D | | 1 | 6 | | | | |
| D | | | | | | 2 | 7 | | 3 | | 5 | E | A | |
| | | | 7 | B | | | | | | | | | 1 | |
| | D | | 0 | | | | | 7 | | | | | 2 | |
| A | | | | | | | C | | 4 | | 6 | | | |
| 4 | | | | | 6 | E | 1 | | | | | B | D | 5 |
| | | | | | A | 9 | | | | B | | | 7 | |
| | 6 | | | 1 | | | | A | C | | | 0 | | 3 |
| | | | | | | | A | | | | C | 2 | 8 | |
| | | 4 | B | | | | | 1 | | 7 | | A | | 0 |
| 8 | | 6 | 1 | 5 | | | 2 | D | | | | | | E |
| 7 | | | 8 | | | | | | | 9 | | | | D |
| B | | | 9 | D | | C | E | | 8 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | B | 3 | 0 | 2 | 8 | 9 | C | 4 | 6 | E | D | 5 | A |
| D | 6 | A | B | 1 | 5 | 0 | E | 2 | C | 3 | 9 | 8 | 4 | 7 |
| 9 | 5 | E | 7 | 4 | D | A | 3 | 6 | B | 8 | 0 | 1 | C | 2 |
| 3 | 2 | C | A | 8 | 9 | B | 5 | 4 | 1 | 7 | D | 0 | 6 | E |
| 0 | 8 | 4 | 6 | E | C | 1 | 7 | D | 5 | 2 | A | B | 3 | 9 |
| B | D | 1 | 8 | 6 | E | C | 0 | 7 | 9 | A | 4 | 5 | 2 | 3 |
| A | 4 | 2 | C | D | 0 | 5 | 6 | 3 | 7 | B | 8 | 9 | E | 1 |
| E | 7 | 9 | 5 | 2 | 3 | 4 | A | B | 6 | D | 1 | C | 0 | 8 |
| 5 | 3 | 8 | 9 | B | A | D | 2 | 1 | E | 0 | C | 6 | 7 | 4 |
| C | 0 | 6 | 4 | 7 | 1 | 9 | 8 | E | 2 | 5 | 3 | A | D | B |
| 4 | 9 | 0 | E | C | 8 | 2 | D | A | 3 | 1 | 6 | 7 | B | 5 |
| 2 | C | 5 | D | 9 | B | 3 | 1 | 0 | 8 | 4 | 7 | E | A | 6 |
| 6 | A | 7 | 1 | 3 | 4 | E | B | 8 | 0 | C | 5 | 2 | 9 | D |
| 1 | B | D | 0 | 5 | 7 | 6 | 4 | 9 | A | E | 2 | 3 | 8 | C |
| 8 | E | 3 | 2 | A | 6 | 7 | C | 5 | D | 9 | B | 4 | 1 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭୂସ୍ୱର୍ଗରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା

ମହାଶୟ,

ଏବେ ଭାରତ ସରକାର ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଓ ଧାରା ୩୫ (ଏ) ଉଚ୍ଛେଦ କରିଥିବା ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଅନେକ ପ୍ରକାର ମତାମତ ପ୍ରକାଶିତ ହେଉଛି। ପ୍ରକୃତରେ ଏହା ଏକ ଉଚିତ ପଦକ୍ଷେପ। ସମ୍ବିଧାନରେ ଉପରୋକ୍ତ ଧାରାଗୁଡ଼ିକୁ ଅସ୍ଥାୟୀ ବୋଲି ଉଲ୍ଲେଖ କରାଯାଇଥିଲା। ଏଣୁ ଏସବୁର ଉଚ୍ଛେଦ ଏକ ସମୟ ଉପଯୋଗୀ ପଦକ୍ଷେପ। କିନ୍ତୁ ବିଡମ୍ବନାର ବିଷୟ ହେଉଛି, ଅନେକ ଖବରକାଗଜରେ ଏ ସମ୍ପର୍କରେ ଅନେକ ବିଭ୍ରାନ୍ତିକର ତଥ୍ୟ ବାହାରୁଛି। କେତେକ ଚିନ୍ତାଶୀଳ ଲୋକ ଏଥିଯୋଗୁ ନାନାବିଧ ସମସ୍ୟା ହେଉଛି ବୋଲି ମତ ଦିଅନ୍ତି। ଧରିତ୍ରୀ ତା୧୧।୮।୧୯ର 'ପଣ୍ଡିତେ ଖୁସି ତ' ଓ ତା୧୪।୮।୧୯ର 'ଭୂ-ସ୍ୱର୍ଗର ପ୍ରତ୍ୟାବର୍ତ୍ତନ' ଶୀର୍ଷକ ଲେଖାଦ୍ୱୟ ଖୁବ୍ ଉଚ୍ଚକୋଟୀର ହୋଇପାରିଛି। ସାଧାରଣ ପାଠକମାନେ ବାସ୍ତବିକ ଓ ପ୍ରକୃତ ତଥ୍ୟ ଏ ଲେଖାରୁ ପାଇପାରିବେ। ସମ୍ପୃକ୍ତ ଲେଖକମାନେ ତଥା 'ଧରିତ୍ରୀ' ଏହିପରି ଲେଖା ଦ୍ୱାରା ଜନମତକୁ ଠିକ୍ ଭାବରେ ପରିଚାଳିତ କରିପାରିଛନ୍ତି ବୋଲି ନିଶ୍ଚିତ ରୂପେ ଆଶା କରାଯାଇପାରିବ।

ସତ୍ୟନାରାୟଣ ପାଣିଗ୍ରାହୀ, ପେଲେସ ଲାଇନ, ବଲାଙ୍ଗୀର

### ଭାବିଚିନ୍ତି ନିଷ୍ପତ୍ତି ନିଅ

ଶିକ୍ଷାକ୍ଷେତ୍ରରେ ପରୀକ୍ଷାନିରୀକ୍ଷାର ଅନ୍ତ ଘଟୁନି। ଗଣିତ, ଇଂଲିଶ, ବିଜ୍ଞାନରେ ପାସ୍ ହାର କମିଯାଇଥିବାରୁ ଏହି ବିଷୟଗୁଡ଼ିକରେ ୪୫ମିନିଟ୍ ପରିବର୍ତ୍ତେ ଦେଢ଼ଘଣ୍ଟା ପିରିୟଡ କରାଯିବା ଏକ ଭୁଲ୍ ପଦକ୍ଷେପ। ମନୋବୈଜ୍ଞାନିକଙ୍କ ଦୃଷ୍ଟିକୋଣରୁ ଏକାଦିକ୍ରମେ ଦୁଇ ପିରିୟଡ ଗୋଟିଏ ବିଷୟର ଅଧ୍ୟୟନ ଓ ଅଧ୍ୟାପନା କରିବା ଠିକ୍ ନୁହେଁ। ପୁନଶ୍ଚ ୨ ପିରିୟଡ ୩ଟି ବିଷୟରେ ଅର୍ଥାତ୍ ଦିନକୁ ୬ ପିରିୟଡ ପାଠ ଯଦି ଏହି ୩ଟି ବିଷୟରେ ପଢାଯାଏ, ତା'ହେଲେ ହିନ୍ଦୀ/ସଂସ୍କୃତ, ସାହିତ୍ୟ, ଇତିହାସ, ଭୂଗୋଳ ଆଦି ପାଠ କେତେବେଳେ କିଏ ପଢାଇବ? ଅନେକ ସ୍କୁଲରେ ୮ ଜଣଙ୍କ ଜାଗାରେ ୨/୩ ଜଣ ଶିକ୍ଷକ କାମ କରୁଛନ୍ତି। ପ୍ରଧାନଶିକ୍ଷକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି। ହିନ୍ଦୀ, ଖେଳ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଛି। ପ୍ରଧାନ ଶିକ୍ଷକ ଥିଲେ ପାଠପଢାର ତଦାରଖ କରନ୍ତେ ଓ ଶିକ୍ଷାଦାନ ଯଥାର୍ଥ ହୁଅନ୍ତା। ତଦାରଖ କରିବାକୁ କେହି ଅଧିକାରୀ ଆସୁ ନ ଥିବାରୁ ପରୀକ୍ଷାରେ କୃତକାର୍ଯ୍ୟ ହାର କମିଆସୁଛି। ଏଣୁ ସରକାର ଭାବିଚିନ୍ତି ଓ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନେବା ଦରକାର।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ନୂଆଖାଇ ଛୁଟି

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ' ଦିନ ଓଡ଼ିଶା ସରକାରଙ୍କର ସମସ୍ତ କାର୍ଯ୍ୟାଳୟ ଛୁଟିଦିନ ହିସାବରେ ବନ୍ଦ ରହୁଛି। କିନ୍ତୁ ସେହିଦିନ ଉତ୍ତର ଓଡିଶାରେ କଚେରିଗୁଡିକ ଖୋଲା ରହୁଛି। ସେଦିନ ଉତ୍ତର ଓଡିଶାର କଚେରିଗୁଡିକ ଛୁଟି ହେଲେ ଭଲ ହୁଅନ୍ତା। କାରଣ ପଶ୍ଚିମ ଓଡ଼ିଶାର ଅନେକ ବ୍ୟକ୍ତି ଉତ୍ତର ଓଡ଼ିଶା କଚେରିର ବିଭିନ୍ନ ଦପ୍ତରରେ କାର୍ଯ୍ୟ କରୁଥିବାର ପରିଲକ୍ଷିତ ହୁଏ। ଫଳରେ ସେମାନେ 'ଗଣପର୍ବ ନୂଆଖାଇ' ପାଳନ କରିବାରେ ଅସୁବିଧା ଭୋଗ କରନ୍ତି।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କ୍‌ଲିନ୍

## ସଂକ୍ଷେପରେ



### ରୋପଣ ହେଲା ୨୫୦୦ ବୃକ୍ଷ

**ସଇଁତଲା, ୩୦।୮ (ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଲାସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ବିଶ୍ୱକଲ୍ୟାଣୀ ମିଶ୍ରଙ୍କ ନେତୃତ୍ୱରେ କୋର୍ଟ କର୍ମକର୍ତ୍ତା ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ଗତ ୨୬ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଇଁତଲା ପଞ୍ଚାୟତ କର୍ଲାବାହାଲି ଗ୍ରାମର ଆଦର୍ଶ ବିଦ୍ୟାଳୟ, କୋର୍ଟ ପରିସର ଓ ରେଡ଼କ୍ରସ ଅନ୍ଧମୂକ ବଧିର ବିଦ୍ୟାଳୟ ପରିସରରେ ଶିଶୁ, ଆମ୍ବ, ବରକୋଳି, ଡୁମେର, ଫାସି ଓ ଅଁଳା ଭଳି ୨୫୦୦ ବୃକ୍ଷ ରୋପଣ କରାଯାଇଥିଲା। ପାଞ୍ଚ ଦିନ ଧରି ଚାଲିଥିବା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ କୋର୍ଟ ପେସ୍କାର ସୁରଜ ଦାସ, ଷ୍ଟେନୋ ମଧୁସ୍ମିତା ପଣ୍ଡା, ସିଦ୍ଧେଶ୍ୱର ଦୋରାଙ୍କ ସମେତ ସଇଁତଲା ଜଙ୍ଗଲ ବିଭାଗ ରେଞ୍ଜର ରାଜକିଶୋର ହରପାଲ, ଫରେଷ୍ଟର ରାଧେଶ୍ୟାମ ପୁଟେଲ ସହଯୋଗ କରିଥିଲେ ।

### କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା ସଚେତନତା କାର୍ଯ୍ୟକ୍ରମ

**ଲୋଇସିଂହା,୩୦।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦିବାହାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପିଇଓ ପ୍ରହ୍ଲାଦ ବେହେରାଙ୍କ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସରପଞ୍ଚ ଉର୍ଦ୍ଦ୍ଧଳୀ ଧରୁଆ ସ୍ୱାଗତ ଅଭିଭାଷଣଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନରଭାବେ ବଂଶୀଧର ନାଏକ ଏବଂ ପ୍ରଦୀପମଲ ବିଶୋୟୀ ଯୋଗଦେଇଥିଲେ। କଠିନ ବର୍ଜ୍ୟବସ୍ତୁ ମଧ୍ୟରେ ଜୈବିକ ବିଘଟିତ ଓ ଅଣଜୈବ ବିଘଟିତ ବର୍ଜ୍ୟବସ୍ତୁ ଚିହ୍ନଟ ଓ ତାର ସୁପରିଚାଳନା ଦିଗରେ ତାଲିମ ପ୍ରଦାନ କରିଥିଲେ । ଅଣଜୈବ ବିଘଟିତ ବର୍ଜ୍ୟବସ୍ତୁ ଦ୍ୱାରା ପରିବେଶ ଓ ମାନବ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ମୋଟିଭେଟର ଅନନ୍ତ ଛତ୍ରିଆ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି ଅଙ୍ଗନୱାଡି କର୍ମୀ, ଏସଏଚଜି ମହିଳାମାନେ ଉପସ୍ଥିତ ଥିଲେ ।

ଅଁଟାରୁ ତଳକେ ଅଚଳ, ଖଟେ ପଡ଼ିଛନ୍ ବିପିନ

# ଚିକିତ୍ସା ସାହାଯ୍ ଲାଗି ପରିବାରର ଆକୁଳ ନିବେଦନ

**ଲାଠୋର, ୩୦।୮ (ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ମନ୍ଦିର ପଡ଼ାର ବିପିନ ସେଠ୍(୫୩) ରୋଗ୍ ପରଭାବରେ ଖଟେ ପଡ଼ି ରହିଛନ୍। ଇଆଡ଼େ ଟଁକା ପଏସା ଅଭାବୁ ସେ ଚିକିତ୍ସା କରେଇ ନାଇଁପାରବାର। ଏନ୍‌ତାଥି ପରିବାର ଲୋକ୍ ସରକାରୀ ସାହାଯ୍ ଲାଗି ଆକୁଳ ନିବେଦନ କରିଛନ୍।

ସୂଚନା ଅନ୍‌ସାରେ ଅନେକ ବଛର ହେଲା ବିପିନ କୁଟୁମବସିଆ ଲାଠୋରରେ ରହୁଛନ୍। ପରିବାର କହେଲେ ମାଏକିନା ନିର, ଦୁଇ ଝିଁ ଆର ଗୁଟେ ବଲି ପୁଓକେ ନେଇ ସଁସାର। ଦୁଖ୍‌ସୁଖ କରି ବିପିନ ଝିଁପୁଓକୁ ବିହାବୁରା କରି ସାଏଲେନ। ଏହେଦେ ବିପିନ ଆର ତାକର ମାଏକିନା ପୁଓ ବହର ଆଶ୍‌ରେଥି



ରୋଗ୍ ପରଭାବରେ ଖଟେ ପଡ଼ିରହିଛନ୍ ବିପିନ।

ରହୁଛନ୍। ପୁଓ ଗୁଟେ ଘରୋଇ ସ୍କୁଲରେ ପାଠ୍ ପଢ଼ଉଛନ୍, ତାକର କମାନୀରେ ଘରର ଚୁଲି ଜଳୁଛେ। ହେଲେ ସେଟା ବି ୪ ପରାନୀ କୁଟୁମ୍‌ର ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ସଁପତି ବଲି କିଛି ନାଇଁ। ସରକାରୀ ଯୋଜନାରେ ମାଏକିନାର ନାଁରେ ବିପିନ ଘରଖଁଡ଼େ ପାଇଛନ୍। ଇତାର ବାହାରେ ପଁଚେତ୍‌ରୁ ମାସିକ ୨୦ କେ.ଜି. ଚାଉଲ ପାଉଛନ୍। ଲାଠୋରରେ ବିପିନଙ୍କର ଗୁଟେ ଆଇରନ୍ ଦୁକାନ ଅଛେ, ସେଥିରୁ ସେ ପିଲାଛୁଆକୁ ବଡ଼ କରବାର ସଂଗେ ବିହାବୁରା କରିଛନ୍। ହେଲେ ଆଏଜ୍‌କେ ପାଖାପାଖି ୨ ବଛର ହେଲା ରୋଗ୍ ପରଭାବରେ ବିପିନଙ୍କର ଅଁଟାରୁ ତଳକେ ନାଇଁ ଚଲବାର, ସେ ସବୁବେଲେ ଖଟେ ପଡ଼ିରହିଛନ୍। ମାଏକିନା ତାକର ଖାନାପିନା, ଗଧାମଖା, ଝାଡ଼ାଝପଟନୁ ସବୁ ପରକାର ସେବା ଯତନ କରୁଛନ୍। ଏନ୍‌ତାଥି ଅନେକ ଦିନ୍ ହେଲା ଦୁକାନଟା ବି ବଁଦ୍ ହେଇ ପଡ଼ିଛେ। ଏନ୍‌ତାଥି ବିପିନ ଚିକିତ୍ସା ତ ଦୂରର କଥା ଅନେକ ସମିଆରେ ଉଷୋକଷା ଘିନି ଖାଇ ନାଇଁପାରବାର। ଯେନ୍‌ଥିରଲାଗି ପରିବାର ଲୋକ୍ ଉପେ ଶୂଇନ୍ ହେଇ ଗଣମାଧମ ଜରିଆରେ ବ୍ଲକ ଆର ଜିଲା ପରଶାସନକେ ଚିକିତ୍ସା ସାହାଯ୍ ଲାଗି ଗୁହାରି କରିଛନ୍।



ଦେଓଗାଁ ବ୍ଲକ ସଭାଗୃହରେ ବିଧାୟକ ନରସିଂହ ମିଶ୍ର ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

## ୪୪୫ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ

**ଦେଓଗାଁ, ୩୦।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କ ସଭାପତିତ୍ୱ ତଥା ଗୋପାଳ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ୧୩ନଂ ଜୋନ ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ଦେଓଗାଁ ସମିତି ସଭ୍ୟ ଜନ୍ମେଜୟ ସାହୁ, ଦେଓଗାଁ ସରପଞ୍ଚ ନିନା ଛତ୍ରିଆ, ଗାଇବାହାଲ ସରପଞ୍ଚ କଲ୍ୟାଣୀ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଦେଓଗାଁ, ଗାଇବାହାଲ, କୁତୁର୍ଲା, ହାତୀସରା, ଜରାସିଂହା ଓ ଉଡାର ଆଦି ୬ଟି ପଞ୍ଚାୟତର ୪୪୫ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

ଦୁର୍ନୀତି ଅଭିଯୋଗ ଆଣିଲେ ନାଏବ ସରପଞ୍ଚ, ୱାର୍ଡସଭ୍ୟ

## ଉପଜିଲାପାଳ ଦେଲେ ତଦନ୍ତ ନିର୍ଦ୍ଦେଶ

**ସଇଁତଲା, ୩୦।୮ (ଡି.ଏନ.ଏ.)**

■ ତାଲବାହାଲ ପଞ୍ଚାୟତ
■ ନିର୍ବାହୀ ଅଧିକାରୀଙ୍କୁ ବଦଳି

ସଇଁତଲା ବ୍ଲକର ନବଗଠିତ ପଞ୍ଚାୟତ ତାଲବାହାଲରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଜନସାଧାରଣଙ୍କ ହିତ ସାଧନ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ଆତ୍ମସାତ କରାଯାଉଛି। ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ନେବା ଦୂରର କଥା ଓଲଟି ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି। ଟିଟିଲାଗଡ ଉପଜିଲାପାଳଙ୍କ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି ସମ୍ପୃକ୍ତ ପଞ୍ଚାୟତର ନାଏବ ସରପଞ୍ଚ ଓ ଅନ୍ୟ କେତେକ ୱାର୍ଡ ସଭ୍ୟାସଭ୍ୟ। ସେମାନଙ୍କ ଅଭିଯୋଗକୁ ଭିତ୍ତିକରି ଉପଜିଲାପାଳ ସୁଧାକର ନାଏକ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ପଞ୍ଚାୟତରାଜ ଅଧିକାରୀଙ୍କ ନେତୃତ୍ୱରେ ସଇଁତଲା ବ୍ଲକ ପ୍ରଗତି ସହାୟକ ରାଜେନ୍ଦ୍ର ଖମାରୀ, ଏପିଓ ସୁବାଷ ବେହେରା, ଏ.ଓ ବୁଧୁରାମ ଭୋଇ ପ୍ରମୁଖ ତାଲବାହାଲ ପଞ୍ଚାୟତକୁ ଯାଇ ସରଜମିନ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ସଇଁତଲା ବିଡିଓ ପ୍ରଦୀପ ପଟ୍ଟନାୟକ ପଞ୍ଚାୟତ ନିର୍ବାହୀ ଅଧିକାରୀ ରହିମ ପ୍ରଧାନଙ୍କୁ ବଦଳି ଆଦେଶ ଦେଇଥିବା ଜଣାଯାଇଛି। ତାଲବାହାଲ ପଞ୍ଚାୟତର ନାଏବ ସରପଞ୍ଚ ଗୋଳବଦନ ଛତ୍ରିଆ, ୱାର୍ଡ ସଭ୍ୟା ପଙ୍କଜିନୀ ଛତ୍ରିଆ, ମଞ୍ଜୁ ନନ୍ଦ, ପ୍ରେମରାଜ ଥପା ଓ ଶ୍ରୀରାମ ଥପା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ୨୦୧୭-୧୮ ଓ ୧୮-୧୯ ମସିହାରେ ମୋ କୁଡ଼ିଆ ଯୋଜନାର ହିତାଧିକାରୀ ଚୟନରେ ଅନିୟମିତତା କରାଯାଇଛି। ସେହିଭଳି ଉକ୍ତ ବର୍ଷମାନଙ୍କରେ ଚୁଆ, ଚହଲା କିମ୍ବା ପାଣି ଟ୍ୟାଙ୍କର ବ୍ୟବସ୍ଥା ନ କରି ଅର୍ଥ ଆତ୍ମସାତ ହୋଇଛି। ଏ ନେଇ ପଚାରିଲେ ଓଲଟି ଧମକ ମିଳୁଥିବା ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ସମ୍ପର୍କରେ ନିର୍ବାହୀ ଅଧିକାରୀ ପ୍ରଧାନଙ୍କୁ ତାଙ୍କ ମୋବାଇଲ ନଂ ୭୦୦୮୩୭୧୧୩୭ ଓ ସରପଞ୍ଚ ସିନ୍ଧୁ ମାଝୀଙ୍କୁ ତାଙ୍କ ମୋବାଇଲ ନଂ ୭୭୫୦୦୪୧୦୩୫ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ବି ସେମାନେ କଲ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

ବଲାଙ୍ଗୀର ଫୁଟବଲ ଲିଗ୍‌ର ଏକାଦଶ ଦିବସ

## ସ୍ପୋର୍ଟସ୍ ଏକାଡେମୀ, ହୋମ୍‌ଗାର୍ଡ ସ୍ପୋର୍ଟିଂ, ମହୀପୁର, ଚୁଡାପାଲି ବିଜୟୀ

**ବଲାଙ୍ଗୀର ଅଫିସ, ୩୦।୮**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକ୍‌ଆଉଟ ଓ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଏକାଦଶ ଦିବସରେ ଜିଲାର ୭ଟି ପଡିଆରେ ୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମରେ ଫାଓ ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ସ୍ପୋର୍ଟସ ଏକାଡେମୀ ବଲାଙ୍ଗୀର ଦଳ ୧-୦ ଗୋଲରେ କୁଶଙ୍ଗ ଦଳକୁ ହରାଇଥିଲା। ଏଥିରେ ଅତିଥିଭାବେ ସିସିଏଫଏ ସଭାପତି ଜ୍ୟୋତିରାଜ ନାଗ, କ୍ରୀଡାବିତ କପିଳେଶ୍ୱର ପାଣିଗ୍ରାହୀ ଓ ପଲ୍ଲୀଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର ଯୋଗଦେଇଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଏବିଏଫଏ ଲୋଇସିଂହା ଦଳ ଟାଇବ୍ରେକର ଜରିଆରେ ୫-୪ ଗୋଲରେ ଆରଏଫସି ବୁର୍ଡାକୁ ହରାଇ ବିଜୟୀ ହୋଇଥିଲା ।

ଚୁଡାପାଲି ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଖେଳରେ ଚୁଡାପାଲି ଦଳ ୨-୦ ଗୋଲରେ ଭାଲୁପିଟା ଦଳକୁ ହରାଇ



ବଲାଙ୍ଗୀର ମିଶନ୍ ପଡିଆରେ ଅନୁଷ୍ଠିତ ଖେଳରେ ଅତିଥି ଓ ଖେଳାଳି ।

ଥିଲା । ଅତିଥିଭାବେ ପୂର୍ବତନ ଖେଳାଳି ରଘୁମଣି ମେହେର ଓ ଖେଳ ଶିକ୍ଷକ ବୁଦ୍ଧଦେବ ନାଏକ ଯୋଗ ଦେଇଥିଲେ । ଜରାସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ମହୀପୁର ଦଳ ୨-୧ ଗୋଲରେ ବରଲା ଦଳକୁ ହରାଇ ଥିଲା । ସୁନ୍ଦରମଣି ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ଡା. ଶଶୀଭୂଷଣ ସାହୁ, ଦେଓଗାଁ ବଣିକ ସଂଘ ସଭାପତି ସୁବଳ ରଣା ଓ ରାଜକିଶୋର ସେଠ ଅତିଥି ଭାବେ ଯୋଗଦେଇଥିଲେ । ପାଟଣାଗଡ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଖେଳରେ ଏକେଜିଟି ରାମପୁର ଦଳ ଟ୍ରାଇବ୍ରେକର ଜରିଆରେ ୪-୨ ଗୋଲରେ ପାଟଣେଶ୍ୱରୀ ପାଟଣାଗଡ ଦଳକୁ ହରାଇ ଥିଲା । ଅତିଥିଭାବେ ପୂର୍ବତନ ଖେଳାଳି ଛନ୍ଦାଚରଣ ମେହେର ଯୋଗ ଦେଇଥିଲେ। ଟିଟିଲାଗଡ ପଡିଆରେ ଅନୁଷ୍ଠିତ ଖେଳରେ ଜିଏସପି ଟିଟିଲାଗଡ ଦଳ ଟ୍ରାଇବ୍ରେକର ଜରିଆରେ ୩-୨ ଗୋଲରେ ଜେଡିସି ଭାଟିପଡାକୁ ହରାଇ ବିଜୟୀ ହୋଇଥିଲେ । କ୍ରୀଡାବିତ୍ ସଦାନନ୍ଦ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥୀ, କ୍ରୀଡାବିତ ବୃନ୍ଦାବନ ପାଢ଼ୀ ଓ ଶୁଭ୍ରାଂଶୁ ଦାସ ଯୋଗ ଦେଇଥିଲେ। ମିଶନ ପଡିଆରେ ଅନୁଷ୍ଠିତ ଜୋନ ଫାଇନାଲ ଖେଳରେ ହୋମଗାର୍ଡ ସ୍ପୋର୍ଟିଂ ଦଳ ଟାଇବ୍ରେକର ଜରିଆରେ ୩-୨ ଗୋଲରେ ଡୁଙ୍ଗୁରିପଡା ଏଫଏକୁ ହରାଇ ଇ-ଜୋନର ଗ୍ରୁପ ଚାମ୍ପିଆନ ହୋଇଥିଲେ। ଅତିଥି ଭାବେ ପୌର ପରିଷଦ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, ସତ୍ୟସୁନ୍ଦର ଭଞ୍ଜ ଓ କ୍ରୀଡା ସଂଗଠକ ଚେତନାନନ୍ଦ ପଣ୍ଡା ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ ।

## ୪୯ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ପାଟଣାଗଡ, ୩୦।୮(ଡି.ଏନ.ଏ.)**

ପାଟଣାଗଡ ବ୍ଲକ ଅନ୍ତର୍ଗତ ଦେଉଲଗାଁ ଏବଂ ତେଣ୍ଡାପଦର ପଞ୍ଚାୟତରେ ଶୁକ୍ରବାର ବିଧାୟକ ସରୋଜ ମେହେର ୪୯ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏଥି ସହିତ ନିଜ ମାସିକ ଦରମାରୁ ତେଣ୍ଡାପଦର ପଞ୍ଚାୟତର ୪୦ଜଣଙ୍କୁ ପ୍ରତ୍ୟେକ ୫ଶହ ଟଙ୍କା ଲେଖାଏ ସେ ପ୍ରଦାନ କରିଛନ୍ତି। ପ୍ରଥମେ ଦଉଲଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ବିଧାୟକ ମେହେର ପହଞ୍ଚିବା ପରେ ବ୍ଲକ ଉପାଧ୍ୟକ୍ଷା ପଦ୍ମିନୀ ସାହୁ ଏବଂ ସରପଞ୍ଚ ପ୍ରେମରାଜ ପୁଟେଲଙ୍କ ଉପସ୍ଥିତିରେ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ପରେ ଆବାସ ଯୋଜନା ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସେଠାରୁ ଦେଉଲଗାଁ ଉଚ୍ଚବିଦ୍ୟାଳୟ ଏବଂ ରାମଜୀ ସଂସ୍କୃତ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ସହିତ ଶିକ୍ଷାନୁଷ୍ଠାନ ଅଗ୍ରଗତି ଓ ପିଲାଙ୍କ ପାଠପଢା ବିଷୟରେ ଆଲୋଚନା କରିଥିଲେ। ପରେ ଦଉଲଗାଁସ୍ଥିତ ଏକ ସ୍ୱୟଂ ସହାୟକ ଗୋଷ୍ଠୀ କେନ୍ଦ୍ରକୁ ଯାଇ ଅବହେଳିତ ଅବସ୍ଥାରେ ଥିବା କେନ୍ଦ୍ରକୁ ଦେଖି ଯଥାଶୀଘ୍ର ତାହର ପୁନରୁଦ୍ଧାର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ପରେ ବିଧାୟକ ମେହେର ତେଣ୍ଡାପଦର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଏବଂ ପରେ ପଞ୍ଚାୟତର ୪୦ ଅସହାୟ ବ୍ୟକ୍ତିଙ୍କ ଘରକୁ ଯାଇ ନିଜ ଦରମାରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଉଲଗାଁ ଏବଂ ତେଣ୍ଡାପଦର ଗ୍ରାମର ବହୁ ଜନସାଧାରଣ ଯୋଗ ଦେଇଥିଲେ।



ବିଧାୟକ ସରୋଜ ମେହେର ଜଣେ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

### ସର୍ପାଘାତରେ ଯୁବକ ମୃତ

**ଦେଓଗାଁ,୩୦।୮(ଡି.ଏନ.ଏ.)**

ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରମାଲ ଗାଁର ଜଣେ ଯୁବକଙ୍କର ସର୍ପାଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦୁର୍ଲଭ ବାରିକ(୪୫) । ଗୁରୁବାର ବିଳମ୍ବିତ ରାତିରେ ସେ ନିଜଘରେ ଶୋଇଥିବା ବେଳେ ଏକ ଚିତିସାପ ତାଙ୍କୁ ଦଂଶନ କରିଥିଲା । ଦୁର୍ଲଭଙ୍କୁ ବଲାଙ୍ଗୀର ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଲଭଙ୍କ ମୃତ୍ୟୁରେ ବିଧାୟକ ନରସିଂହ ମିଶ୍ର, ଯୁବନେତା ପପୁ ପାତ୍ର, ହିମାଂଶୁ ଗଡତ୍ୟା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।


**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.12-SBP-TRD-OT-2019-20, ତା.22.08.2019ରିଖ

**କାର୍ଯ୍ୟର ନାମ:** 03 ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ/ TRD/ସମ୍ବଲପୁର କାର୍ଯ୍ୟାଳୟ (Official) ବ୍ୟବହାର ନିମନ୍ତେ ଗୋଟିଏ ନନ୍-ଏସି ଗାଡ଼ି ଅର୍ଥାତ୍ ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ/ ମହିନ୍ଦ୍ରା ସ୍କୋର୍ପିଓ କିମ୍ବା ଅନୁରୂପ ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 13,07,642.66, EMD (ଟଙ୍କାରେ) : 26,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: ତିନି ବର୍ଷ (36 ମାସ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.09.2019 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRD)/ ସମ୍ବଲପୁର

PR-328/K/19-20



**THE ODISHA STATE CO-OPERATIVE MILK PRODUCERS' FEDERATION LIMITED**

omfed www.omfed.com D/2, Sahid Nagar, Bhubaneswar, Pin-751007, Odisha

Ph.: 0674-2540273 / 2546030, 2544576, Tele Fax : 0674-2540974, E-mail : omfed@yahoo.com

**Tender Call Notice for Cattle Feed Raw materials**
**Bid Identification No. 07/MM/CFP/50/19-20/(08)**

OMFED invites Open Tender in TWO Bids system from reputed Manufacturer/ Dealers/Traders for supply of cattle feed raw materials to be used at our Radhadamodarpur & Jagannathpur Cattle feed plants for Two month's requirement. The Bid documents will be available in the website www.omfed.com from **10.00 AM of 31.08.2019 to 05.00 PM of 19.09.2019**. Technical & Commercial bids **shall be opened at 11.30 A.M. on 20.09.2019** at OMFED Corporate office in the presence of the interested bidders. The Management reserves the right to accept or reject any or all the bid document or part thereof without assigning any reason. Any addendum/correngendum will be published only in our website. Details of tender information are available in our website : www.omfed.com. **Managing Director**



**OFFICE OF THE DISTRICT PROJECT MANAGEMENT UNIT (MDM), KALAHANDI**

**TENDER CALL NOTICE**

**No.7324/MDM-2019** **Dated: 30.08.2019**

A fresh sealed tender is invited in the prescribed format from the intending Firms/ Company/ Individuals/ Corporation for undertaking Transportation of food stuff under MDM Programme of Kalahandi district during the financial year 2019-20. The Tender documents shall be submitted to the District Project Management Unit, Kalahandi in sealed packet from 30.08.2019 to 17.09.2019 upto 5.00 PM during the office hours through Regd. Post/ speed post. The tender paper received after 17.09.2019 shall not be considered. The tender paper should be submitted in a sealed cover superscribing TENDER FOR APPOINTMENT OF S & T AGENT.........BLOCK in favour of DISTRICT EDUCATION OFFICE, KALAHANDI - Cum District Nodal Officer, MDM District Project Management Unit, Kalahandi, At/Po- Bhawanipatna, Dist-Kalahandi, PIN-766001 by Regd. Post/ Speed Post within the stipulated date. The Tender papers will be opened on 18.09.2019 at 11:00 A.M/PM in presence of the members of the District Level Tender Committee and the Bidder or their authorized representatives in the office chamber of the Collector & District Magistrarte, Kalahandi. The undersigned will not be responsible for any delay in circumstances.

The details regarding terms & conditions, Earnest Money Deposit (EMD) etc can be obtained along with the Tender Document from the office of the District Project Management Unit, Kalahandi or from the District website i.e. http://www.Kalahandi.nic.in on Payment of cost of Tender Papers Rs.5000/- (Rupees Five Thousand) per each block in shape of DD drawn in favour of District Education Officer-cum-District Nodal Officer (MDM). Kalahandi The Cost of Tender Papers is non refundable. The undersigned reserves the rights either to reject any or all tenders or cancel the entire process without assigning any reason thereof.

*By order of the Collector & DM, Kalahandi*
**DEO cum Dist. Nodal Officer**
**Kalahandi**



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା**
(ଜଙ୍ଗଲ ଓ ପରିବେଶବିଭାଗ, ଓଡ଼ିଶାସରକାର)
ପରିବେଶଭବନ, ଏ /୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮
ଭୁବନେଶ୍ୱର - ୭୫୧ ୦୧୨

ସଂଖ୍ୟା...୮୭୩୨......./IND-II-PH-807 ତାରିଖ୩୦-୦୮-୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ମେସର୍ସ ଓଡ଼ିଶା ମାଇନିଂ କର୍ପୋରେସନ ଲିମିଟେଡ୍, ଓଡ଼ିଶାର କେନ୍ଦୁଝର ଜିଲ୍ଲା, ହରିଚନ୍ଦନପୁର ତହସିଲ୍ ଅନ୍ତର୍ଗତ ରେବଣା ସଂରକ୍ଷିତ ଜଙ୍ଗଲ ଓ ତଳପଦା ଗ୍ରାମରେ ଏବଂ ଯାଜପୁର ଜିଲ୍ଲା ଅନ୍ତର୍ଗତ ଦୈତାରୀ ସୁରକ୍ଷିତ ଜଙ୍ଗଲରେ ୧୦୧୮.୩୦୮୫ ହେକ୍ଟର ଅଂଚଳରେ ଅବସ୍ଥିତ ଦୈତାରୀ ଲୌହ ପଥର ଖଣିର ଲୌହ ପଥର ଉତ୍ପାଦନ କ୍ଷମତା ବାର୍ଷିକ ୩.୦ ନିୟୁତ ଟନ୍ ରୁ ବାର୍ଷିକ ୬.୦ ନିୟୁତ ଟନ୍ କୁ ବୃଦ୍ଧି କରିବା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣୀ (ଯାଜପୁର ଜିଲ୍ଲା) ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍. ଓ. ୧୫୩୩ (ଇ), ତା. ୧୪.୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦା ମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରି ପାରୁଥିବା କୌଣସି ବ୍ୟକ୍ତି ବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜିକୃତ ବା ଅଣପଞ୍ଜିକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଂଚଳରେ ଯେ କୌଣସି ସ୍ଥାନୀୟକର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡ଼ାକଯୋଗେ ଜଣାଇ ପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା ୦୪.୧୦.୨୦୧୯ ରିଖ ଦିବା ୧୦:୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଚିଙ୍ଗୁଡ଼ିପାଳ ଗ୍ରାମପଂଚାୟତ, ପାଟଣା ଗ୍ରାମ ଅନ୍ତର୍ଗତ ଦେହୁରୀସାହି ଆମ୍ବତୋଟା ଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣୀ ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଯାଜପୁର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଯାଜପୁର** ।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହି ଅଧିକାରୀ, **ଯାଜପୁର** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ / ୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧ ୦୧୨ ।
୫. ଆଂଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, **କଳିଙ୍ଗନଗର, ଯାଜପୁର** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ www.ospcboard.org ରୁ ମଧ୍ୟ ମିଳିପାରିବ ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଂଚଳିକ କାର୍ଯ୍ୟାଳୟ, **କଳିଙ୍ଗନଗର, ଯାଜପୁର** ସ୍ଥିତ ଆଂଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ ।

ଦେବୀ ପ୍ରସାଦ ... ୨୯/୮/୧୯
ସଦସ୍ୟସଚିବ

# ସମବାୟ ସମିତି ସମ୍ପାଦକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭଣ୍ଡାରିପୋଖରୀ, ୩୦।୮ (ଡି.ଏନ.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ସେବା ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ଖଣ୍ଡାୟୀଙ୍କ ଘରେ ଶୁକ୍ରବାର ବାଲେଶ୍ୱର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ସକାଳ ୫ଟାରେ ବାଲେଶ୍ୱର ଭିଜିଲାନ୍ସ ବିଭାଗର ୬ଟି ଟିମ୍ ପହଞ୍ଚି ଏକକାଳୀନ ସମ୍ପାଦକ ଖଣ୍ଡାୟୀଙ୍କ କୁଳଣାସ୍ଥିତ ବାସଗୃହ, ତେସିଙ୍ଗା ସେବା ସମବାୟ ସମିତି, ଫାର୍ମହାଉସ୍, ମା' ବାସୁଳୀ ଫ୍ଲାଏ ଆଶ୍ ବ୍ରିକ୍ସ ଫ୍ୟାକ୍ଟ୍ରି, ପଞ୍ଚାୟତ ଅଫିସ, ଫତେପୁରସ୍ଥିତ ଶ୍ୱଶୁରଘର ଓ ସାତଶୋଲାସ୍ଥିତ ସାଙ୍ଗଘରେ ଚଢାଉ କରିଥିଲେ। ଚଢ଼ାଉ ବେଳେ ବିଭିନ୍ନ କାଗଜପତ୍ର, ବ୍ୟାଙ୍କ ପାସବୁକ୍ ଓ ନଗଦ ଅର୍ଥ ଜବତ କରାଯାଇଛି। ରିପୋର୍ଟ ଲେଖା ହେବା ବେଳକୁ ଚଢ଼ାଉ ଜାରି ରହିଥିଲା। ତଦନ୍ତରେ ବାଧା ଉପୁଜିବା ନେଇ ଭିଜିଲାନ୍ସ ଅଧିକାରୀମାନେ କୌଣସି ସୂଚନା ଦେଇ ନ ଥିଲେ। ତେବେ ସମବାୟ ସମିତି ସମ୍ପାଦକ ଖଣ୍ଡାୟୀଙ୍କୁ ଭିଜିଲାନ୍ସ ଟିମ୍ ଭଦ୍ରକ ବାଇପାସ୍ ସ୍ଥିତ କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚୁରା କରୁଛି। ବାଲେଶ୍ୱର ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ନିର୍ମଳ ଚନ୍ଦ୍ର ମହାନ୍ତି, ଡିଏସ୍‌ପି ଏସ୍.କେ. ସାମନ୍ତରାୟ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ମାନସୀ ଜେନା, ଏଲ୍‌ଏନ୍ ମୁଖୀ, ଏସ୍. ବେହେରା, ବି.ଏଲ୍. ପୁହାଣ ଓ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ପ୍ରକାଶ ଯେ, ସମ୍ପାଦକ ଖଣ୍ଡାୟୀଙ୍କ ସ୍ତ୍ରୀ ସଙ୍ଗୀତା ଖଣ୍ଡାୟୀ ତେସିଙ୍ଗା ପଞ୍ଚାୟତର ସରପଞ୍ଚ ଅଛନ୍ତି।


ଭିଜିଲାନ୍ସ ଅଧିକାରୀ ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ରଙ୍କ ଘରେ କାଗଜପତ୍ର ଯାଞ୍ଚ କରୁଛନ୍ତି।

## ସଂକ୍ଷେପରେ

### ପୋଲିସ ପରିଚୟ ଦେଇ ଲୁଟିଲେ

**ଭଦ୍ରକ ଅଫିସ, ୩୦।୮:** ଭଦ୍ରକ ଚରମ୍ପା ପଥରଆଡ଼ି ରାସ୍ତାର ଏକ ନର୍ସିଂହୋମ ନିକଟରେ ଶୁକ୍ରବାର ଅପରାହ୍ନରେ ସ୍ପଷ୍ଟ ଦିବାଲୋକରେ ନିଜକୁ ପୋଲିସ ଅଧିକାରୀ ପରିଚୟ ଦେଇ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କଠାରୁ ସୁନାଚେନ୍ ଲୁଟି ନେଇଛନ୍ତି ଲୁଟେରା। ଉକ୍ତ ସୁନାଚେନ୍‌ର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବୃଦ୍ଧା ଜଣଙ୍କ କହିଛନ୍ତି। ସେ ଜଣେ ଖବରଦାତାଙ୍କ ମା' ବୋଲି ଜଣାପଡ଼ିଛି। ଏ ନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା ବୃଦ୍ଧା ଚରମ୍ପା କଣ୍ଟାପାଳ ଗାଁର କୁସୁମଲତା ଦାସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଚରମ୍ପା ବଜାରରୁ ଏକୁଟିଆ ଚାଲି ଚାଲି ଘରକୁ ଫେରୁଥିଲେ। ଦୁଇଜଣ ଯୁବକ ତାଙ୍କୁ ଅଟକାଇ ନିଜକୁ ପୋଲିସର ପରିଚୟ ଦେଇଥିଲେ। ସୁନାଚେନ୍ ପିନ୍ଧି ବଜାରରେ ବୁଲିଲେ ଲୁଟେରାମାନେ ଲୁଟ୍ ପାଇଁ ହତ୍ୟା କରିପାରନ୍ତି ବୋଲି କହି ସେମାନେ ତାଙ୍କୁ ଭୟଭୀତ କରାଇଥିଲେ। ସୁନାଚେନ୍ ବେକରୁ ଓହ୍ଲାଇ ଦିଅ କହି କାଢ଼ିନେଇ ତାଙ୍କ ବ୍ୟାଗ୍‌ରେ ରଖିବା ଆଳରେ ଲୁଟି ନେଇ ଫେରାର ହୋଇଯାଇଥିଲେ। ସେ ଘରକୁ ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ଉଲ୍ଲେଖନୀୟ ଯେ, ଭଦ୍ରକ ସହରରେ ଏହିଭଳି ଏକାଧିକବାର ପୋଲିସର ପରିଚୟ ଦେଇ ଲୁଟ୍ ଘଟଣା ଘଟିଛି। ଗୁରୁବାର ସନ୍ଧିଆ ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ସୁନା ଅଳଙ୍କାର ସଫା କରିବା ବାହାନାରେ ଅନୁରୂପ ଲୁଟ୍ ହୋଇଥିବା ଜଣାପଡ଼ିଛି।

### ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ, ପ୍ରଧାନ ଶିକ୍ଷକ ଗିରଫ

**ପାଟଣା,୩୦।୮(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଘଟଣାରେ ପୋଲିସ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତଙ୍କୁ ଗିରଫ କରିଛି। ବୁଧବାର ଶ୍ରେଣୀଗୃହରେ ଅଭିଯୁକ୍ତ ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଗୁରୁବାର ଅଭିଭାବକ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ବିଦ୍ୟାଳୟରେ ପଶି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଅଟକ ରଖିଥିଲେ। ଖବର ପାଇ ତୁରୁମୁଙ୍ଗା ପୋଲିସ ଗୁରୁବାର ସନ୍ଧ୍ୟାରେ ତାଙ୍କୁ ଉଦ୍ଧାର କରି ଥାନାକୁ ଆଣି ପଚରା ଉଚରା କରିଥିଲା। ଏହି ପରିପ୍ରେକ୍ଷୀରେ ଅଭିଭାବକମାନଙ୍କର ଏକ ବୈଠକ ବସିଥିଲା। ଛାତ୍ରୀଙ୍କ ବାପା ଘଟଣା ସମ୍ପର୍କରେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ପିଙ୍ଗଳ କୋଡ୍ ୩୫୪(କ)ଓ ୧୦ ପୋକସୋ ଆକ୍ଟରେ ଏକ ମାମଲା (ନଂ.୮୯/୧୯)ରୁଜୁ କରି ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅମିତାଭ ଦାଶ ସୂଚନା ଦେଇଛନ୍ତି।

### ନୟନଯୋରିରେ ଯୁବତୀଙ୍କ ମୃତଦେହ

ପଦ୍ମପୁର, ୩୦।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ପଦ୍ମପୁର-ବିରସ ରାସ୍ତାର ପାଇକସାହି ଛକ ନିକଟ ନୟନଯୋରିରୁ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ଶୁକ୍ରବାର ସକାଳେ ଉଦ୍ଧାର କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ଓ ବାସୁଦେବପୁରର କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ବାରିକଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମୃତା ଯୁବତୀଙ୍କ ପରିଚୟ ମିଳିପାରି ନ ଥିବାବେଳେ ନାୟକାଣିଡିହୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୧୯) ରୁଜୁ କରାଯାଇ ଥାନାଧିକାରୀ ରତିକାନ୍ତ ଗିରି ଘଟଣାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଗ୍ରାମର କେତେକ ଚାଷୀ ସକାଳେ କାମରେ ଯାଉଥିବା ବେଳେ ଉକ୍ତ ରାସ୍ତାପାର୍ଶ୍ୱ ନୟନଯୋରିରେ ଜଣେ ଯୁବତୀଙ୍କ ମୃତଦେହ ପଡ଼ିଥିବାର ଦେଖିଥିଲେ। ସେମାନେ ଏ ସମ୍ପର୍କରେ ନାୟକାଣିଡିହୀ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ରତିକାନ୍ତ ଗିରି, ଏସ୍‌ଆଇ ନିରୋଦ କୁମାର ମଲ୍ଲିକ, ସୁଦର୍ଶନ ପ୍ରଧାନ, ବାଲିମେଦ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା ଓ ସମିତିସଭ୍ୟା ସସ୍ମିତା ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ମୃତଦେହ ଜବତ କରାଯାଇ ନ ଥିଲା। ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବାରେ ବିଳମ୍ବ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଓ ସରପଞ୍ଚ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ମୃତଦେହ ଜବତ କରାଯାଇଥିଲା।

# ବିଦ୍ୟୁତ୍ ଆଘାତରେ ୨ ଯୁବକ ମୃତ

ଦାରିଙ୍ଗବାଡ଼ି,୩୦।୮(ଡି.ଏନ.ଏ)

**ଦୁଇ ଆହତ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ପଞ୍ଚାୟତ କଲେଙ୍ଗବାଡ଼ି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଚୁଆକୁ ଗାଧୋଇ ଯିବାବେଳେ ବିଲରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୨ ଯୁବକ ମଧ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଲିକୁ ପ୍ରଧାନ ଓ ରଞ୍ଜନ ପ୍ରଧାନ। ଗୁରୁତର ଆହତ ସୂରଜ ପ୍ରଧାନ ଓ ଜଳେନ୍ଦ୍ର ପ୍ରଧାନଙ୍କୁ ପ୍ରଥମେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦାରିଙ୍ଗବାଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ.୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଦାରିଙ୍ଗବାଡ଼ି ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ଆର୍‌ଆଇ ବିଜୟ କୁମାର ବେହେରା ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ଜିଲାପାଳଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି।

ପ୍ରକାଶ ଯେ, ସକାଳ ପ୍ରାୟ ୯ଟାରେ ୪ ଯୁବକ ଚୁଆକୁ ଗାଧୋଇବାକୁ ଯାଉଥିଲେ। ଏହି ସମୟରେ ବିଲରେ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଲିକୁ ଓ ରଞ୍ଜନ ଆସିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ସୁରଜ ଓ ଜଳେନ୍ଦ୍ର ଗୁରୁତର ହୋଇଥିଲେ। ଗ୍ରାମବାସୀ ଗୁରୁତର ଅବସ୍ଥାରେ ୪ଜଣଙ୍କୁ ଦାରିଙ୍ଗବାଡି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଲିକୁ ଓ ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସାଉଥ୍‌କୋ କନିଷ୍ଠ ପ୍ରବନ୍ଧକ ଶିବ ପ୍ରସାଦ ନାୟକ କହିଛନ୍ତି, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିବା ନେଇ ଗ୍ରାମବାସୀ କୌଣସି ଖବର ଦେଇନାହାନ୍ତି। ମଙ୍ଗଳବାର କଲେଙ୍ଗବାଡ଼ି ନିକଟ ଏକ ଗ୍ରାମକୁ ବିଦ୍ୟୁତ୍ କର୍ମଚାରୀ କାମ କରିବାକୁ ଯାଇଥିଲେ। କଲେଙ୍ଗବାଡ଼ିରେ ଖୁଣ୍ଟ ଭାଙ୍ଗିଥିବା ଖବର ମିଳିଥିଲେ ମରାମତି କରାଯାଇ ପାରିଥାନ୍ତା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତପେ ବର**
**ନଇଲେ କୋପେ ବର ।**

ଦେବ ଦେବ ମହାଦେବ ତପରେ ସନ୍ତୁଷ୍ଟ ହେଲେ ବର ଦେଇଥାନ୍ତି, କୋପରେ ମଧ ବର ଦେଇଥାନ୍ତି। କୋପ କରି ମହାଦେବଙ୍କଠାରୁ ବର ପାଇବା ଘଟଣା ପୁରାଣ ପୃଷ୍ଠାରୁ ଜଣାଯାଏ। ପରୋକ୍ଷରେ କଷ୍ଟ ସ୍ୱୀକାର କରି ଫଳ ନ ପାଇଲେ ଜୋରଜବରଦସ୍ତି କରି ବା ଡରାଇ ଧମକାଇ ନିଜ ଈପ୍ସିତ ମନସ୍କାମନା ହାସଲ କରାଇନେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତତା ଖଡ଼ିକା ଦେ ଚିଆଁ**
**ଏଥିପାଇଁ ହାଟ ବସିଛି କିଆଁ ?**

ଦୁଷ୍ଟ ବା ଖଳ ପ୍ରକୃତିର ବ୍ୟକ୍ତି ସହଜରେ ସିଧାବାଟକୁ ଆସି ନ ଥାନ୍ତି। ଭୁଲ୍‌ରାସ୍ତାରୁ ଠିକ୍ ବାଟକୁ ଆଣିବା ପାଇଁ ତାଙ୍କ ପକ୍ଷେ ଶାରୀରିକ ଦଣ୍ଡ ଏକାନ୍ତ କାମ୍ୟ ବା ଅମୋଘ ଅସ୍ତ୍ର ହୋଇଥାଏ। ଆଗକାଳରେ ଦୋଷୀ ମୁହଁରୁ ସତକଥା ଜାଣିବା ପାଇଁ ଲୁହାଖଡ଼ିକାକୁ ନିଆଁରେ ତତାଇ ଦୋଷୀ ବ୍ୟକ୍ତିକୁ ଚିଆଁ ବା ଚେଙ୍କ ଦିଆଯାଉଥିଲା। ଫଳସ୍ୱରୂପ ଦୋଷୀ ନିଜ ଦୋଷ ସ୍ୱୀକାର କରିନେବା ସହ ପୁନରାୟ ସେଭଳି ଭୁଲ୍ କରିବାକୁ ସାହସ କରୁ ନ ଥିଲା ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

**ଜଳେଶ୍ୱର, ୩୦।୮:** କଟକ ଅବକାରୀ ବିଭାଗର ଭ୍ରାମ୍ୟମାଣ ଫ୍ଲାଇଂ ସ୍କ୍ୱାଡ୍ ତରଫରୁ ଅଚାନକ ଚଢ଼ାଉ କରାଯାଇ ଜଳେଶ୍ୱର ଷ୍ଟେଶନବଜାର କାଳୀମନ୍ଦିର ସମ୍ମୁଖରୁ ୧ଶହ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ଜଳେଶ୍ୱର ରାଜପୁର ଗ୍ରାମର ସେକ୍ ଟୈରୁଦ୍ଦିନ (୨୫)। ଅବକାରୀ ପୋଲିସ ଗିରଫ ଯୁବକଙ୍କୁ କୋର୍ଟଚାଲାଣ କରିଛି।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ । ୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସଂମ୍ପର୍କ କରନ୍ତୁ
8278077123
8607378206

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

EDUCATION

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No: 9437425759, 8280476992
Email : maataratarinison@gmail.com

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ, ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡ଼ାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

HEALTH CARE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

DHARITRI Career appointment Every Wednesday and Saturday

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

**COLOR DISPLAY CLASSIFIED** — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁବନେଶ୍ୱର ପାଇଁ ନୂଆ ଯୋଜନା

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଶନିବାର ପାଳିତ ହେଉଛି ସ୍ୱାୟତ୍ତ ଶାସନ ଦିବସ। ଏହି ଅବସରରେ ରାଜଧାନୀ ଭୁବନେଶ୍ୱର ପାଇଁ କିଛି ନୂଆ ଯୋଜନା ପ୍ରସ୍ତୁତ ହୋଇଛି। ସହରର ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଓ ଲୋକଙ୍କୁ କେତେକ ସୁବିଧା ସୁଯୋଗ ଦେବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରତିବର୍ଷ ଭଳି ଏହି ଦିନରେ କିଛି ଯୋଜନା ଏବଂ ନିଷ୍ପତ୍ତି ଗ୍ରହଣ କରିଛି।

## ଆରମ୍ଭ ହେବ ପାର୍କ ଉତ୍ସବ

ଚଳିତବର୍ଷ ବିଏମ୍‌ସି ପକ୍ଷରୁ ପାର୍କ ଉତ୍ସବ ଆରମ୍ଭ କରାଯିବାର ଯୋଜନା ରହିଛି। ପଥ ଉତ୍ସବର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏ ନେଇ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ବେଳେ ଚଳିତବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପଥ ଉତ୍ସବକୁ ବନ୍ଦ କରିବାକୁ ଚିନ୍ତା କରୁଛି ବିଏମ୍‌ସି। ରାସ୍ତା ବନ୍ଦ କରି ଏହି ଉତ୍ସବ ପାଳିବା ଯୋଗୁ ଯାତାୟାତରେ ଅନେକ ସମସ୍ୟା ଉପୁଜୁଛି। ତେଣୁ ପାର୍କରେ ପ୍ରତି ସପ୍ତାହରେ ଗୋଟିଏ ଦିନ ଏଭଳି ଭାବେ ପାର୍କ ଉତ୍ସବ ଆୟୋଜନ ଲାଗି ଯୋଜନା ହେଉଛି। ପ୍ରତ୍ୟେକ ସପ୍ତାହରେ ଏକ ଭିନ୍ନ ବିଷୟବସ୍ତୁ ରହିବ। ମହିଳା, ପିଲା ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ଗୋଟିଏ ଲେଖାଏ ସପ୍ତାହ ଉଦ୍ଦିଷ୍ଟ ହେବ।

## ପାର୍କରେ ଖୋଲିବ ଲାଇବ୍ରେରି

ଚଳିତବର୍ଷ ପାର୍କରେ ଲାଇବ୍ରେରି ଖୋଲିବା ପାଇଁ ମଧ୍ୟ ବିଏମ୍‌ସି ଯୋଜନା ରଖିଛି। ପାର୍କ ପରି ଏକ ସନ୍ତୋଷଜନକ ସ୍ଥାନରେ ଇଚ୍ଛୁକ ବ୍ୟକ୍ତିମାନେ ସମୟ କଟାଇବା ସହ ଚାହିଁଲେ ବହି ପଢ଼ିବାର ମଜା ନେଇପାରିବେ। ଏ ନେଇ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀ ଆଲୋଚନା କରିଥିବା କଥା ଜଣାପଡ଼ିଛି।

## ଡ୍ରେନ ସମ୍ପ୍ରସାରଣ ଓ ପୁନରୁଦ୍ଧାର ଲାଗି ହଜାରେ କୋଟି

ଚଳିତବର୍ଷ ଡ୍ରେନ ସମ୍ପ୍ରସାରଣ ସହ ପୁନରୁଦ୍ଧାର ଏବଂ ଅଧିକ ଡ୍ରେନ ନିର୍ମାଣ କରିବାକୁ ବିଏମ୍‌ସି ସ୍ଥିର କରିଛି। ଡ୍ରେନ୍ ପୁନରୁଦ୍ଧାର ଓ ନୂଆ ଡ୍ରେନ ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୧ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି। ଡ୍ରେନଗୁଡ଼ିକୁ ଚଉଡ଼ା ଓ ପ୍ରଶସ୍ତ କରିବା ସହ ସହରର ମୁଖ୍ୟ ଡ୍ରେନଗୁଡ଼ିକର ଦୁଇ ପାର୍ଶ୍ୱରେ ୱାଲ କରାଯିବାକୁ ସ୍ଥିର କରାଯାଇଛି।

## ଡିସେମ୍ବର ସୁଦ୍ଧା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର

ଚଳିତବର୍ଷ ଶେଷ ସୁଦ୍ଧା ସହରର ୪୦ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ନିର୍ମାଣ ଲାଗି ଲକ୍ଷ୍ୟ ରଖାଯାଇଛି। ଗୋଟିଏ ପ୍ଲାଣ୍ଟ ପିଛା ୭୮ଲକ୍ଷ ୩୨ହଜାର ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିବା ବେଳେ ଏ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ମିଳିଥିବା ସୂଚନା ମୁତାବକ, ଗୋଟିଏ ପ୍ଲାଣ୍ଟରେ ଦୈନିକ ୫ଟନ୍ ଅଳିଆ ରହିପାରିବା ଭଳି କ୍ଷମତା ବିଶିଷ୍ଟ କରାଯିବା ସହ ଏଥିରେ ପ୍ରାକୃତିକ ପ୍ରଣାଳୀରେ ଖତ ପ୍ରସ୍ତୁତ ସକାଶେ ପ୍ରୟାସ କରାଯିବ।

## ୬୭ ୱାର୍ଡ ଅଫିସ୍

ସ୍ୱାୟତ୍ତଶାସନ ଦିବସଠାରୁ ଆରମ୍ଭ ହେବ ସବୁ ୱାର୍ଡରେ ୱାର୍ଡ ଅଫିସ। ପ୍ରତ୍ୟେକ ୱାର୍ଡ ଅଫିସ୍‌ରେ ଏବେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଲାଗି ବିଏମ୍‌ସି ସ୍ଥିର କରିଛି। ସବୁ ପ୍ରକାର ଅଭିଯୋଗ ରଖିବା ସହ ୱାର୍ଡର ପରିଚାଳନା ଉକ୍ତ କାର୍ଯ୍ୟାଳୟରୁ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। କାର୍ଯ୍ୟାଳୟର ଦାୟିତ୍ୱ ୱାର୍ଡ ଅଫିସର ନେବାକୁ ଥିବା ବେଳେ ଏଥିରେ ଜଣେ ସାନିଟାରୀ ଇନ୍ସପେକ୍ଟର, ଜଣେ ସିଇଓ, ଜଣେ ଆସିଷ୍ଟାଣ୍ଟ ଇଞ୍ଜିନିୟର ରହିବେ ବୋଲି ଜଣାପଡ଼ିଛି।

## ନିଯୁକ୍ତ ହେବେ ହୋଲ୍ଡିଂ ଟ୍ୟାକ୍ସ କଲେକ୍ଟର

ଚଳିତବର୍ଷ ବିଏମ୍‌ସି ରାଜସ୍ୱ ଆଦାୟକୁ ବଢାଇବା ଦିଗରେ ଅଧିକ ପ୍ରୟାସ କରିବ। ଏଥିପାଇଁ ସହରରେ ହୋଲ୍ଡିଂ ଟ୍ୟାକ୍ସ କଲେକ୍ଟର, ପାର୍କିଂ ଫି କଲେକ୍ଟର ଏବଂ ଅନ୍ୟ ରାଜସ୍ୱ ଆଦାୟ ଯୋଜନାଗୁଡ଼ିକରେ ଅଧିକ ସଂଖ୍ୟକ ଅଧିକାରୀମାନଙ୍କୁ ନିଯୁକ୍ତି ଦେବା ଲାଗି ସ୍ଥିର କରାଯାଇଛି। ଏ ନେଇ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।


ପ୍ରଗତି ପଥେ
କଟକ ମହାନଗର ନିଗମ
ସ୍ୱାୟତ୍ତ ଶାସନ ଦିବସ-୨୦୧୯
ଅବସରରେ କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

କାର୍ଯ୍ୟସୂଚୀ

ତା. ୩୧.୦୮.୨୦୧୯ ରିଖ ପୂର୍ବାହ୍ନ ଘ. ୯.୩୦ମି ଠାରୁ...

ଉଦ୍‌ଘାଟକ-ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ, ଲୋକସଭା, କଟକ
ସମ୍ମାନିୟ ଅତିଥି ବୃନ୍ଦ-
ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ମହମ୍ମଦ ମୋକିମ୍, ମାନ୍ୟବର ବିଧାୟକ, ବାରବାଟୀ କଟକ
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ
ଙ୍କ ଦ୍ୱାରା

- ରମାଦେବୀ ପାର୍କର ଶୁଭ ଉଦ୍‌ଘାଟନ
- ସାରଙ୍ଗଧର ପାର୍କର ଶୁଭ ଉଦ୍‌ଘାଟନ
- ଶିଶୁ ଭବନ ପାର୍କର ଶୁଭ ଉଦ୍‌ଘାଟନ
- ସେଲଟରଛକ ଦ୍ୱାରିକା ପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ
- ବିଜୁ ଭବନଠାରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନ
- ପେଟାନାଳ ଠାରେ ଭେଣ୍ଡିଂ ଯୋନ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ
- କ୍ୟାଣ୍ଟନମେଣ୍ଟ ଥାନା ନିକଟରେ ଭେଣ୍ଡିଂ ଯୋନ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ
- ଅନ୍ଦରପୁର ପାର୍କର ଶୁଭ ଉଦ୍‌ଘାଟନ
- ଜଗତପୁରଠାରେ ସହରାଂଚଳ ବାସହୀନଙ୍କ ନିମନ୍ତେ ଆଶ୍ରୟସ୍ଥଳର ଶୁଭ ଉଦ୍‌ଘାଟନ
- ଜଗତପୁର ସ୍ଥିତ ମାଧବାନନ୍ଦ ପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ
- ଜଗତପୁର ନିମପୁର ସ୍ଥିତ ପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ
- ସମାଧିପାଟଣା ଠାରେ ଅଙ୍ଗନୱାଡ଼ୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ
- ସେଣ୍ଟ୍ରାଲ ନର୍ସରୀ ଠାରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନ
- ନିମପୁର ସବରସାହି ଠାରେ ପ୍ରୋଜେକ୍ଟ ସମ୍ମାନ ଶୌଚାଳୟର ଶୁଭ ଉଦ୍‌ଘାଟନ
- ଥୋରିଆସାହି ଠାରେ ସହରାଂଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ
- ପିଲିଗ୍ରୀମ ରୋଡ଼ ଠାରେ ଗୋଷ୍ଠୀ ଶୌଚାଳୟର ଭିତ୍ତି ପ୍ରସ୍ତର ସ୍ଥାପନ
- ଓଏମ୍‌ପି ଛକ ଠାରେ ଗୋଷ୍ଠୀ ଶୌଚାଳୟର ଭିତ୍ତି ପ୍ରସ୍ତର ସ୍ଥାପନ
- ନୂଆବଜାର ଠାରେ ଗୋଷ୍ଠୀ ଶୌଚାଳୟର ଭିତ୍ତି ପ୍ରସ୍ତର ସ୍ଥାପନ
- ଧୋବିତୁଠ ପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ
- ବନ୍ଧଛଡ଼ା କାଚରାମାଳ ପୋଖରୀ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ

ତା. ୩୧.୦୮.୨୦୧୯ ରିଖ ଅପରାହ୍ନ ଘ. ୫.୦୦ମି ଠାରୁ...

ଶହୀଦ ଭବନ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି :
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ,
ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ

ସମ୍ମାନିତ ଅତିଥି :
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ, ଲୋକସଭା , କଟକ
ଶ୍ରୀଯୁକ୍ତ ଚନ୍ଦ୍ରସାରଥି ବେହେରା, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ
ଶ୍ରୀଯୁକ୍ତ ନରେନ୍ଦ୍ର ସ୍ୱାଇଁ, ମାନ୍ୟବର ସାଂସଦ, ରାଜ୍ୟସଭା
ଶ୍ରୀଯୁକ୍ତ ମହମ୍ମଦ ମୋକିମ୍, ମାନ୍ୟବର ବିଧାୟକ, ବାରବାଟୀ କଟକ
ଶ୍ରୀଯୁକ୍ତ ଭବାନୀ ଶଙ୍କର ଚୟନୀ, ଓ.ପ୍ର.ସେ(ଏସ୍‌ଏଜି)ଜିଲ୍ଲାପାଳ, କଟକ

- କଟକ ମହାନଗର ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ମାନପତ୍ର ପ୍ରଦାନ ଏବଂ ସମ୍ବର୍ଦ୍ଧନା ଜ୍ଞାପନ ।
- ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
- କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।

ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସାଦର ନିମନ୍ତ୍ରଣ

ଶ୍ରୀମତୀ ଅନନ୍ୟା ଦାସ, ଭା.ପ୍ର.ସେ.
କମିଶନର

ଶ୍ରୀଯୁକ୍ତ ଅନିଲ କୁମାର ସାମଲ, ଭା.ପ୍ର.ସେ.
ପ୍ରଶାସକ





ପ୍ରଗତି ପଥେ
ଭୁବନେଶ୍ୱର ମହାନଗର ନିଗମ
ସ୍ୱାୟତ୍ତ ଶାସନ ଦିବସ- ୨୦୧୯
ସ୍ୱାୟତ୍ତ ଶାସନ ଦିବସ-୨୦୧୯ଅବସରରେ
ଭୁବନେଶ୍ୱର ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

କାର୍ଯ୍ୟସୂଚୀ

ତା. ୩୧.୦୮.୨୦୧୯ ରିଖ ସକାଳ ଘ.୮.୩୦ମି ରେ
ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ ।

ତା. ୩୧.୦୮.୨୦୧୯ରିଖ ପୂର୍ବାହ୍ନ ଘ.୧୧.୪୫ ମି.
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଙ୍କ ଦ୍ୱାରା

- ମହାନଗର ନିଗମର ସମସ୍ତ ୱାର୍ଡ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ ।
- ମହାନଗର ନିଗମର ୪୩ଟି ୱାର୍ଡରେ କ୍ଷୁଦ୍ର ଜୈବସାର ପ୍ରକ୍ରିୟାକରଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ।

ମହାନଗର ନିଗମର ୱାର୍ଡ ସ୍ତରୀୟ କାର୍ଯ୍ୟକ୍ରମ :-

ତା. ୩୧.୦୮.୨୦୧୯ରିଖ ଅପରାହ୍ନ ଘ.୩.୦୦ଟିକା ଠାରୁ...

ସମ୍ମାନୀୟ ଅତିଥି ବୃନ୍ଦ :-
ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ, ପଞ୍ଚାୟତିରାଜ ଏବଂ ପାନୀୟଜଳ, ଆଇନ୍ , ଗୃହ ଓ ନଗର ଉନ୍ନୟନ ବିଭାଗ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ସମ୍ମାନୀୟ ଅତିଥି ମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ........

୧. ୱାର୍ଡ ନଂ -୧ ପ୍ରଶାନ୍ତି ବିହାର LP-189 ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୨. ୱାର୍ଡ ନଂ -୧ ପ୍ରଶାନ୍ତି ବିହାର LP-560 ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୩. ୱାର୍ଡ ନଂ -୭ ଶୈଳଶ୍ରୀବିହାର VIM-95 ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୪. ୱାର୍ଡ ନଂ -୭ ଶୈଳଶ୍ରୀବିହାର VIM-162 ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୫. ୱାର୍ଡ ନଂ -୭ ଶୈଳଶ୍ରୀବିହାର VIM-242 ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୬. ୱାର୍ଡ ନଂ -୯ ରଙ୍ଗମାଟିଆ ଠାରେ ରଙ୍ଗନାଥ ଦେବ ପାର୍କର ଶୁଭ ଉଦ୍‌ଘାଟନ ।
୭. ୱାର୍ଡ ନଂ -୯ ରଙ୍ଗମାଟିଆ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଉନ୍ନତିକରଣର ଶୁଭ ଉଦ୍‌ଘାଟନ ।
୮. ୱାର୍ଡ ନଂ -୧୩ ହୋମିଓପାଥି ଡାକ୍ତରଖାନା ଗୃହ ନିର୍ମାଣର ଶୁଭ ଉଦ୍‌ଘାଟନ ।
୯. ୱାର୍ଡ ନଂ -୧୩ ଚନ୍ଦ୍ରଶେଖରପୁର BDA Colony ଠାରେ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ ।
୧୦. ୱାର୍ଡ ନଂ -୧୩ ଚନ୍ଦ୍ରଶେଖରପୁର BDA EWS ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୧୧. ୱାର୍ଡ ନଂ -୧୪ ଠାରେ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦ୍‌ଘାଟନ ।
୧୨. ୱାର୍ଡ ନଂ -୧୪ ନିଳାଦ୍ରୀବିହାର ହାଉସିଂ ବୋର୍ଡ -୩ ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୧୩. ୱାର୍ଡ ନଂ -୧୫ ରେଣ୍ଟାଲ କଲୋନୀ ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୧୪. ୱାର୍ଡ ନଂ -୧୬ ମୈତ୍ରୀ ବିହାର ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୧୫. ୱାର୍ଡ ନଂ -୨୨ ଭରତପୁର ଜି.ଏ ପ୍ଲଟ୍ ଏରିଆ ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୧୬. ୱାର୍ଡ ନଂ -୨୫ ଆଇ.ଆର୍.ସି ଭିଲେଜ , ଏନ୍-୪ ଠାରେ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୧୭. ୱାର୍ଡ ନଂ -୮ ପ୍ରାଚୀ ଏନ୍‌କ୍ଲେଭ -୨ ଠାରେ ନିଗମ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ ।

ତା. ୩୧.୦୮.୨୦୧୯ରିଖ ଅପରାହ୍ନ ଘ.୩.୩୦ଟିକା ଠାରୁ...

୧୮. ୱାର୍ଡ ନଂ -୩୮ ନୟାପଲ୍ଲୀ ବ୍ରିଟ୍ କଲୋନୀ ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୧୯. ୱାର୍ଡ ନଂ -୪୬ ୟୁନିଟ୍ - ୬ କଲ୍ୟାଣ ମଣ୍ଡପ ପ୍ରଥମ ମହଲାର ଶୁଭ ଉଦ୍‌ଘାଟନ ।

ତା. ୩୧.୦୮.୨୦୧୯ରିଖ ଅପରାହ୍ନ ଘ.୪.୦୦ଟିକା ଠାରୁ...

୨୦. ୱାର୍ଡ ନଂ -୪୯ ଆଇଗିଣିଆ ରାଜୀବ ନଗର ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୨୧. ୱାର୍ଡ ନଂ -୪୪ ବଡଗଡ ବି.ଡି.ଏ EA Colony ଅମୃତ ପାର୍କର ଶୁଭ ଉଦ୍‌ଘାଟନ ।
୨୨. ୱାର୍ଡ ନଂ -୨୩ ସମ୍ ହସପିଟାଲ ଠାରୁ BDA Colony ରାସ୍ତା ଆଲୋକୀକରଣର ଶୁଭ ଉଦ୍‌ଘାଟନ ।

ଉକ୍ତ ଉତ୍ସବ ମାନଙ୍କରେ ବହୁସଂଖ୍ୟାରେ ଯୋଗଦାନ କରି ଉପରୋକ୍ତ କାର୍ଯ୍ୟକ୍ରମ ଗୁଡିକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଆପଣମାନଙ୍କୁ ସାଦର ଆମନ୍ତ୍ରଣ

ଏବଂ ତା.୦୨ ଓ ୦୩ ସେପ୍ଟେମ୍ବର ଭୁବନେଶ୍ୱର ମହାନଗର ନିଗମ ରିକ୍ରିଏସନ କ୍ଲବ ତରଫରୁ ନିଗମ କର୍ମଚାରୀ ମାନଙ୍କ ଦ୍ୱାରା ରବିନ୍ଦ୍ର ମଣ୍ଡପ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ୫୦ ତମ ନାଟକ "କୁହୁଡି ନଇ" ସନ୍ଧ୍ୟା ୭ ଘଟିକା ଠାରୁ....

ଡ଼ଃ. ପ୍ରେମ ଚନ୍ଦ୍ର ଚୌଧୁରୀ,ଭା.ପ୍ର.ସେ
କମିଶନର

ଡ଼ଃ. ସଂଗ୍ରାମ ଜିତ୍ ନାୟକ,ଭା.ପ୍ର.ସେ
ପ୍ରଶାସକ

ଏବଂ ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ
ମହାନଗର ନିଗମ ପରିବାର

ସହଯୋଗୀତା ମାଧ୍ୟମରେ ପ୍ରଗତି - ଏକ ସୁନ୍ଦର ଭୁବନେଶ୍ୱର ପାଇଁ



DSPL-75

ଗାଈଗୋରୁଙ୍କ ଚର୍ମବିଣ୍ଡି ବସନ୍ତ ରୋଗ ଓ ତା'ର ପ୍ରତିକାର

ଚର୍ମବିଣ୍ଡି ବସନ୍ତ ରୋଗର ଲକ୍ଷଣ:

- ଚର୍ମବିଣ୍ଡି ବସନ୍ତ ରୋଗ ଏକ ଭୂତାଣୁ ଜନିତ ରୋଗ ଓ କାପ୍ରିପକ୍ସ ନାମକ ଭାଇରସ ଦ୍ୱାରା ବ୍ୟାପିଥାଏ।
- ଏହା ଏକ ସଂକ୍ରାମକ ରୋଗ। ମଶା, ଡାଆଁଶ ଓ ଟିଙ୍କମାନେ ଏ ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି।
- ଘା', ରକ୍ତ, ଲାଳ, ସିଙ୍ଘାଣି ଓ ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପଶୁର ଶରୀରରୁ ଅନ୍ୟ ପଶୁର ଶରୀରକୁ ସଂକ୍ରମିତ ହୋଇଥାଏ।
- ଏହି ରୋଗ ହେଲେ ଗାଈଗୋରୁଙ୍କ ମୁଣ୍ଡ, ବେକ, ଗୋଡ ଓ ପହ୍ନା ଆଦିରେ ଆବୁ ବାହାରିଲା ପରି 'ଫୁଲା' ଦେଖାଯାଏ।
- ଆବୁଗୁଡିକ ଗୋଲାକାର, ଦେଖିବାକୁ କଳା ରଙ୍ଗର ଓ ଛୁଇଁଲେ ଟାଣ ଲାଗିଥାଏ। ଛୋଟ ଆକୃତିର ଆବୁଗୁଡିକ ଆପେ ମିଳେଇଯାଏ କିନ୍ତୁ ଅପେକ୍ଷାକୃତ ବଡ ଆବୁଗୁଡିକ ଗାଈଗୋରୁଙ୍କ ଶରୀରରେ କିଛି ମାସ ପର୍ଯ୍ୟନ୍ତ ରହିଥାଏ।
- ଆକ୍ରାନ୍ତ ଗାଈଗୋରୁଙ୍କ ଶରୀରର ତାପମାତ୍ରାରେ ବୃଦ୍ଧି ଘଟି ସେମାନେ ଜ୍ୱରରେ ପଡ଼ନ୍ତି ଓ ଚାଲିବାରେ କଷ୍ଟ ଅନୁଭବ କରିଥାନ୍ତି।

ନିରାକରଣ:

- ଆଶୁଚିକିତ୍ସା ପ୍ରଦାନ କଲେ ଏହି ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ଏ ରୋଗରେ ପ୍ରାୟତଃ ଗାଈଗୋରୁଙ୍କ ମୃତ୍ୟୁ ହୁଏନାହିଁ। ତେଣୁ ଭୟଭୀତ ନହୋଇ ନିଜେ ପାଳିଥିବା ଗୋରୁଗାଈଙ୍କ ଯତ୍ନ ନିଅନ୍ତୁ।
- ଆକ୍ରାନ୍ତ ଗୋରୁଗାଈଙ୍କୁ ସୁସ୍ଥ ପଶୁଙ୍କ ଠାରୁ ଦୂରରେ ରଖନ୍ତୁ। ନୂଆକରି ଆଣିଥିବା ଗୋରୁଗାଈଙ୍କୁ ଅତି କମରେ ତିନି ସପ୍ତାହ ପର୍ଯ୍ୟନ୍ତ ଅଲଗା ରଖନ୍ତୁ।
- ଗାଈଗୋରୁଙ୍କୁ ମଶା, ଡାଆଁଶ ଓ ଟିଙ୍କ ଦାଉରୁ ରକ୍ଷା କରନ୍ତୁ। ଗୁହାଳ ପରିଷ୍କାର ରଖିବା ସାଙ୍ଗକୁ ଗୁହାଳ କାନ୍ଥରେ ଥିବା ଫାଟଗୁଡିକୁ ଆବଦ୍ଧ କରନ୍ତୁ।
- ଗୁହାଳ ଚତୁଃପାର୍ଶ୍ୱରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଓ ଗୁହାଳ ଠାରୁ ଉପଯୁକ୍ତ ଦୂରତାରେ ଗୋବର ପକାଇବାର ବ୍ୟବସ୍ଥା କରନ୍ତୁ।
- ଆକ୍ରାନ୍ତ ପଶୁଙ୍କୁ ଅନ୍ୟ ପଶୁଙ୍କ ସହ ଚରିବାକୁ ଛାଡନ୍ତୁ ନାହିଁ।
- ରୋଗ ଲାଗିଥିବା ସମୟରେ ଗୋରୁଗାଈଙ୍କ କିଣାବିକା କରନ୍ତୁ ନାହିଁ ଓ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରନ୍ତୁ ନାହିଁ।
- ଗାଈଗୋରୁଙ୍କୁ ଉପଯୁକ୍ତ ପରିମାଣର ଦାନା ଓ ସବୁଜ ଘାସ ଖାଇବାକୁ ଦିଅନ୍ତୁ, ପିଇବା ପାଇଁ ପର୍ଯ୍ୟାପ୍ତ ପରିମାଣ ସ୍ୱଚ୍ଛ ପାଣିର ବ୍ୟବସ୍ଥା କରନ୍ତୁ।
- ଆବୁ ଫାଟି ଘା' ସୃଷ୍ଟିହେଲେ ସେଥିରେ ମାଛିରୋଧକ ଆଣ୍ଟିସେପ୍ଟିକ ମଲମ ଲଗାଇବାର ବ୍ୟବସ୍ଥା କରନ୍ତୁ। ଗାଈଗୋରୁଙ୍କ ଶରୀରର ତାପମାତ୍ରା ବୃଦ୍ଧି ରୋକିବାକୁ ଆଣ୍ଟିପାଇରେଟିକ ଔଷଧ ଓ ଦ୍ୱିତୀୟ ପର୍ଯ୍ୟାୟ ଜୀବାଣୁ ସଂକ୍ରମଣ ରୋକିବାକୁ ଆଣ୍ଟିବାୟୋଟିକ୍ସ ଔଷଧ ପ୍ରଦାନ କରିବାର ବ୍ୟବସ୍ଥା କରନ୍ତୁ।
- ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ସଚେତନତା ସୃଷ୍ଟି କରାଯାଇ ଏ ରୋଗର ଚିକିତ୍ସା କରାଯାଉଛି। ତେଣୁ କୌଣସି ଅଞ୍ଚଳରେ ଏ ରୋଗ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀଧନ ନିରୀକ୍ଷକ, ପ୍ରାଣୀଚିକିତ୍ସକ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ଖବର ଦିଅନ୍ତୁ। ପ୍ରତି ବ୍ଲକରେ ଉପଲବ୍ଧ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବାର ସୁଯୋଗ ନିଅନ୍ତୁ।

ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା, ଓଡିଶା, କଟକ

06014/13/0008/1920



ଈଶ୍ୱରଙ୍କ ନାମ ଆଗରେ ଜାତି ଧର୍ମର ବିଦ୍ୱେଶ ରହିବା ଉଚିତ ନୁହେଁ।

- ଗୁରୁ ନାନକ

## ସଂକ୍ଷେପରେ

### ଭୋଜିରେ ମାତିଲେ ଶିକ୍ଷକ

କୁଚିଣ୍ଡା, ୩୦।୮ (ଡି.ଏନ.ଏ.) ସମ୍ବଲପୁର ଜିଲା କୁଚିଣ୍ଡା ଶିକ୍ଷା ଜିଲା ଅଧୀନ ବିଭିନ୍ନ ବିଦ୍ୟାଳୟରୁ ୨୫ ଜଣ ଶିକ୍ଷକଙ୍କୁ ଗତ ୨୭ ତାରିଖ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ବାଳକ ବିଦ୍ୟାଳୟରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାର ଖାତା ଦେଖା ପାଇଁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଏମାନଙ୍କ ଭୋଜି ବ୍ୟବସ୍ଥା କରିବାକୁ ଅନ୍ୟ ୧୨ ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା । ହେଲେ ଏହି ୧୨ ଜଣ ଶିକ୍ଷକ ବିନା ଛୁଟି ଦରଖାସ୍ତରେ ଆସି ଶିକ୍ଷା ଅଧିକାରୀଙ୍କୁ ଖୁସି କରିବା ପାଇଁ ମସଗୁଲ ଥିଲେ। ତେବେ ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଉକ୍ତଦିନ ୨୫ ଜଣ ଶିକ୍ଷକ ଖାତା ଦେଖୁ ଥିଲେ। ତେଣୁ ସେମାନଙ୍କ ଖାଇବା ବ୍ୟବସ୍ଥା ପାଇଁ କିଛି ଲୋକ ଦରକାର। ଏଣୁ ସେହି ୧୨ ଜଣ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିଲା। ଏହା କରା ଯାଇପାରିବ। ଏଥିରେ କୌଣସି ଅସୁବିଧା ନାହିଁ ବୋଲି ନିର୍ଭୟର ସହ କହିଛନ୍ତି।

### ପାଚିକା-ସହାୟିକା ସଂଘର ୮ଦଫା ଦାବିପତ୍ର ପ୍ରଦାନ

ରେଢାଖୋଲ ୩୦।୮(ଡି.ଏନ.ଏ.) ଓଡିଶା ମଧାହ୍ନ ଭୋଜନ ପାଚିକା-ସହାୟିକା ସଂଘ ରେଢାଖୋଲ ଶାଖା ପକ୍ଷରୁ ଶୁକ୍ରବାର ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ ଦଫା ଦାବିପତ୍ର ବିଇଓଙ୍କୁ ପ୍ରଦାନ କରାଯାଇଛି। ଏମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ପାଚିକା-ସହାୟିକାଙ୍କ ଅବସର ବୟସ ୬୨ ବର୍ଷକୁ ବୃଦ୍ଧି କରିବାକୁ ବିଜ୍ଞପ୍ତି ପ୍ରକାଶ ସହ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟକୁ ଏହା ପଠାଇବା, ମାସିକ ଦରମା ୨୦ ହଜାର ଟଙ୍କାକୁ ବୃଦ୍ଧି, ବର୍ଷକୁ ୨ଟି ଶାଢି ପ୍ରଦାନ, ଇପିଏଫ, ପେନସନ ଓ ବୀମା କରାଯିବା ଆଦି ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି ।

### ପ୍ରଧାନମନ୍ତ୍ରୀଙ୍କ ସହ ଚନ୍ଦ୍ରୟାନ୍-୨ ଦେଖିବେ ଡିଏଭି ସ୍କୁଲ ଛାତ୍ର

ସମ୍ବଲପୁର, ୩୦।୮ (ବ୍ୟୁରୋ) ଆସନ୍ତା ସେପ୍ଟେମ୍ବର ୭ ତାରିଖ ଚନ୍ଦ୍ରୟାନ୍-୨ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ। ଏହା ଦେଖିବାକୁ ବାଙ୍ଗାଲୋରସ୍ଥିତ ଇସ୍ରୋଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୁର୍ଲା ମହାନଦୀ କୋଇଲା କମ୍ପାନୀ ଦ୍ୱାରା ପରିଚାଳିତ ବନ୍ଧବାହାଲ ଡିଏଭି ସ୍କୁଲ ଛାତ୍ର ଚିନ୍ମୟ ଚୌଧୁରୀ ନିମନ୍ତ୍ରିତ ହୋଇଛନ୍ତି। ଏମସିଏଲ ଲଖନପୁର କ୍ଷେତ୍ରରେ କାର୍ଯ୍ୟରତ ପଙ୍କଜ କୁମାର ଚୌଧୁରୀ ଓ ଦୀପ୍ତିରାଣୀ ପଟେଲଙ୍କ ପୁଅ ଚିନ୍ମୟ ଅଷ୍ଟମ ଶ୍ରେଣୀ ଛାତ୍ର । ଶୁକ୍ରବାର ଚିନ୍ମୟଙ୍କୁ ଏମସିଏଲ ମହାନଦୀ କୋଇଲା କମ୍ପାନୀ ନିର୍ଦ୍ଦେଶକ ତଥା ପରିଚାଳନା ଅଧକ୍ଷ ଭୋଲାନାଥ ଶୁକ୍ଳା ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ଯେ, ମହାକାଶ କୁଇଜ୍- ୨୦୧୯ ପ୍ରତିଯୋଗିତାରେ ଚିନ୍ମୟ ଶ୍ରେଷ୍ଠ ସ୍ଥାନରେ ରହିଥିଲେ । ତେଣୁ ବାଙ୍ଗାଲୋରସ୍ଥିତ ଇସ୍ରୋରୁ ଚିନ୍ମୟଙ୍କୁ ଚନ୍ଦ୍ରୟାନ- ୨ ଚନ୍ଦ୍ରପୃଷ୍ଠରେ ଅବତରଣ ଦେଖିବାକୁ ନିମନ୍ତ୍ରଣ କରାଯାଇଛି।

### ବୁର୍ଲା ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ

ଚିପିଲିମା, ୩୦।୮ (ଡି.ଏନ.ଏ.) ବୁର୍ଲା ରୋଟାରୀ କ୍ଲବ ଗୃହରେ ବୁର୍ଲା ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ଏକ ସଭା ଇଂ. ସୁରେନ୍ଦ୍ର ସିଂ କାବଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଜୟ ତ୍ରିପାଠୀ, ଧ୍ରୁବ ପ୍ରସାଦ ପଣ୍ଡା, ନିରଞ୍ଜନ ପଟ୍ଟନାୟକ, ଅଭୟ ପାଢ଼ୀ, ପ୍ରଭଞ୍ଜନ ବେହେରା, ବିଜୟ ଦାଶ, ବସନ୍ତ ପଣ୍ଡା, ନାରାୟଣ ପତି, ରବୀନ୍ଦ୍ର ନାୟକ, ରାଜକିଶୋର ଜାଜୋଡିଆ, ସନ୍ତୋଷ କାନୁନଗୋ, ଦୀପ୍ତିକାନ୍ତ ଠାକୁର, ଗୋପିନାଥ ବଡପଣ୍ଡା, ଓପି ନାୟାର, ରାମ ଅବତାର ଅଗ୍ରୱାଲ, ଶୁରେଶ ଚନ୍ଦ୍ର ପଣ୍ଡା, ହରିଶ ବାଲି, ସୁବାଷଚନ୍ଦ୍ର ମିଶ୍ର, ଶରତଚନ୍ଦ୍ର ବାରିକ, ସନ୍ତୋଷ ପଣ୍ଡା, ରଶ୍ମିରଞ୍ଜନ ଶତପଥୀ, କୈଳାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟକୁ ଆସିଥିବା ମୋ ସ୍କୁଲ ଅଭିଯାନର ଜମା ଅର୍ଥ କିପରି ଭାବେ ବିନିଯୋଗ ହେଉଛି ତାହା ଉପରେ ଆଲୋଚନା ହୋଇଥିଲା ।



ବୁର୍ଲା ଥାନା ଗୋଶାଳା ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିବା ଅସହାୟ ବିଧବା ବୃଦ୍ଧା ବିଳାସିନୀ କ୍ଷେତ୍ରୀଙ୍କୁ ଉଦ୍ଧାର କରି ସମ୍ବଲପୁର କୁଲ୍ଲୁଥକାନିସ୍ଥିତ ପରିଚୟ ସେବାଶ୍ରମରେ ଥଇଥାନ କରିବାକୁ ନିଆଯାଉଛି।



ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ସାନସାହି ଗ୍ରାମବାସୀ ଜିଲାପାଳ ଶୁଭମ୍ ସକ୍ସେନାଙ୍କୁ ଭେଟି ରାସ୍ତା ନିମାଣ କାମ ପାଇଁ ଦାବି କରିବାକୁ ଆସିଛନ୍ତି।

### ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

# ଗୋରୁଗାଈ, ଛେଳି ରଖି ନ ଥିବା ଲୋକଙ୍କୁ ଗୁହାଳ

ରେଢାଖୋଲ,୨୯।୮(ଡି.ଏନ.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନା ଅଧୀନରେ ଗ୍ରାମାଞ୍ଚଳରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ପାଇଁ ଆଦିବାସୀ, ହରିଜନ, ଭୂମିହୀନ ଓ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ଗାଈ ଓ ଛେଳି ଗୁହାଳ ନିର୍ମାଣ କରିବାକୁ ହିତାଧିକାରୀ ଚୟନ କରାଯାଇ ଅର୍ଥ ମଞ୍ଜୁର କରାଯାଉଛି। ତେବେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଛି। ରେଢାଖୋଲ ବ୍ଲକ ଅନ୍ତର୍ଗତ ଭରତାପୁର ପଞ୍ଚାୟତରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ଜନସାଧାରଣ ବିଡିଓ ପରିକ୍ଷିତ ସାହୁଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଯେଉଁ ଲୋକଙ୍କ ଗୋରୁଗାଈ କି ଛେଳି ନାହାନ୍ତି ସେମାନଙ୍କୁ ଏହି ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ଗୁହାଳ ନିର୍ମାଣ ପାଇଁ ଚୟନ କରାଯାଇଛି। ଏପରିକି ଜଣେ ଜଣେ ହିତାଧିକାରୀ ଙ୍କୁ କୂଅ ଓ ଗୁହାଳ ନିର୍ମାଣ କରିବାକୁ ଚୟନ କରାଯାଇଥିବା ନେଇ ଅଭିଯୋଗ କରାଯାଇଛି। ପ୍ରକୃତ ହିତାଧିକାରୀ ଚୟନ କରାଯାଇ ଯୋଜନାରେ ଅର୍ନ୍ତଭୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ୱାର୍ଡ ମେମ୍ବର ରମାକାନ୍ତ ପ୍ରଧାନ, ରଞ୍ଜନ କୁମାର ନାଗ, ତାରେଣି ମହାନନ୍ଦ, ଗଣେଶ ସାହୁ, ଚନ୍ଦ୍ର ଧଳ, ନୂତନ ନାଗ, କରୁଣାକର ପ୍ରଧାନ, ରାଜକୁମାର ପ୍ରଧାନଙ୍କ ସମେତ ବହୁ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ତେବେ ଏହାର ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀ ଚୟନ କରାଯିବ ବୋଲି ବିଡିଓ ପରିକ୍ଷିତ ସାହୁ କହିଛନ୍ତି।

## ରାଜ୍ୟ କ୍ରୀଡ଼ା ଛାତ୍ରାବାସକୁ ରାଣୀ ନାଏକ ମନୋନୀତ



ରେଢାଖୋଲ,୩୦।୮(ଡି.ଏନ.ଏ.)

ରେଢାଖୋଲ ସହରର ଶୁଣ୍ଢିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନରତ ପଞ୍ଚମ ଶ୍ରେଣୀ ଛାତ୍ରୀ ରାଣୀ ନାଏକ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ରାଜ୍ୟ କ୍ରୀଡା ଛାତ୍ରାବାସ ପାଇଁ ମନୋନିତ ହୋଇଛନ୍ତି। ଗତ ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଶିବିରରେ ସମ୍ବଲପୁର ଜିଲା ତରଫରୁ ଭାଗ ନେଇ ସନ୍ତରଣ ବିଭାଗରେ ସେ ମନୋନିତ ହୋଇଛନ୍ତି। ଭାରତ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ରାଣିଙ୍କ ପାଠପଢା ସହ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଜଣାପଡିଛି। ରାଣୀଙ୍କ ଏହି ସଫଳତା ପାଇଁ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘ, ଖେଳ ଶିକ୍ଷକ ପ୍ରକାଶ ପଣ୍ଡା, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ରାଣୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ରାଣୀଙ୍କ ଘର ନାକ୍ଟିଦେଉଳ ବ୍ଲକ ପାଣିମୋରା ପଞ୍ଚାୟତର ଶଙ୍ଖଭାଙ୍ଗୁଣି ଗ୍ରାମରେ। ଅମିନ ନାୟକଙ୍କ ସେ ସାନ ଝିଅ। ସୂଚନାଯୋଗ୍ୟ, ରାଣୀଙ୍କ ବଡ ଭଉଣୀ ନିଲାଦ୍ରୀ ନାଏକ ମଧ୍ୟ ଗତ ବର୍ଷ ସନ୍ତରଣ ବିଭାଗରେ ମନୋନିତ ହୋଇ କ୍ରୀଡା ଛାତ୍ରାବାସରେ ରହୁଛନ୍ତି।

## ‘ଅପରାଧିକ କାର୍ଯ୍ୟକଳାପରେ ରୋକ’



ଅପରାଧିକ କାର୍ଯ୍ୟକଳାପ ରୋକିବାକୁ ଦାବିକରି ଏକ ପ୍ରତିନିଧି ଦଳ ଡିଆଇଜି ହିମାଂଶୁ ଲାଲଙ୍କୁ ଭେଟୁଛନ୍ତି।

ସମ୍ବଲପୁର,୩୦।୮(ବ୍ୟୁରୋ) ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ ଏକ ପ୍ରତିନିଧି ଦଳ ସହ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ଓ ଏସ୍‌ପି ଡ.କନୱର ବିଶାଲ ସିଂଙ୍କୁ ଭେଟିଛନ୍ତି। ଜିଲାରେ ଅପରାଧିକ ମାମଲା ବଢିବାରେ ଲାଗିଛି । ରେଙ୍ଗାଲି ଅଞ୍ଚଳରେ କଳକାରଖାନା ଥିବାରୁ ଅଧିକ ଅପରାଧ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ନିଶା କାରବାର, ଲୁଟ୍, ଡାକୟତି ହେଉଛି । ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ । ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଉ । ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଉ ବୋଲି ବିଧାୟକଙ୍କ ସହ ହୀରାଲାଲ ବେହେରା, ସୁନୀଲ ମିଶ୍ର, ଉଗ୍ରସେନ ସାହୁ, ବଷ୍ଣୁ ପ୍ରଧାନ, ମୁରଲୀ ମିଶ୍ର, ଫଣିନ୍ଦ୍ର ପଟ୍ଟନାୟକ ଓ ଆର୍ତ୍ତତ୍ରାଣ ବାଗ ପ୍ରମୁଖ ଦାବି କରିଛନ୍ତି।

### ବାଳିକା ହାଇସ୍କୁଲକୁ ନାପକିନ୍ ଭେଣ୍ଡିଂ ମେଶିନ ପ୍ରଦାନ

ଚିପିଲିମା, ୩୦।୮ (ଡି.ଏନ.ଏ)

ବୁର୍ଲା ଲାୟନ୍ସ କ୍ଲବ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଏକ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ ପ୍ରଦାନ କରାଯାଇଛି। ଏହି ଅବସରରେ ହାଇସ୍କୁଲ ପରିସରରେ ଲାୟନ୍ସ କ୍ଲବ ସଭାପତି ଆଇନଜୀବୀ ଅରୁଣ କୁମାରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ମହାନଗର ନିଗମର ନୋଡାଲ ଅଧିକାରୀ ଅପର୍ଣ୍ଣା ପାଢ଼ୀ ଯୋଗ ଦେଇ ଏହି ମେଶିନର ଉଦ୍‌ଘାଟନ କରିଥିଲେ। ସନ୍ତୋଷ ଶତପଥୀ, ଅଜିତ ନନ୍ଦ, ସୁନୀଲ ତୁଲି, ସୀମା ଶତପଥୀ, ପ୍ରଫୁଲ୍ଲ ମିଶ୍ର, ସୁବ୍ରତ ଚୌଧୁରୀ, ସୁଧାରାଣୀ ଚୌଧୁରୀ, ସଂପ୍ରୀତି ପାଲ, ବନ୍ଦନା ମହାନ୍ତି, ଜାନକି ମହାପାତ୍ର, ନମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସରକାରୀ ମହିଳା କଲେଜରେ ଶପଥ ଗ୍ରହଣ ଉତ୍ସବ

ସମ୍ବଲପୁର, ୩୦।୮ (ବ୍ୟୁରୋ)

ସମ୍ବଲପୁର ସରକାରୀ ମହିଳା କଲେଜ ସଭା କକ୍ଷରେ ଫିଟ୍ ଇଣ୍ଡିଆ ଆନ୍ଦୋଳନର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଜିତେନ କୁମାର ମିଶ୍ର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନଙ୍କୁ ଶପଥ ଗ୍ରହଣ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦିଲ୍ଲୀ ସ୍ଥିତ ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କଲେଜ ପକ୍ଷରୁ ପ୍ରଦର୍ଶିତ କରାଯାଇଥିଲା । ଏଥିସହ ଜାତୀୟ କ୍ରୀଡା ଦିବସ ମଧ୍ୟ ପାଳନ କରାଯାଇଥିଲା। କଲେଜ ଏନସିସି, ଏନଏସଏସ, ରେଡକ୍ରସ ଛାତ୍ରୀମାନେ ଯୋଗ ଦେଇଥିଲେ । ଡ. ଶ୍ରାବାଣୀ ମିଶ୍ର, ଡ. ନିବେଦିତା ନାଥ, କ୍ୟାପଟେନ୍ ସରିତା ନାୟକଙ୍କ ତତ୍ତ୍ୱାବଧାନରେ ସାମୂହିକ ଯୋଗାଭ୍ୟାସ ଓ ଶାରୀରିକ ବ୍ୟାୟମ କରାଯାଇଥିଲା ।

## ମନ୍ତ୍ରୀମୁଣ୍ଡାରେ ଚାଇଲ୍ଡ ଲାଇନର ଖୋଲାମଞ୍ଚ

ସମ୍ବଲପୁର,୩୦।୮ (ବ୍ୟୁରୋ)




କୁଚିଣ୍ଡା ଚାଇଲ୍ଡ ଲାଇନ ପକ୍ଷରୁ ମନ୍ତ୍ରୀମୁଣ୍ଡାରେ ଖୋଲାମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଫୁଲତୁଲୀ କିସାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସଭାପତି କୃଷ୍ଣ କିସାନ, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସରୋଜିନୀ କୁସୁମ ଉପସ୍ଥିତ ଥିଲେ । ଚାଇଲ୍ଡ ଲାଇନ ସଦସ୍ୟ ନାମାନୀ ହେମ୍ବ୍ରମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଶୁମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ହୋଇଥିଲା। ଶେଷରେ ସରୋଜ କୁମାର ପୃଷ୍ଠେଠ ଧନ୍ୟବାଦ ଦେଇଥିଲେ ।

## ଗଡଗଡ ବାହାଲରେ ୪ ଶହ ଚାରା ଲାଗିଲା

ସମ୍ବଲପୁର,୩୦।୮(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଗଡଗଡ ବାହାଲ ନିକଟରେ ଶୁକ୍ରବାର ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଚାର ବିଭାଗ ଓ ବନ ବିଭାଗ ମିଳିତ ଅନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଜଜ ସନ୍ତୋଷ କୁମାର ଜେନା ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରାୟ ୪ ଶହ ଚାରା ରୋପଣ କରାଯାଇଥିଲା। ଅଇଁଲା, ବାହାଡା, କରଞ୍ଜ, ଆମ୍ବ, ପଣସ, ପିଜୁଳି, ନୀଳଗିରୀ ପ୍ରମୁଖ ଚାରା ରୋପଣ କରାଯାଇଥିଲା । ଫ୍ୟାମିଲିକୋର୍ଟ ବିଚାରପତି ଅନୁପ ଚନ୍ଦନ, ରେଜିାର ବିଭଶ୍ୱତ ଗୌତମଙ୍କ ସମେତ ଅନ୍ୟ ଜଜମାନେ ଉପସ୍ଥିତ ଥିଲେ । ସେହିପରି ବନ ବିଭାଗ ପକ୍ଷରୁ ଟାଉନ ରେଞ୍ଜର ଗୌରୀ ଦାସ, ଫରେଷ୍ଟର ସୁନିଲ କୁମାର ଖଲରୀ, ଗଡଗଡ ବାହାଲ ଗ୍ରାମର ସୁରେଶ ପ୍ରଧାନ, କ୍ଷିରୋଧ ପ୍ରଧାନଙ୍କ ସମେତ ଏସ୍ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

## ସ୍ତନ୍ୟପାନ ପାଇଁ ସଚେତନତା

ସମ୍ବଲପୁର, ୩୦।୮ (ବ୍ୟୁରୋ)

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୀତାଞ୍ଜଳି ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କୁବେର ମହନ୍ତ, ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅଙ୍ଗନୱାଡି, ଏଏନ୍ଏମ୍ ଓ ଜିଲାର ବିଭିନ୍ନ ବ୍ଲକରୁ ସିଡିପିଓମାନେ ଯୋଗ ଦେଇଥିଲେ ।



ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ଯୋଗ ଦେଇଥିବା ପ୍ରତିନିଧିମାନେ ।

## ଜରାଜୀର୍ଣ୍ଣ ଅବସ୍ଥାରେ କୁଚିଣ୍ଡା ମହାବିଦ୍ୟାଳୟ ଛାତ୍ରାବାସ

କୁଚିଣ୍ଡା, ୩୦।୮ (ଡି.ଏନ.ଏ.)

କୁଚିଣ୍ଡା ମହାବିଦ୍ୟାଳୟର ଛାତ୍ରାବାସରୁ ପାଣି ଗଳୁଛି। ଝରକା, କବାଟ ଠିକ୍ ଭାବେ ଲାଗୁନାହିଁ। ଛାତ୍ର ସଂଖ୍ୟା ତୁଳନାରେ ପାଇଖାନା, ପରିଶ୍ରାଗାର କିମ୍ବା ସ୍ନାନ ଗାର ନାହିଁ। ଖୋଲା ଆକାଶ ତଳେ ୫ଟି ଟ୍ୟାପ୍‌ରେ ପିଲାମାନେ ଗାଧୋଉଛନ୍ତି। ପାଇଖାନା, ପରିଶ୍ରାଗାର ଗନ୍ଧମୟ ହୋଇ ପଡିଛି। ପାଣି ଗଳିବା ହେତୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଫଳରେ ମଶା, ମାଛି ବଢିବାରେ ସହାୟକ ହେଉଛି। ଏହି ଛାତ୍ରାବାସକୁ ମରାମତି କରିବା ଲାଗି କୁଚିଣ୍ଡା ଉପଜିଲାପାଳ ଓ ଆଇଟିଡିଏପିଏଙ୍କୁ ତତ୍‌କାଳୀନ ଜିଲାପାଳ ସମର୍ଥ ବର୍ମା ନିର୍ଦ୍ଦେଶ ଦେଇଥିଲେ । ହେଲେ ଏଯାଏଁ ଛାତ୍ରାବାସର କୌଣସି ପରିବର୍ତ୍ତନ ହୋଇ ପାରିଲା ନାହିଁ। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ପାଣିଗ୍ରାହୀଙ୍କୁ ପଚାରିବାରୁ ଉଚ୍ଚ ଅଧିକାରୀଙ୍କୁ ଅବଗତ କରା ଯାଇଛି ବୋଲି ପ୍ରକାଶ କରିଛନ୍ତି।

## ଜୁଡୋ ଖେଳାଳି ସମ୍ବର୍ଦ୍ଧିତ

ସମ୍ବଲପୁର, ୩୦।୮ (ବ୍ୟୁରୋ)

ଜଗତସିଂହପୁର ଜିଲା ପାରାଦୀପଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜୁଡୋ ଚାମ୍ପିୟନଶିପ୍‌ରେ ସମ୍ବଲପୁର ଜିଲାର ୩୨ ଜଣ କ୍ରୀଡାବିତ ଭାଗ ନେବେ। ଶୁକ୍ରବାର ଏହି ଦଳ ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପାରାଦୀପ ଯାତ୍ରା କରିଛନ୍ତି । ଜିଲାପାଳ ଶୁଭମ ସକସେନା ଏହି କ୍ରୀଡାବିତମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



"ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି। -ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ

# ଅଭିଯୋଗ ପରେ ତଦନ୍ତ କଲା ଟିମ୍

ସମ୍ବଲପୁର,୩୦।୮ (ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କୁକୁଡାପାଲି ପଞ୍ଚାୟତ ଶିକିରାପାଲୀ ଗ୍ରାମରେ ଅଯୋଗ୍ୟ ହୀତଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି । ଏହାକୁ ନେଇ ଅଭିଯୋଗ ହେଲା ପରେ ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏପିଡି ମହେନ୍ଦ୍ର ମହାପାତ୍ରଙ୍କୁ ନେଇ ଏକ ଟିମ୍ ତଦନ୍ତ କରିଛନ୍ତି । ଶିକିରାପାଲୀ ଗ୍ରାମକୁ ଯାଇ ହିତାଧିକାରୀ ଓ ଗ୍ରାମବାସୀଙ୍କଠାରୁ ପୃଥକ ପୃଥକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟକୁ ଆଧାର କରି ପଦବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପିଡି ତ୍ରିପାଠୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ଗ୍ରାମର ପ୍ରାୟ ୪ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯାଇଥିଲା। ଏହାକୁ ନେଇ ଗ୍ରାମର କେତେକ ବ୍ୟକ୍ତି ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ।

■ ଗଣେଶ ପୂଜା ଶାନ୍ତି କମିଟି ବୈଠକ

# ଡିଜେ ନ ବଜାଇବା ପାଇଁ ପୂଜା କମିଟିକୁ ପୋଲିସର ତାଗିଦ

ଲଖନପୁର,୩୦।୮ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନାରେ ଶୁକ୍ରବାର ଆଇଆଇସି ପ୍ରଶାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଗଣେଶ ପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ, ଏଏସ୍‌ଆଇ ପରକ୍ଷୀତ ସାହୁ, ମନୋଜ ମିଶ୍ର, ପ୍ରକାଶ ପରଡ଼ା, ହାବିଲଦାର ନେତ୍ରାନନ୍ଦ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅଞ୍ଚଳର ୮ଟି ପୂଜା କମିଟି ଉପସ୍ଥିତ ଥିଲେ। ଏଥିରେ ଇବ୍‌ଥର୍ମାଲ ଓମ୍ ଶ୍ରୀ ଗଣେଶ ପୂଜା କମିଟି, ବନ୍ଧବାହାଲ ଆଇବି ସେକ୍ଟର ପୂଜା କମିଟି, ବନ୍ଧବାହାଲ ଇନ୍‌କ୍ଲାରୀ କ୍ଲବ ପୂଜା କମିଟି, ବନ୍ଧବାହାଲ ବସ୍‌ଷ୍ଟାଣ୍ଡ ଗୌଡପଡ଼ା ପୂଜା କମିଟି, ବନ୍ଧବାହାଲ ୟୁଥ୍ କ୍ଲବ୍ ଶାନ୍ତିନଗର ପୂଜା କମିଟି, କର୍ପାବାହାଲ ପୂଜା କମିଟି, ତେଲେନପାଲି ଶିବାୟୁଥ୍



ଶାନ୍ତି କମିଟି ବୈଠକରେ ଉପସ୍ଥିତ ଥିବା ପୋଲିସ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତାମାନେ।

ଆସୋସିଏଶନ ପୂଜା କମିଟି, ତେଲେନପାଲି ଚନ୍ଦନ କ୍ଲବ ପୂଜା କମିଟି ରହିଥିଲେ। ପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୫ନିୟମ କରାଯାଇଥିଲା। ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ପୂଜାରେ ଡିଜି ସାଉଣ୍ଡ ବ୍ୟବହାର ନ କରି ସାଧାରଣ ସାଉଣ୍ଡବକ୍ସ ବ୍ୟବହାର କରିବା, ପୂଜା ମଣ୍ଡପରେ ରାତି ୧୦ଟା ପର୍ଯ୍ୟନ୍ତ ସାଉଣ୍ଡବକ୍ସ ବଜାଇବା, ଭସାଣି ସମୟରେ କେହି ଡିଜି ବ୍ୟବହାର ନ କରିବା, ପ୍ରସେଶନ୍ ସମୟରେ ମାଦକ ଦ୍ରବ୍ୟ ସେବନ ନ କରିବା, ରାତି ୧୦ଟା ମଧ୍ୟରେ ଭସାଣି ଶେଷ କରିବା, ପ୍ରତ୍ୟେକ ପୂଜା କମିଟି ପୂଜା ପୂର୍ବରୁ ପୂଜା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସେଶନ, ଆତସବାଜି ଆଦି ସମସ୍ତ ତଥ୍ୟ ପ୍ରଦାନ କରି ପୋଲିସ ନିକଟରୁ ଅନୁମତି ଗ୍ରହଣ କରିବା ଏସବୁ ନିୟମ ପାଳନ କରି ଶାନ୍ତି ଶୃଙ୍ଖଳାରେ ପୂଜା କରିବା ପାଇଁ ଆଇଆଇସି ମେହେର ପ୍ରତ୍ୟେକ ପୂଜା କମିଟିକୁ ଅନୁରୋଧ କରିଛନ୍ତି। ବୈଠକରେ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଈଶ୍ୱର କଉଡି, ବାବଲୁ ସା, ଗୋପାଳ ନାୟକ, ଲକ୍ଷ୍ମୀଧର ବାରିକ, ପ୍ରଶାନ୍ତ କୁମାର ଜେନା, ବ୍ରଜେଶ କୁମାର ଭଇଁସା, ନେପାଳ ଚନ୍ଦ୍ର ଧୁରୁଆ, ମୁକେଶ ସାହୁ, ରଞ୍ଜନ ଡାକୁଆ, ଗୁରୁଦେବ ରାଉଡିଆ, ସରୋଜ ସୁନାନୀ, ଏ. ଭୋଇ, ଜିତେନ୍ଦ୍ର ସା, ନରେନ୍ଦ୍ର ସାହୁ, ରିଙ୍କୁ ସା, ଏ.ପି. ସେଠୀ, ଏ.କେ. ସାମନ୍ତରାୟ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବସ୍ ଟର୍ମିନାଲରେ ନାପକିନ ଭେଣ୍ଡିଂ ମେଶିନ



ସମ୍ବଲପୁର ଜିଲା ଅଇଁଠାପାଲି ବସଷ୍ଟାଣ୍ଡରେ ନାପକିନ ଭେଣ୍ଡିଂ ମେଶିନ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ।

ସମ୍ବଲପୁର,୩୦।୮ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ବସ୍ ଟର୍ମିନାଲରେ ଶୁକ୍ରବାର ନାପକିନ ଭେଣ୍ଡିଂ ମେଶିନ ସ୍ଥାପନ କରାଯାଇଛି । ଏହାକୁ ବସ୍ ଟର୍ମିନାର ସୁଇପର ଭାବେ କାମ କରୁଥିବା ଶିବାନି ସନ୍ଦିରିଆଙ୍କ ହାତରେ ଉଦ୍‌ଘାଟନ କରାଯାଇଛି । ଏହି ଭେଣ୍ଡିଂ ମେଶିନକୁ ଯୁବ ବ୍ୟବସାୟୀ ସିଦ୍ଧାର୍ଥ ସାହା ପ୍ରଦାନ କରିଛନ୍ତି । ଏହି ମେଶିନରେ ୧୦ ଟଙ୍କା ଭର୍ତ୍ତି କଲେ ୩ଟି ସାନିଟାରି ପ୍ୟାଡ ମିଳିବ। ଏହି ଅବସରରେ ଶ୍ୱେତ କୁମାର ପ୍ରଧାନ, ଶିବ ପ୍ରଧାନ, ଲାୟନ୍ସ କ୍ଲବ ଜୋନ ସଭାପତି ଚରଣଜିତ କୋର, ବୀଣା ବେଦି, ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସମ୍ପାଦକ କାର୍ତ୍ତିକ କଲେତ, ଅବିନାଶ ମିଶ୍ର, କୋଷାଧକ୍ଷ ସୁଶାନ୍ତ ପ୍ରଧାନ, ମହିଳା ସଦସ୍ୟ ବିଳାସିନୀ ନାୟକ, ଉତ୍ତମ ବାଗ, ବିକାଶ ଅଗ୍ରୱାଲ, ମଞ୍ଜୁ ଓରାମ, ମହେଶ୍ୱର ଗର୍ଡିଆଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଦେବଗଡ଼**

- ଜିଲା ଯୋଜନା କମିଟି ମିଟିଂ, ଜିଲା ପରିଷଦ କନଫାରେନ୍ସ ହଲ, ପୂର୍ବାହ୍ନ ୧୧ଟା
- ୱାର୍କସ ବିଭାଗର ରିଭ୍ୟୁ ମିଟିଂ, ବିଭାଗୀୟ ଅଫସ, ଅପରାହ୍ନ ୩ଟା ୩୦।

# ଜିଏମ୍‌ୟୁ ପଡିଆରେ ଫୁଟବଲ ମ୍ୟାଚ



ସମ୍ବଲପୁର ଜିଏମ୍‌ୟୁ ପଡିଆରେ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର, ୩୦।୮ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଡିଆରେ ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଏମ୍‌ୟୁ ରେଡ ବନାମ ଜିଏମୟୁ ହଳଦିଆ ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ହଳଦିଆ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା । ହକି ଯାଦୁଗର ଧ୍ୟାନ ଚାନ୍ଦଙ୍କ ପ୍ରତିଛବିରେ କୁଳପତି ପ୍ରଫେସର ଅତନୁ କୁମାର ପତି ପୁଷ୍ପଅର୍ପଣ କରିଥିଲେ । ଏହାପରେ ଫିଟ୍ ଜିଏମୟୁ କାର୍ଯ୍ୟକ୍ରମ ହୋଇଥିଲା । ଉପକୁଳପତି ଉମାଚରଣ ପତି ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଅର୍ଥ ବିଭାଗ ଅଧିକାରୀ ଦେବବ୍ରତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ରୀଡା ପରିଷଦ ମୁଖ୍ୟ ପ୍ରଦୀପ କୁମାର ହରପାଲ ଧନ୍ୟବାଦ ଅର୍ପଣ କରିଥିଲେ। କିଶୋର ନାୟକ ଓ ଦିବ୍ୟାନି ଶୁକ୍ଳା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କଣ୍ଢେଲ କଲେଜରେ ୧୦ ଦିନିଆ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାରକୋଟ, ୩୦।୮ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଲ କଲେଜର ରେଡକ୍ରସ ଯୁବ ସ୍ୱେଚ୍ଛାସେବୀ ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଚାଲିଥିବା ୧୦ ଦିନିଆ ବୃକ୍ଷରୋପଣ ଯୋଜନାରେ ମୌଜାରେ ଥିବା ୨ ଏକର ୭୦ ଡିସିମିଲ ଜମିରେ ପ୍ରାୟ ତିନି ହଜାର ବୃକ୍ଷ ରୋପଣ କରାଯାଇଛି । ପ୍ରଥମ ଦିନ କଲେଜର ଅଧକ୍ଷା ରଞ୍ଜିତା ନନ୍ଦଙ୍କ ଅଧକ୍ଷତାରେ ଇକୋ ଡେଭଲପମେଣ୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଫାଇନାନ୍ସ ଅଫିସର ଜଗନ୍ନାଥ ପ୍ରଧାନ, ପରିବେଶବିତ ଦୈବ ଲଳିତ ମୋହନ ସାହୁ, ବଳମ ଫରେଷ୍ଟର ମୁହାଣ ବାବୁ ପ୍ରମୁଖ ଯୋଗଦେଇଥିଲେ । ଉପସ୍ଥିତ ଅତିଥିମାନେ ବୃକ୍ଷର ଉପକାରିତା ଏବଂ ଆବଶ୍ୟକତା ଉପରେ ବୁଝାଇଥିଲେ । ରେଡକ୍ରସ କାଉନସିଲର କପୁର ଚାନ୍ଦ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ କଲେଜର ଅଧକ୍ଷା ରଞ୍ଜିତା ନନ୍ଦ ଧନ୍ୟବାଦ ଅର୍ପଣ ସହ ବୃକ୍ଷରୋପଣ ପାଇଁ ଅନୁରୋଧ କରିଥିଲେ ।

# ଭୀମ ଆର୍ମି ଭାରତ ଏକତା ମିଶନ ପକ୍ଷରୁ ବିକ୍ଷୋଭ

ସମ୍ବଲପୁର,୩୦।୮ (ବ୍ୟୁରୋ)

ସମ୍ବଲପୁର ଭୀମ ଆର୍ମି ଏମତା ମିଶନ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଦେଇଥିଲେ । ଦିଲୀରେ ଥିବା ୬ଶହ ବର୍ଷର ପୁରାତନ ରବିଦାସ ମନ୍ଦିର ଭାଙ୍ଗି ଦିଆଯାଇଛି । ଏହାକୁ ବିରୋଧ କରିବାରୁ ଭୀମ ଆର୍ମି ସେନା ମୁଖ୍ୟ ଚନ୍ଦ୍ର ଶେଖର ଆଜାଦ ରାବନଙ୍କ ସମେତ ଅନ୍ୟ ୯୬ ଜଣଙ୍କୁ ପୋଲିସ ଗିରଫ କରିଛି। ଏହାକୁ ଭୀମ ଆର୍ମି ଭାରତ ଏକତା ମିଶନ ନିନ୍ଦା କରୁଛି । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ମନ୍ଦିରକୁ ପୁନଃ ନିର୍ମାଣ କରାଯାଉ ଓ ଗିରଫ କରଯାଇଥିବା କର୍ମକର୍ତ୍ତାମାନଙ୍କ ଉପରୁ ମାମଲା ହଟାଯାଉ ବୋଲି ଉଲ୍ଲେଖ ରହିଛି। କୁନ୍ଦୁରୁ ଦାସଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଭୀମ ଆର୍ମିସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ କୁରଡ ଗ୍ରାମବାସୀ

ଦେବଗଡ,୩୦।୮ (ଡି.ଏନ.ଏ)

୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କରୁଥିବା ନିର୍ମାଣକାରୀ ସଂସ୍ଥା ତିଲେଇବଣି ବ୍ଲକ ଅଧିନ କୁରଡ ଗ୍ରାମଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ କଡରେ ଥିବା କେନାଲ ନିକଟରେ ବେଆଇନ ଭାବେ ମାଟି ପକାଇଦେଇଥିବାରୁ ଜମିକୁ ପାଣି ମାଡିପାରୁନାହିଁ ।ଫଳରେ ପାଣି ଅଭାବରୁ ଏକର ଏକର ଚାଷଜମିରେ ଚାଷ ହୋଇ ନ ପାରି ପଡିଆ ପଡିଛି । ଏହାର ତୁରନ୍ତ ପ୍ରତିକାର କରି ଜମିକୁ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦେବଗଡ ତହସିଲଦାର କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି ।

# ଭତ୍ତା, ଟ୍ରାଇ ସାଇକେଲ ବଣ୍ଟନ

ରେଢାଖୋଲ,୩୦।୮ (ଡି.ଏନ.ଏ.)

ରେଢାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତରେ ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମଙ୍କୁ ଭତ୍ତା ଓ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ବିଡିଓ ପରିକ୍ଷିତ ସାହୁ ଯୋଗଦେଇ ୯ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ୩ ଜଣଙ୍କୁ ଟ୍ରାଇ ସାଇକେଲ ଓ ଜଣଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ। ସରପଞ୍ଚ ନଳିନୀ ଦେହୁରୀ, ଜିପିଇଓ ପଞ୍ଚାନନ ବେହେରା, ଏସଇଓ କିଶୋର ପାତ୍ର, ଯୋଗାଣ ନିରିକ୍ଷକ ପ୍ରତିଭା ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।



ଭତ୍ତା ଓ ଟ୍ରାଇ ସାଇକେଲ ପାଇଥିବା ହିତାଧିକାରୀ।

## ବଜ୍ରପାତରେ ଆହତଙ୍କ ମୃତ୍ୟୁ

ବଡଗାଁ,୩୦।୮ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମର ୪ଜଣ ବ୍ୟକ୍ତି ରବିବାର ଏକମା ଗ୍ରାମରୁ ଚାଲି ଚାଲି ପାମରା ଆସୁଥିଲା ବେଳେ ଅପରାହ୍ନ ସାଢ଼େ ୩ଟାରେ ଜୁନାପଡା ନିକଟରେ ବଜ୍ରପାତ ହେବାରୁ ବିନୋଦ ପୋଢ଼ (୩୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା ବେଳେ ଗୋକୁଳ ପୋଢ଼ (୨୨)ଙ୍କ ଜଙ୍ଘରେ ଆଘାତ ଲାଗିଥିଲା। ଅନ୍ୟ ୨ ଜଣ ଅଶୋକ ଖିଲାରୀ ଓ ବିଷ୍ଣୁ ପୋଢ଼ ସାମାନ୍ୟ ଆହତ ହୋଇଥିଲେ । ଘଟଣା ପରେ ଅଶୋକଙ୍କ ଛାତିରେ ସାମାନ୍ୟ ଯନ୍ତ୍ରଣା ହୋଇଥିଲା। ବୁଧବାର ପର୍ଯ୍ୟନ୍ତ ସେ ଗାଁରେ ବୁଲାବୁଲି କରୁଥିଲେ। ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି।

ଅନ୍ତର୍ଜାତୀୟ ଏସିଆ ପ୍ୟାସିଫିକ୍ ବଡିବିଲ୍ଡିଂ

# ଆର୍ତ୍ତଙ୍କୁ ବ୍ରୋଞ୍ଜ ପଦକ



ଆର୍ତ୍ତତ୍ରାଣ ପ୍ରଧାନ ଟ୍ରଫି ଓ ମେଡାଲ ଗ୍ରହଣ କରୁଛନ୍ତି ।

ସମ୍ବଲପୁର, ୩୦।୮ (ବ୍ୟୁରୋ)

ଅନ୍ତର୍ଜାତୀୟ ଏସିଆ ପ୍ୟାସିଫିକ୍ ବଡିବିଲ୍ଡିଂ ପ୍ରତିଯୋଗିତାରେ ଆର୍ତ୍ତତ୍ରାଣ ପ୍ରଧାନ ଭାରତରୁ ପ୍ରତିନିଧିତ୍ୱ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ବାଙ୍ଗଲୋରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୫ଟି ଦେଶର ୨ଶହ ପ୍ରତିଯୋଗୀ ଭାଗ ନେଇଥିଲେ । ପୂର୍ବରୁ ଆର୍ତ୍ତତ୍ରାଣ ଦେଶରୁ ପ୍ରତିନିଧିତ୍ୱ କରି ସ୍ପେନ୍, ଫ୍ରାନ୍ସ, ଜର୍ମାନୀ, ଫିନଲାଣ୍ଡ, ଇସଲାମାବାଦ୍, ରୁସିଆ, ଫିଲିପାଇନ୍ସଠାରେ ଆୟୋଜିତ ପ୍ରତିଯୋଗୀତା ଭାଗ ନେଇ ୧୩ଥର ପୁରସ୍କୃତ ହୋଇଛନ୍ତି । ସଂପ୍ରତି ଆର୍ତ୍ତ ଓଡିଶା ବଡିବିଲ୍ଡିଂ ଆସୋସିଏଶନର ସାଧାରଣ ସମ୍ପାଦକ ଭାବେ ମଧ ମନୋନୀତ ହୋଇଛନ୍ତି ।

■ ୪୯ ନମ୍ବର ଜାତୀୟ ରାଜପଥ ମରାମତି ଦାବି

# ଭାଜପା ପକ୍ଷରୁ ୧୨ଘଣ୍ଟିଆ ରାସ୍ତାରୋକୋ

ଦେବଗଡ଼, ୩୦।୮ (ଡି.ଏନ.ଏ)

ସହର ଦେଇ ଯାଇଥିବା ମୁମ୍ବାଇ-କୋଲକାତା ସଂଯୋଗକାରୀ ୪୯ନଂ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଏହି ଜାତୀୟ ରାଜପଥର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ଆଣ୍ଠୁଏ ତ ଆଉ କେଉଁଠି ଅଣ୍ଟାଏ ଗଭୀରର ଖାତ ସୃଷ୍ଟି ହୋଇଛି। ଫଳରେ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟିବା ସହ ବହୁ ଧନଜୀବନ ହାନୀ ଘଟୁଛି। ନିର୍ମାଣକାରୀ ସଂସ୍ଥା ଓ ଏନ୍‌ଏଚ୍‌ଏଆଇ.କର୍ତ୍ତୃପକ୍ଷଙ୍କ ଅଦୁରଦର୍ଶିତା ଓ ଦୁର୍ନୀତିଖୋର ମନୋଭାବ ଯୋଗୁ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଖରାପାଗ ହେଲେ ଜାତୀୟ ରାଜପଥରୁ ଏତେ ପରିମାଣର ଧୂଳି ଉଡୁଛି ଯେ, ଜନସାଧାରଣ ଅତିଷ୍ଠ ହୋଇ ସାରିଲେଣି। ଉକ୍ତ ସମସ୍ୟା ସମ୍ପର୍କରେ ଜିଲାବାସୀ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଦାବି



ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି।

କରିବା ସହ ଏନ୍‌ଏଚ୍‌ଏଆଇ.କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରି ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ଏଣୁ ଶୁକ୍ରବାର ଦେବଗଡ ଜିଲା ଭାଜପା ପକ୍ଷରୁ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା । ସକାଳ ୬ ଟାରେ ବିଧାୟକ ପାଣିଗ୍ରାହୀଙ୍କ ନେତୃତ୍ୱରେ ନଗର ଭାଜପା ସଭାପତି ରମଣିକାନ୍ତ ଦାଶ, ଜିଲା ଭାଜପା ଉପସଭାପତି ସତ୍ୟ ନାରାୟଣ ପାଣି, ସମ୍ପାଦକ ଅକାଲୁ ଧଳ, ନଗର ଓବିସି ମୋର୍ଚ୍ଚା ସଭାପତି ଚନ୍ଦ୍ରଶେଖର ମହାପାତ୍ର, ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ଭୂତିଆ, ଅମୀୟ ପ୍ରସାଦ ମିଶ୍ର, ଭୋଳାନାଥ ଦାସ, ସରୋଜ କୁମାର ପାଢୀ,ଦୟାଶଙ୍କର ଦ୍ୱିବେଦୀ,କିଶୋର ବେହେରା, ରାଜେନ୍ଦ୍ର କୁମାର ସାହୁ ,ଦିଲ୍ଲୀପ ଗଙ୍ଗଦେବ, ନରୋତ୍ତମ ସାହୁ, ସୁବ୍ରତ କୁମାର ପାତ୍ରଙ୍କ ସମେତ ଅନ୍ୟ ଭାଜପା ନେତା ଓ କର୍ମୀ ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକରେ ୪୯ ନମ୍ବର ଜାତୀୟ ରାଜପଥରେ ଅବରୋଧ କରି ବିଭିନ୍ନ ନାରାବାଜୀ ଦେଇ ଆନ୍ଦୋଳନ କରିଥିଲେ । ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ମଧ ଏହି ଆନ୍ଦୋଳନରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ । ଏହି ଆନ୍ଦୋଳନ ଜିଲାର ବିଭିନ୍ନ ଅଞ୍ଚଳ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ କରାଯାଇଥିବାରୁ ବସ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନ ବାହାନ ଅଟକି ରହିଥିଲା ଓ ଜନସାଧାରଣ ଅସୁବିଧାର ସମ୍ମୁଖିନ ହୋଇଥିଲେ । ପରେ ପାଣିଗ୍ରାହୀଙ୍କ ସମେତ ୯ଜଣ ଭାଜପା ନେତା ଓ କର୍ମୀଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିବାପରେ ସମସ୍ତଙ୍କୁ ଛାଡିଦେଇଥିଲା ।

ବନ ବିଭାଗ ମୋବାଇଲ ସ୍କ୍ୱାଡ୍‌ର ଚଢାଉ

# ଶାଳକାଠ ବୋଝେଇ ପିକଅପ୍ ଭ୍ୟାନ ଜବତ: ଜଣେ ଗିରଫ

ଦେବଗଡ,୩୦।୮ (ଡି.ଏନ.ଏ)

ଦେବଗଡ ବନଖଣ୍ଡ ବାରକୋଟ ଫରେଷ୍ଟ ରେଞ୍ଜ ଅଧିନ ସମଲଖାଇ ଜଙ୍ଗଲରୁ ଚୋରାଚାଲାଣ ହେଉଥିବାବେଳେ ବନବିଭାଗ ମୋବାଇଲ ସ୍କ୍ୱାର୍ଡ ଦ୍ୱାରା ସାଇଜ କାଠ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ଓ ୧୦୦ ଖଣ୍ଡ ଶାଳକାଠ ଜବତ କରାଯାଇଛି । ପିକଅପ୍ ଭ୍ୟାନ ମାଲିକ କେନ୍ଦ୍ରପଡା ଜିଲା ପଟ୍ଟାମୁଣ୍ଡାଇର ପ୍ରଶାନ୍ତ ପଣ୍ଡାକୁ ମଧ ଗିରଫ କରାଯାଇଛି । ଖବର ମୁତାବକ ସମରଖାଇ ଜଙ୍ଗଲ ନିକଟରେ ବିପୁଳ ପରିମାଣର ସାଇଜ ଶାଳକାଠ ବୋଝେଇ ହୋଇଥିବା ଏକ ପିକଅପ୍ ଭ୍ୟାନ(ନଂ-ଓଡି-୨୧-ଏ-୯୭୫୯) ଚୋରାଚାଲାଣ ନିମନ୍ତେ ଉଦ୍ୟମ କରୁଥିବା କେତେକ ଗ୍ରାମବାସୀ ଦେବଗଡ ବନବିଭାଗକୁ ସୂଚନା ଦୋଇଥିଲେ । ସୂଚନାପାଇ ଦେବଗଡ ଡିଏଫ୍.ଓ. କ୍ଷମା ଷଡଙ୍ଗୀ ଦେବଗଡ ବନବିଭାଗ ମୋବାଇଲ ସ୍କ୍ୱାଡ୍‌କୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୋବାଇଲ ସ୍କ୍ୱାଡ୍ ସଦସ୍ୟ ତଥା ବନ ବିଭାଗ ଡେପୁଟି ରେଞ୍ଜର ମହେନ୍ଦ୍ର କୁମାର ସାହୁ ,ଫରେଷ୍ଟର ଦୀପକ କୁଲୁ ଓ ଫରେଷ୍ଟ ଗାର୍ଡ ବାଣେଶ୍ୱର ପରିଡା ସଦଳବଳେ ସେଠାରେ ପହଞ୍ଚି ଉକ୍ତ କାଠବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରିବାସହ ପିକଅପ୍ ଭ୍ୟାନ ମାଲିକ ପ୍ରଶାନ୍ତକୁ ଗିରଫ କରିଥିଲେ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବା।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ୨ ପଞ୍ଚାୟତରେ ମାସିକ ବୈଠକ

ବିନିକା,୩୦।୮(ଡି.ଏନ୍.ଏ.): ବିନିକା ବ୍ଲକ ଅନ୍ତର୍ଗତ ବାବୁପାଲି ଓ ବାଙ୍କିଘିର୍ଡି ପଞ୍ଚାୟତର ମାସିକ ବୈଠକ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବାବୁପାଲି ପଞ୍ଚାୟତ ଅଫିସରେ ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଲସାପାଲି ଗ୍ରାମରେ ଏକ ସ୍ୱର୍ଗଦ୍ୱାର, ବିଭିନ୍ନ ରାସ୍ତାର ମରାମତି, ପ୍ରଧାନମନ୍ତ୍ରୀ କାର୍ଯ୍ୟାଦେଶ ଶୀଘ୍ର ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିଭଳି ବାଙ୍କିଘିର୍ଡି ପଞ୍ଚାୟତରେ ସରପଞ୍ଚ ମାନସ ବେହେରାଙ୍କ ଅଧ୍ୟକ୍ଷତା ଓ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ଶତପଥୀଙ୍କ ପରିଚାଳନାରେ ମାସିକିଆ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗାଁ ପୋଖରୀ ଲିଜ୍ ନେଇ ମାଛଚାଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିଭଳି ସ୍ୱାବଲମ୍ବୀ ହେବେ, ବର୍ଷା ଦିନରେ ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ନଳକୂପଗୁଡ଼ିକର ବିଶୋଧନ କିଭଳି ହେବ ସେଥିପାଇଁ ୱାର୍ଡ ସଭ୍ୟାସଭ୍ୟା ପ୍ରସ୍ତାବ ଦେଇଥିଲେ।

# ବଳି ଯାତ୍ରା ହେବା ନେଇ ସନ୍ଦେହ

## ପ୍ରସ୍ତୁତି ବୈଠକକୁ ଆସିଲେନି ସକ୍ମା ଗ୍ରାମର ସେବାୟତ

ସୋନପୁର,୩୦।୮(ନି.ପ୍ର.)

ସୁବର୍ଣ୍ଣପୁରରର ପ୍ରସିଦ୍ଧ ବଳି ଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ଅଧିକାରୀ ତଥା ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ, ବରିଷ୍ଠ ନାଗରିକ, ବରୁଆ, ଡାଙ୍ଗୁଆ ଓ ସେବାୟତମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଡାଙ୍ଗୁଆ ଓ ସେବାୟତମାନେ ଯାତ୍ରାରେ ସହଯୋଗ କରିବେ ବୋଲି ସମ୍ମତି ପ୍ରକାଶ କରିଥିଲେ। ତେବେ ଖଉଳ ବଳି ଫିଟାଉ ଥିବା ସ୍ୱାଧୀନ ଡାଙ୍ଗୁଆ ଅଧିକ ପାରିଶ୍ରମିକ ଦାବି କରିବାରୁ ବୈଠକ ଆଉ ଆଗକୁ ବଢ଼ି ପାରି ନ ଥିଲା। ସେହିପରି ଦୋବୋତ୍ତର ବିଭାଗର ନୋଟିସ୍ ପରେ ବି ବିନିକା ବ୍ଲକ ସକ୍ମା ଗ୍ରାମର ପାରମ୍ପରିକ ସେବାୟତମାନେ ଏହି ବୈଠକରେ ଅନୁପସ୍ଥିତ ଥିଲେ। ଦେବୀଙ୍କ ସେବା କାର୍ଯ୍ୟ ପାଇଁ ସୋନପୁର ରାଜା ଏହି ସେବାୟତଙ୍କୁ ୪୯୭ ଏକର ଚାଷଜମି ଯୋଗାଇ ଦେଇଛନ୍ତି ମାତ୍ର ସେମାନେ ଆଉ ସେବା କାର୍ଯ୍ୟ କରୁ ନାହାନ୍ତି, କିନ୍ତୁ ଜମି ଭୋଗ ଦଖଲ କରି ଆସୁଛନ୍ତି। ଭଡ଼ାରେ ବରୁଆ ଆଣି ପରମ୍ପରାକୁ ବଞ୍ଚାଇ ରଖିବାକୁ ପଡୁଛି। ଅନ୍ୟ ସେବାୟତମାନେ ମଧ୍ୟ ରାଜାଙ୍କଠାରୁ ମୂଲ୍ୟବାନ ଜମି ପାଇଛନ୍ତି। କିନ୍ତୁ କିଛି ସେବାୟତ ବଳି ଯାତ୍ରା ସମୟରେ ଦୋବୋତ୍ତର ବିଭାଗ ନିକଟରୁ ଅର୍ଥ ଦାବି କରୁଛନ୍ତି। ଅଧିକ ପାରିଶ୍ରମିକ ନ ମିଳିଲେ ଯାତ୍ରାରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଉଛନ୍ତି। ଫଳରେ ଚଳିତ ବର୍ଷ ବଳିଯାତ୍ରା ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ପୀଠ ସୁବର୍ଣ୍ଣପୁରର ମହାନ ଆଧ୍ୟାତ୍ମିକ ପରମ୍ପରାର ପରିଚାୟକ ହେଉଛି ପ୍ରସିଦ୍ଧ ମହାବଳୀ ଯାତ୍ରା । ଆଶ୍ୱିନ କୃଷ୍ଣ ଅମାବାସ୍ୟାଠାରୁ ପୂର୍ଣ୍ଣମା ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ବିଭିନ୍ନ ଶକ୍ତି ପୀଠରେ ଏହି ଯାତ୍ରା ପାଳନ କରାଯାଏ। ରାଜା ରାଜୁଡ଼ା ଅମଳରୁ ଚାଲି ଆସୁଥିବା ଏହି ଯାତ୍ରା ପାଇଁ ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଥାଏ। ତେଣୁ ଏହି ଯାତ୍ରାକୁ ବଞ୍ଚାଇ ରଖିବା ପାଇଁ ପ୍ରଶାସନ ଓ ସହରର ବୁଦ୍ଧିଜୀବୀ ଉଦ୍ୟମ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ମଲ୍ଲିକ କୁହନ୍ତି ଜମି ପାଇଥିବା ସେବାୟତ ଦେବୀଙ୍କ ସେବା କାର୍ଯ୍ୟ କରିବାକୁ ବାଧ୍ୟ। ଯାତ୍ରାରେ ଅସହଯୋଗ କଲେ ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଦେବୋତ୍ତର ପରିଚାଳକ ଅନନ୍ତ ଚରଣ ବାଗ, ବ୍ୟୋମକେଶ ଦାଶ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଲଡୁକିଶୋର ମଲ୍ଲିକ, ଭୀମସେନ ସିଂହଦେଓ, ଚିରଞ୍ଜିବ ବେରିହା, ରବିନାରାୟଣ ଗୁରୁ, ତ୍ରୈଲୋଚନ ଛତ୍ରିଆ, ଚକ୍ରାୟୁଧ ନାଏକ, ମୋହନ ପ୍ରସାଦ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।



ବିନିକାରେ ଶୁକ୍ରବାର ଦୁଗ୍ଧ ଚାଷୀଙ୍କ ବିକ୍ଷୋଭ।

# ଦୁଗ୍ଧ ଚାଷୀଙ୍କ ବିକ୍ଷୋଭ

ବିନିକା,୩୦।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଦୁଗ୍ଧ ଶୀତଳ ଭଣ୍ଡାର ପରିସରରେ ଶୁକ୍ରବାର ସମ୍ବଲପୁର ସମଲେଶରୀ ଦୁଗ୍ଧ ସଂଘର ୯୫ତମ ପରିଚାଳନା କମିଟିର ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ଦୁଗ୍ଧ ଚାଷୀ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ। ତେବେ ସମଲେଶରୀ ଦୁଗ୍ଧ ସଂଘ ସେମାନଙ୍କ ସ୍ୱାର୍ଥ ପ୍ରତି ଅଣଦେଖା କରୁଥିବା ଅଭିଯୋଗ କରି ଆସୁଥିବା ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନର ଦୁଗ୍ଧ ଚାଷୀ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଗତ ୪ରୁ ୫ ବର୍ଷ ଧରି ଦୁଗ୍ଧ ଚାଷୀମାନଙ୍କୁ ନେଇ କୌଣସି ସଭା କରାଯାଇନାହିଁ । ଏଥିଯୋଗୁ ସେମାନଙ୍କ ସମସ୍ୟା ସମାଧାନ କରିବାରେ ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ବିଫଳ ହେଉଛନ୍ତି। ପରେ ଚାଷୀମାନେ ବିନିକାସ୍ଥିତ ଜଗନ୍ନାଥ ଦୁଗ୍ଧ ସମବାୟ ସମିତି ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବିଭିନ୍ନ ପ୍ରକାର ନାରାବାଜି କରିଥିଲେ। ଦୁଗ୍ଧ ଲିଟର ପିଛା ଦରବୃଦ୍ଧି , ଗୋଖାଦ୍ୟ ସାମଗ୍ରୀ ରିହାତି ଦରରେ ଯୋଗାଣ , ଚାଷୀମାନଙ୍କ ଦୁଗ୍ଧ ଉତ୍ପାଦନ ଓ ଆର୍ଥିକ ଅଭିବୃଦ୍ଧିକୁ ଅଗ୍ରାଧିକାର ଦେବାକୁ ଚାଷୀମାନେ ଏହି ଅବସରରେ ଦାବି କରିଥିଲେ। ଦୀର୍ଘ ସମୟ ଧରି ଦୁଗ୍ଧଚାଷୀଙ୍କ ବିକ୍ଷୋଭ ଯୋଗୁ ବୈଠକ ଆରମ୍ଭ ନ ହେଉଣୁ ବାତିଲ ହୋଇ ଯାଇଥିଲା।

# ବୀରମହାରାଜପୁର ପଞ୍ଚାୟତ ସମିତିର ବୈଠକ

ଅମରପାଲି, ୩୦।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ନବମ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ, ପରିବହନ ଓ ଯୋଜନା ଏବଂ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇଥିଲେ। ମନ୍ତ୍ରୀ ବେହେରା ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତା ପରିଖିବା ସହିତ ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି କାଳିଆ ଯୋଜନାର ହିତାଧିକାରୀ ସ୍ୱଚ୍ଛତାର ସହ ଚୟନ କରି କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବ୍ଲକ ଉପାଧ୍ୟକ୍ଷା ସୁଷମା ଭୋଇ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଟଙ୍କା ଠିକଣା ସମୟରେ ମିଳୁ ନ ଥିବା ଏବଂ ସେହି ଟଙ୍କା ପରବର୍ତ୍ତୀ ସମୟରେ ହିତାଧିକାରୀଙ୍କ ଅଜାଣତରେ ଉଠାଇ ନିଆଯାଉଥିବା ଅଭିଯୋଗ ଆସିଥିଲା। ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ଉପାନ୍ତ ବହଲପଦର ଓ ଦୁର୍ଜନତୈଲା ପଞ୍ଚାୟତରେ କିଡନି ରୋଗୀ ଉଦ୍‌ବେଗଜନକ ବୋଲି କହିବା ସହିତ ଏହାର ପ୍ରତିକାର ଦାବି କରିଥିଲେ। ଏହା ସହିତ ବ୍ରହ୍ମପୁରରୁ ସମ୍ବଲପୁରକୁ ପ୍ରସ୍ତାବିତ ରେଳ ସଂଯୋଗକୁ ବୀରମହାରାଜପୁର ଦେଇ ଯିବାକୁ ପ୍ରସ୍ତାବ ଗୃହୀତ କରିବାକୁ କହିଥିଲେ। ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହରେ ପ୍ରସ୍ତାବିତ ହୋଇଛି । ପିତାମହୁଲ ସରପଞ୍ଚ ସରୋଜ ବାରିକ କୃଷି ବିଭାଗରେ ଅନିୟମିତତା ହେବା ସହିତ ଅଞ୍ଚଳରେ ସାରର କୃତ୍ରିମ ଅଭାବ ହେଉଥିବା ଅଭିଯୋଗ କରିଥିଲେ। ବାଗବର ସମିତି ସଭ୍ୟା ଅଙ୍ଗନୱାଡ଼ି ପାଚିକା ଚୟନରେ ସ୍ୱଚ୍ଛତା ହେଉ ନ ଥିବା ଅଭିଯୋଗ କରିଥିଲେ । ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ ଖେତୀ ଦୁର୍ଜନତୈଲା ଓ ଜଟେସିଙ୍ଗାଠାରେ ଏଲଆଇ କେନ୍ଦ୍ର ଥିଲେ ମଧ୍ୟ ସେଠାରେ ପ୍ରାଣୀଧନ ଚିକିତ୍ସକ ନିଯୁକ୍ତି ହେଉ ନ ଥିବା କହିଥିଲେ । କେଞ୍ଚରିଆପାଲି ସମିତି ସଭ୍ୟା ସବିତା ମିଶ୍ର ତାଙ୍କ ପଞ୍ଚାୟତରେ ପିଡିଏସ ଅନିୟମିତତା ହେଉଥିବା ଅଭିଯୋଗ ଆଣିଥିଲେ । ଅଧ୍ୟକ୍ଷ ସନ୍ତୋଷ ଭୋଇଙ୍କ ପ୍ରସ୍ତାବକ୍ରମେ ଚମ୍ପାପୁରଠାରୁ ହିଲୁଙ୍ଗ ପଞ୍ଚାୟତ ଦେଇ ଯୁଜିବି ପର୍ଯ୍ୟନ୍ତ ବାଇପାସ ରାସ୍ତା କରିବାକୁ ପ୍ରସ୍ତାବ ଦେଇଥିଲେ । ସଭା ପ୍ରାରମ୍ଭରେ ବିଡିଓ ନିରଞ୍ଜନ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିପିଓ ଗଗନ ବିହାରୀ ଭୋଇ ବିବରଣୀ ପଠନ କରିଥିଲେ ।



ଉତ୍ସବରେ ପ୍ରଦର୍ଶିତ ଟେରାକୋଟା ହନୁମାନ।

# ସୁବର୍ଣ୍ଣପୁରରେ ଲଙ୍କାପୋଡ଼ି ଉତ୍ସବ

ସୋନପୁର,୩୦।୮(ନି.ପ୍ର.)

ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଅବସରରେ ଶୁକ୍ରବାର ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ପାଳିତ ହୋଇଛି ଲଙ୍କାପୋଡ଼ି। ଏହି ଦିନ ଛୋଟଛୋଟ ଛିଅମାନେ ମାଟି ତିଆରି କୁଣ୍ଡି କାଚି ଆଣି ବାଉଁଶ ନିର୍ମିତ ଟୋକେଇରେ ସାମାଜିକ ଜୀବନର ଭାବ ଆଦାନ ପ୍ରଦାନ କରିଥିଲେ। ସେହିଭଳି ସନ୍ଧ୍ୟାରେ ମାଟି ତିଆରି ହନୁମାନ, ହାତୀ ଓ ଷଣ୍ଢ ଆଦିଙ୍କୁ ପୂଜା କରାଯାଇ ରାସ୍ତାରେ ପିଲାମାନେ ଟାଣିଥିଲେ। ବାଳକମାନେ ମାଟିରେ ତିଆରି ହନୁମାନଙ୍କ ଲାଞ୍ଜରେ ନିଆଁ ଲଗାଇ ରାସ୍ତାରେ ଟାଣିଲା ବେଳେ ରାମ ଲକ୍ଷ୍ମଣ ଜାନକି କି ଜୟ, ବୀର ହନୁମାନ କି ଜୟ ନାରା ଦେଇ ଟେରାକୋଟା ହନୁମାନ, ହାତୀ ଓ ଘୋଡ଼ା ଟାଣିଥିଲେ। ଖାସ ଏଥିପାଇଁ ଟାଉନ ହଲରେ ବିଭିନ୍ନ ସ୍ଥାନରୁ ଆସିଥିବା ହନୁମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ସୋନପୁର ସହର ନୂଆପଡ଼ାର ଅମନ ମେହେର ପ୍ରଥମ, ଢେରାପଡ଼ାର ବି ଆଦିତ୍ୟ ପାତ୍ର ଦ୍ୱିତୀୟ, ମଝିପଡ଼ାର ଅଙ୍କିତ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଶ୍ମିରଞ୍ଜନ ମିଶ୍ର ଓ ରାଧେଶ୍ୟାମ ପୁରୋହିତ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।

ଲଙ୍କାପୋଡ଼ି ମହୋତ୍ସବରେ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାମାୟଣରେ ହନୁମାନଙ୍କ ଲଙ୍କାପୋଡ଼ି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏଠାରେ କେଉଁ ଆବହମାନ କାଳରୁ ପାଳିତ ହୋଇ ଆସୁଥିବା ଏଭଳି ପରମ୍ପରା ବିରଳ ବୋଲି କହିଥିଲେ। ଏହି ପୁରାତନ ପରମ୍ପରାକୁ ବଞ୍ଚାଇ ରଖିବା ଉପରେ ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଉମାଶଙ୍କର କର, ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣପୁରର ମହାନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ମୁଖ୍ୟ ଆୟୋଜକ ଶ୍ୟାମା ଓଁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଟେରାକୋଟା ଶିଳ୍ପୀ ଦିଲ୍ଲିପ ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅମାବାସ୍ୟା ଉପଲକ୍ଷେ ମହାରଣା ସମ୍ପ୍ରଦାୟ ପକ୍ଷରୁ କାଠରେ ତିଆରି ହାତୀ, ଘୋଡ଼ା ଏବଂ ଷଣ୍ଢ ଆଦି ପଶୁଙ୍କର ପୂଜାର୍ଚ୍ଚନା ହୋଇଥିଲା।

# ବୀରମହାରାଜପୁରରେ ସପ୍ତପୁରି ଅମାବାସ୍ୟା



ବୀରମହାରାଜପୁରରେ ପୁରଉଆଁସ ଖେଳ ।

ଅମରପାଲି, ୩୦।୮ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ସପ୍ତପୁରୀ ଅମାବାସ୍ୟା ପାଳିତ ହୋଇଯାଇଛି । ପ୍ରତ୍ୟେକ ଗାଁ ମାନଙ୍କରେ ଛୋଟ ଛୋଟ ପୁଅ ଝିଅମାନେ ପୁରାଉଆଁସ ଖେଳିଥିଲେ। ଗାଁ ମୁଣ୍ଡରେ ବେଦୀ ତିଆରି କରାଯାଇଥିଲା। ପୁଅ ପିଲାମାନେ ମାଟି ଓ କାଠ ତିଆରି ଘୋଡ଼ା, ହାତୀ, ହନୁମାନ ଆଦି ଧରି ଦେବୀ ନିକଟକୁ ଆଣିଥିଲେ। ଛୋଟ ଛୋଟ ଝିଅମାନେ ବାଉଁଶ ତିଆରି ଟୋକେର ଧରି ସେଥିରେ ଲିଆ, ଲଡୁ, ରାଶିଲଡୁ ବିଭିନ୍ନ ପ୍ରକାରର ଭଜା ଚଣା ଆଣି ବେଦୀ ପାଖକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ ମାଟି ଓ କାଠ ତିଆରି ଘୋଡ଼ା, ହାତୀ, ହନୁମାନ ଆଦିକୁ ବନ୍ଦାପନା କରିଥିଲେ। ପରେ ଝିଅମାନେ ଆଣିଥିବା ଚଣା, ଲଡୁ ଆଦିକୁ ବଣ୍ଟାବଣ୍ଟି କରାଯାଇଥିଲା ।



ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ପ୍ରତିନିଧି ।

# ଅମାବାସ୍ୟା ସତ୍‌ସଙ୍ଗ ସମାରୋହ

ଉଲୁଣ୍ଡା, ୩୦।୮(ଡି.ଏନ.ଏ.)

ସାମ୍ପ୍ରତିକ ସମୟରେ ମନୁଷ୍ୟ ହାହୁତାଶ ଅବସ୍ଥାରେ ରହୁଛି। ଏହାର ସମାଧାନ ପାଇଁ ବିଭିନ୍ନ ପ୍ରକାର ପ୍ରୟାସ କରୁଛି। ଏହି ପରିପେକ୍ଷୀରେ ଶ୍ରେଷ୍ଠ ବିକଳ୍ପ ହେଉଛି ଭାଗବତ କଥା। କଥା ଆଶ୍ରୟ କଲେ ଉପରୋକ୍ତ ସମସ୍ୟା ଦୂରିଭୂତ ହୋଇ ଶାନ୍ତି ମିଳିବ ବୋଲି ଶୁକ୍ରବାର ଉଲୁଣ୍ଡା ବ୍ଲକ ବାଘପାଲି ହରିବାବାଙ୍କ ମଠରେ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ବକ୍ତାଭାବେ ଯୋଗଦେଇ କହିଛନ୍ତି ମନରଞ୍ଜନ ବାଘ। ବୃନ୍ଦାବନ ଦାସଙ୍କ ପୌରୋହିତ୍ୟ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ କଳାକାରଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପରେ ନିଜ ସାଥିଙ୍କ ସହ ପୁରାଣ ପଣ୍ଡା, ଶ୍ରୀରାମ ପଣ୍ଡା ଭାଗବତ ସଙ୍ଗୀତମୟ ପାରାୟଣ କରିଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପରିଚାଳନା ପରିଷଦ ସଭାପତି ଦାମୋଦର ମେହେର, ଉପସଭାପତି କାର୍ତ୍ତିକେଶ୍ୱର ବେହେରା, ମହାଦେବ ବିଶି, ଯୁଗେଶ୍ୱର ମେହେର, ଜୀବର୍ଦ୍ଧନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ ଆଇନ ସଚେତନତା ଉତ୍ସବ

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ସୋନପୁର,୩୦।୮(ନି.ପ୍ର.)

ସୁବର୍ଣ୍ଣପୁରର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାସ୍ତରୀୟ ଆଇନ ସଚେତନତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୦ ଗୋଟି ଉଚ୍ଚ ବିଦ୍ୟାଳୟରେ ଥିବା ଷ୍ଟୁଡେଣ୍ଟସ୍ ଲିଗାଲ ଲିଟେରାସୀ କ୍ଲବର ସଦସ୍ୟଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଏବଂ ନାଟକ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୧୩ଟି ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ୍ ରାଜ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୀମା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଜ ମାନସ କୁମାର ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମାନସ ରଞ୍ଜନ ରଥ, ବରିଷ୍ଠ ଦେୱାନୀ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମ୍‌ଏଫସି ଅଙ୍କିତା ଶର୍ମା, ଜେଏମଏସସି ପ୍ରିୟଦର୍ଶନୀ କୁମ୍ଭାର, ପ୍ରତ୍ୟାଶା ରାୟ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା ଓ ବୀରମହାରାଜପୁର ଏସଡିପିଓ ଧୀରୋଜ ଚୋପଦାର ପ୍ରମୁଖ ଯୋଗ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଜବାହାର ନବୋଦୟ ବିଦ୍ୟାଳୟ ତରଭାର ସମୀକ୍ଷା ସ୍ମୃତିରେଖା କର ପ୍ରଥମ, ପ୍ରବନ୍ଧରେ ବୀରମହାରାଜପୁର ଆଦର୍ଶବିଦ୍ୟାଳୟର ପ୍ରିୟଙ୍କା ମେହେର ପ୍ରଥମ, ଚିତ୍ରାଙ୍କନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୋହନ ମହାଳିକ ପ୍ରଥମ ଓ ଡ୍ରାମାରେ ଆଦର୍ଶ ବିଦ୍ୟାଳୟ ଖାରବାହାଲି ଉଲୁଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ଅର୍ଜ୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଇତିଶ୍ରୀ ଥନାପତି, ସିଦ୍ଧାନ୍ତ କୁମାର ବାଘ, କମଳ ଲୋଚନ ବେହେରା, ସୁନୀଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।




ଜିଲା ଜଜ୍ ରାଜକୁମାର ସାହୁ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

କୁଡ଼ାପଡ଼ା-ଖଲିଆପାଲି ରାସ୍‌ତା ସମସିଆ

# ପଲ୍‌ହା ରୁଇ ପରତିବାଦ ଜନାଲେ ୨ ଗାଁର ମହିଲା

ବିନିକା,୩୦।୮(ଡି.ଏନ୍.ଏ)

ବିନିକା ବ୍ଲକ ବାବୁପାଲି ପଁଚେତ୍ ଅଧୀନ କୁଡ଼ାପଡ଼ାରୁ ଖଲିଆପାଲି ତକ୍ ୩ କି.ମି. ରାସ୍‌ତା ବହୁତ୍ ବଛର ହେଲା ଅବହେଲିତ ଅବସ୍‌ତାରେ ପଡ଼ି ରହିଛେ। ବଛରେ କି ଦୁଇ ବଛର ନୁହେ ଦେଶ ସୁଆଧିନ ହେବାର ଆଗ୍‌ରୁ ଇ ରାସ୍‌ତାଟା ଯେନ୍‌ତା ଥିଲା ଆଏଜ୍ ବି ସେ ଅବସ୍‌ତାରେ ପଡ଼ି ରହିଛେ। ହେଲେ ଇ ରାସ୍‌ତା ଉପରେ ପରଶାସନିକ ଅଧିକାରୀ କି ଥାନୀୟ ଲୋକ୍ ପରତିନିଧିମାନକର ନଜର ନାଇଁ ପଡ଼ବାରଟା ନିହାତି ଗୁଟେ ଲାଜ୍‌ଲଜନା କଥା ଆଏ। ରାସ୍‌ତାଟା ଖଲିଆପାଲି ହେଇ ବରଗଡ଼ ଜିଲା ଭେଡ଼େନ୍ ସଂଗେ ଯୁଡ଼ି ହେଇଛେ। ଭେଡ଼େନ ଅଂଚଲକେ ଯିବାର ଲାଗି ଇ ରାସ୍‌ତାଟା ସୁବିଧା ଆର ଅଲପ୍ ବାଟ। ହେଲେ ରାସ୍‌ତାର ବେହାଲ ଅବସ୍‌ତା ଲାଗି ଲୁକ୍‌କର କାମେ ନାଇଁ ଆଏବାର। ରାସ୍‌ତାର ଦୁଇଫାଲେ ବାବୁପାଲି ଆର ଖଲିଆପାଲି ଗାଁର ଚାଷୀକର ଖେତ୍ ରହିଛେ। ଯେନ୍‌ଥିରଲାଗି ସେମାନେ ଉପେ ଶୁଇନ୍ ହେଇ ଇ ରାସ୍‌ତା ବେଭାର କରୁଛନ୍। ଇଆଡ଼େ ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗାଁଗଁଲିର ରାସ୍‌ତାଘାଟର ଉନ୍‌ନତି ଲାଗି ଯୋଜନା ଉପରେ ଯୋଜନା ତିଆର କରି କୋଟି କୋଟି ଟଁକା ସାରୁଛନ୍। ସୂଚନା ଅନ୍‌ସାରେ ଆଏଜ୍‌କେ ୪ ବଛର ତଲେ କୁଡ଼ାପଡ଼ା-ଖଲିଆପାଲି ରାସ୍‌ତା ମଝି ନାଲ୍ ଉପରେ ଆଇଏପି ଅନୁଦାନରୁ ୨୫ ଲାଖ୍ ଟଁକା ଖରଚ୍‌ରେ ଝନେ ଠିକାଦାର ବିନା ସୂଚନା ଫଲକରେ ଗୁଟେ ପୁଲିଆ ତିଆର କରିଥିଲେ। ସେନ୍‌ତା ଆର ଝନେ ଠିକାଦାର ବିନା ସୂଚନା ଫଲକରେ ଗ୍ରାମୀଣ ଗୋପବନ୍ଧୁ ଯୋଜନା ଅନୁଦାନରୁ ୨ ଲାଖ୍ ଟଁକାରେ ନିରଧାରିତ୍ ୫୦ ମିଟର ରାସ୍‌ତାର ଉନ୍‌ନତିକରନ କଲେ। ହେଲେ ଦୁଖର କଥା ରାସ୍‌ତାର ଅବସ୍‌ତା ଆଗ୍‌ରୁ ଯେନ୍‌ତାଥିଲା ଏହେଦେବି ସେନ୍‌ତା ଅଛେ। ଇ ରାସ୍‌ତାଟା ସତେ ଯେନ୍‌ତା ଠିକାଦାର ଆର କେତେ ଲାଁଚୁଆ ଅଧିକାରୀ, କରମଚାରୀକର ଦୁହାଲି ଗାଈ ପାଲଟିଛେ ବଲି ଗାଁବାସୀ ଅଭିଯୋଗ କରିଛନ୍। ଯେନ୍‌ଥିରଲାଗି ଆଏଜ୍ ବାବୁପାଲି ଆର କୁଡ଼ାପଡ଼ାର ମହିଲାମାନେ ଇ ରାସ୍‌ତାରେ ପଲ୍‌ହା ରୁଇ ପରତିବାଦ ଜନେଇଛନ୍। ଆଏବାର ଦିନେ ଯଦି ରାସ୍‌ତାର ଉନ୍‌ନତିକରନ ନାଇଁ ହେବା ଆମେ ଗାଁବାସୀ ରାଜ୍‌ରାସ୍‌ତାକେ ଉତିରମୁ ବଲି ଗାଁର ନବୀନ ବଡ଼ପଣ୍ଡା , ଶାଚୀ ବଡ଼ପଣ୍ଡା , ଗୋପୀନାଥ ହଂସ , ନିର୍ମଳ ମିର୍ଦ୍ଧା , ଲାଲ ମିର୍ଦ୍ଧା, ଠେକୀ ମିର୍ଦ୍ଧା, ଶଙ୍କର ଭୁଏ ପରମୁଖ ପରଶାସନକେ ଚେତାବନୀ ଦେଇଛନ୍।



ଖଲିଆପାଲିରେ ଗାଁର ମହିଳାମାନେ ପଲ୍‌ହା ରୁଉଛନ୍।



"ଭାରତର ପ୍ରାଚୀନ ଯୁଗୀୟ ଜ୍ଞାନକୁ ଆଧୁନିକତା ସହ ଯୋଡ଼ି ବଡ଼ ବଡ଼ ରୋଗର ଚିକିତ୍ସା କରାଯିବା ଦରକାର।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ





## ଆନ୍ଦୋଳନର ପୃଷ୍ଠଭୂମି

ଚାଇନାର ବିବାଦୀୟ ପ୍ରତ୍ୟର୍ପଣ ବିଲ୍ ବିରୋଧରେ ହଂକଂରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ଏବେ ଅଣାୟତ୍ତ। ଆପରାଧିକ ସନ୍ଦିଗ୍ଧମାନଙ୍କୁ ମାମଲାର ବିଚାର ପାଇଁ ଚାଇନାକୁ ପଠାଯିବା ପାଇଁ ଉକ୍ତ ବିଲ୍‌ରେ ବ୍ୟବସ୍ଥା ରହିଥିଲା, ଯାହାକୁ ଜୁନ୍‌ରେ ହଂକଂବାସୀ ବିରୋଧ କରିଥିଲେ। ବିକ୍ଷୋଭ ଯୋଗୁ ଏହାକୁ ସାମୟିକ ସ୍ଥଗିତ କରାଯାଇଥିଲେ ହେଁ କୁହୁଳୁଥିବା ଧୂଆଁ କ୍ରମଶଃ ସରକାର ବିରୋଧୀ ଆନ୍ଦୋଳନର ରୂପ ନେଇସାରିଥିଲା। ଜୁଲାଇରେ ଆନ୍ଦୋଳନକାରୀମାନେ ପାର୍ଲାମେଣ୍ଟରେ ଧସେଇ ପଶି ଏହାର କିଛି ଅଂଶକୁ ଭାଙ୍ଗି ଦେଇଥିଲେ। ବେଜିଂ ଏହାକୁ ଆତଙ୍କବାଦ ସହ ତୁଳନା କରି ଆନ୍ଦୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଗଣତନ୍ତ୍ରର କଣ୍ଠରୋଧ ଉଦ୍ୟମ ଚଳାଇଛି। ଏଥିଯୋଗୁ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହିଂସାର ରୂପ ନେଇଛି। ସଂଘର୍ଷରେ ଉଭୟ ପକ୍ଷର ଅନେକେ ଆହତ ହେଲେଣି। ଆନ୍ଦୋଳନକୁ ଚପାଇଦେବା ପାଇଁ ଚାଇନା ସେନାକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ତେବେ ହଂକଂରେ ସାମରିକ ବଳର ଉପସ୍ଥିତିକୁ ବେଜିଂ ପକ୍ଷରୁ ଖଣ୍ଡନ କରାଯାଇଛି। ପୂର୍ବରୁ ବ୍ରିଟିଶ୍ ଉପନିବେଶ ଥିବା ହଂକଂର ସ୍ୱାୟତ୍ତତା ପାଇଁ ସଙ୍କଟ ସୃଷ୍ଟି ହୋଇଥିବାରୁ ଏହି ସହର ନ୍ୟାୟିକ ସ୍ୱାଧୀନତା ହରାଇପାରେ ବୋଲି ଆଶଙ୍କା କରାଯାଉଛି।

# ହିଂସ୍ର ହେଉଛି ହଂକଂ

ହଂକଂ,୩୦।୮(ଆଇଏଏନ୍‌ଏସ୍)

## ବଢୁଛି ଚାଇନା ଦାଦାଗିରି: ତିନି ଗଣତନ୍ତ୍ର ସପକ୍ଷବାଦୀ ନେତା ଗିରଫ


ଜୋଶୁଆ ୱୋଙ୍ଗ୍


ଅଗ୍‌ନେସ୍ ଚୋ


ଆଣ୍ଡି ଚାନ୍

ହଂକଂରେ ବେଆଇନ ଭାବେ ଶୋଭାଯାତ୍ରା କରିବା ଅଭିଯୋଗରେ ଡେମୋସିଷ୍ଟୋ ପାର୍ଟି ନେତା ଜୋଶୁଆ ୱୋଙ୍ଗ୍‌ଙ୍କ ସମେତ ଗଣତନ୍ତ୍ର ସପକ୍ଷବାଦୀ ୩ ନେତାଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ୨୩ ବର୍ଷୀୟ ୱୋଙ୍ଗ୍ ହେଉଛନ୍ତି ୨୦୧୪ ଅମ୍ବ୍ରେଲା ରିଭୋଲ୍ୟୁଶନ୍‌ର ନେତୃତ୍ୱ ନେଇଥିବା ଅନ୍ୟତମ ପ୍ରମୁଖ ନେତା। ତାଙ୍କ ସହ ସରକାର ବିରୋଧୀ ଆନ୍ଦୋଳନର ପ୍ରମୁଖ ଚେହେରା ତଥା ଗଣତନ୍ତ୍ର ସପକ୍ଷବାଦୀ ଅଗ୍‌ନେସ୍ ଚୋ ଏବଂ ହଂକଂ ନ୍ୟାଶନାଲ ପାର୍ଟି ପ୍ରତିଷ୍ଠାତା ଆଣ୍ଡି ଚାନ୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। ହଂକଂରେ ଏକ ବିଶାଳ ବିକ୍ଷୋଭର ଆୟୋଜନ କରାଯିବାକୁ ଥିବାବେଳେ ପୋଲିସ ଏହା ଉପରେ ରୋକ ଲଗାଇ ସେମାନଙ୍କୁ ହାଜତକୁ ନେଇଛି। ଜୁନ୍ ୨୧ରେ ପୋଲିସ ମୁଖ୍ୟାଳୟକୁ ୧୫ ଘଣ୍ଟା ବେଆଇନ ଭାବେ କବ୍‌ଜା କରିବା ଓ ଲୋକଙ୍କୁ ଉସୁକାଇବା ଅଭିଯୋଗରେ ୱୋଙ୍ଗ୍‌ଙ୍କୁ ଧରାଯାଇଥିବାବେଳେ କେତେକ ସ୍ଥାନରେ ସଭା ଆୟୋଜନ କରିବା ଅଭିଯୋଗରେ ଚୋ'ଙ୍କୁ ଗିରଫ କରାଯାଇଛି। ସ୍ୱାଧୀନତା ପ୍ରଚାରକ ଚାନ୍‌ଙ୍କୁ ବିକ୍ଷୋଭ ବେଳେ ଦଙ୍ଗା ଭିଆଇବା ଓ ପୋଲିସକୁ ଆକ୍ରମଣ କରିବା ସନ୍ଦେହରେ ଗରିଫ କରାଯାଇଛି। ହଂକଂ ବିମାନବନ୍ଦରରୁ ଟୋକିଓକୁ ଯିବା ପାଇଁ ବିମାନରେ ଚଢ଼ିବା ପୂର୍ବରୁ ତାଙ୍କୁ ଧରାଯାଇଛି। ବିକ୍ଷୋଭକାରଙ୍କ ଗିରଫଦାରିକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ପରେ ଏମାନଙ୍କୁ ଜାମିନରେ ଛାଡ଼ିଦିଆଯାଇଛି।

୨୦୧୪ ଅଗଷ୍ଟ ୩୧ରେ ହଂକଂର ଗଣତାନ୍ତ୍ରିକ ସଂସ୍କାର ଉପରେ ବେଜିଂ କଠୋର '୮୩୧ ନିଷ୍ପତ୍ତି' ନେଇଥିଲା। ଶନିବାର ଏହାର ପଞ୍ଚମ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏହି ଅବସରରେ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ପାଇଁ ସିଭିଲ ହ୍ୟୁମାନ୍ ରାଇଟ୍ସ ଫ୍ରଣ୍ଟ ପକ୍ଷରୁ ଯୋଜନା କରାଯାଇଥିଲା। ଜୁନ୍‌ରେ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟ ପଛରେ ଏହି ସାମ୍ମୁଖ୍ୟ ନେତୃତ୍ୱ ନେଉଥିବାରୁ ସେବେଠୁ ଅଦ୍ୟାବଧି ୯୦୦ ଜଣଙ୍କୁ ପୋଲିସ ଗିରଫ କରିସାରିଲାଣି। ଏହାର ପ୍ରତିବାଦରେ ଚାଲିଥିବା ଆନ୍ଦୋଳନ ହିଂସ୍ର ହେବାରେ ଲାଗିଛି। ପୋଲିସ ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ବ୍ୟବହାର କରୁଥିବାବେଳେ ବିକ୍ଷୋଭକାରୀମାନେ ସୁରକ୍ଷା ବଳ ଉପରକୁ ଇଟାପଥର ମାଡ଼ କରି ବୋମା ଫିଙ୍ଗିବାରେ ଲାଗିଛନ୍ତି।




## ସ୍ଥିତି ଅବସ୍ଥିତି

ହଂକଂ ବ୍ରିଟେନର ଏକ କଲୋନି ବା ଉପନିବେଶ ଥିଲା। ବ୍ରିଟେନ ୧୯୯୭ରେ ଏହାକୁ ଚାଇନାକୁ ହସ୍ତାନ୍ତର କରିଥିଲା। ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ସ୍ୱାୟତ୍ତତା ପ୍ରଦାନକାରୀ 'ଏକ ରାଷ୍ଟ୍ର, ଦୁଇ ବ୍ୟବସ୍ଥା' ଚୁକ୍ତି ଅନୁସାରେ ହଂକଂ ପରିଚାଳିତ। ହଂକଂର ନିଜସ୍ୱ ନ୍ୟାୟପାଳିକା ଓ ଚାଇନାଠାରୁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ରହିଛି। ମୂଳ ଆଇନ ଅନୁସାରେ ହଂକଂବାସୀଙ୍କ ସଭା କରିବା ଓ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାର ରହିଛି, ଯାହାର ଅବଧି ୨୦୪୭ରେ ଶେଷ ହୋଇଯିବ। ସେତେବେଳେ ହଂକଂର ଷ୍ଟାଟସ୍ (ସ୍ଥିତି) କ'ଣ ହେବ ସେନେଇ କିଛି ସ୍ପଷ୍ଟ ନୁହେଁ।

## ପ୍ରହାର ବେଳେ ପ୍ରେମ

ତୁହାକୁ ତୁହା ପୋଲିସର ଲୁହବୁହା ବାଷ୍ପ ଆଉ ଏଥିରୁ ରକ୍ଷା ପାଇବା ପାଇଁ ଆବି ଓ ନିକ୍‌ଙ୍କ ମୁହଁରେ ରହିଥିଲା ମୁଖା। ପୋଲିସ ଦମନଲୀଳା ଚଳାଇଥିବାବେଳେ ତା' ଭିତରେ ପ୍ରେମ କରିବା ପାଇଁ ସମୟ ବାହାର କରିଥିଲେ ହଂକଂର ଏହି ପ୍ରେମୀ ଯୁଗଳ। ଗତ ଜୁନ୍‌ରେ ଚାଇନାର ପ୍ରତ୍ୟର୍ପଣ ବିଲ୍ ବିରୋଧରେ ଏକ ବିତର୍କ ବେଳେ ପରସ୍ପରକୁ ଭେଟିଥିଲେ ୨୦ ବର୍ଷୀୟ ନିକ୍ ଓ ତାଙ୍କଠାରୁ ବର୍ଷେ ସାନ ଆବି। ସେବେଠୁ ଏହି ଦୁଇ ଗଣତନ୍ତ୍ର ସପକ୍ଷବାଦୀ ଛାତ୍ରନେତା ଅନେକଥର ବିକ୍ଷୋଭ ଶୋଭାଯାତ୍ରରେ ସାମିଲ ହେଲେଣି। ବିକ୍ଷୋଭ ବେଳେ ପୋଲିସର ପ୍ରହାରକୁ ଖାତିର ନ କରି ଦୁହେଁ ଦୁହିଁକୁ ଭେଟି କିଛି ସମୟ ରୋମାନ୍ସ କରନ୍ତି, ଯେମିତି ଶୁକ୍ରବାର କରିଛନ୍ତି।


ଆବିଙ୍କ ସହ ପ୍ରେମିକ ନିକ୍

## ବିକ୍ଷୋଭକାରୀଙ୍କ ଦାବି

- ବିବାଦୀୟ ପ୍ରତ୍ୟର୍ପଣ ବିଲ୍‌କୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯାଉ
- 'ଦଙ୍ଗା' ବ୍ୟାଖ୍ୟାନ ବଦଳରେ 'ବିକ୍ଷୋଭ' ଶବ୍ଦ ବ୍ୟବହାର କରାଯାଉ
- ସମସ୍ତ ବିକ୍ଷୋଭକାରୀଙ୍କୁ ଛାଡ଼ି ଦିଆଯାଉ
- ପୋଲିସ ବର୍ବରତାର ନିରପେକ୍ଷ ତଦନ୍ତ ହେଉ
- ହଂକଂ ପାର୍ଲାମେଣ୍ଟର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଏବଂ ଲେଜିସ୍‌ଲେଟିଭ୍ କାଉନ୍‌ସିଲ ନିର୍ବାଚନରେ ସମସ୍ତ ସାବାଳକଙ୍କୁ ମତଦାନର ଅଧିକାର ମିଳୁ
- ବେଜିଂର ହାତକଣ୍ଢେଇ ଭାବେ ପରିଗଣିତ ଚିଫ୍ ଏକ୍‌ଜିକ୍ୟୁଟିଭ୍ କେରି ଲାମ୍‌ଙ୍କ ଇସ୍ତଫା


କେରି ଲାମ୍

## ଏଲ୍‌ଓସିରେ ସେନାଧ୍ୟକ୍ଷ

### କଶ୍ମୀର ସ୍ଥିତି ସମୀକ୍ଷା କଲେ

ଶ୍ରୀନଗର, ୩୦।୮(ପି.ଟି.)

ଦୁଇଦିନିଆ ଜମ୍ମୁ-କଶ୍ମୀର ଗସ୍ତରେ ଥିବା ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ୍ ଶୁକ୍ରବାର ନିୟନ୍ତ୍ରଣରେଖା(ଏଲ୍‌ଓସି) ନିକଟରେ ସେନା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ୩୭୦ ଧାରା ଉଚ୍ଛେଦ ପରେ ରାୱତ୍‌ଙ୍କ ଏହା ପ୍ରଥମ ଜମ୍ମୁ-କଶ୍ମୀର ଗସ୍ତ। ନିୟନ୍ତ୍ରଣରେଖାରେ ମୁତୟନ ହୋଇଥିବା ସେନା ଓ କମାଣ୍ଡରଙ୍କ ସହ ସେ ଆଲୋଚନା କରିଥିଲେ। ପରେ ଶ୍ରୀନଗରସ୍ଥିତ ବଡ଼ମିବାଗ୍‌ସ୍ଥିତ ମୁଖ୍ୟାଳୟରେ ସେ ଅଧିକାରୀମାନଙ୍କୁ ସ୍ଥିତିନେଇ ଅବଗତ କରାଇଥିଲେ। କଶ୍ମୀରର ସାମ୍ପ୍ରତିକ ସ୍ଥିତି ଓ ପାକିସ୍ତାନର ଆବଭାବକୁ ନେଇ ସତର୍କ ରହିବା ସହ ଯେକୌଣସି ପରିସ୍ଥିତି ଲାଗି ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସେ ସେନାଧିକାରୀଙ୍କୁ ପରାମର୍ଶ ଦେଇଥିଲେ।



## ପାକିସ୍ତାନରେ ଶିଖ୍ ଯୁବତୀଙ୍କୁ ଅପହରଣ, ଧର୍ମାନ୍ତରୀକରଣ

ଚଣ୍ଡିଗଡ଼, ୩୦।୮(ପି.ଟି.)



ଜଣେ ଶିଖ୍ ଯୁବତୀଙ୍କୁ ଅପହରଣ କରି ନିଆଯିବା ସହ ପାକିସ୍ତାନରେ ଇସ୍‌ଲାମ ଧର୍ମକୁ ପରିବର୍ତ୍ତନ କରାଯିବା ଘଟଣା ସମ୍ପର୍କରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଶୁକ୍ରବାର କେନ୍ଦ୍ରକୁ ଅବଗତ କରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏନେଇ ଅବଗତ ହେବା ସହ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ପ୍ରକାଶଥାଉ କି, ବଳପୂର୍ବକ ଶିଖ୍ ଯୁବତୀଙ୍କୁ ପାକିସ୍ତାନର ନଙ୍କନା ସାହିବ୍‌ଙ୍କୁ ନିଆଯାଇ ଧର୍ମାନ୍ତରୀକରଣ କରାଯାଇଥିଲା। ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଏକ ଭିଡିଓ ମେସେଜ୍‌ରେ ଯୁବତୀଙ୍କ ପରିବାର ମଧ୍ୟ ଆପତ୍ତି ଉଠାଇ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହଯୋଗ ଲୋଡ଼ିଛନ୍ତି। ଅମରିନ୍ଦର ମଧ୍ୟ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି।

## ପାକ୍‌ରେ 'କଶ୍ମୀର ଆୱାର'

ଇସ୍‌ଲାମାବାଦ, ୩୦।୮(ପି.ଟି.)

କଶ୍ମୀରବାସୀଙ୍କ ସହ ରହିଛୁ ବୋଲି ଦେଖାଇ ହେବାକୁ ପାକିସ୍ତାନ ଶୁକ୍ରବାର 'କଶ୍ମୀର ଆୱାର' ପାଳନ କରିଛି। ଏଥିଲାଗି ଦେଶବ୍ୟାପୀ ଶୋଭାଯାତ୍ରା କରାଯାଇ ଭାରତ ବିରୋଧୀ ଆଭିମୁଖ୍ୟକୁ ତୀବ୍ରତର କରାଯାଇଛି। ୩୭୦ ଉଚ୍ଛେଦ ପରେ କଶ୍ମୀରକୁ ନେଇ ଭାରତ ବିରୋଧରେ ପାକିସ୍ତାନ ରାଗରେ ଜଳୁଛି। ଇସ୍‌ଲାମାବାଦରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଉଦ୍‌ବୋଧନ ଦେଇ କଶ୍ମୀରୀଙ୍କ ସହ ପାକିସ୍ତାନ ରହିଛି ବୋଲି କହିଥିଲେ। ଗତ ୪ ସପ୍ତାହ ହେବ ୮୦ ଲକ୍ଷ କଶ୍ମୀରୀ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଅନେକ ଗୃହବନ୍ଦୀ ଥିବାବେଳେ କର୍ଫ୍ୟୁ ସେମାନଙ୍କ ପରିସ୍ଥିତିକୁ ବିଗାଡ଼ିଦେଇଛି ବୋଲି ସେ ସମାଲୋଚନା କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ଅଧଘଣ୍ଟା ଲାଗି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଦୋକାନବଜାର, ସ୍କୁଲକଲେଜ, ବାଣିଜ୍ୟିକ ସଂସ୍ଥା ଆଦିରେ 'କଶ୍ମୀର ଆୱାର' ପାଳନ କରାଯାଇଛି।

## ଶିବକୁମାରଙ୍କ ମୁଣ୍ଡରେ ଗିରଫଦାରି ଖଣ୍ଡା

**ବେଙ୍ଗାଲୁରୁ,୩୦।୮:** କର୍ନାଟକ କଂଗ୍ରେସରେ ସଙ୍କଟମୋଚନ ଭାବେ ପରିଚିତ ପୂର୍ବତନ ମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଦଶା ଭୋଗିବାକୁ ପଡ଼ିପାରେ। ହାଇକୋର୍ଟ ପିଟିଶନ ଖାରଜ କରିଦେବା ପରେ ଗୁରୁବାର ରାତିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ସମନ ଜାରି କରିଥିଲା। ସେ ଉକ୍ତ ତଦନ୍ତକାରୀ ସଂସ୍ଥାର ଦିଲ୍ଲୀ କାର୍ଯ୍ୟାଳୟରେ ଶୁକ୍ରବାର ହାଜର ହୋଇଛନ୍ତି। ମନିଲଣ୍ଡରିଂ ମାମଲାରେ ଇଡି ତାଙ୍କୁ ଜେରା କରୁଛି। ଗିରଫରୁ ସୁରକ୍ଷା ପାଇଁ ସେ କରିଥିବା ଆବେଦନକୁ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଥିଲେ। ଟିକସ ଫାଙ୍କି ଏବଂ ବେଆଇନ ଭାବେ ବହୁକୋଟି ଟଙ୍କା କାରବାର ଅଭିଯୋଗରେ ସେପ୍ଟେମ୍ବରରେ ଇଡି ଶିବକୁମାର ଓ ଅନ୍ୟ କେତେଜଣଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଥିଲା।



## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଇସ୍ତଫା

ନୂଆଦିଲ୍ଲୀ,୩୦।୮


ନୃପେନ୍ଦ୍ର ମିଶ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ନିଜ ପଦରୁ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ସେ ଆଉ ଦୁଇସପ୍ତାହ କାର୍ଯ୍ୟରେ ରହିବାକୁ ରାଜି ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ପିଏମ୍‌ଓରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିଷ୍ଠାର ସହ କାର୍ଯ୍ୟ କରିଥିବା ନୃପେନ୍ଦ୍ରଙ୍କର ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି ତାଙ୍କର ଭବିଷ୍ୟତ ଉଦ୍ୟମ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ୨୦୧୪ରେ ସେ କେନ୍ଦ୍ରରେ ନେତୃତ୍ୱ ନେବାବେଳେ ନୃପେନ୍ଦ୍ର ତାଙ୍କୁ ଅନେକ ଶିକ୍ଷା ଓ ମାର୍ଗଦର୍ଶନ ଦେଇଥିଲେ, ଯାହା ଅତ୍ୟନ୍ତ ମୂଲ୍ୟବାନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ, ଯାହାଙ୍କର ସରକାରୀ ନୀତି ଓ ପ୍ରଶାସନ ଉପରେ ଦଖଲ ରହିଥିବା ମୋଦି ଟୁଇଟ୍ କରିଛନ୍ତି।

### [ଇତିହାସର ଆଇନାରେ] ଅଗଷ୍ଟ ୩୧ର ପ୍ରମୁଖ ଘଟଣା

୧୯୯୭ ଅଗଷ୍ଟ ୩୧ରେ ୱେଲ୍‌ସ ଯୁବରାଣୀ ଡାଏନାଙ୍କ ସମେତ ତାଙ୍କର ପ୍ରେମିକ ଡୋଡି ଫାଏଦ ଏବଂ ଡ୍ରାଇଭର ପ୍ୟାରିସରେ ଏକ କାର୍ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ପ୍ରିନ୍ସ ଡାଏନା ଥିଲେ ବ୍ରିଟେନ୍ ରାଜପରିବାର ବୋହୂ ତଥା ୱେଲ୍‌ସ ରାଜକୁମାର ଚାର୍ଲସଙ୍କ ପ୍ରଥମ ସ୍ତ୍ରୀ।

୧୯୯୯ ଅଗଷ୍ଟ ୩୧ରେ ଏକ ଲାପା ବୋଇଂ ୭୩୭-୨୦୦ ବିମାନ ବୁଏନ୍ସ ଏରିସ୍‌ର ଜର୍ଜ ନ୍ୟୁବରି ଏୟାରପୋର୍ଟରୁ ଉଡାଣ ଆରମ୍ଭ କରିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୬୫ଜଣଙ୍କ ମୃତ୍ୟୁ ଘଟିଥିଲା। ବୁଏନ୍ସ ଏରିସ ହେଉଛି ଆର୍ଜେଣ୍ଟିନାର ବୃହତ୍ ନଗରୀ ତଥା ରାଜଧାନୀ।

# ଆଜି ପ୍ରକାଶ ପାଇବ ଚୂଡ଼ାନ୍ତ ଏନ୍‌ଆରସି

ନୂଆଦିଲ୍ଲୀ/ଗୁଆହାଟୀ,୩୦।୮



- ଆସାମରେ କଡ଼ା ସୁରକ୍ଷା ବ୍ୟବସ୍ଥା
- ଗୁଜବ ପ୍ରସାରଣ ନ କରିବାକୁ ଚେତାବନୀ
- ବାଦ୍ ପଡ଼ିଥିବା ଲୋକେ ନେଇପାରିବେ ଆଇନଗତ ସହାୟତା
- ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଆସାମ ପାଇଁ ପ୍ରଥମେ ପ୍ରକାଶ ପାଇଥିବା ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ରୁ ୪୧ ଲକ୍ଷରୁ ଊର୍ଦ୍ଧ୍ୱ ବାଦ୍ ପଡିଥିଲେ। ଏହାର ବର୍ଷେ ପରେ ଚୂଡ଼ାନ୍ତ ତାଲିକା ଶନିବାର ପ୍ରକାଶ ପାଇବାକୁ ଯାଉଛି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ ପରେ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାରରେ ଏହା ଏକ ବଡ଼ ପଦକ୍ଷେପ ହେବ। ଏନ୍‌ଆର୍‌ସି ତାଲିକା ପ୍ରକାଶ ପରେ ଉତ୍ତେଜନା ସୃଷ୍ଟି ହେବା ଆଶଙ୍କାରେ ଆସାମରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସେଠାକୁ ଅତିରିକ୍ତ ଅର୍ଦ୍ଧସାମରିକ ବାହିନୀ ପଠାଯାଇଛି। ସୋସିଆଲ ମିଡିଆରେ ଗୁଜବ ପ୍ରଚାର ନ କରିବା ପାଇଁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜନସାଧାରଣ ଭୟଭୀତ ନ ହେବା ପାଇଁ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଅନୁରୋଧ କରିଛନ୍ତି। ପ୍ରକୃତ ଭାରତୀୟଙ୍କୁ ସେମାନଙ୍କ ନାଗରିକତ୍ୱ ପ୍ରମାଣ ଲାଗି ରାଜ୍ୟ ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବେ। ଗରିବଙ୍କୁ ଆଇନଗତ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏନ୍‌ଆର୍‌ସି ଚୂଡ଼ାନ୍ତ ତାଲିକା ଶନିବାର ପୂର୍ବାହ୍ନ ୧୦ଟାରେ ଅନ୍‌ଲାଇନରେ ଉପଲବ୍ଧ ହେବ। ଯେଉଁମାନଙ୍କର ଇଣ୍ଟରନେଟ ସଂଯୋଗ ନାହିଁ, ସେମାନେ ନିକଟବର୍ତ୍ତୀ ସେବାକେନ୍ଦ୍ରରୁ ସେମାନଙ୍କ ନାଁ ଯାଞ୍ଚ କରିପାରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଯେଉଁମାନଙ୍କ ନାଁ ଚୂଡ଼ାନ୍ତ ତାଲିକାରେ ନ ଥିବ, ସେମାନଙ୍କୁ ବିଦେଶୀ ଘୋଷଣା କରାଯିବନି। ସେମାନଙ୍କୁ ଆଇନଗତ ପଦକ୍ଷେପ ନେବା ପାଇଁ ସୁଯୋଗ ଦିଆଯିବ। ବାଦ୍‌ପଡିଥିବା ଲୋକେ ବିଦେଶୀମାନଙ୍କ ପାଇଁ ଉଦ୍ଦିଷ୍ଟ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ ଏବଂ ଏଥିପାଇଁ ୬୦ରୁ ୧୨୦ ଦିନ ସମୟ ଦିଆଯିବ। ଏହିସବୁ ବିବାଦର ଶୁଣାଣି ଲାଗି ପର୍ଯ୍ୟାୟକ୍ରମେ ୧୦୦୦ ଟ୍ରିବ୍ୟୁନାଲ ଖୋଲାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ୧୦୦ ଟ୍ରିବ୍ୟୁନାଲ ଖୋଲିଥିଲାବେଳେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଆଉ ୨୦୦ଟି ଖୋଲିବ। ଜଣେ ଟ୍ରିବ୍ୟୁନାଲରେ ମାମଲା ହାରିଗଲେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମଧ୍ୟ ଅପିଲ କରିପାରିବେ। ସମସ୍ତ ଆଇନଗତ ପଦକ୍ଷେପ ଶେଷ ନ ହେବା ପର୍ଯ୍ୟନ୍ତ କାହାକୁ ଅଟକ ରଖାଯିବନି ବୋଲି ସରକାର ସ୍ପଷ୍ଟ କରିଛନ୍ତି।

ଉତ୍ତେଜନା ଆଶଙ୍କାରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଅତୀତରେ ହିଂସାକାଣ୍ଡ ଘଟିଥିବା ସମ୍ବେଦନଶୀଳ ଅଞ୍ଚଳର ସର୍ବସାଧାରଣ ସ୍ଥାନରେ ୪ ଜଣରୁ ଅଧିକ ଏକାଠି ହେବା ଉପରେ ନିଷେଧାଦେଶ ଲଗାଯାଇଛି। କେନ୍ଦ୍ର ସରକାର ଆସାମକୁ ଅତିରିକ୍ତ ୨୦ ହଜାର ଅର୍ଦ୍ଧସାମରିକ ବଳ ପଠାଇଛନ୍ତି। ଏନ୍‌ଆରସି ଚୂଡ଼ାନ୍ତ ତାଲିକାରେ ନାଁ ନ ଥିବା ଲୋକଙ୍କୁ ସରକାର ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବେ। ଗୁଜବରେ ବିଶ୍ୱାସ ନ କରିବାକୁ ଆସାମ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ତାଲିକାରୁ ବାଦ୍ ପଡିଥିବା ବାସ୍ତବ ନାଗରିକଙ୍କୁ ସବୁପ୍ରକାର ସହାୟତା ଯୋଗାଇଦେବାକୁ ଭାଜପା ଏବଂ କଂଗ୍ରେସ ଯୋଜନା କରିଛନ୍ତି। ସେହିପରି କେତେକ ସ୍ୱେଚ୍ଛାସେବୀ ସଂସ୍ଥା ମଧ୍ୟ ଲୋକଙ୍କୁ ଆଇନଗତ ସହାୟତା ଦେବା ପାଇଁ ଆଗେଇ ଆସିଛନ୍ତି। ୨୦୧୮ ଜୁଲାଇ ୩୦ରେ ପ୍ରକାଶିତ ପ୍ରଥମ ତାଲିକାରୁ ବାଦ୍ ପଡିଥିବା ଲୋକଙ୍କ ମଧ୍ୟରୁ ଯେଉଁମାନଙ୍କ ନାଁ ଚୂଡ଼ାନ୍ତ ତାଲିକାରେ ଥିବ ସେମାନଙ୍କୁ ଆଧାର କାର୍ଡ ଯୋଗାଇଦିଆଯିବ ବୋଲି ସରକାର କହିଛନ୍ତି।

## ସଂକ୍ଷେପରେ

### ଷ୍ଟେଶନରେ 'ରେଲ୍ ନୀର' ବାଧ୍ୟତାମୂଳକ

**ଭୁବନେଶ୍ୱର, ୩୦।୮(ବ୍ୟୁରୋ):** ଭାରତୀୟ ରେଲୱେ ନିଜସ୍ୱ ପ୍ୟାକେଟ ପିଇବା ପାଣି 'ରେଲ ନୀର' ସମସ୍ତ ରେଳଷ୍ଟେଶନରେ ବାଧ୍ୟତାମୂଳକ କରିଛି। ଟ୍ରେନରେ ଓ ଷ୍ଟେଶନରେ ପ୍ୟାକେଟ ପିଇବା ପାଣିର ଆବଶ୍ୟକତା ବଢୁଥିବାରୁ ଆହୁରି ଅଧିକ 'ରେଲ ନୀର' ପ୍ଲାଣ୍ଟ ତିଆରି କରାଯିବ। ଆଇଆରସିଟିସି ଦ୍ରୁତଗତିରେ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଚାହିଦାର ୫୦ ପ୍ରତିଶତ ଆଇଆର୍‌ସିଟିସି ରେଲନୀର ଯୋଗାଉଛି। ଆଗକୁ ବିଜୟୱାଡ଼ା, ବିଶାଖାପାଟଣା ଓ ଭୁବନେଶ୍ୱରରେ 'ରେଲ ନୀର' ପ୍ଲାଣ୍ଟ ତିଆରି କରାଯିବ।। ବିଶାଖାପାଟଣାରେ ନିର୍ମାଣ ହେବାକୁ ଥିବା ପ୍ଲାଣ୍ଟ ନିର୍ମାଣ ପାଇଁ ଏନଟିପିସି ସହ ସହଭାଗିତା ନିମନ୍ତେ ଚୁକ୍ତି କରିଛି। ବର୍ତ୍ତମାନ ନିର୍ମାଣାଧୀନ ୬ଟି ପ୍ଲାଣ୍ଟ ନାଗପୁର, ସଂକ୍ରାଲି (ହାଓଡା), ଜାଗିରୋଡ(ଗୁଆହାଟୀ), ଭୁଶାୱଲ, ଜବଲପୁର ଓ ଉନାରେ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା କାମ ସରିଯିବ।

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଜଳେଶ୍ୱର, ୩୦।୮:** ଜଳେଶ୍ୱର ନିକଟସ୍ଥ ୬୦ ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଶୁକ୍ରବାର ପୂର୍ବାହ୍ନ ସମୟରେ ଏକ ସଡକ ଦୁର୍ଘଟଣା ଘଟିଛି। ଜଳେଶ୍ୱର ବ୍ଲକ ନଚ୍ଛିମପୁର ପଞ୍ଚାୟତର ବିମଳ ଜେନା (୪୮) ଏକ ଠେଲା ଗାଡ଼ି ନେଇ ୬୦ ନଂ ଜାତୀୟ ରାଜପଥ ଉପରେ ବିଭିନ୍ନ ଭାରିଯାନଗୁଡ଼ିକର ମରାମତି କାର୍ଯ୍ୟ କରନ୍ତି। ବିମଳ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ପଶ୍ଚିମବଙ୍ଗରୁ ଆନ୍ଧ୍ରପ୍ରଦେଶ ଯାଉଥିବା ଏକ ଟ୍ରକ୍ (ନଂ.ଏପି୧୬-ଟିଇ-୪୧୪୫) ହଠାତ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ନିକଟସ୍ଥ ଜିକେ ଭଗ୍ଗର ହସ୍‌ପିଟାଲକୁ ନେଇ ଯାଇଥିଲେ। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରୁ ଗାଡି ଛାଡି ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିଲେ। ଜଳେଶ୍ୱର ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ବିମଳ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ତାଙ୍କ ସ୍ତ୍ରୀ ଓ ୩ ସନ୍ତାନ ଅସହାୟ ହୋଇପଡ଼ିଛନ୍ତି। ସ୍ଥାନୀୟ ଜନସାଧାରଣ ତାଙ୍କର ପରିବାରବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଜଳେଶ୍ୱର ତହସିଲଦାରଙ୍କଠାରେ ନିବେଦନ କରିଛନ୍ତି।

# ମାଲେସିଆ ଜାହାଜରୁ ତେଲକଢ଼ା ଆରମ୍ଭ

ବ୍ରହ୍ମଗିରି, (ଡି.ଏନ୍.ଏ.)/ ପୁରୀ ଅଫିସ ୩୦।୮

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲାଗିଥିବା ମାଲେସିଆର ପଣ୍ୟ ବାହୀ ଜାହାଜରୁ ଶୁକ୍ରବାର ତେଲ କଢ଼ା ଆରମ୍ଭ ହୋଇଛି। ଏଥିରେ ରହିଥିବା ୪୦ ହଜାର ଲିଟର ତେଲ ପାଇଁ ଅନେକ କଳ୍ପନା ଜଳ୍ପନା ଉଙ୍କି ମାରୁଥିଲା। ତେବେ ଶୁକ୍ରବାର ତେଲ କଢ଼ା ଆରମ୍ଭ ହେବା ପରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏହି ଜାହାଜରୁ ପ୍ରାୟ ୯ ହଜାର ଲିଟର ତେଲ ବାହାର କରାଯାଇଥିବା ସୂଚନା ମିଳିଛି।

ଗତ ୮ ତାରିଖରେ ମାଲେସିଆର ପଣ୍ୟବାହୀ ଜାହାଜ ଜିନ ହ୍ୱା-୩୨ ବଙ୍ଗୋପ ସାଗରେ ଯାନ୍ତ୍ରୀକ ତ୍ରୁଟିଯୋଗୁ କୃଷ୍ଣପ୍ରସାଦ ବ୍ଲକର ରାଜହଂସ ନିକଟରେ ଲାଗିଛି। ଜାହାଜରୁ ତେଲ ଖାଲି କରିବା ପାଇଁ ୮ ଦିନ ତଳେ ଜିଲା ପ୍ରଶାସନ ତତ୍ପର ହୋଇଛି। ଫଳରେ ଉକ୍ତ ଜାହାଜ ମାଲିକଙ୍କ ସହ ଯୋଗାଯୋଗ କରି ତେଲ କଢ଼ା ଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ବୁଧବାର ୩ଟି ଦଳ ଜାହାଜ ନିକଟରେ ପହଞ୍ଚି ପାଇପ ପକାଇବା କାମ ଆରମ୍ଭ କରିଛନ୍ତି। ପାରାଦ୍ୱୀପ ସ୍ଥିତ ମେରାଇନ ସର୍ଭେରୁ ଶରତ ଚନ୍ଦ୍ର ସାହୁ ଜାହାଜର ସ୍ଥିତି ତଦନ୍ତ କରିବା କାର୍ଯ୍ୟରେ ନିୟୋଜିତ ହୋଇଥିବା ସମୟରେ ଏହି ତେଲ କାଢିବା ପାଇଁ କଲିକତାର ଲଡ୍ସ ଷ୍ଟ୍ରେକ କମ୍ପାନୀର ଯନ୍ତ୍ରୀ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଏହା ସହ ଜାହାଜ ଠାରୁ ତେଲ କାଢିବା ପାଇଁ ପାଇପ ସଂଯୋଗ କରିବା ପାଇଁ ବାଲେଶ୍ୱରରୁ ଏକ ୬ ଜଣିଆ ଦଳ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶୁକ୍ରବାର ଦିନ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ପମ୍ପ ଲାଗାଯାଇ ଥିବାରୁ ଏଥିରୁ ତେଲ ବାହାରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପମ୍ପଟି ପ୍ରତି ୪୦ ମିନିଟରେ ୨୨ଶହ ଲିଟର ତେଲ ବାହାର କରିବ। ୨ ଦିନ ମଧ୍ୟରେ ଏହି ଜାହାଜରୁ ସମସ୍ତ ତେଲ ବାହାର କରାହୋଇଯିବ। ଜାହାଜଟରୁ ସମ୍ପୂର୍ଣ୍ଣ ତେଲ ବାହାରିବା ପରେ ଏହାର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି।



ଭେସେଲ ଦ୍ୱାରା ମାଲେସିଆ ଜହାଜରୁ ବାହାରିଥିବା ତେଲ ନିଆଯାଉଛି।

# ଭିଜିଲାନ୍ସ ହାତରେ ସମଲ ବ୍ୟାରେଜ ବରିଷ୍ଠ କିରାଣି

ତାଳଚେର, ୩୦।୮(ନି.ପ୍ର.)

ଅନୁଗୋଳ ଜିଲା ସମଲ ବ୍ୟାରେଜ ଚିଫ୍ ଇଞ୍ଜିନିୟର ଅଫିସ୍‌ର ବରିଷ୍ଠ କିରାଣୀ ପ୍ରଦ୍ୟୁମ୍ନ କୁମାର ବେହେରା ଶୁକ୍ରବାର ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଜଣେ ଠିକାଦାରଙ୍କ ଲାଇସେନ୍ସ କରାଇଦେବାକୁ ୫ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି। ଘଟଣାରୁ ଜଣାପଡିଛି, ପରଜଙ୍ଗ ବ୍ଲକ ସରକିଶୋରିପାଳ ଗ୍ରାମର ଅକ୍ଷୟ କୁମାର ସାହୁ ଉକ୍ତ ଅଫିସରେ ଠିକାଦାର ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ହେଲେ ପ୍ରଦ୍ୟୁମ୍ନ ତାଙ୍କୁ ବାରମ୍ବାର ହଇରାଣ କରିବା ସହ ଲାଇସେନ୍ସ କରାଇଦେବାକୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗ ନେଇ ଅକ୍ଷୟ କଟକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅପରାହ୍ନରେ ଅକ୍ଷୟ ୫ ହଜାର ଟଙ୍କା ନେଇ ଅଫିସ୍‌ରେ ପହଞ୍ଚିଥିଲେ। ପ୍ରଦ୍ୟୁମ୍ନ ଲାଞ୍ଚ ଟଙ୍କା ନେଉଥିବାବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ଭିଜିଲାନ୍ସ ଡିଏସ୍‌ପି ପ୍ରଫୁଲ୍ଲ କୁମାର ପଟେଲ, ପ୍ରକାଶ କୁମାର ନାୟକ, ସରୋଜ ସାମଲଙ୍କ ନେତୃତ୍ୱରେ ଏକ ୧୬ ଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ପକ୍ଷରୁ ନଂ. ୧୦/୧୯ରେ ଏକ ମାମଲା ରୁଜୁ କରାଯାଇଛି।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ବାଣିଜ୍ୟକର କମିଶନର

ମାଲକାନଗିରି,୩୦।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବାଣିଜ୍ୟକର ବିଭାଗର ଅତିରିକ୍ତ ବାଣିଜ୍ୟକର କମିଶନର ଅଜୟ କୁମାର ମଲ୍ଲିକ ଜଣେ ବ୍ୟବସାୟୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ସ୍ଥାନୀୟ ଅଞ୍ଚଳର ମନୋଜ ଦେବନାଥ ନାମକ ଜଣେ କପଡା ବ୍ୟବସାୟୀ ଦୀର୍ଘ ଦିନ ହେବ ତାଙ୍କ ବ୍ୟବସାୟର ଜିଏସଟି ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ପାଇଁ ଆବେଦନ କରିଥିଲେ। ଅତିରିକ୍ତ ବାଣିଜ୍ୟକର କମିଶନରଙ୍କୁ ବାରମ୍ବାର ଅନୁରୋଧ କରି ମଧ୍ୟ ସେ ଜିଏସଟି ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ ଦେଉ ନ ଥିଲେ। ଏଥିପାଇଁ ମଲ୍ଲିକ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦେବନାଥ ଏନେଇ ମାଲକାନଗିରି ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଭିଜିଲାନ୍ସବିଭାଗ ଅଧିକାରୀଙ୍କ ଯୋଜନା ମୁତାବକ ଦେବନାଥ ଶୁକ୍ରବାର ଅତିରିକ୍ତ ବାଣିଜ୍ୟକର କମିଶନର ମଲ୍ଲିକଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏହି ଟଙ୍କା ମଲ୍ଲିକ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ଖବର ଲେଖା ହେବା ଯାଏ ମଲ୍ଲିକଙ୍କ କାର୍ଯ୍ୟାଳୟ ଓ ନିଜସ୍ୱ ବାସଗୃହରେ ଚଢାଉ ଜାରି ରହିଛି। ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର ଦୁର୍ନୀତି ନିବାରଣ ବିଭାଗର ୧୧ ଜଣ ଅଧିକାରୀ ଏହି ଚଢାଉରେ ସାମିଲ ହୋଇଥିଲେ।

## ପୌରକେଲାରୁ ନୂଆଦିଲ୍ଲୀ

# ସେଦିନର ଫାର୍ମ ଲେବର, ଏବେ ଜେଏନ୍‌ୟୁର ଛାତ୍ର ସଂସଦ ସଭାପତି ପ୍ରାର୍ଥୀ

କର୍ଲାମୁଣ୍ଡା,୩୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ଗ୍ରାମର ଜିତେନ୍ଦ୍ର ସୁନା (୨୯) ନାମକ ଯୁବକ ଏବେ ଜବାହାରଲାଲ ନେହେରୁ ଜାତୀୟ ବିଶ୍ୱ ବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ସଭାପତି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ଚର୍ଚ୍ଚାରେ ରହିଛନ୍ତି। କୃଷି ଶ୍ରମିକ ଓ ଗ୍ୟାସ କମ୍ପାନୀର ହେଲପର ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ଜିତେନ୍ଦ୍ର ଏବେ ଜେଏନୟୁରେ ପିଏଚ୍‌ଡି କରୁଛନ୍ତି। ତାଙ୍କର ଏହି ଦୀର୍ଘ ଛାତ୍ର ଜୀବନର ସଂଗ୍ରାମ ଆଜି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ଜିତେନ୍ଦ୍ର ଅଷ୍ଟମ ଶ୍ରେଣୀରେ ପାଠପଢୁ ଥିବାବେଳେ ତାଙ୍କ ମା'ଙ୍କ ପରଲୋକ ଘଟିଥିଲା। ତାଙ୍କ ମା' ଜଣେ ପନିପରିବା ବିକାଳି ଥିବା ବେଳେ ବାପା ଜଣେ କୃଷି ଶ୍ରମିକ। ମା'ଙ୍କ ମୃତ୍ୟୁ ପରେ ଜିତେନ୍ଦ୍ର ପାଠପଢା ସହିତ କୃଷି ଶ୍ରମିକ ଭାବେ କାମ କରୁଥିଲେ। ସେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜଣେ ଶ୍ରମିକ ଭାବେ କାମ କରୁଥିଲେ। ହାଇସ୍କୁଲ ପାଠପଢା ଶେଷ ହେବା ପରେ ସେ କାମ କରିବାକୁ ଦିଲ୍ଲୀ ଯାଇଥିଲେ। ଦିଲ୍ଲୀରେ ତାଙ୍କର ଜଣେ ଭାଇ ଇନ୍ଦ୍ରପ୍ରସ୍ଥ ଗ୍ୟାସ ଲିମିଟେଡ (ଆଇଜିଏଲ) କାମ କରୁଥିଲେ। ଏଥିରେ ଜିତେନ୍ଦ୍ର ହେଲପର ଭାବେ କାମ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ନିଜ ଗାଁକୁ ଫେରି ଗ୍ରାଜୁଏଶନ ଶେଷ କଲେ। ପରେ ନାଗପୁରଠାରେ ଆମ୍ବେଡକର ଇଜମ ଓ ବୁଦ୍ଧିଇଜମ ଉପରେ ଏକ ଦଶ ମାସିଆ କୋର୍ସ କରିବା ପରେ ଅସ୍ପୃଶ୍ୟତା ଓ ଜାତିଆଣ ବିଭେଦ ଉପରେ ଅନେକ କଥା ଜାଣିପାରିଥିଲେ। ଏହାପରେ ତାଙ୍କର ଇତିହାସ ପଢିବାକୁ ଇଚ୍ଛା ହୋଇଥିଲା। ୨୦୧୩ରେ ଇତିହାସରେ ଏମଏଏମଫିଲ କରିବା ପରେ ସେଠାରେ ହିଷ୍ଟରି ଅଫ୍ ଆଇଡେନ୍‌ଟାଇଜ ଏଣ୍ଡ ଏକ୍ସକ୍ଲୁଶନ ଆମ୍ବେଡ଼କର ଆଣ୍ଡ ଦି ମାର୍ଜିନାଇଜ୍‌ରେ ପିଏଚଡି କରୁଛନ୍ତି। ବର୍ତ୍ତମାନ ସେ ଜବାହାରଲାଲ ନେହେରୁ ଜାତୀୟ ବିଶ୍ୱ ବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ସଭାପତି ଭାବେ ନିର୍ବାଚନ ଲଢୁଛନ୍ତି।



# ସହରାଞ୍ଚଳ ଗରିବଙ୍କୁ ମିଳିବ ଉନ୍ନତ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

ସହରାଞ୍ଚଳ ସ୍ୱାସ୍ଥ୍ୟ ବ୍ୟବସ୍ଥା ସଂକ୍ରାନ୍ତରେ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଯୋଗଦେଇ କୈଶୋର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସହିତ ଲୋକଙ୍କ ଚାହିଦାକୁ ଦେଖି ଗୋଷ୍ଠୀ ସ୍ତରରେ ଅଧିକ ସଚେତନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ମାତୃ ଓ ଶିଶୁ ମୃତ୍ୟୁହାର, ଆନୁଷ୍ଠାନିକ ପ୍ରସବ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଘଟିଥିଲେ ମଧ୍ୟ ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ପାର୍ଥକ୍ୟ ରହୁଛି। ବର୍ତ୍ତମାନ ସ୍ଥିତିକୁ ଦେଖି ୟୁଏସ୍‌ଏଡ୍, ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ଏବଂ ଅନ୍ୟ ସଂସ୍ଥା ସହାୟତାରେ ସହରାଞ୍ଚଳର ଗରିବ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରୟାସ ହେବ। ପୁରୀ, ରାଉରକେଲା ଓ ବ୍ରହ୍ମପୁର ସହରର ଗରିବ ଲୋକଙ୍କ କ୍ଷେତ୍ରରେ ଟିସିଆଇଏଚ୍‌ସି ଦ୍ୱାରା ପରିବାର ନିୟନ୍ତ୍ରଣ ଏବଂ ମାତୃ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି ବୋଲି ପଣ୍ଡିତ ସୂଚନା ଦେଇଛନ୍ତି।

ଜାତୀୟ ସ୍ୱାସ୍ଥ୍ୟ ମିଶନ, ଟିସିଆଇଏଚ୍‌ସି, ପିଏସ୍‌ଆଇର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ 'ଟୁଲ କିଟ୍‌ସ' ଉନ୍ମୋଚିତ ହୋଇଥିଲା। ସହରାଞ୍ଚଳର ଗରିବ ଲୋକେ କିଭଳି ସୁବିଧାରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ଏଥିରେ ଏମ୍‌ସିଏସ୍‌ସି ଗ୍ଲୋବାଲ କାର୍ଯ୍ୟକ୍ରମର ଆମେରିକୀୟ ପ୍ରତିନିଧି ପାଟ୍ରିସିଆ, ଏ. ଟେଲର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ଏମ୍‌ଡି ମୃଣାଳକାନ୍ତି ଦାଶ, ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ (ସହରାଞ୍ଚଳ) ସୁକାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ସପେକ୍ଟର ପ୍ରଫୁଲ୍ଲ ସାହୁ ବହିଷ୍କୃତ

କଟକ ଅଫିସ, ୩୦।୮

## ଦୀର୍ଘଦିନ ଧରି ଚାକିରିରେ ଅନୁପସ୍ଥିତ ଥିଲେ

ଦୀର୍ଘଦିନ ଧରି ବିଭିନ୍ନ ଆଳ ଦେଖାଇ ଅନୁପସ୍ଥିତ ଥିବା ଇନ୍ସପେକ୍ଟର ପ୍ରଫୁଲ୍ଲ କୁମାର ସାହୁଙ୍କୁ ଶୁକ୍ରବାର ଡିଜିପି ବିଜୟ କୁମାର ଶର୍ମା ଚାକିରିରୁ ବହିଷ୍କାର କରିଛନ୍ତି। କର୍ତ୍ତବ୍ୟରେ ଅବହେଳା ଓ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ତାଙ୍କୁ ବହିଷ୍କାର କରାଯାଇଥିବା ନେଇ ଡିଜିପି କହିଛନ୍ତି। ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାହୁ କାର୍ଯ୍ୟରେ ଯୋଗଦେଇନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୧ ଜୁଲାଇ ୭ରେ ସାହୁଙ୍କୁ କେନ୍ଦୁଝର ଜିଲାରୁ ବଲାଙ୍ଗୀର ଜିଲାକୁ ବଦଳି କରାଯାଇଥିଲା। ଶାରୀରିକ ଅସୁସ୍ଥତା ଦର୍ଶାଇ ସେ ଚାକିରିରେ ଯୋଗ ଦେଇ ନ ଥିଲେ। ଅସୁସ୍ଥତା ପାଇଁ ସେ ଚିକିତ୍ସିତ ହେଉଥିବା ଦର୍ଶାଇଥିଲେ। ହେଲେ ଏ ବାବଦରେ କୌଣସି ଡାକ୍ତରୀ ପ୍ରମାଣପତ୍ର ସେ ଦାଖଲ କରି ନ ଥିଲେ। ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ସାହୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ଜାଣିଶୁଣି ଅନୁପସ୍ଥିତ ରହିଥିଲେ। ତାଙ୍କୁ ବହୁବାର କାରଣଦର୍ଶାଅ ନୋଟିସ୍ ପଠାଯାଇଥିଲେ ମଧ୍ୟ ସେ ଏହାର ଉତ୍ତର ଦେଇ ନ ଥିଲେ। ଏଥିପାଇଁ ଏକ ତଦନ୍ତ କମିଟି ବସାଯାଇଥିଲେ ମଧ୍ୟ ଉକ୍ତ କମିଟି ଆଗରେ ସେ ହାଜର ହୋଇ ନ ଥିଲେ। ଧାରା ୭୨(୨) ଆଇନ ଅନୁସାରେ ଯଦି ଜଣେ ବିନା ସୂଚନାରେ ୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଚାକିରିରେ ଅନୁପସ୍ଥିତ ରୁହେ ତେବେ ତାଙ୍କୁ ବହିଷ୍କାର କରାଯାଇପାରିବ। ତେଣୁ ଏହି ସବୁ ଆଧାରରେ ସାହୁଙ୍କୁ ବହିଷ୍କାର କରାଯାଇଛି।

## ଟ୍ୟୁଶନ ଯିବା ବେଳେ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# ଅଭିଯୁକ୍ତଙ୍କୁ ଚିହ୍ନଟ କଲା ପୋଲିସ

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି ପୋଲିସ। ତାଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଚଢାଉ ଜାରି ରହିଛି। ତେବେ ତଦନ୍ତ ଚାଲିଥିବାରୁ ଏ ନେଇ କୌଣସି ଅଧିକ ସୂଚନା ଦେଇହେବ ନାହିଁ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ଲକ୍ଷ୍ମୀସାଗର ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି ହୋଇଥିବାବେଳେ ତାଙ୍କର ରାଜନୈତିକ ଲିଙ୍କ୍ ରହିଛି। ଏପରି କି ଏକାଧିକ ରାଜନେତାଙ୍କ ସହ ଅଭିଯୁକ୍ତଙ୍କ ଫଟୋ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏଥିସହ ସମ୍ପୃକ୍ତ ବ୍ୟକ୍ତି ଦୁଇଟି ବ୍ୟବସାୟୀ ସଂଘର ସମ୍ପାଦକ ରହିଥିବା ଜଣାପଡ଼ିଛି। ଏ ନେଇ ପୋଲିସ ଅଧିକ ତଥ୍ୟ ଦେଉ ନ ଥିବା ବେଳେ ଅଭିଯୁକ୍ତ ଫେରାର ଥିବା କୁହାଯାଉଛି। ପୋଲିସ ସିସିଟିଭି ଫୁଟେଜକୁ ସ୍ଥାନୀୟ ଅଞ୍ଚଳର କେତେକ ଯୁବକଙ୍କୁ ଦେଖାଇବା ପରେ ତାଙ୍କୁ ଚିହ୍ନଟ କରାଯାଇଛି। ଗୁରୁବାର ରାତିରେ ଲକ୍ଷ୍ମୀସାଗର ଥାନା ପୋଲିସ ଅଭିଯୁକ୍ତଙ୍କ ଘରକୁ ଯାଇଥିଲା। ଘରେ ସେ ନ ଥିବାରୁ ତାଙ୍କ ପରିବାର ଲୋକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ଅଭିଯୁକ୍ତଙ୍କ ବାପାଙ୍କୁ ପୋଲିସ ଆଣି ଥାନାରେ ଅଟକ ରଖିଥିଲା। ତେବେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ମୁଚାଲିକାରେ ତାଙ୍କୁ ଛାଡ଼ି ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ସମ୍ପୃକ୍ତା ନାବାଳିକାଙ୍କ ପରିବାର ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଭିଯୁକ୍ତ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇଥିବାରୁ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭୟ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

### ପରିବାର ଲୋକଙ୍କୁ ଥାନାରେ ପଚରାଉଚରା

ସୂଚନାଯୋଗ୍ୟ, ରାଜଧାନୀରେ ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ଛାତ୍ରୀ ଜଣଙ୍କ ଅଷ୍ଟମ ଶ୍ରେଣୀରେ ପାଠ ପଢନ୍ତି। ଗତ ୨୧ ତାରିଖ ସକାଳ ପ୍ରାୟ ୫.୪୫ରେ ସେ ସାଇକେଲରେ ଟ୍ୟୁଶନ୍ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ଏକ ଆକ୍ଟିଭା ସ୍କୁଟିରେ ତାଙ୍କୁ ପିଛା କରିଥିଲେ। ବାଟରେ ତାଙ୍କୁ ଅଟକାଇ ତାଙ୍କ ନାମ, କେଉଁ ସ୍କୁଲରେ ପାଠ ପଢିବା ସହ ଘର ଠିକଣା ପଚାରିଥିଲେ। ନିଛାଟିଆ ରାସ୍ତାର ସୁଯୋଗରେ ଅଭିଯୁକ୍ତ ଜଣଙ୍କ ଛାତ୍ରୀଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ଛାତ୍ରୀ ଜଣଙ୍କ ଲୋକ ଲଜ୍ଜାରେ ପରିବାର ଲୋକଙ୍କୁ ଏହା ଜଣାଇ ନ ଥିଲେ। ମାତ୍ର ସିସିଟିଭି ଫୁଟେଜରେ ଏସବୁ ଦୃଶ୍ୟ କଏଦ ହେବା ପରେ ପରିବାର ଲୋକେ ଅବଗତ ହୋଇ ଏ ନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦଫା ୩୪୧, ୩୨୩,୩୫୪ ଓ ପୋକ୍ସୋ ଆକ୍ଟ (୨୦୧୨) ଲଗାଇ ଏକ କେସ୍ (ନଂ–୨୩୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

# 'ୱାର'ରେ ହ୍ରିତିକ୍, ଟାଇଗର



**ମୁମ୍ବାଇ:** ଆଗାମୀ ଫିଲ୍ମ 'ୱାର' ପାଇଁ ବଲିଉଡ ଷ୍ଟାର ହ୍ରିତିକ୍ ରୋଶନ ଏବଂ ଟାଇଗର ଶ୍ରଫ୍‌ଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଦୃଶ୍ୟ ବେଶ୍ ଆମୋଦଦାୟକ। ଏଥି ନିମନ୍ତେ ପର୍ତ୍ତୁଗାଲର ପୋର୍ଟୋ ନଗରୀକୁ ଦୁଇଦିନ ପାଇଁ ଜନସାଧାରଣଙ୍କ ଚଳାଚଳ ବନ୍ଦ କରିଦିଆଯାଇଥିଲା। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେଉଥିବା ଏହି ଫିଲ୍ମ ବିଶେଷକରି ଦୁଇ ବଲିଉଡ ନାୟକ ହ୍ରିତିକ ଏବଂ ଟାଇଗରଙ୍କ ଆକ୍ସନକୁ ନେଇ ଗତିଶୀଳ। ଏହାର ଶୁଟିଂ ପାଇଁ ପୋର୍ଟୋର ମୁଖ୍ୟ ସେତୁକୁ ବନ୍ଦ ରଖିବା ଲାଗି ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ଏଥିପାଇଁ ସ୍ଥାନୀୟ କର୍ତ୍ତୃପକ୍ଷ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥିଲେ ବୋଲି ନିର୍ଦ୍ଦେଶକ କହିଛନ୍ତି। ସ୍ଥାନୀୟ ଲୋକମାନେ ମଧ୍ୟ ଏଥିପାଇଁ ଖୁସି ପ୍ରକାଶ କରିଥିଲେ। କାରଣ ସେମାନେ ପୂର୍ବରୁ ତାଙ୍କ ସହରରେ ଜନସାଧାରଣଙ୍କ ଚଳାଚଳ ବନ୍ଦ କରାଯିବା ଦେଖି ନ ଥିଲେ। ତେବେ କେଉଁ ଫିଲ୍ମ ପାଇଁ ଏପରି ହେଉଛି ତାହା ଜାଣିବାକୁ ସେମାନେ ଉତ୍ସୁକ ହୋଇପଡିଥିଲେ। ଶୁଟିଂ ସମୟରେ ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା ଥିଲା ଉତ୍ସାହଜନକ। ସେମାନେ ହ୍ରିତିକ ଓ ଟାଇଗରଙ୍କ ମୁହାଁମୁହିଁ ଲଢ଼େଇ ଦେଖି ସ୍ତବ୍ଧ ହୋଇଯାଇଥିଲେ। ଆକ୍ସନ ମାଷ୍ଟର ଏହି ଦୁଇ କଳାକାର ଲଢ଼େଇ ସମୟରେ ଯେଉଁଭଳି ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ ସେଭଳି ଦୃଶ୍ୟ ଦର୍ଶକଙ୍କୁ ଚମକାଇବା ଭଳି। ଯଶ ରାଜ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମ ହିନ୍ଦୀ, ତାମିଲ ଓ ତେଲୁଗୁ ଭାଷାରେ ଅକ୍ଟୋବର ୨ରେ ରିଲିଜ୍ ହେବାର ସମ୍ଭାବନା ଅଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

WALK IN INTERVIEW
ST. XAVIER'S HIGH SCHOOL, Satyabhamapur, BBSR

| POST | Educational Qualification |
|---|---|
| PRT | BA/B.SC/B.COM with B.ED and 2 yrs. experience of teaching in CBSE school. |
| Montessori Teacher | Graduate with NTT compulsory and min. 1 yr. experience of teaching in CBSE school. |

Note: For the above post, candidates must be well-versed in both spoken and written English & Hindi. Short-listed candidates will be called for interview at Satyabhamapur school campus.
Interested candidates can send Resume xavierschool2018@gmail.com within 7days of publicaton.
For any query contact Ph- 8249112131, 9437112053, 6371668915

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

ଫ୍ୟାନ ୱାଇଣ୍ଡିଂ ପାଇଁ ଅଭିଜ୍ଞ ଲୋକ ଏବଂ ସେଲ୍ସମ୍ୟାନ ଆବଶ୍ୟକ।
ସୋନୁ ଇଲେକ୍ଟ୍ରିକାଲ
୧୫୯, ବାପୁଜୀନଗର, ଗଳି ନଂ.-୧୨, ଭୁବନେଶ୍ୱର

URGENTLY REQUIRED
We are a professionally managed construction company for over 5 years of experience in housing projects (150 Nos. of Flats & 100 Nos. Duplex/Simplex Construction is in full swing) in and around Bhubaneswar required following personnel:
PROJECT HEAD
B.Tech. (Civil) with at least 5 years experience in Apartment/Duplex Project.
SITE ENGINEER
B.Tech./ Diploma (Civil) with at least 5 years experience in Apartment/Duplex Project
GENERAL MANAGER (Sales)
MBA with Min. 7 years of experience in Housing Projects.
ASST. GENERAL MANAGER (Sales)
Graduate with Min. 5 years of experience in Housing Projects.
BUSINESS MANAGER
Graduate with Min. 3 years of experience in Housing Projects.
SALES MANAGER
Graduate with Min. 2 years experience in Housing Project
DRIVER : 5 years experience in LMV License.
Applicants can mail CV on ethicsassets@gmail.com or may come for an interview on 28th August to 5th September 2019 between 11.00 A.M. to 5 P.M. with Complete CV at :
ETHICS ASSETS (P) LIMITED
Plot no 109, District Center, Chandrasekharpur, Bhubaneswar
Contact: 7788001106,9090445566

JOB Vacancy at BBSR DIRECT JOIN
•CUSTOMER CARE
•RECEPTIONIST
•SECURITY GUARD
Salary : 8000-16000
Mob : 7735596171

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time / Full Time)
Contact: 9938676412

ନିଃଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

SHRILEKHA ENTERPRISES
ଏକ ଖାତା ତିଆରି କମ୍ପାନୀରେ Worker ଏବଂ Marketing Executive ଆବଶ୍ୟକ।
Walk in 01.09.2019 (Sunday), Reporting Time: 9.30 AM - 12.15 PM
Address: L-113, GGP Colony, Rasulgarh, BBSR, Mob: 7609044994

OFFICE STAFF ଆବଶ୍ୟକ
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

ନୋଟିସ
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday

କାର ଡ୍ରାଇଭର ଆବଶ୍ୟକ ଜଗତପୁର ଅଫିସ୍ ପାଇଁ।
ଯୋଗାଯୋଗ ପାଇଁ : MOB : 9437021279 7381075901

## ସଂକ୍ଷେପରେ

### ଆୟକର ରିଟର୍ନ ଦାଖଲ ଶେଷ ତାରିଖ ବଢ଼ିବନି




ନୂଆଦିଲ୍ଲୀ,୩୦-୮: ଆୟକର ରିଟର୍ନ ଦାଖଲର ଶେଷ ତାରିଖ ବଢ଼ିବ ନାହିଁ ବୋଲି ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ଶୁକ୍ରବାର ସ୍ପଷ୍ଟ କରିଛି। ତେବେ ସୋସିଆଲ ମିଡିଆରେ ରିଟର୍ନ ଦାଖଲ ଶେଷ ତାରିଖ ଏକ ମାସ ବୃଦ୍ଧି କରାଯାଇଛି ବୋଲି ଉଲ୍ଲେଖ କରାଯାଇଛି। ସିବିଡିଟିର ଏକ ପତ୍ର ଉଲ୍ଲେଖ କରି ସୋସିଆଲ ମିଡିଆରେ ମିଥ୍ୟା ମେସେଜ ଭାଇରାଲ ହୋଇଛି, ଯାହା କୁ ସିବିଡିଟି ଖଣ୍ଡନ କରିଛି। ଏହା ସମ୍ପୂର୍ଣ୍ଣ ମିଛ ବୋଲି ସିବିଡିଟି ଉଲ୍ଲେଖ କରି କହିଛି ଯେ, ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଆୟକର ରିଟର୍ନ ଦାଖଲ କରିହେବ। ସମୟସୀମାରେ କୌଣସି ବୃଦ୍ଧି ହୋଇନାହି। ବିଭିନ୍ନ ଅସୁବିଧା କାରଣରୁ ଆୟକର ରିଟର୍ନ ଦାଖଲ ଶେଷ ତାରିଖକୁ ସେପ୍ଟେମ୍ବର ୩୦ ଯାଏ ବୃଦ୍ଧି କରାଯାଇଛି ବୋଲି ସୋସିଆଲ ମିଡିଆରେ ମେସେଜ ଭାଇରାଲ ହୋଇଛି।

### ୧୦୦ ଟଙ୍କିଆ ବାର୍ନିସ ନୋଟ୍ ଜାରି କରିବ ଆର୍‌ବିଆଇ



ମୁମ୍ବାଇ,୩୦-୮: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁବଶୀଘ୍ର ୧୦୦ ଟଙ୍କିଆ ନୂଆ ବାର୍ନିସ ନୋଟ୍ ଜାରି କରିବ। ଏହି ନୂଆ ନୋଟ୍‌ର ଗୁଣବତ୍ତା ପୂର୍ବାପେକ୍ଷା ଅଧିକ ରହିବ। ଏ ସମ୍ପର୍କରେ ଆର୍‌ବିଆଇ ବାର୍ଷିକ ରିପୋର୍ଟରେ ଉଲ୍ଲେଖ ରହିଛି। ଏଥିରେ କୁହାଯାଇଛି ଯେ, ୧୦୦ ଟଙ୍କିଆ ବାର୍ନିଶ ନୋଟ୍‌କୁ ପ୍ରଥମେ ଟ୍ରାୟାଲ ଆଧାରରେ ଜାରି କରାଯିବ। ସ୍ୱତନ୍ତ୍ର ଲେୟର ନୋଟ୍‌ର ସ୍ଥାୟିତ୍ୱ ଅଧିକ ହେବ ଏବଂ ଏହା ଶୀଘ୍ର ଖରାପ ହେବ ନାହିଁ। ତେବେ କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି ଯୋଗୁ ନୋଟ୍ ଛାପା ଖର୍ଚ୍ଚ ବଢ଼ିଯିବ। ସୂଚନାଯୋଗ୍ୟ ଯେ, ନୋଟ୍ ଉପରେ ଏକ ବାର୍ନିସର ଏକ ସ୍ୱତନ୍ତ୍ର ପରସ୍ତ ଦିଆଯାଏ। ଏହି କାରଣରୁ ଏଭଳି ନୋଟ୍ ଶୀଘ୍ର ନଷ୍ଟ ହୁଏ ନାହିଁ। ଏହାଛଡ଼ା ଏଭଳି ନୋଟ୍ ଶୀଘ୍ର ଖରାପ ହୁଏ ନାହିଁ। ବିଶ୍ୱର ଏକାଧିକ ଦେଶରେ ବାର୍ନିସ ନୋଟ୍ ବ୍ୟବହାର କରାଯାଉଛି। ବର୍ତ୍ତମାନର ନୂଆ ନୋଟ୍ ଗୁଡ଼ିକ ଶୀଘ୍ର ଖରାପ ହୋଇଯାଉଥିବାରୁ ଆର୍‌ବିଆଇ ବାର୍ନିସ ନୋଟ୍ ପ୍ରଚଳନ ପାଇଁ ନିଷ୍ପତ୍ତି ନେଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୫୦୦ ଟଙ୍କିଆ ଜାଲ୍ ନୋଟ କାରବାର ୨୦୧୮-୧୯ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ଅପେକ୍ଷା ୧୨୧ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଅବଧିରେ ୨୦୦୦ ଟଙ୍କିଆ ଜାଲ୍ ନୋଟ ପରିମାଣ ୨୧.୯ ପ୍ରତିଶତ ବଢ଼ିଛି। ସେହିପରି ୧୦,୨୦ ଓ ୫୦ ଟଙ୍କିଆ ଜାଲ୍ ନୋଟ କାରବାର ଯଥାକ୍ରମେ ୨୦.୨, ୮୭.୨ ଓ ୫୭.୩% ବୃଦ୍ଧି ପାଇଛି। ଅନୁରୂପ ଭାବେ ୭.୫% ୧୦୦ ଟଙ୍କିଆ ଜାଲ୍ ନୋଟ୍ କାରବାର ବଢ଼ିଛି। ୨୦୧୮ ଜୁଲାଇ ପହିଲାରୁ ଚଳିତବର୍ଷ ଜୁନ୍ ସୁଦ୍ଧା ମୋଟ ୪୮.୧୧ ବିଲିୟନ ଟଙ୍କା ଖର୍ଚ୍ଚ କରାଯାଇଛି। ଗତ ବର୍ଷ ଏହି ସମୟରେ ଏହା ୪୯.୧୨ ବିଲିୟନ ଟଙ୍କା ଥିଲା।



> ଜିଡିପି ଅଭିବୃଦ୍ଧି ହାର ୫%କୁ ଖସିଆସିବା ପ୍ରମାଣ କରୁଛି ଦେଶର ଅର୍ଥନୀତି ଜରୁରୀକାଳୀନ ସ୍ଥିତିରେ ରହିଛି। ସରକାର ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ଉଚିତ।
> – କିରଣ ମଜୁମଦାର ସ', ଶିଳ୍ପପତି

> ରିଜର୍ଭ ବ୍ୟାଙ୍କ ନିକଟରେ ଆହୁରି ବଳକା ଅର୍ଥ ରହିଛି। ସରକାରଙ୍କୁ ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ। ଅଧିକ ଅର୍ଥ କେନ୍ଦ୍ରୀୟ ବ୍ୟାଙ୍କ ଦେବା ଉଚିତ ଥିଲା।
> – ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



# ୬ ବର୍ଷର ସର୍ବନିମ୍ନ ସ୍ତରରେ ଜିଡିପି

ନୂଆଦିଲ୍ଲୀ,୩୦-୮

ମାନ୍ଦାବସ୍ଥା କାରଣରୁ ଦେଶର ଆର୍ଥିକ ଅଭିବୃଦ୍ଧିବଢ଼ିବା ପରିବର୍ତ୍ତେ କମିଛି। ଦେଶର ବିକାଶ ହାର ଜୁନ୍ ତ୍ରୈମାସ(ଏପ୍ରିଲ-ଜୁନ୍)ରେ ୫%କୁ ହ୍ରାସ ପାଇଛି, ଯାହା କି ମୋଦି ସରକାରଙ୍କ ପାଇଁ ଜୋର୍‌ଦାର ଝଟକା କୁହାଯାଇପାରେ। ଜୁନ୍‌ର ଜିଡିପି ଅଭିବୃଦ୍ଧି ହାର ୬ ବର୍ଷରେ ସର୍ବନିମ୍ନ ସ୍ତରରେ ରହିଛି। ପୂର୍ବ ତ୍ରୈମାସରେ ଏହା ୫.୮% ରହିଥିଲା। ବାର୍ଷିକ ଆଧାରରେ ହିସାବ କଲେ ପ୍ରାୟ ଜିଡିପି ୩% ହ୍ରାସ ପାଇଛି। ବର୍ଷକ ପୂର୍ବରୁ ଏହି ସମୟରେ ଜିଡିପି ଅଭିବୃଦ୍ଧି ହାର ୮% ରହିଥିଲା। ଗତ ତ୍ରୈମାସରେ ମାନୁଫାକ୍ଚରିଂ ସେକ୍ଟରରେ ଗତିବିଧି ହ୍ରାସ ପାଇଥିବା ବେଳେ କୃଷି ଉତ୍ପାଦନ କମିବା କାରଣରୁ ବିକାଶ ଅଭିବୃଦ୍ଧି ପ୍ରଭାବିତ ହୋଇଛି।

ଅର୍ଥ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ପ୍ରାୟ ୬ ବର୍ଷ ପୂର୍ବେ ଉପା ସରକାରରେ କୌଣସି ଏକ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ଏହି ସ୍ତରଠାରୁ କମ୍ ଥିଲା। ଆର୍ଥିକ ବର୍ଷ ୨୦୧୨-୧୩ର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୪.୯% ରହିଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ଦେଶର ଜିଡିପି ଅଭିବୃଦ୍ଧି ହାର ଅନୁମାନକୁ ୬.୯% କରିଥିଲା। ପୂର୍ବରୁ ଏହା ୭% ରହିବ ବୋଲି ନିଜ ଅନୁମାନରେ ଦର୍ଶାଇଥିଲା। ମାନୁଫାକ୍ଚରିଂ ସେକ୍ଟରରେ ୧୨.୧% ବଦଳରେ ୦.୬% ଅଭିବୃଦ୍ଧି ଦେଖାଯାଇଛି। କୃଷି କ୍ଷେତ୍ରରେ ବିକାଶ ହାର ୫.୧%ରୁ ହ୍ରାସ ପାଇ ୨% ରହିଛି। ସେହିପରି ଖଣି ଖନନ କ୍ଷେତ୍ରରେ ଅଭିବୃଦ୍ଧି ହାର ୦.୪% ଦେଖିବାକୁ ମିଳିଥିଲା, ଯାହା ଏବେ ବୃଦ୍ଧି ପାଇ ୨.୭% ହୋଇଛି। ନିର୍ମାଣ ସେକ୍ଟରରେ ଗତବର୍ଷ ପ୍ରଥମ ତ୍ରୈମାସରେ ଅଭିବୃଦ୍ଧି ହାର ୯.୬% ରହିଥିଲା, ଯାହା ଏବେ ହ୍ରାସ ପାଇ ୫.୭% ରହିଛି। ହୋଟେଲ, ପରିବହନ ଓ ଟ୍ରେଡ୍ ସେକ୍ଟରରେ ଅଭିବୃଦ୍ଧି ହାର ୭.୮ରୁ ୭.୧%କୁ କମିଛି। ସେହିପରି ବିତ୍ତୀୟ, ରିଏଲ ଇଷ୍ଟେଟ ସେକ୍ଟରରେ ବିକାଶ ହାର ୬.୫ରୁ ୫.୯%କୁ ହ୍ରାସ ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ହ୍ରାସ ପାଇଥିଲେ ମଧ୍ୟ ସରକାରଙ୍କ ନୀତିକୁ ସମର୍ଥନ ଜଣାଇଛନ୍ତି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଅର୍ଥନୀତିକୁ ଗତିଶୀଳ କରିବା ଲାଗି ଅନେକ ପ୍ରକାର ବ୍ୟବସ୍ଥା ଘୋଷଣା କରିଛନ୍ତି, ଯାହା କି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ନିକଟରେ କରିଥିବା କେତେକ ଘୋଷଣାରୁ ସ୍ପଷ୍ଟ ହୋଇଛି। ସରକାର ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଆଡକୁ ଅଗ୍ରସର ହେଉଛନ୍ତି। ଏଥିଲାଗି ପଦକ୍ଷେପ ନିଆଯାଉଛି ଓ ଆଗକୁ ଅଧିକ ପଦକ୍ଷେପ ନିଆଯିବ। ସେଥିପାଇଁ ସରକାର ସଜାଗ।

## ଅଭିବୃଦ୍ଧି ରୋକିଲା ମାନ୍ଦାବସ୍ଥା

### କ୍ରମାଗତ କମୁଛି ଅର୍ଥନୀତି

ଭାରତର ଜିଡିପି ଅଭିବୃଦ୍ଧି ହାର ଗତ କିଛି ତ୍ରୈମାସ ହେବ ହ୍ରାସ ପାଇଚାଲିଛି। ୨୦୧୭-୧୮ର ଶେଷ ତ୍ରୈମାସରେ ଦେଶର ବିକାଶ ହାର ୮.୧% ରହିଥିଲା। କିନ୍ତୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଏହା ୫%କୁ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୮-୧୯ର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୮% ରହିଥିଲା। ଦ୍ୱିତୀୟରେ ଏହା ୭%, ତୃତୀୟରେ ୬.୬% ଓ ଚତୁର୍ଥରେ ୫.୮% ରହିଥିଲା।




### ପିଏଫ୍ ଆକାଉଣ୍ଟରେ ମିଳିବ ୮.୬୫% ସୁଧ




ନୂଆଦିଲ୍ଲୀ,୩୦-୮

ଚାକିରିରେ ଥିବା କର୍ମଚାରୀଙ୍କ ପାଇଁ ଖୁସିଖବର। ଭବିଷ୍ୟନିଧି ଆକାଉଣ୍ଟ (ପିଏଫ ଆକାଉଣ୍ଟ)ରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୮.୬୫% ସୁଧ ହାର ମିଳିବ। କେନ୍ଦ୍ର ଶ୍ରମ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଶୁକ୍ରବାର କହିଛନ୍ତି ଯେ, ଇପିଏଫ୍ ପକ୍ଷରୁ ଧାର୍ଯ୍ୟ ସୁଧ ହାର ପ୍ରଦାନ କରିବାକୁ ଅର୍ଥ ମନ୍ତ୍ରଣାଳୟ ରାଜି ହୋଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଖୁବଶୀଘ୍ର ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସେ କହିଛନ୍ତି। ଏହାର ସିଧା ଫାଇଦା ୬ କୋଟି ଇପିଏଫ୍ ଆକାଉଣ୍ଟଧାରୀଙ୍କୁ ମିଳିବ। ସୂଚନାଥାଉ କି, ଗତ ୬ ମାସ ହେଲା ଅର୍ଥ ଓ ଶ୍ରମ ମନ୍ତ୍ରଣାଳୟ ମଧ୍ୟରେ ଏନେଇ ସହମତି ପ୍ରକାଶ ପାଇପାରୁ ନଥିଲା। ଏଥିପୂର୍ବରୁ ଅର୍ଥାତ୍ ୨୦୧୭-୧୮ ଆର୍ଥିକ ବର୍ଷରେ ସୁଧହାର ୮.୫୫% ରହିଥିଲା। ଅର୍ଥାତ ଆଲୋଚ୍ୟ ବର୍ଷରେ ପିଏଫ୍ ଆକାଉଣ୍ଟଧାରୀଙ୍କୁ ୦.୧୦% ଅଧିକ ସୁଧ ମିଳିବ।

### ସିଣ୍ଡିକେଟ ବ୍ୟାଙ୍କ-ବଜାଜ ଆଲିଆଞ୍ଜ ଲାଇଫ ଚୁକ୍ତି

ନୂଆଦିଲ୍ଲୀ, ୩୦-୮

ସିଣ୍ଡିକେଟ ବ୍ୟାଙ୍କ ବଜାଜ ଆଲିଆଞ୍ଜ ଲାଇଫ ଚୁକ୍ତିରେ ସାମିଲ ହୋଇଛନ୍ତି। ଗ୍ରାହକଙ୍କୁ ଜୀବନ ବୀମା ସୁବିଧା ପ୍ରଦାନ ଲକ୍ଷ୍ୟରେ ଏହି ଚୁକ୍ତି ହୋଇଛି। ଏହି ପଦକ୍ଷେପ ବ୍ୟାଙ୍କର ଆର୍ଥିକ ସେବା ସମ୍ପ୍ରସାରଣ ଦିଗରେ ସହାୟକ ହେବ ବୋଲି ବ୍ୟାଙ୍କର ଏମ୍‌ଡି ତଥା ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଦେଶର ଏକ ପୁରାତନ ବ୍ୟାଙ୍କ ସହ ବୁଝାମଣାରେ ସାମିଲ ହୋଇ ଖୁସି ବୋଲି ବଜାଜ ଆଲିଆଞ୍ଜ ସିଇଓ ତରୁଣ ଚଗ୍ କହିଛନ୍ତି।

### ଘର, କାର ରଣକୁ ରେପୋ ସହ ଯୋଡିଲା ୟୁବିଆଇ

ମୁମ୍ବାଇ, ୩୦-୮

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ ବାସଗୃହ ଏବଂ କାର ଋଣକୁ ରେପୋ ସହ ସଂଯୋଗ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ସୁଧହାର ହ୍ରାସର ଉନ୍ନତ ସୁବିଧା ଯୋଗାଣ ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ହାଉସିଂ ଋଣ ନେଉଥିବା ଗ୍ରାହକଙ୍କ ଲାଗି ଏହା ବିଭିନ୍ନ ବର୍ଗରେ ୮.୧୫%ରୁ ୮.୩୦% ହେବ। ସେହିଭଳି କାର ଋଣ କ୍ଷେତ୍ରରେ ଏହା ୮.୭୦%ରୁ ୮.୮୫% ରହିଛି। ଏମ୍‌ସିଏଲ୍‌ଆର ଭିତ୍ତିରେ ଋଣ ପ୍ରଦାନ ପ୍ରକ୍ରିୟା ମଧ୍ୟ ଜାରି ରହିବ। ଗ୍ରାହକ ସେମାନଙ୍କ ଇଚ୍ଛା ମୁତାବକ ୨ଟି ବର୍ଗରୁ କୌଣସି ଗୋଟିଏକୁ ବାଛି ଋଣ ନେଇ ପାରିବେ।

# ବ୍ୟାଙ୍କଗୁଡ଼ିକୁ ମିଳିବ ୫୫,୨୫୦ କୋଟି ପୁଞ୍ଜି

ନୂଆଦିଲ୍ଲୀ,୩୦-୮

କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ୍ ଶୁକ୍ରବାର ୧୦ ବ୍ୟାଙ୍କ ମିଶ୍ରଣ ହେବ ବୋଲି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଋଣ ଅଭିବୃଦ୍ଧି ତଥା ନିୟମକୀୟ ପାଳନ ଲାଗି ବ୍ୟାଙ୍କଗୁଡ଼ିକୁ ସରକାର ୫୫,୨୫୦ କୋଟି ଟଙ୍କା ସହାୟତା ପ୍ରଦାନ କରାଯିବ। ତଦନୁଯାୟୀ, ପିଏନବିକୁ ୧୬ହଜାର କୋଟି ଟଙ୍କା, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୧୧,୭୦୦ କୋଟି, ବ୍ୟାଙ୍କ ଅଫ୍ ବରୋଦାକୁ ୭ ହଜାର କୋଟି, କାନାରା ବ୍ୟାଙ୍କକୁ ୬୫୦୦ କୋଟି, ଇଣ୍ଡିଆନ ବ୍ୟାଙ୍କକୁ ୨୫୦୦ କୋଟି, ଇଣ୍ଡିଆନ ଓଭରସିଜ ବ୍ୟାଙ୍କକୁ ୩୮୦୦ କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୩୩୦୦ କୋଟି, ୟୁକୋ ବ୍ୟାଙ୍କକୁ ୨୧୦୦ କୋଟି, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୧୬୦୦ କୋଟି ଓ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କକୁ ୭୫୦ କୋଟି ଟଙ୍କା ସରକାର ସହାୟତା ପ୍ରଦାନ କରିବେ। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ସଂସ୍କାର ଘୋଷଣା କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ର ସରକାର ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଭାବେ ଗଢ଼ିତୋଳିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏଥିଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇସାରିଛି। ସେ କହିଛନ୍ତି ଯେ, ସରକାର ଏନ୍‌ବିଏଫ୍‌ସିଙ୍କୁ ସହାୟତା ଦେବା ଲାଗି ଅନେକ ଉପାୟ ଘୋଷଣା କରିଛନ୍ତି। ବ୍ୟାଙ୍କିଙ୍ଗ୍ ସେକ୍ଟରକୁ ସୁଦୃଢ଼ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଇତିମଧ୍ୟରେ ୮ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରେପୋ ରେଟ୍ ସହ ଋଣକୁ ଯୋଡି ବଜାର ପ୍ରବେଶ କରାଇଛନ୍ତି। ଋଣ ବଣ୍ଟନ କ୍ଷେତ୍ରରେ ସଂସ୍କାର ଆଣିବା ସରକାରଙ୍କ ପ୍ରାଥମିକତା ରହିଛି।



### ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ପ୍ରଶାସନିକ ସଂସ୍କାର

ସୀତାରାମନ୍ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପ୍ରଶାସନିକ ସଂସ୍କାର କାର୍ଯ୍ୟ ହାତକୁ ନିଆଯାଇଛି। ତଦନୁଯାୟୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ପରବର୍ତ୍ତୀ ମୁଖ୍ୟ ବାଛିବା ଲାଗି ସେମାନଙ୍କୁ କ୍ଷମତା ପ୍ରଦାନ କରାଯିବ। ବ୍ୟାଙ୍କଗୁଡ଼ିକ ବାଣିଜ୍ୟିକ ନିଷ୍ପତ୍ତି ନିଜେ ନେଇପାରିବେ। ଏଥିରେ ସରକାରୀ ହସ୍ତକ୍ଷେପ ରହିବ ନାହିଁ। ସେହିପରି ବ୍ୟାଙ୍କ ବୋର୍ଡ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଫି' ନିର୍ଦ୍ଧାରଣ କରିପାରିବେ। ଅନୁରୂପ ଭାବେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭଳି ନନ୍ ଅଫିସିଆଲ ଡାଇରେକ୍ଟରମାନେ କାର୍ଯ୍ୟ ତୁଲାଇବେ। ମ୍ୟାନେଜମେଣ୍ଟକୁ ଉତ୍ତରଦାୟୀ କରିବା ଲକ୍ଷ୍ୟରେ ସୀତାରାମନ୍ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଛନ୍ତି। ଏଣିକି ଜେନେରାଲ ମ୍ୟାନେଜରଙ୍କଠାରୁ ଉଚ୍ଚସ୍ତରର ଅଧିକାରୀ ଏପରିକି ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କ ପ୍ରଦର୍ଶନକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବୋର୍ଡ କମିଟି ତର୍ଜମା କରିବେ। ମିଶ୍ରଣ ପରେ ବ୍ୟବସାୟିକ ଦୃଷ୍ଟିକୋଣରୁ ଆବଶ୍ୟକ ହେଲେ ସମ୍ପୃକ୍ତ ବ୍ୟାଙ୍କ ବୋର୍ଡ ଜଣେ ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ନିଯୁକ୍ତ କରିପାରିବେ। ଏହାଛଡ଼ା ଉପଲବ୍ଧ ଶ୍ରେଷ୍ଠ ପ୍ରତିଭାକୁ ଖୋଜି ବଜାର ଆଧାରିତ ଦରମା ପ୍ୟାକେଜ ସହ ଜଣେ ବ୍ୟାଙ୍କରେ ଚିଫ୍ ରିସ୍କ ଅଫିସରଙ୍କୁ ବୋର୍ଡ ନିଯୁକ୍ତ କରିବେ।

### ହ୍ରାସ ପାଇଛି ଏନ୍‌ପିଏ

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ(ଏନ୍‌ପିଏ) ପରିମାଣ ହ୍ରାସ ପାଇଛି। ଏହା ଏବେ ୮.୬୫ ଲକ୍ଷ କୋଟି ଟଙ୍କାରୁ କମି ୭.୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଋଣ ଅସୁଲ ପରିମାଣ ବଢ଼ିବା କାରଣରୁ ୧୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବେ ଲାଭ ହାସଲ କରିଛନ୍ତି। ପୂର୍ବରୁ ୩ ବ୍ୟାଙ୍କର ମିଶ୍ରଣରୁ ଫାଇଦା ମିଳିଛି। ଏହାଦ୍ୱାରା ଋଣ ଅଭିବୃଦ୍ଧି ୨୫% ବଢ଼ିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ପୂର୍ବରୁ ଦୁଇଥର ବ୍ୟାଙ୍କ ମିଶ୍ରଣ ହୋଇଛି

ମୋଦି ସରକାରଙ୍କ କାର୍ଯ୍ୟକାଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସର୍ବପ୍ରଥମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହ ଏହାର ୫ ସହଯୋଗୀ ବ୍ୟାଙ୍କ ଓ ମହିଳା ବ୍ୟାଙ୍କକୁ ମିଶାଇ ଦିଆଯାଇଥିଲା। ୨୦୧୭ ଏପ୍ରିଲ ପହିଲାରୁ ଏହା କାର୍ଯ୍ୟକାରୀ ହୋଇଥିଲା। ଏହାପରେ ଚଳିତବର୍ଷ ଏପ୍ରିଲ ପହିଲାରୁ ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କକୁ ମିଶାଇ ଦିଆଯାଇଛି।

### ମିଶ୍ରଣ ବ୍ୟାଙ୍କିଙ୍ଗ୍ ଶିଳ୍ପ ସମସ୍ୟାର ସମାଧାନ ନୁହେଁ



ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ମିଶାଇ କମ୍ ସଂଖ୍ୟକ ବ୍ୟାଙ୍କ ରଖିଲେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସ୍ଥିରତା ଆସିବ ତାହା ଭାବିବା ଭୂଲ। ପୂର୍ବରୁ ସରକାର ଏସ୍‌ବିଆଇର ସହଯୋଗୀ ବ୍ୟାଙ୍କଗୁଡିକ ମିଶାଇ ଦେଇଛନ୍ତି। ମାତ୍ର ଏତେଟା ଆଖି ଦୃଶିଆ ଉନ୍ନତି ଆସିନାହିଁ। ବ୍ୟାଙ୍କଗୁଡିକରେ ଅନାଦାୟ ଋଣ ଏବେ ପ୍ରମୁଖ ସମସ୍ୟା ହୋଇଛି। ଏହା ଦ୍ୱାରା ସେମାନେ ଋଣ ପ୍ରଦାନ ତଥା ନଗଦ ସମସ୍ୟା ସାମ୍ନା କରୁଛନ୍ତି। ପର୍ଯ୍ୟାପ୍ତ ପରିମାଣର ପୁଞ୍ଜି ବ୍ୟାଙ୍କଗୁଡିକରେ ନ ରହିବା ଯୋଗୁ ଏଭଳି ସମସ୍ୟା ଦେଖାଯାଇଛି। ବ୍ୟାଙ୍କ ମିଶି ବଡ ବ୍ୟାଙ୍କ ହେଇଗଲେ ମଧ ଏନ୍‌ପିଏ ଅସୁଲ ହୋଇଯିବ ତାହା ମଧ ଏତେ ସହଜ ହେବ ନାହିଁ। ସରକାର ଆଣିଥିବା ଆଇବିସିରେ ରହିଥିବା ହେୟାରକଟ ବ୍ୟାଙ୍କଗୁଡିକ ଲାଗି କିଛିଟା ସମସ୍ୟା ସୃଷ୍ଟି କରୁଛି। ଇଚ୍ଛାକୃତ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଛି। ଏଣୁ ବିଭିନ୍ନ ପ୍ରସଙ୍ଗକୁ ବିଚାର କଲେ ବ୍ୟାଙ୍କିଙ୍ଗ୍ ଶିଳ୍ପ ସମସ୍ୟାର ସମାଧାନ ମିଶ୍ରଣ ନୁହେଁ।

– ପ୍ରଫୁଲ୍ଲ ତ୍ରିପାଠୀ, ସାଧାରଣ ସମ୍ପାଦକ, ଅଲ ଓଡିଶା ବ୍ୟାଙ୍କ ଏମ୍ପ୍ଲୋଇ ଆସୋସିଏଶନ

### ସମ୍ପୂର୍ଣ୍ଣ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଲୋଡା



ବ୍ୟାଙ୍କର ମିଶ୍ରଣ ଫଳରେ ଦକ୍ଷ ବ୍ୟାଙ୍କର କାର୍ଯ୍ୟଶୈଳୀରେ ଅନ୍ୟ ସବୁ ବ୍ୟାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ବୋଲି ଆଶାପୋଷଣ କରାଯାଉଛି। ବ୍ୟାସେଲ ଚୁକ୍ତିନାମା ଅନୁଯାୟୀ ଭବିଷ୍ୟତର ଅନିର୍ଦ୍ଧିଷ୍ଟତାକୁ ସାମ୍ନା କରିବାକୁ ଆବଶ୍ୟକ ହେଉଥିବା ପୁଞ୍ଜି ବଡ ବ୍ୟାଙ୍କମାନଙ୍କୁ ମିଳିପାରିବ। କିନ୍ତୁ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବାକୁ ପ୍ରଶାସନିକ ସଂସ୍କାର ଆଣିବାକୁ ହେବ।

– ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

# ୧ ଟ୍ରିଲିୟନ ଡଲାର ଅର୍ଥନୀତି ଗଠନରେ ଯୁବପିଢିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର, ୩୦-୮(ବ୍ୟୁରୋ)

ଓଡ଼ିଶା ନିକଟ ଭବିଷ୍ୟତରେ ଏକ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏ ଦିଗରେ ଯୁବପିଢି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ଏଠାରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ପକ୍ଷରୁ ଅନୁଷ୍ଠିତ ଏଚ୍‌ଆର୍ ସମିଟ ଅବସରରେ ମିଶ୍ର କହିଛନ୍ତି ଯେ, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟରେ ସବୁକିଛି ରହିଛି। ଏଠାରେ ଅଭିବୃଦ୍ଧି ନେଇ ବିପୁଳ ସମ୍ଭାବନା ରହିଥିବା ବେଳେ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଯୁବବର୍ଗ ବେଶ୍ ଭଲ ପ୍ରଦର୍ଶନ କରୁଛନ୍ତି। ଏପରିସ୍ଥିତିରେ ସେମାନେ ରାଜ୍ୟ କିମ୍ବା ଦେଶ ମଧ୍ୟରେ ରହିଥିବା ସୁଯୋଗରେ ସୀମିତ ରହିଯାଉଛନ୍ତି। ଅନ୍ତର୍ଜାତୀୟ ସ୍ତରର ପ୍ରତିଦ୍ୱନ୍ଦ୍ୱିତାକୁ ଧ୍ୟାନ ଦେଇ ସେହି ମୁତାବକ ନୂଆ କୌଶଳ ଏବଂ ଦକ୍ଷତା ହାସଲ କରିବା ଉପରେ ଯୁବପିଢି ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି, ନିବେଶକଙ୍କ ଲାଗି ଏଠାରେ ବାଣିଜ୍ୟ ଉପଯୋଗୀ ପରିବେଶ ସୃଷ୍ଟି କରାଯାଇଛି। ସେମାନେ ରାଜ୍ୟରେ ନିବେଶ ଲାଗି ଆଗେଇ ଆସିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏ ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୫୧.୭୨%

ଭୁବନେଶ୍ୱର,୩୦-୮(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଜୁନ ମାସରେ ୩୧୬ ପଏଣ୍ଟ ଥିଲା। ଏହା ଜୁଲାଇରେ ୩ ପଏଣ୍ଟ ବଢ଼ି ୩୧୯ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୩୫ ପଏଣ୍ଟ ଥିବା ବେଳେ ରାଉରକେଲାରେ ଅପରିବର୍ତ୍ତିତ ରହିଛି। ଆର୍ଥିକ ଅର୍ଦ୍ଧବାର୍ଷିକ କ୍ଲୋଜିଂ ପାଇଁ ସେପ୍ଟେମ୍ବରରେ ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୬.୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫.୦୨% ବଢି ୧୫୧.୭୨% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଅକ୍ଟୋବର ପହିଲାରୁ ପାଇବେ।

ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ, ସେମାନେ ବର୍ତ୍ତମାନ ୬୮.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୯% ବୃଦ୍ଧି ଘଟି ୭୧% ହୋଇଛି। ନଭେମ୍ବର ପହିଲାରୁ ଏହା ଲାଗୁ ହେବ। ଶୁକ୍ରବାର ଅନେକ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ନେଇଛନ୍ତି। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଷି ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।




ବୀମା କର୍ମଚାରୀମାନେ ବର୍ତ୍ତମାନ ୬୧.୪ % ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୨.୯% ବୃଦ୍ଧି ଘଟି ୬୪.୩% ହୋଇଛି। ଏହି ବର୍ଦ୍ଧିତ ଡିଏ ନଭେମ୍ବର ପହିଲାରୁ ସେମାନେ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୮% ବୃଦ୍ଧି ଘଟି ୨୦% ହୋଇଛି। ୫% ଏମାନେ ୨୦୧୯ ଜୁଲାଇ ପହିଲାରୁ ଏବଂ ଅବଶିଷ୍ଟ ୩% ଜାନୁୟାରୀ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୨୦% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ଶନ ଏବଂ ପେନ୍‌ଶନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନକୁ ଅପେକ୍ଷା କରିଛନ୍ତି। ସୋମବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅଗଷ୍ଟ ୩୧, ୨୦୧୯





" ଭାରତ ବର୍ତ୍ତମାନ ବିଶ୍ୱର ପ୍ରମୁଖ ହକି ଦଳ ସହିତ ସମକକ୍ଷ ହୋଇପାରିଥିବାରୁ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ନେଇ ମୁଁ ଦୃଢ ଆଶାବାଦୀ ।

–ଧନରାଜ ପିଲ୍ଲେ, ପୂର୍ବତନ ଷ୍ଟାର ହକି ଖେଳାଳି



" ଆଣ୍ଟିଗୁଆଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟରେ ଦୁଇବର୍ଷ ବ୍ୟବଧାନରେ ଟେଷ୍ଟ ଶତକ ହାସଲ ମୋତେ ସାମାନ୍ୟ ଭାବବିହ୍ୱଳ କରି ଦେଇଥିଲା ।

–ଅଜିଙ୍କ୍ୟ ରାହାନେ, ଉପଅଧିନାୟକ

## ସଂକ୍ଷେପରେ

### ଅଭିଷେକଙ୍କୁ ସ୍ୱର୍ଣ୍ଣ, ସୌରଭଙ୍କୁ ବ୍ରୋଞ୍ଜ

ରିଓ ଡି' ଜାନିରୋ,୩୦।୮: ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତକୁ ଆଉ ଏକ ସ୍ୱର୍ଣ୍ଣ ସହ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଅଭିଷେକ ବର୍ମା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୮ ଜଣିଆ ଫାଇନାଲରେ ବର୍ମା ସର୍ବାଧିକ ୨୪୪.୨ ସ୍କୋର କରି ପୋଡିୟମ୍ର ଶୀର୍ଷ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ ଭାରତକୁ ଦ୍ୱିତୀୟ ପଦକ ଆଣି ଦେଇଛନ୍ତି ସୌରଭ ଚୌଧାରୀ। ସେ ୨୨୧.୯ ସ୍କୋର କରି ବ୍ରୋଞ୍ଜ ପଦକ ହାତେଇଛନ୍ତି। ସର୍ବାଧିକ ୨ ସ୍ୱର୍ଣ୍ଣ, ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ସହ ଭାରତ ପଦକ ତାଲିକାରେ ଶୀର୍ଷରେ ରହିଛି। ଏଥିପୂର୍ବରୁ ଇଲାଭେନିଲ ଭଲାରିଭାନ ମହିଳା ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ।

### ରିଚାର୍ଡ୍ସ ଅସୁସ୍ଥ

କିଙ୍ଗଷ୍ଟନ, ୩୦।୮ (ପି.ଟି.): ସାର୍ ଭିଭିଆନ୍ ରିଚାର୍ଡ୍ସ ଆକସ୍ମିକ ଅସୁସ୍ଥ ହୋଇପଡ଼ିଛନ୍ତି। ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ମ୍ୟାଚ ଶୁକ୍ରବାର ଆରମ୍ଭ ହୋଇଛି। ମ୍ୟାଚର ସିଧାସଳଖ ପ୍ରସାରଣ କରୁଥିବା ସୋନି ନେଟୱର୍କ ଟେଲିଭିଜନର କମେଣ୍ଟେଟର ଭାବେ ସେ କାର୍ଯ୍ୟ କରୁଥିଲେ। ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଦୁଇ ଜଣ ସ୍ୱେଚ୍ଛାସେବୀ ଷ୍ଟ୍ରେଚର ସହାୟତାରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ପଡ଼ିଆ ବାହାରକୁ ନେଇଥିଲେ। ରିଚାର୍ଡ କାହିଁକି ଅସୁସ୍ଥ ହୋଇ ପଡ଼ିଲେ ତାହାର କାରଣ ଜଣାପଡ଼ିନାହିଁ।

### ହାର୍ଦ୍ଦିକ ଫେରିଲେ

ନୂଆଦିଲ୍ଲୀ, ୩୦।୮ (ପି.ଟି.): ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ୩ ମ୍ୟାଚ୍ବିଶିଷ୍ଟ ଟି୨୦ ସିରିଜ ଲାଗି ଗୁରୁବାର ଘରୋଇ ଭାରତୀୟ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କୁ ସ୍ଥାନ ମିଳିନାହିଁ। ତେବେ ଆଘାତଜନିତ ସମସ୍ୟାରୁ ମୁକୁଳି ଥିବା ଅଲ୍ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏହି ସିରିଜ ମାଧ୍ୟମରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ୍ ପରେ କ୍ରିକେଟ୍ରୁ ୨ ମାସ ବିଶ୍ରାମ ନେଇଥିବା ଧୋନୀ ଟେରିଟୋରିଆଲ୍ ଆର୍ମିରେ ୧୫ ଦିନ ଡ୍ୟୁଟି ସମ୍ପନ୍ନ କରି ବର୍ତ୍ତମାନ ଆମେରିକାରେ ଛୁଟି କାଟୁଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଲାଗି ଚୟନକର୍ତ୍ତା ଧୋନୀଙ୍କ ଉପଲବ୍ଧି ନେଇ ତାଙ୍କ ସହ ଆଲୋଚନା କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଖେଳିଥିବା ଦଳରୁ କେବଳ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ବିଶ୍ରାମ ଦିଆଯାଇଛି। **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ୍କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ୍ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

### ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍

# ଦୂତୀଙ୍କୁ ଆଉ ଏକ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୩୦।୮ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଲକ୍ଷ୍ନୌଠାରେ ଅନୁଷ୍ଠିତ ୫୯ତମ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ର ମହିଳା ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ରେସ୍କୁ ଦୂତୀ ୧୧.୩୮ ସେକେଣ୍ଡରେ ଶେଷ କରିଛନ୍ତି। ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ ୧୧.୫୦ ଓ ପଶ୍ଚିମବଙ୍ଗର ହିମାଶ୍ରୀ ରୟ ୧୧.୬୩ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣାଟକର ପ୍ରିୟଙ୍କା କାଲାଗି ୧୧.୬୪, ପି. ସ୍ନେହା ୧୧.୭୩, ମହାରାଷ୍ଟ୍ରର ଦିନ୍ଦ୍ରା ଭାଲଡରେସ ୧୧.୯୬, କେରଳର ରେମାୟା ରାଜନ ୧୨.୨୫ ଓ ପଶ୍ଚିମବଙ୍ଗର ରାଜଶ୍ରୀ ପ୍ରସାଦ ୧୨.୩୮ ସେକେଣ୍ଡ ସମୟ ନେଇ ପଛକୁପଛ ରହିଛନ୍ତି। ପୂର୍ବଦିନ ଦୂତୀ ସେମିଫାଇନାଲରେ ୧୧.୩୫ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଟାଇମିଂ ହେଉଛି ୧୧.୨୪ ସେକେଣ୍ଡ। ଲକ୍ଷ୍ନୌରେ ତାହା ହାସଲ କରିପାରି ନ ଥିବାରୁ ଦୂତୀ ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀଠାରେ ହେବାକୁଥିବା ଇଣ୍ଡିଆନ ଗ୍ରାଁ ପ୍ରି-୬ ଉପରେ ଦୃଷ୍ଟି ନିବଦ୍ଧ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ପାଇଁ ଏହା ଭାରତୀୟ ଆଥଲେଟ୍ସଙ୍କ ଲାଗି ଶେଷ ସୁଯୋଗ। ଇଣ୍ଡିଆନ ଗ୍ରାଁ ପ୍ରିରେ ଟାଇମିଂରେ ଉନ୍ନତି ଆଣି ବିଶ୍ୱଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଚେଷ୍ଟା କରିବି ବୋଲି ଦୂତୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ସ୍ୱର୍ଣ୍ଣପଦକ ବିଜୟିନୀ ଦୂତୀ ଚାନ୍ଦ (ମଝି)।

# ଇଣ୍ଡିଆ ଗ୍ରୀନ୍ର ବୃହତ୍ ସ୍କୋର

**ବେଙ୍ଗାଲୁରୁ, ୩୦।୮ (ପି.ଟି.)**

ବେଙ୍ଗାଲୁରୁର ଅଲୁରସ୍ଥିତ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏଶନ (କେ.ଏସ୍.ସି.ଏ.) ଗ୍ରାଉଣ୍ଡରେ ଚାଲିଥିବା ଦୁଲୀପ ଟ୍ରଫି ମ୍ୟାଚ୍ରେ ଇଣ୍ଡିଆ ରେଡ୍ ବିପକ୍ଷରେ ଇଣ୍ଡିଆ ଗ୍ରୀନ୍ ବୃହତ୍ ସ୍କୋର ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ ଓପନର ଆକାଶନାଥ ରେଡ୍ଡୀଙ୍କ ୧୪୬ ରନର ଶତକୀୟ ପାଳି ସହାୟତାରେ ୧୩୧.୩ ଓଭରରେ ୪୪୦ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ରେଡ୍ ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪୫ ଓଭରରେ ୨ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ବାକି ରଖି ରେଡ୍ ଏବେ ୩୦୦ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ କରୁନ ନାୟାର ୧୪ ଚୌକା ସହ ୭୭ ରନର ଅର୍ଦ୍ଧଶତକୀୟ ପାଳି ଓ ମହିପାଲ ଲୋମରର ୨୨ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ତଥା ଓପନର ପ୍ରିୟଙ୍କ ପଞ୍ଚାଲ ୩୧ ରନ କରିଥିବା ବେଳେ ଧର୍ମେନ୍ଦ୍ରସିନ ଜାଡେଜାଙ୍କ ବଲ୍ରେ ଧ୍ରୁବ ସୋରେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ମାତ୍ର ୧ ରନ କରିଥିବାବେଳେ ଅଙ୍କିତ୍ କଲସି ସୋରେଙ୍କୁ କ୍ୟାଚ୍ ଦେଇ ଜାଡେଜାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତେବେ ଅନ୍ୟତମ ଓପନର ଅଭିମନ୍ୟୁ ଈଶ୍ୱରନ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଗତ ମ୍ୟାଚ୍ରେ ଇଣ୍ଡିଆ ବ୍ଲୁ ବିପକ୍ଷରେ ନାୟାର ଦମ୍ଦାର ପ୍ରଦର୍ଶନ କରିଥିଲେ। ସେ ପ୍ରଥମ ଇନିଂସରେ ୯୯ ଓ ଦ୍ୱିତୀୟ ଇନିଂସରେ ୧୬୬ ରନର ଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଜାଡେଜା ଦୁଇଟି ଯାକ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୦୮/୪ରୁ ଖେଳ ଆରମ୍ଭ କରି ଗ୍ରୀନ ଶୁକ୍ରବାର ଅଲ୍ଆଉଟ୍ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ପ୍ରିୟମ ଗର୍ଗ ୩୦ ରନରୁ ଖେଳ ଆରମ୍ଭ କରି ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ୫ ରନରୁ ଖେଳ ଆରମ୍ଭ କରି ଉଇକେଟକିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଦେକର ୪୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଡେଜା ୩୭, ରାହୁଲ ଚହର ୧ ରନ କରି ଆଉଟ ହୋଇଥିବା ବେଳେ ଅଙ୍କିତ୍ ରାଜପୁତ୍ ବିନା ସ୍କୋର ପ୍ୟାଭିଲିୟନ ଫେରିଥିଲେ। ସେହିପରି ଇଶାନ ପୋରେଲ ୯ ରନ କରିଥିବା ବେଳେ ଶେଷ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ତନବୀର ଉଲ ହକ୍ ୧୪ ରନରେ ଅପରାଜିତ ରହିଥିଲେ। ବୋଲିଂରେ ଅକ୍ଷୟ ୱାଖରେ ସର୍ବାଧିକ ୫, ସନ୍ଦୀପ ୱାରିୟର ଓ ଆଭେସ ଖାଁ ଦୁଇଟି ଲେଖାଏ, ଆଦିତ୍ୟ ସରୱତେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଣ୍ଡିଆ ଗ୍ରୀନ୍ ୧୩୧.୩ ଓଭରରେ ୪୪୦ ଅଲଆଉଟ୍ (ଆକାଶନାଥ ରେଡ୍ଡୀ- ୧୪୬, ସିଦ୍ଧେଶ ଲାଡ ୬୪, ଧର୍ମେନ୍ଦ୍ରସିନ ଜାଡେଜା- ୩୭, ପ୍ରିୟମ ଗାର୍ଗ- ୫୩, ଧ୍ରୁବ ସୋରେ- ୪୪, ଅକ୍ଷୟ ୱାଖରେ- ୫/୧୦୩, ଆଭେସ ଖାଁ- ୨/୬୩, ସନ୍ଦୀପ ୱାରିୟର- ୨/୭୪)।
ଇଣ୍ଡିଆ ରେଡ ୪୫ ଓଭରରେ ୧୪୦/୨ (କରୁନା ନାୟାର- ୭୭*, ମହିପାଲ ଲୋମରର- ୨୨*, ପ୍ରିୟଙ୍କ ପଞ୍ଚାଲ- ୩୧, ଧର୍ମେନ୍ଦ୍ରସିନ ଜାଡେଜା- ୨/୩୬)।



କରୁଣ ନାୟାର

### ଦୁଲୀପ ଟ୍ରଫି

# ୟୁଏସ୍ ଓପନ୍: ଶରନ- ହ୍ୟୁଗୋ ଆଉଟ୍

**ନ୍ୟୁୟର୍କ, ୩୦।୮ (ପି.ଟି.)**

ଭାରତର ଡିଭିଜ ଶରନ ଓ ତାଙ୍କ ମୋନାକୋ ପାର୍ଟନର ହ୍ୟୁଗୋ ନିସ୍ ୟୁଏସ୍ ଓପନ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି। ପୁରୁଷ ଡବଲ୍ସ ଇଭେଣ୍ଟର ପ୍ରଥମ ରାଉଣ୍ଡ ମ୍ୟାଚ୍ରେ ଏହି ଯୋଡି ୪-୬, ୪-୬ ସିଧାସଳଖ ସେଟ୍ରେ ରବର୍ଟ କାର୍ବାଲେସ ବାଏନା ଓ ଫେଡେରିକୋ ଡେଲବୋନିସଙ୍କଠାରୁ ମାତ୍ର ୭୨ ମିନିଟ୍ରେ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଶରନ ଓ ହ୍ୟୁଗୋ ବିଶ୍ୱ ର୍ୟାଙ୍କିଙ୍ଗ୍ର ଟପ୍ ୧୦୦ରେ ନ ଥିଲେ ମଧ୍ୟ ୟୁଏସ୍ ଓପନ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ଏଥିସହିତ ଶରନ ଚଳିତ ସେସନରେ ଦ୍ୱିତୀୟଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହାପୂର୍ବରୁ ସେ ଅଷ୍ଟ୍ରେଲିଆ ଓପନ୍ ପ୍ରଥମ ରାଉଣ୍ଡରେ ମଧ୍ୟ ପରାସ୍ତ ହୋଇଥିଲେ। ଏହି ପରାଜୟ ତାଙ୍କ ପାଇଁ ବେଶ୍ ମହଙ୍ଗା ପଡିବ। ଚଳିତ ୟୁଏସ୍ ଓପନ୍ ପରେ ପ୍ରକାଶିତ ହେବାକୁ ଥିବା ର୍ୟାଙ୍କିଙ୍ଗ୍ରେ ସେ ୪୮ଟି ସ୍ଥାନ ତଳକୁ ଖସିବେ। ତେବେ ସେ ୨୦୧୮ରେ ୱିମ୍ବେଲଡନ ଟେନିସ୍ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

ଏଥର ରୋହନ ବୋପାନ୍ନା ଓ ଅଭିଜ୍ଞ ଲିଆଣ୍ଡର ପେସ୍ ପୁରୁଷ ଡବଲ୍ସ ଇଭେଣ୍ଟରେ ସେମାନଙ୍କ ସାଥି ସହ ମ୍ୟାଚ୍ରେ ଅବତୀର୍ଣ୍ଣ ହେବେ। ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ୍ ଶାପୋଭାଲୋଭ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଚତୁର୍ଥ ସିଡ୍ ଯୋଡି ପିଏରେ-ହ୍ୟୁଗ୍ସ ହର୍ବର୍ଟ ଓ ନିକୋଲାସ ମାହୁଟ୍ଙ୍କୁ ଭେଟିବେ। ସେହିପରି ପେସ୍ ଓ ତାଙ୍କ ଆର୍ଜେଣ୍ଟିନା ସାଥି ଗୁଇଲର୍ମୋ ଡୁରାନ ପ୍ରତିପକ୍ଷ ସର୍ବିୟା ଓ ନରୱେ ଯୋଡି ମିଓମିର କେକ୍ମାନୋଭିକ୍ ଓ କାସ୍ପର ରୁଡ୍ଙ୍କୁ ଭେଟିବେ।



ଶଟ୍ ଖେଳିବା ଅବସରରେ ଡିଭିଜ ଶରନ।

### ସାନିଆଙ୍କ ଫଟୋ, ହେଲେ ପି.ଟି. ଉଷାଙ୍କ ନାମ

**ନୂଆଦିଲ୍ଲୀ,୩୦।୮**

ଆମ ଦେଶରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଥିବାବେଳେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାଠାରେ ହୋଇଥିବା ଏକ ବଡ଼ ତ୍ରୁଟି ସାମ୍ନାକୁ ଆସିଛି। ଏଠାରେ କ୍ରୀଡ଼ା ଦିବସ ଅବରରେ ଶୁଭେଚ୍ଛା ଜଣାଇବା ପାଇଁ ସାନିଆ ମିର୍ଜାଙ୍କ ଫଟୋ ଥିବା ଏକ ପୋଷ୍ଟର ଲଗାଇ କିମ୍ବଦନ୍ତୀ ଧାବିକା ପି. ଟି. ଉଷାଙ୍କ ନାମ ଲେଖାଯାଇଛି। ଏହି ପୋଷ୍ଟର ବିଚ୍ ରୋଡ୍ସ୍ଥିତ ସବମରିନ ମ୍ୟୁଜିୟମରେ ଲାଗିଛି। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କେତେକ ଏହାକୁ ସମାଲୋଚନା କରୁଥିବାବେଳେ କିଛି ଏହାକୁ ଜୋକ୍ କରିଛନ୍ତି। ଜଣେ କମେଣ୍ଟ କରିଛନ୍ତି, ଆମେ ଏପର୍ଯ୍ୟନ୍ତ ତାଙ୍କୁ ସାନିଆ ମିର୍ଜା ଭାବୁ ଥିଲୁ। ସେହିଭଳି ଆଉ ଜଣେ ଟୁଇଟ୍ କରି ପ୍ରଶ୍ନ କରିଛନ୍ତି, ସାନିଆ ମିର୍ଜାଙ୍କୁ ଆନ୍ଧ୍ର ପ୍ରଦେଶରେ ପି. ଟି. ଉଷା କୁହାଯାଏ। ରାଜ୍ୟ ସରକାରଙ୍କ ଏହା କିଭଳି ଦାୟିତ୍ୱହିନତା ?



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଅବସରରେ ଶୁକ୍ରବାର ରିଟର୍ନ ଶଟ୍ ଖେଳୁଛନ୍ତି କାରୋଲିନା ପ୍ଲିସକୋଭା।

# ଧୋନୀଙ୍କୁ ଉପେକ୍ଷା କରିବାର ପ୍ରଶ୍ନ ଉଠୁନାହିଁ: ଚୟନକର୍ତ୍ତା

**ନୂଆଦିଲ୍ଲୀ,୩୦।୮**

ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ଭାରତୀୟ ଦଳ ଘୋଷଣା କରାଯିବା ପରେ କ୍ରିକେଟ ପଣ୍ଡିତମାନେ ମହେନ୍ଦ୍ର ସିଂ ଧୋନୀଙ୍କୁ ଉପେକ୍ଷା କରାଯିବା ନେଇ ପ୍ରଶ୍ନ ଉଠାଇଥିଲେ। ଏଭଳି ଗୁଜବ ଶୁଣିବା ପରେ ଜଣେ ଚୟନକର୍ତ୍ତା ମୁହଁ ଖୋଲିଛନ୍ତି। ଭେଟେରାନ ଉଇକେଟ କିପରଙ୍କୁ ଉପେକ୍ଷା କରାଯିବାର ପ୍ରଶ୍ନ ଉଠୁନାହିଁ। ସେ ଆମକୁ ଯୋଜନା କାର୍ଯ୍ୟକାରୀ କରିବାକୁ ସମୟ ଓ ୨୦୨୦ ଟି୨୦ ବିଶ୍ୱକପ୍ ଲାଗି ଦଳ ଗଠନ କରିବାକୁ ସୁଯୋଗ ଦେଇଛନ୍ତି। ଯଦି ଭବିଷ୍ୟତରେ କେବେ ରିଷଭ ପନ୍ତ ଆହତ ହୁଅନ୍ତି, ତେବେ ତାଙ୍କ ସ୍ଥାନ ନେବାକୁ କେହି ଦଳରେ ନ ଥିବେ ବୋଲି ଧୋନୀ ଅନୁଭବ କରିଛନ୍ତି। ଏଣୁ ସେ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ଦଳର ଭବିଷ୍ୟତ ସୁରକ୍ଷିତ ହାତରେ ଦେଖିବା ପରେ ସେ ଅବସର ଘୋଷଣା କରିବେ ବୋଲି ଆମକୁ ଜଣାଇଛନ୍ତି। ଜଣେ ୩୫୦ ଦିନିକିଆ ଓ ୯୮ ଟି୨୦ ଖେଳିବା ପରେ ତାଙ୍କ ଖେଳ ଉପରେ କମେଣ୍ଟ କରିବା ସହଜ। ବହୁ ସମାଲୋଚକ ଯେତିକି ମ୍ୟାଚ୍ ଦେଖି ନ ଥିବେ, ଧୋନୀ ଦଳକୁ ତା'ଠାରୁ ବହୁଥର ବିଜୟୀ କରାଇଛନ୍ତି। ବର୍ତ୍ତମାନ ଟେକ୍ନୋଲୋଜି ଜମାନାରେ ବୋଲରମାନେ ସମସ୍ତ ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତା ବିଷୟରେ ଜାଣି ବୋଲିଂ କରୁଛନ୍ତି। କୌଣସି ବୋଲର ଚାହାନ୍ତି ନାହିଁ, ତାଙ୍କ ବଲରେ ଧୋନୀ ଗ୍ରାଉଣ୍ଡ ବାହାରକୁ ଶଟ୍ ଖେଳନ୍ତୁ। ଦଳୀୟ ମ୍ୟାନେଜମେଣ୍ଟ ଜାଣିଛନ୍ତି, ଧୋନୀଙ୍କ ସ୍ଥାନ ନେବା ସହଜ ନୁହେଁ। ଏବେ ମଧ୍ୟ ଆମ ନିକଟରେ ତାଙ୍କ ବିକଳ୍ପ ନାହିଁ, ଯିଏ ଦଳ ପାଇଁ ମ୍ୟାଚ୍ ଫିନିଶ କରିପାରିବ ବୋଲି ସେ କହିଛନ୍ତି।

### ଭିନ୍ନ କ୍ରୀଡ଼ାରେ ଭାଗ୍ୟ ପରୀକ୍ଷା

ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ(ମାହି)ଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍ ଲାଗି ଘୋଷିତ ଜାତୀୟ ଦଳରେ ସ୍ଥାନ ମିଳି ନାହିଁ। ଏହା ତାଙ୍କ ପ୍ରଶଂସକଙ୍କ ପାଇଁ ଦୁଃଖଦ ଖବର। ହେଲେ ମାହି ଏବେ ଭିନ୍ନ କ୍ରୀଡ଼ାରେ ଭାଗ୍ୟ ପରୀକ୍ଷା କରୁଛନ୍ତି। ଆମେରିକାରେ ଥିବା ମାହି ସାଥୀ ଖେଳାଳି କେଦାର ଯାଦବଙ୍କ ସହ ଗଲ୍ଫ ଖେଳି ଜାତୀୟ କ୍ରୀଡ଼ା ଦିବସ ପାଳନ କରିଛନ୍ତି। ଏହା ଯାଦବଙ୍କ ଟୁଇଟରୁ ଜଣାପଡ଼ିଛି। ଅଭିଜ୍ଞ ଅଲ୍ରାଉଣ୍ଡର ଏକ ଫଟୋ ଅପ୍ଲୋଡ କରିଛନ୍ତି। ଏଥିରେ ଧୋନୀ ଗୋଟିଏ ହାତରେ ଗ୍ଲୋଭ ପିନ୍ଧିଥିବାବେଳେ କ୍ଲବ ଧରିଛନ୍ତି। ଫଟୋରେ ଯାଦବ ମଧ୍ୟ ରହିଛନ୍ତି। ଏହାର କ୍ୟାପଶନରେ ଲେଖିଛନ୍ତି, ଜାତୀୟ କ୍ରୀଡ଼ା ଦିବସ ଲାଗି ସଭିଙ୍କୁ ଶୁଭକାମନା। ଯାଦବ ଭାରତୀୟ ଟେଷ୍ଟ ଦଳର ସଦସ୍ୟ ନୁହନ୍ତି। ଅନ୍ୟପକ୍ଷରେ ୩୮ ବର୍ଷୀୟ ଧୋନୀ ଦୁଇମାସ ଲାଗି କ୍ରିକେଟରୁ ବିରତି ନେଇଥିଲେ। ଏବେ ସେ ଛୁଟିରୁ ଫେରିଥିଲେ ମଧ୍ୟ ଦଳରେ ସ୍ଥାନ ପାଇନାହାନ୍ତି।

# ଦ୍ୱିତୀୟ ଟେଷ୍ଟ: କର୍ନୱାଲଙ୍କ ପଦାର୍ପଣ

**କିଙ୍ଗଷ୍ଟନ, ୩୦।୮ (ପି.ଟି.)**

ସ୍ଥାନୀୟ ସାବିନା ପାର୍କ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ ମଧ୍ୟରେ ଶୁକ୍ରବାରଠାରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିତି ୱେଷ୍ଟଇଣ୍ଡିଜ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଟେଷ୍ଟରେ ବୃହତ୍ ୩୧୮ ରନରେ ଭାରତ ବିଜୟ ହାସଲ କରି ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଥିବା ବେଳେ ଏହି ମ୍ୟାଚ୍ରେ ଭାରତୀୟ ଦଳରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ୱେଷ୍ଟଇଣ୍ଡିଜ ପାଇଁ ଦୁଇ ଜଣ ଖେଳାଳି ପଦାର୍ପଣ କରିଛନ୍ତି। ୬ ଫୁଟ ୫ ଇଞ୍ଚ ଉଚ୍ଚତା ଓ ୧୪୦ କେ.ଜି. ଓଜନ ବଶିଷ୍ଟ ଅଲରାଉଣ୍ଡର ରାଖିମ କର୍ନୱାଲ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜହମାର ହାମିଲଟନ ଡେବ୍ୟୁ କରିଛନ୍ତି। ଫିଟ୍ନେସ କାରଣରୁ ସାଇ ହୋପ ଏହି ମ୍ୟାଚ୍ ଖେଳି ପାରିନାହାନ୍ତି। ସେହିପରି ଖରାପ୍ ଫର୍ମ କାରଣରୁ ମିଗୁଏଲ କୁମିନ୍ସଙ୍କୁ ବାଦ୍ ଦିଆଯାଇଛି। ପୂର୍ବରୁ ଭାରତ ଟି୨୦ ସିରିଜରେ ୩-୦ରେ କ୍ଲିନ୍ ସୁଇପ୍ କରିଥିବା ବେଳେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୨-୦ରେ ବିଜୟୀ ହୋଇଥିଲା। ପ୍ରଥମ ଦିନିକିଆ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ରିପୋର୍ଟ ଲେଖାହେଲା ବେଳକୁ ୩୦ ଓଭରରେ ୨ ଉଇକେଟ ହରାଇ ୭୨ ରନ ସଂଗ୍ରହ କରିଛି। ଅଧିନାୟକ ବିରାଟ କୋହଲି ୫ ଏବଂ ଓପନର ମୟଙ୍କ ଅଗ୍ରୱାଲ ୪୧ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ୧୩ ରନ କରିଥିବା ବେଳେ ତାରକା ଓପନର ଲୋକେଶ ରାହୁଲ ଜାସନ ହୋଲ୍ଡରଙ୍କ ବଲ୍ରେ ଚକ୍ମା ଖାଇଥିଲେ ଓ ସ୍ଲିପ୍ରେ କର୍ନୱାଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ମାତ୍ର ୬ ରନ କରି ପଦାର୍ପଣ କରିଥିବା କର୍ନୱାଲଙ୍କ ଦ୍ୱାର ଆଉଟ ହୋଇଥିଲେ। ସେ ବଲକୁ ମାରି ଖେଳିବାକୁ ପ୍ରୟାସ କରିଥିଲେ ଓ ପଏଣ୍ଟରେ ଶମରା ବ୍ରୁକ୍ସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଭାରତ ୪୬ ରନ୍ରେ ୨ଟି ଉଇକେଟ ହରାଇଥିବାରୁ କୋହଲି ଓ ମୟଙ୍କ ସତର୍କତାର ସହ ବ୍ୟାଟିଂ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୩୦ ଓଭରରେ ୭୨/୨ (ମୟଙ୍କ- ୪୧, ରାହୁଲ- ୧୩, ହୋଲ୍ଡର- ୧/୭, କର୍ନୱାଲ- ୧/୨୦)।









ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ କ୍ୟାରିୟରର ପ୍ରଥମ ମ୍ୟାଚ୍ ଖେଳିଥିବା ରାଖିମ କର୍ନୱାଲ। ଲୋକେଶ ରାହୁଲଙ୍କ ଉଇକେଟ ନେବା ପରେ ଜାସନ ହୋଲ୍ଡରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।



ବେଲଜିୟମ ଟୁରରେ ଭଲ ପ୍ରଦର୍ଶନ ଯୋଗୁ ଭାରତୀୟ ପୁରୁଷ ହକି ଦଳ ଅଲିମ୍ପିକ କ୍ୱାଲିଫାୟର୍ସ ଭଲ କରିବ ବୋଲି ମୁଁ ଭାବୁଛି ।

–ପି.ଆର. ଶ୍ରୀଜେସ, ଭାରତର ଅଭିଜ୍ଞ ଗୋଲକିପର



ଅର୍ଜୁନ ପୁରସ୍କାର ପାଇଁ ସରକାରଙ୍କୁ ଧନ୍ୟବାଦ। ଏହି ସମ୍ମାନ କ୍ରିକେଟ ପଡ଼ିଆରେ ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ମୋତେ ପ୍ରେରଣା ଦେବ ।

–ରବୀନ୍ଦ୍ର ଜାଡେଜା, ଭାରତୀୟ କ୍ରିକେଟ ଅଲରାଉଣ୍ଡର

## ସଂକ୍ଷେପରେ

### ପାକିସ୍ତାନ ଗସ୍ତ କରିବାକୁ ଚାହୁଁ ନାହାନ୍ତି ସିନିୟର ଶ୍ରୀଲଙ୍କା କ୍ରିକେଟର

କଲମ୍ବୋ,୩୦।୮: ଆସନ୍ତା ସେପ୍ଟେମ୍ବର ଓ ଅକ୍ଟୋବର ମଧ୍ୟରେ ପାକିସ୍ତାନ ଗସ୍ତରେ ଆସି ଶ୍ରୀଲଙ୍କା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ଓ ଟି୨୦ ସିରିଜ୍ ଖେଳିବ। ଏହି ସିରିଜ୍‌ରେ ଶ୍ରୀଲଙ୍କାର ସିନିୟର କ୍ରିକେଟର ଅଂଶଗ୍ରହଣ କରିବାକୁ ଚାହୁଁ ନାହାନ୍ତି। ଏ ନେଇ ପାକିସ୍ତାନର ଉର୍ଦ୍ଦୁ ନ୍ୟୁଜ ଚାନେଲ 'ଏକ୍ସପ୍ରେସ ନ୍ୟୁଜ'ର ୱେବସାଇଟ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ ଅଛି ଯେ, ଶ୍ରୀଲଙ୍କାର ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକୱେଲା ଓ ଅଲରାଉଣ୍ଡର ଥିସାରା ପେରେରା ଏହି ସିରିଜ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ନୁହନ୍ତି। ଏମାନଙ୍କ ବ୍ୟତୀତ ଆହୁରି ଖେଳାଳି ସିରିଜ୍‌ରୁ ଓହରିବାକୁ ଚାହୁଁଛନ୍ତି। ହେଲେ ସେମାନଙ୍କ ନାମ ସ୍ପଷ୍ଟ ହୋଇ ନାହିଁ। ଉଭୟ ଡିକୱେଲା ଓ ପେରେରା କାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ)ରେ ଆସନ୍ତା ୪ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଖେଳିବାକୁ ଚାହାନ୍ତି। ଏଥିନେଇ ଦୁହେଁ ଶ୍ରୀଲଙ୍କା କ୍ରିକେଟ(ଏସ୍‌ଏଲସି) ଠାରୁ ଅନୁମତି ମାଗିଛନ୍ତି। ଉଲ୍ଲେଖଥାଉ କି, ୨୦୦୯ରେ ଗଦାଫି ଷ୍ଟାଡିୟମ୍ ଯାଉଥିବାବେଳେ ଶ୍ରୀଲଙ୍କା ଦଳର ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା।

# ବୋର୍ଡ ଏକାଦଶରେ ମାଧୁରୀ, ଦିବ୍ୟଦର୍ଶିନୀ

ମୁମ୍ବାଇ, ୩୦।୮ (ପି.ଟି.)

ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ବିପକ୍ଷ ଦୁଇଟି ୱାର୍ମଅପ୍ ମ୍ୟାଚ ପାଇଁ ୧୫ ଜଣିଆ ବୋର୍ଡ ସଭାପତି ଏକାଦଶ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଦୁଇ ଖେଳାଳି ମାଧୁରୀ ମେହେଟ୍ଟା ଏବଂ ସୁଶ୍ରୀ ଦିବ୍ୟଦର୍ଶିନୀ ସ୍ଥାନ ପାଇଛନ୍ତି। ଉଇକେଟକିପର ବ୍ୟାଟ୍ସଓମ୍ୟାନ ସୁଷମା ବର୍ମାଙ୍କୁ ଦଳର ଅଧିନାୟିକା ଭାବେ ମନୋନୀତ କରାଯାଇଛି। ଦୁଇଟି ଯାକ ଅଭ୍ୟାସ ମ୍ୟାଚ ସୁରଟରେ ଆସନ୍ତା ମାସ ୨୦ ଏବଂ ୨୨ରୁ ଖେଳାଯିବ। ସ୍ପିନର ଦେବିକା ବୈଦ୍ୟଙ୍କୁ ଉପଅଧିନାୟିକା କରାଯାଇଛି। ଏହାପରେ ଭ୍ରମଣକାରୀ ଦଳ ଭାରତୀୟ ମହିଳା କ୍ରିକେଟ ଦଳ ବିପକ୍ଷରେ ୫ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଏବଂ ୩ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ପୂଜା ବସ୍ତ୍ରାକାର ଏବଂ ପ୍ରିୟା ପୁନିଆଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଚଳିତ ବର୍ଷ ପ୍ରଥମ ଭାଗରେ ମହିଳା ଟି୨୦ ଚ୍ୟାଲେଞ୍ଜର୍ସ ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା କେତେଜଣ ଖେଳାଳିଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷ ଦୁଇ ୱାର୍ମଅପ୍ ମ୍ୟାଚ ଲାଗି ଦଳ ମନୋନୟନ ପାଇଁ ଶୁକ୍ରବାର ମୁମ୍ବାଇରେ ସର୍ବଭାରତୀୟ ମହିଳା ଚୟନ କମିଟି ବୈଠକ ବସିଥିଲା। ଅନ୍ତର୍ଜାତୀୟ ଟି୨୦ ଏବଂ ଦିନିକିଆ ସିରିଜ ପାଇଁ ଦଳ ଘୋଷଣା ପରେ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରକାଶ କରିଛି। ବୋର୍ଡ ସଭାପତି ଏକାଦଶ: ସୁଷମା ବର୍ମା (ଅଧିନାୟିକା), ଦେବିକା ବୈଦ୍ୟ (ଉପଅଧିନାୟିକା), ଭି.ଆର୍. ବନୀତା, ଶେଫାଳି ବର୍ମା, ପ୍ରିୟା ପୁନିଆ, ଜାସିଆ ଅକ୍ତର, ଏମ୍‌ଡି ଥିରୁଷ୍କାମିନି, ମାଧୁରୀ ମେହେଟ୍ଟା, ତାରାନମ୍ ପଠାନ, ସୁଶ୍ରୀ ଦିବ୍ୟଦର୍ଶିନୀ, ତନୁଜା କନୱାର, ଭାରତୀ ଫୁଲ୍‌ମାଲି, ମାନସୀ ଯୋଶୀ, ରେଣୁକା ସିଂ ଓ ପୂଜା ବସ୍ତ୍ରାକାର।



ମାଧୁରୀ ମେହେଟ୍ଟା



ସୁଶ୍ରୀ ଦିବ୍ୟଦର୍ଶିନୀ

# ଆମେଚର ଇଭେଣ୍ଟରେ ପେସାଦାର ବକ୍ସରଙ୍କୁ ଅନୁମତି

ନୂଆଦିଲ୍ଲୀ,୩୦।୮(ପି.ଟି.)

ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ଏକ ନିର୍ଣ୍ଣାୟକ ନିଷ୍ପତ୍ତି ନେଇଛି। ଘରୋଇ ଆମେଚର ଇଭେଣ୍ଟରେ ପେସାଦାର ବକ୍ସରଙ୍କୁ ଅଂଶଗ୍ରହଣ କରିବା ପାଇଁ ତତ୍କାଳ ନିର୍ଦ୍ଦେଶ ଦେଇଛି। ଗୁରୁବାର ଅନୁଷ୍ଠିତ ବିଏଫ୍‌ଆଇ କାର୍ଯ୍ୟକାରୀ କମିଟି ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଯଥାଶୀଘ୍ର ଲାଗୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଅକ୍ଟୋବରରେ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ମହିଳା ଇଭେଣ୍ଟ ମଧ୍ୟ ଆୟୋଜନ କରାଯିବ। ପ୍ରଥମଥର ପାଇଁ ଏହି ଦୁଇଟି ଇଭେଣ୍ଟରେ ପେସାଦାର ବକ୍ସର ଅଂଶଗ୍ରହଣ କରିବା ନେଇ ପଥ ପରିଷ୍କାର ହୋଇଛି। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଆଇ) ପେସାଦାର ବକ୍ସରଙ୍କୁ ଆମେଚର ଇଭେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ଦେଉଥିବା ବେଳେ ବିଏଫ୍‌ଆଇ ମଧ୍ୟ ଏଭଳି କରିବାର ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରିଛି। ଏନେଇ ବିଏଫ୍‌ଆଇ ସାଧାରଣ ସମ୍ପାଦକ ଜୟ କୋୱଲି ଅନୁମତି ପ୍ରଦାନ କରିଛନ୍ତି। ତେବେ ଅଣସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ଆୟୋଜିତ ହେଉଥିବା ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ବକ୍ସରଙ୍କୁ ଏଭଳି ଅନୁମତି ପ୍ରଦାନ କରାଯାଇନାହିଁ ବୋଲି ସ୍ପଷ୍ଟ କରାଯାଇଛି। ବିଏଫ୍‌ଆଇର ଏହି ନିଷ୍ପତ୍ତି ପେସାଦାର ବକ୍ସରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।

ଭାରତୀୟ ତାରକା ବକ୍ସର ବିଜେନ୍ଦର ସିଂ ପେସାଦାର ବକ୍ସିଂରେ ପୂର୍ବରୁ ସାମିଲ ହୋଇଛନ୍ତି ଓ ସେ ୟୁଏସ୍ ସର୍କିଟର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ବିଏଫ୍‌ଆଇର ଏହି ନିଷ୍ପତ୍ତି ସତ୍ତ୍ୱେ ସେ ଆମେଚର ବକ୍ସିଂକୁ ପ୍ରତ୍ୟାବର୍ତ୍ତନ କରିବା ଭଳି ମନେ ହେଉନାହିଁ। ଉଲ୍ଲେଖଥାଉ କି, ଏଆଇବିଏ ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ପେସାଦାର ବକ୍ସରଙ୍କୁ ଅନୁମତି ଦେଇଥିଲା। ଏପରିକି ଏକ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ମଧ୍ୟ ଆୟୋଜନ କରିଥିଲା। ବିଏଫ୍‌ଆଇର ଏହି ନିଷ୍ପତ୍ତି ପୂର୍ବରୁ ପେସାଦାର ବକ୍ସରଙ୍କ ଆମେଚର ଷ୍ଟାଟସ ନେଇ କୌଣସି ସ୍ପଷ୍ଟତା ନ ଥିଲା।

# ୫ମ ଥର ଡାକଶ୍ରୀ ଟାଇଟଲ ପାଇଁ ଜନ୍ମେଜୟ ଆଶାବାଦୀ



ବଡି ବିଲ୍ଡିଂ ଟ୍ରାଏଲ ଅବସରରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୩୦।୮(କ୍ରୀଡ଼ା ପ୍ରତିନିଧି)

ସେପ୍ଟେମ୍ବର ୨୬ରୁ ୨୯ ପର୍ଯ୍ୟନ୍ତ ୩୫ତମ ସର୍ବଭାରତୀୟ ପୋଷ୍ଟାଲ ପ୍ରତିଯୋଗିତା ବ୍ରହ୍ମପୁରରେ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ବ୍ରହ୍ମପୁରସ୍ଥିତ ହନୁମାନ କ୍ଲବଠାରେ ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଓ ବଡିବିଲ୍ଡିଂ ଟ୍ରାଏଲ ଅନୁଷ୍ଠିତ ହୋଇଛି। ଡାକଶ୍ରୀ ଟାଇଟଲ ପାଇଁ ଟ୍ରାଏଲରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରତିଯୋଗୀମାନେ ହେଲେ ଜନ୍ମେଜୟ ମହାନ୍ତି(୮୫ କେଜି), କେ. ଭାଦି ଶ୍ରୀକାନ୍ତ(୬୦ କେଜି), ସମୀର ସାଥୁଆ(୭୦ କେଜି) ଓ ବିଶ୍ୱଜିତ ପ୍ରତିହାରୀ(୮୦ କେଜି)। ବେଣୁଗୋପାଳ ରାଓ, ରାଜେଶ ଆଚାରୀ ଓ ଉମାଶଙ୍କର ବିଚାରକ ଦାୟିତ୍ୱ ତୁଲାଇଥିଲେ। ୨୦୦୪ରେ ଶେଷଥର ପାଇଁ ଓଡ଼ିଶା(ପୁରୀ)ରେ ସର୍ବଭାରତୀୟ ପୋଷ୍ଟାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୫ ବର୍ଷ ପରେ ଓଡ଼ିଶା ପ୍ରତିଯୋଗୀମାନେ ନିଜ ପରିବେଶରେ କଳାକୌଶଳ ଦେଖାଇବା ସୁଯୋଗ ପାଇଛନ୍ତି। ଜନ୍ମେଜୟ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ୪ ଥର ଡାକଶ୍ରୀ ଟାଇଟଲ ହାସଲ କରିଛନ୍ତି। ଏଥର ସେ ୫ମ ଥର ପାଇଁ ଏହି ଟାଇଟଲ ହାସଲ କରିବାକୁ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ଭାରୋତ୍ତୋଳନ/ଶକ୍ତି ଉତ୍ତୋଳନ ଟ୍ରାଏଲରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରତିଯୋଗୀମାନେ ହେଲେ କାମେଶ୍ୱର ନାୟକ(୮୫ କେଜି), ପ୍ରଦୀପ ସାହୁ (୫୪ କେଜି) ଓ ମଳୟ ରଞ୍ଜନ ପତି (୯୫ କେଜି)।

## ଚାଙ୍ଗଟେଙ୍କ ସହିତ ଚୁକ୍ତି କଲା ଚେନ୍ନାଇନ ଏଫ୍‌ସି

ଚେନ୍ନାଇ, ୩୦।୮ (ପି.ଟି.)

ଦୁଇଥର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଚାମ୍ପିୟନ ଚେନ୍ନାଇନ ଏଫ୍‌ସି ଭାରତର ଅନ୍ତର୍ଜାତୀୟ ଖେଳାଳି ୨୨ବର୍ଷୀୟ ୱିଙ୍ଗର ଲାଲିଆନଜୁଆଲା ଚାଙ୍ଗଟେଙ୍କ ସହିତ ଏକ ଦୀର୍ଘମିଆଦି ଚୁକ୍ତି କରିଛି। ମିଜୋରାମର ଚାଙ୍ଗଟେ ଏହା ପୂର୍ବରୁ ଦିଲ୍ଲୀ ଡାଇନାମୋସ ଦଳରେ ୨ ବର୍ଷ ଖେଳିଛନ୍ତି। ନିକଟରେ ନରୱେର ଏକ ପ୍ରମୁଖ କ୍ଲବ ଭାଇକିଙ୍ଗ୍ ଏଫ୍‌କେ ପାଇଁ ଟ୍ରାଏଲରେ ଅଂଶଗ୍ରହଣ କରି ଫେରିଛନ୍ତି। ଦେଶର ଅନ୍ୟତମ ବଡ଼ ଫୁଟ୍‌ବଲ କ୍ଲବରେ ଯୋଗଦେଇଥିବାରୁ ମୁଁ ଖୁସି ବୋଲି ସେ କହିଛନ୍ତି। ଚାଙ୍ଗଟେ ବର୍ତ୍ତମାନ ଭାରତୀୟ ସିନିୟର ଟିମ୍ ସହିତ ଗୋଆରେ ଅଛନ୍ତି। କାତାର ଓ ଓମାନ ବିପକ୍ଷ ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ମ୍ୟାଚ ପାଇଁ ସେ ପ୍ରସ୍ତୁତି ଚଳାଇଛନ୍ତି। ଚେନ୍ନାଇନ ଏଫ୍‌ସି ମୁଖ୍ୟ କୋଚ୍ ଜନ୍ ଗ୍ରେଗୋରି କହିଛନ୍ତି, ଚାଙ୍ଗଟେ ଭାରତର ଅନ୍ୟତମ ପ୍ରତିଭାସମ୍ପନ୍ନ ଖେଳାଳି। କ୍ଲବ ତାଙ୍କଠାରୁ ଅନେକ କିଛି ଆଶା କରୁଛି। 'ଜୁଆଲା' ନାମରେ ପରିଚିତ ମିଜୋରାମର ଏହି ଖେଳାଳି ଭାରତର ଉଭୟ ୧୯ ବର୍ଷରୁ କମ୍ ଏବଂ ୨୩ ବର୍ଷରୁ କମ୍ ଫୁଟ୍‌ବଲ ଦଳରେ ପ୍ରତିନିଧିତ୍ୱ କରିସାରିଛନ୍ତି। ୨୦୧୫ ଡିସେମ୍ବରରେ ମାତ୍ର ୧୮ ବର୍ଷ ବୟସରେ ସାଫ୍ ଚାମ୍ପିୟନଶିପ୍‌ରେ ସେ ସିନିୟର ଦଳ ତରଫରୁ ପ୍ରଥମଥର ଖେଳିବା ସୁଯୋଗ ପାଇଥିଲେ। ୨୦୧୯-୨୦ ଆଇଏସ୍‌ଏଲ୍ ସିଜନ ପାଇଁ ଚେନ୍ନାଇନ ଏଫ୍‌ସି ଅହମ୍ମଦାବାଦରେ ଅଭ୍ୟାସ କରିବ।

## ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

# କିସ୍-ସୈନିକ ସ୍କୁଲ ଫାଇନାଲ

ଭୁବନେଶ୍ୱର, ୩୦।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ କ୍ୟାପିଟାଲ ହାଇସ୍କୁଲକୁ ହରାଇ କିସ୍ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ସୈନିକ ସ୍କୁଲ ଫାଇନାଲକୁ ଉନ୍ନୀତ ହୋଇଥିଲା। କିସ୍ ଓ ସୈନିକ ସ୍କୁଲ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ।

କିସ୍ ଓ କ୍ୟାପିଟାଲ ସ୍କୁଲ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ନିର୍ଦ୍ଧାରିତ ସମୟରେ କେହି ଗୋଲ ଦେଇପାରି ନ ଥିଲେ। ମ୍ୟାଚ ଡ୍ର ରହିବାରୁ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରୁ ମଧ୍ୟ ଫଳ ମିଳି ନ ଥିଲା। ମ୍ୟାଚ ୪-୪ ଗୋଲରେ ବରାବର ରହିବାରୁ ସଡନ୍‌ଡେଥ୍ ପଦ୍ଧତି ଆପଣା ଯାଇଥିଲା। ଏଥିରେ କ୍ୟାପିଟାଲ ହାଇସ୍କୁଲ ଖେଳାଳିଙ୍କ ଶଟ୍ ଗୋଲପୋଷ୍ଟ ବାହାରକୁ ଚାଲି ଯାଇଥିବାବେଳେ କିସ୍ ସ୍କୁଲ ଗୋଲ ଦେଇ ବିଜୟ ହାସଲ କରିଥିଲା। ପରାଜିତ ହୋଇଥିଲେ ହେଁ କ୍ୟାପିଟାଲ ହାଇସ୍କୁଲର ସାହେବ ସୋରେନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଦେବଜ୍ୟୋତି ସିଂ, ଶ୍ରୀକାନ୍ତ ପଣ୍ଡା, ଅମିତ ନାୟକ ଖେଳ ପରିଚାଳନା କରିଥିଲେ। ସୁଶାନ୍ତ ମହାନ୍ତି ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।



ସାହେବ ସୋରେନ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ

# ମୁସ୍ତାଫିଜୁରଙ୍କୁ ବିଶ୍ରାମ

ଢାକା, ୩୦।୮ (ଏଏଫ୍‌ପି)

ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ୧୫ ଜଣିଆ ଦଳ ଘୋଷଣା କରିଛି। ଚୟନକର୍ତ୍ତାମାନେ ପେସ୍ ବୋଲର ମୁସ୍ତାଫିଜୁର ରହମନଙ୍କୁ ବିଶ୍ରାମ ଦେଇଛନ୍ତି। ସେପ୍ଟେମ୍ବର ୫ରୁ ଚିଟାଗଙ୍ଗଠାରେ ଏହି ମ୍ୟାଚ ଖେଳିବା ଲାଗି ଆଫଗାନିସ୍ତାନ ଶୁକ୍ରବାର ସକାଳେ ଢାକାରେ ପହଞ୍ଚିଛି। ମୁଖ୍ୟ ଚୟନକର୍ତ୍ତା ମିନ୍‌ହାଜୁଲ ଆବେଦିନ କହିଛନ୍ତି, ମୁସ୍ତାଫିଜୁର ସାମାନ୍ୟ ଆହତ ହୋଇଥିବାରୁ ତାଙ୍କୁ ଏହି ମ୍ୟାଚରେ ଖେଳାଇ ରିସ୍କ ନେବାକୁ ଚାହିଁଲୁ ନାହିଁ। ଓପନିଂ ବ୍ୟାଟ୍ସମ୍ୟାନ ତାମିମ ଇକ୍‌ବାଲ ନିଜସ୍ୱ ଇଚ୍ଛାରେ ବିଶ୍ରାମ ନେଇଛନ୍ତି। ଅଧିନାୟକ ଶକିବ ଅଲ ହସନ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପେସ୍ ବୋଲର ଟସ୍କିନ ଅହମ୍ମଦ ଏବଂ ଅଲରାଉଣ୍ଡର ମୋସାଡେକ୍ ହୋସେନ ମଧ୍ୟ ଡାକରା ପାଇଛନ୍ତି। ପେସ୍ ବୋଲର ଖଲିଦ ଅହମ୍ମଦ ବାଦ୍ ପଡ଼ିଛନ୍ତି। ମୁଖ୍ୟ ଚୟନକର୍ତ୍ତା ମିନ୍‌ହାଜୁଲ କହିଛନ୍ତି, ତାମିମଙ୍କ ସ୍ଥାନରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ଦଳର ଓପନିଂ କରିବେ। ଆଫଗାନିସ୍ତାନ ଆହୁରି ମଧ୍ୟ ସେପ୍ଟେମ୍ବର ୧୩ରୁ ଜିମ୍ବାୱେ ଏବଂ ଆୟୋଜକ ବାଂଲାଦେଶକୁ ନେଇ ହେବାକୁଥିବା ତ୍ରିରାଷ୍ଟ୍ରୀୟ ଟି୨୦ ଟୁର୍ନାମେଣ୍ଟରେ ଭାଗ ନେବ।

ବାଂଲାଦେଶ ଦଳ: ଶଦମନ ଇସ୍‌ଲାମ, ମୋଇନୁଲ ହକ୍, ସୌମ୍ୟ ସରକାର, ଶକିବ ଅଲ୍ ହସନ (ଅଧିନାୟକ), ମହମୁଦୁଲ୍ଲା ରିୟାଦ, ମହମ୍ମଦ ମିଥୁନ, ମୁସ୍‌ଫିକର ରହିମ, ଲିଟନ ଦାସ, ତାଇଜୁଲ ଇସ୍‌ଲାମ, ମୋସାଡେକ୍ ହୋସେନ, ନଇମ ହସନ, ମେହେଦି ହସନ, ଟସ୍କିନ ଅହମ୍ମଦ, ଇବାଦତ୍ ହୋସେନ ଏବଂ ଅବୁ ଜୟେଦ।

## ପୂର୍ବତନ ବାର୍ସିଲୋନା କୋଚ୍‌ଙ୍କ ୯ବର୍ଷୀୟା ଝିଅଙ୍କ ମୃତ୍ୟୁ

ମାଡ୍ରିଡ୍,୩୦।୮

ପୂର୍ବତନ ସ୍ପାନିସ କୋଚ୍ ଲୁଇସ ଏନ୍‌ରିକ୍ୟୁଙ୍କ ୯ ବର୍ଷୀୟା ଝିଅ ଜାନାଙ୍କ ମୃତ୍ୟୁ ଘଟିଛି। ସେ ଅସ୍ଥି ଜନିତ କର୍କଟ ରୋଗରେ ପୀଡ଼ିତ ଥିଲେ। ଝିଅ ଜାନା ସହ ଅଧିକ ସମୟ ବିତାଇବା ଲାଗି ଏନ୍‌ରିକ୍ୟୁ ଗତ ଜୁନ୍‌ରେ ସ୍ପେନ୍ ଜାତୀୟ ଦଳର କୋଚ୍ ପଦତ୍ୟାଗ କରିଥିଲେ। ସେ ୫ ମାସ ଧରି ଅସ୍ଥି କର୍କଟ ରୋଗରେ ପୀଡ଼ିତ ଥିଲେ। ସାଣ୍ଟ ଜୋଅନ ଡେ ଡେଉ ଓ ସାଣ୍ଟ ପାଉ ମେଡିକାଲର ଡାକ୍ତର, ଷ୍ଟାଫ, ନର୍ସ ଓ ସମସ୍ତ ଭଲ୍ୟୁଣ୍ଟିୟରଙ୍କ କାର୍ଯ୍ୟ ପାଇଁ ଧନ୍ୟବାଦ ବୋଲି ଏନ୍‌ରିକ୍ୟୁ କହିଛନ୍ତି। ସ୍ପେନ୍‌ର ଷ୍ଟାର ଟେନିସ ଖେଳାଳି ରାଫାଲ ନାଡାଲ ଓ ବାର୍ସିଲୋନା ପକ୍ଷରୁ ଦୁଃଖ ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ଏନ୍‌ରିକ୍ୟୁ ଖେଳାଳି ଓ କୋଚ୍ ଭାବେ ଦୁଇ ଥର ଲା ଲିଗା ଲିଗ୍ ଜିତିଛନ୍ତି।

# କାଲାଘାନ କପ୍‌ରେ ଭାଗନେବ ଭୁବନେଶ୍ୱର



କାଲାଘାନ କପ୍ ରଗ୍‌ବୀ ପାଇଁ ମନୋନୀତ ଭୁବନେଶ୍ୱର ଦଳ।

ଭୁବନେଶ୍ୱର, ୩୦।୮(କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଜାତୀୟ ଡିଭିଜନ-୨ କାଲାଘାନ କପ୍ ରଗ୍‌ବୀ ଚାମ୍ପିୟନଶିପ୍(ମହିଳା, ପୁରୁଷ) ସେପ୍ଟେମ୍ବର ୩ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଣ୍ଡିଗଡ଼ ରଗ୍‌ବୀ ଫୁଟବଲ ଆସୋସିଏଶନ(ସିଆରଏଫଏ) ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିରେ ଭୁବନେଶ୍ୱର ପୁରୁଷ ରଗ୍‌ବୀ ଦଳ ଭାଗନେବ। ମନୋନୀତ ଦଳ ଶନିବାର ଚଣ୍ଡିଗଡ଼ ଯାତ୍ରା କରିବ। ଭୁବନେଶ୍ୱର ଦଳ: କୁମାର ରାକେଶ ମିଶ୍ର, ମନୋରଞ୍ଜନ ବାରିକ, ଦିବ୍ୟରଞ୍ଜନ ଦଳାଇ, କାର୍ତ୍ତିକ କୁମାର ସିଂ, ଅଜୟ କୁମାର ପ୍ରଧାନ, ଶ୍ରୀରାମ ସୋରେନ, ଅଭିଷେକ ବେହେରା, ଲୋକନାଥ ମାଝି, ଶଶାଙ୍କ ଶେଖର ତ୍ରିପାଠୀ, ବିଶ୍ୱଜିତ ବିଶ୍ୱାଳ, ରତ୍ନାକର ହେମ୍ବ୍ରମ, ବିକ୍ରାନ୍ତ କୁମାର ରାଉତ, ବିଭୂତି ଭୂଷଣ ସେଠୀ, ବଳରାମ ନାୟକ, ଚନ୍ଦନ ସିଂ, ବିନୟ ବଚନ ହେମ୍ବ୍ରମ, ବଳରାମ ସାହୁ, ରତିକାନ୍ତ ସାହୁ, ଗୋପାଳ ମୁର୍ମୁ, ମନୋରଞ୍ଜନ ମଲିକ, ଧର୍ମେନ୍ଦ୍ର କୁମାର ଦାସ। ମୁଖ୍ୟ କୋଚ୍ ମାନସ କୁମାର ଜେନା, ସହକାରୀ କୋଚ୍ ଧିରେନ କୁମାର ରାଉତ, ମ୍ୟାନେଜର ରାକେଶ କୁମାର ଶ୍ରୀଚନ୍ଦନ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅଗଷ୍ଟ ୩୧/୨୦୧୯ Sambalpur, Saturday, August 31 / 2019

## ସଂକ୍ଷେପରେ

### ନାବାଳକଙ୍କ ଆତ୍ମହତ୍ୟା

**ପଦ୍ମପୁର, ୩୦।୮ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପଞ୍ଚାୟତ କଣିମଳାଗୋଠ ଗ୍ରାମର ଅଗଣା ଘଡେଇ ନାମକ ଜଣେ ନାବାଳକ ଶୁକ୍ରବାର ସକାଳେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ଅଗଣାଙ୍କୁ ୭/୮ ଦିନ ଧରି ଜ୍ୱର ଲାଗିରହିଥିଲା। ସେମାନେ ତାଙ୍କର ଚିକିତ୍ସା କରାଇଥିଲେ ମଧ୍ୟ ଭଲ ହୋଇ ନ ଥିଲା। ଫଳରେ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ସକାଳେ ଘରେ କେହି ନ ଥିବାର ସୁଯୋଗ ନେଇ ସେ ନିଜ ଘର ଫ୍ୟାନରେ ବେକରେ ଦଉଡ଼ି ଲଗାଇ ଦେଇଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ଥାନାକୁ ଜଣାଇଥିଲେ। ଥାନା ଏଏସ୍‌ଆଇ ଦିଲୀପ କୁମାର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ନାୟକାଣିଡିହୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୧୯) ରୁଜୁ କରାଯାଇଛି।

■ ହାଣ୍ଡିଶାଳରୁ ସେବା

# ଯକ୍ଷ୍ମାରୋଗୀଙ୍କ ପାଇଁ ସମର୍ପିତ ଜୀବନ

**ବଲାଙ୍ଗୀର ଅଫିସ, ୩୦।୮**

ଯକ୍ଷ୍ମା ଏକ ମାରାତ୍ମକ ରୋଗ। ଏହି ରୋଗ କବଳରେ ପଡିଲେ ମଣିଷ ଯନ୍ତ୍ରଣାରେ ଛଟପଟ ହେଉଥାଏ। ଯକ୍ଷ୍ମାରୋଗରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଁ ଔଷଧ ରହିଛି। ସରକାର ମାଗଣାରେ ଚିକିତ୍ସା ଓ ଔଷଧ ଯୋଗାଇ ଦେଉଛନ୍ତି। ତଥାପି ସଚେତନତା ଅଭାବରୁ ଏହି ରୋଗ କବଳରେ ଅନେକ ରୋଗୀ ଆକ୍ରାନ୍ତ ହୋଇଛନ୍ତି। ଏଭଳି ଆକ୍ରାନ୍ତ ରୋଗୀଙ୍କ ପାଇଁ ସାହାରା ସାଜିଛନ୍ତି ବଲାଙ୍ଗୀର ସହର କନ୍ଧପାଲିପଡାର ଅମୂଲ୍ୟ କୁମାରୀ ନନ୍ଦ । ସେ ଜଣେ ଗୃହିଣୀ । ଘର କାମ ସହିତ ସ୍ୱାମୀ, ପୁଅଙ୍କ ଯତ୍ନ ନେବାରେ ତିଳେମାତ୍ର ଅବହେଳା କରୁ ନ ଥିବା ଏହି ମହିଳାଙ୍କ ଯକ୍ଷ୍ମାରୋଗୀଙ୍କ ପ୍ରତି ରହିଛି ଅନେକ



ସ୍ୱାମୀ ଓ ପୁଅଙ୍କ ସହ ଅମୂଲ୍ୟ କୁମାରୀ ନନ୍ଦ ।

ଦରଦ ଓ ସହାନୁଭୂତି। ଆଖପାଖ ଅଞ୍ଚଳର ଯକ୍ଷ୍ମାରୋଗୀଙ୍କ ମନରେ ସେ ଭରିଦେଇଛନ୍ତି ଅମୃତ ଆଶ୍ୱସ୍ତି ଜିଲା ଯକ୍ଷ୍ମା ବିଭାଗ କର୍ମଚାରୀଙ୍କ ସହଯୋଗରେ ଅମୂଲ୍ୟ କୁମାରୀ ଆଖପାଖ ଅଞ୍ଚଳର ପ୍ରାୟ ୪୦ ଜଣ ରୋଗୀଙ୍କୁ ନିୟମିତ ଔଷଧ ବଣ୍ଟନ କରିଥାନ୍ତି । କେବଳ ସେତିକି ନୁହେଁ, ରୋଗୀମାନେ ଠିକ୍ ସମୟରେ ଔଷଧ ଖାଇଲେ କି ନାହିଁ ତଦାରଖ କରନ୍ତି, ସେମାନଙ୍କୁ ରୋଗମୁକ୍ତ କରିବା ଦିଗରେ ଅମୂଲ୍ୟ କୁମାରୀ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି । ଏଥିପାଇଁ ସେ ଟଙ୍କାଟିଏ ବି ପାରିଶ୍ରମିକ ଗ୍ରହଣ କରନ୍ତି ନାହିଁ। ବରଂ ମା’ ପରି ସେବା ଯୋଗାଇ ଦେଇଥାନ୍ତି ସେ । ହସ୍‌ପିଟାଲରୁ ୪୦ ଜଣ ରୋଗୀଙ୍କ ପାଇଁ ଔଷଧ ଆଣି ସେମାନଙ୍କୁ ବଣ୍ଟନ କରିବା ଦାୟିତ୍ୱ ଗ୍ରହଣ କରିଛନ୍ତି ସେ । ରୋଗୀଙ୍କ ଘରକୁ ଘର ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥାନ୍ତି। ଏହି କାର୍ଯ୍ୟରେ ଅମୂଲ୍ୟ କୁମାରୀଙ୍କୁ ତାଙ୍କ ସ୍ୱାମୀ ରଞ୍ଜନ ଓ ପୁଅ ଶୁଭେନ୍ଦୁ ସହଯୋଗ କରୁଛନ୍ତି । ମୋ ସେବା ଓ ନିୟମିତ ଔଷଧ ସେବନ ଯୋଗୁ ବହୁ ରୋଗୀ ଆରୋଗ୍ୟ ଲାଭ କରିଛନ୍ତି । ଏ କଥା ଜାଣିବା ପରେ ସ୍ୱାମୀ ଓ ପୁଅ ମଧ୍ୟ ଏହି ସେବା କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି ବୋଲି ଅମୂଲ୍ୟ କୁମାରୀ କହିଛନ୍ତି। ତାଙ୍କର ଏଭଳି ଉତ୍ସର୍ଗୀକୃତ ସେବା ଓ ଯକ୍ଷ୍ମାରୋଗୀଙ୍କୁ ଆରୋଗ୍ୟ କରିବାର ନିଶା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜଣେ ମହିଳାଙ୍କ ଏଭଳି କାର୍ଯ୍ୟକୁ ଜିଲାପାଳ ଅରିନ୍ଦମ ଡାକୁଆ, ସିଡିଏମ୍‌ଓ ଡା ସଂଯୁକ୍ତା ସାହୁ ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ତଥା ସହରର ବହୁ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି । ଜଣେ ମହିଳା ହୋଇ ମଧ୍ୟ ଯକ୍ଷ୍ମା ରୋଗୀଙ୍କ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଇବା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ୨୫ରେ ପାଇପ୍ ଜଳ କର୍ମଚାରୀ ସଂଘର ଗଣଧାରଣା

**ଭଦ୍ରକ ଅଫିସ, ୩୦।୮**

କେନ୍ଦ୍ରର ନିଷ୍ପତ୍ତି କ୍ରମେ ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ଭଦ୍ରକ ସହରାଞ୍ଚଳ ଶାଖାର ଏକ ଜରୁରୀ ବୈଠକ ଶୁକ୍ରବାର ସ୍ଥାନୀୟ ଜୀବନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟରତ କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଶ୍ରମିକମାରଣ ନୀତି ବିରୋଧରେ ସେମାନେ ପ୍ରତିବାଦ କରିବା ସହ କ୍ଷୋଭ ପ୍ରକାଶ କରିଥିଲେ। ଅସ୍ଥାୟୀ କର୍ମଚାରୀଙ୍କୁ ତୁରନ୍ତ ୱାର୍କଚାର୍ଜଡ କର୍ମଚାରୀ ଓ ଦୀର୍ଘବର୍ଷ ଧରି ୱାର୍କଚାର୍ଜରେ ରହିଆସିଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଅସ୍ଥାୟୀ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ସହ ଜଳ ଯୋଗାଣ ବ୍ୟବସ୍ଥାରେ ଆଉଟ୍‌ସୋର୍ସିଙ୍ଗ ପ୍ରଥା ବନ୍ଦ କରିବା ଇତ୍ୟାଦି ଦାବି ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୨୫ରେ ସଂଘ ପକ୍ଷରୁ ଗଣଧାରଣା ଓ ଅକ୍ଟୋବର ୨୩ରେ ନବୀନ ନିବାସ ଘେରାଉ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ଓ ବାଲେଶ୍ୱର ଖଣ୍ଡ ସମ୍ପାଦକ ନାରାୟଣ ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି।






ପ୍ରଶାନ୍ତ



ବିଶ୍ୱଜିତ୍



ପ୍ରଭାକର



ଆଲୋକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

■ ନୂଆପଡା ପ୍ରିମିୟର ଲିଗ ଫୁଟବଲ

# ମହାମାୟା, ଖଡ଼ିଆଳ ଦଳ ଫାଇନାଲକୁ ଉନ୍ନୀତ

**ନୂଆପଡା ଅଫିସ,୩୦।୮**

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ନୂଆପଡା ପ୍ରିମିୟର ଲିଗ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ସେମିଫାଇନାଲରେ ମହାମାୟା ଦଳ ଏବଂ ଖଡିଆଳ ଦଳ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଅପରାହ୍ନରେ ହୋଇଥିବା ପ୍ରଥମ ସେମିଫାଇନାଲ ଖେଳକୁ ଭାଜପାର ଜିଲା ପ୍ରଭାରୀ ହୋମସିଂ ମାଝି ମୁଖ୍ୟଅତିଥି, ସିଦ୍ଧବୋଧନକର, ଲାଲଟୁ ବୋଷ, ହୀରା ପଟେଲ, ପୁନୀତ ରାଉତ ପ୍ରମୁଖ ସମ୍ମାନିତ ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହିକ୍ରମରେ ପେନଥସ ଖଡିଆଳ ଏବଂ ପ୍ଲେ ବଏ ନୂଆପଡା ମଧ୍ୟରେ ହୋଇଥିଲା। ପେନାଲଟିକ ସଟରେ ୪-୧ ଗୋଲରେ ପେନଥସ ଖଡିଆଳ ବିଜୟୀ ହୋଇଥିଲା। ସେହିଭଳି ଦ୍ୱିତୀୟ ସେମିଫାଇନାଲ ଖେଳ ମହାମାୟା ଏବଂ କୋମନା ଚ୍ୟାଲେଞ୍ଜର୍ସ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ନ୍ୟାଶନାଲ କଲେଜର ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ମୁଖ୍ୟ ଅତିଥି, ଟୁଲୁପାଢୀ, ସଞ୍ଜୁ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ମ୍ୟାଚରେ ମହାମାୟା ଦଳ କୋମନା ଦଳକୁ ୨-୧ ଗୋଲରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ଶନିବାର ଫାଇନାଲ ଖେଳ ପେନଥସ ଖଡିଆଳ ଏବଂ ମହାମାୟା ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ କୁମାର ସାହୁ, ବିଭୁଦତ ମିଶ୍ର, ମୋହନ ବାଗ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସୁଧୀର କୁମାର ମିଶ୍ର, ଧନୀ ନାଗ, ଅନୀଲ ଦାସ, ସୌରଭ ଜୈନ, ଜାନୁ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

■ ଅଭିଯୁକ୍ତ ଗିରଫ, ଉତ୍ତେଜନା

# ଗାଧୋଇ ଯାଉଥିବା ନାବାଳିକାଙ୍କୁ ବଳାତ୍କାର

**ସମ୍ବଲପୁର,୩୦।୮(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ୧୭ ବର୍ଷିୟା ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ପୋଖରୀକୁ ଗାଧୋଇବାକୁ ଯିବା ସମୟରେ ତାଙ୍କୁ ନିଛାଟିଆ ସ୍ଥାନକୁ ଟେକି ନେଇ ବଳାତ୍କାର କରାଯାଇଛି। ଏହି ଘଟଣାରେ ପୋଲିସ ସେହି ଗ୍ରାମର ଅଭିଯୁକ୍ତ ଅଜିତ ରଣା (୨୪)ଙ୍କୁ ଗିରଫ କରିଛି । ଜିଲା ସଦର ଡାକ୍ତରଖାନାରେ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଛି । ଶନିବାର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ଜଣାପଡିଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଓ ଥାନା ଅଧିକାରୀ ରୀନା ବେହେରା ଏହାର ତଦନ୍ତ କରୁଛନ୍ତି। ପୋଲିସ କହିବା ଅନୁସାରେ ନାବାଳିକା ଜଣକ ଗୁରୁବାର ପୋଖରୀକୁ ଗାଧୋଇବାକୁ ଯାଉଥିଲେ। ଅଭିଯୁକ୍ତ ଅଜିତ୍ ତାଙ୍କୁ ରାସ୍ତାରୁ ନିଛାଟିଆ ସ୍ଥାନକୁ ଟାଣି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଏହାର ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ମାରପିଟ କରିବାକୁ ପଛାଇ ନ ଥିଲେ।







# ଟାଙ୍ଗୀ ବଳାତ୍କାର ଘଟଣାରେ ବର୍ଷିଲା ଭାଜପା

**ଭୁବନେଶ୍ୱର,୩୦।୮(ବ୍ୟୁରୋ):**

ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାକୁ ଗତ ୧୭ ତାରିଖ ଦିନ ଜଣେ ଶାସକ ଦଳର ଜଣେ ନେତା ବଳାତ୍କାର କରିଥିବା ଭାଜପା ଅଭିଯୋଗ କରିଛି। ପୋଲିସ ୧୨ଦିନ ହେଲା ଅପରାଧୀକୁ ଗିରଫ ନ କରି ସୁରକ୍ଷା ଦେଇ ଚାଲିଥିଲା। ଭାଜପାର ଏକ ପ୍ରତିନିଧି ଦଳ ପୀଡିତାଙ୍କ ପରିବାରକୁ ଶୁକ୍ରବାର ଭେଟି ଟାଙ୍ଗୀ ଥାନା ଅଧିକାରୀଙ୍କୁ ଏ ଘଟଣା ସମ୍ପର୍କରେ ପଚରାଉଚରା କରିଛି। ଭାଜପା ଚାପରେ ଟାଙ୍ଗୀ ପୋଲିସ ଅପରାଧୀଙ୍କୁ ଗିରଫ କରିଥିବା ଦଳ ପକ୍ଷରୁ କୁହାଯାଇଛି। କିନ୍ତୁ ଅପରାଧୀ ଜଣଙ୍କ ଶାସକ ଦଳର ହୋଇଥିବାରୁ ତାଙ୍କ ବିରୋଧରେ ଦଫା କମ୍ ଲଗାଇ ଗଳାବାଟ ଦ୍ୱାରା ଖସାଇବାର ପ୍ରୟାସ କରାଯାଇଛି। ତୁରନ୍ତ ଟାଙ୍ଗୀ ପୋଲିସ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଅଭିଯୁକ୍ତଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଲଗାଇ କଠୋର ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେଉ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଦାବି କରିଛନ୍ତି । ସେ କହିଛନ୍ତି ଯେ, ଶାସକ ଦଳ ଚାପରେ ରାଜ୍ୟରେ ହଜାର ହଜାର ଅପରାଧୀ ଖସି ଯାଉଛନ୍ତି । ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋ ଅନୁଯାୟୀ ଗତ ୯ବର୍ଷ ମଧ୍ୟରେ ରାଜ୍ୟରେ ୧୬ ହଜାର ୫୯୧ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା। ଏଥିରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୦ ପ୍ରତିଶତରୁ କମ୍ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି।

■ ୭ ହଜାର ଟଙ୍କା ଲାଞ୍ଚ ମାମଲା

# ପୋଲିସ ଏଏସ୍‌ଆଇଙ୍କୁ ୨ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୩୦।୮**

ଏକ ଲାଞ୍ଚ ମାମଲାର ବିଚାର କରି ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଭଗବାନ ପ୍ରଧାନ ଅଭିଯୁକ୍ତ ବୌଦ୍ଧ ଜିଲା ବାଉଁଶୁଣୀ ଥାନାର ଏଏସ୍‌ଆଇ ଜନ୍ମେଶ୍ୱର ଦୀପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୭ ହଜାର ଟଙ୍କା ଜରିମାନା ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବା ପାଇଁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଫେବୃୟାରୀ ୯ରେ ଜଡାପାଳର ଲାଲମଣୀ ନାୟକ ଓ ଅଗସ୍ତି ମଲ୍ଲିକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ତା’ପରଦିନ ଅଗସ୍ତି ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଏଏସ୍‌ଆଇ ଜନ୍ମେଶ୍ୱର ଲାଲମଣୀଙ୍କୁ ଥାନାକୁ ଡକାଇ ମାମଲା ରଫାଦଫା କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନ ଦେଲେ ତାଙ୍କୁ ଗିରଫ କରିବାକୁ ଧମକ ଦେଇଥିଲେ। ପରେ ୭ ହଜାର ଟଙ୍କା ଦେବାକୁ କଥା ଛିଡିଥିଲା। ସେହି ମାସ ୧୨ ତାରିଖରେ ଲାଲମଣୀ ଏ ସମ୍ପର୍କରେ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ ୧୩ ତାରିଖରେ ବାଉଁଶୁଣୀ ଭେଟେନାରୀ ଛକରେ ଟଙ୍କା ଦେବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀ ଏଏସ୍‌ଆଇଙ୍କୁ କାବୁ କରିଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଈଶ୍ୱରଙ୍କ ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ

### ପିସ୍ତଲ ଜବତ, ଯୁବକ ଗିରଫ

ପଦ୍ମପୁର, ୩୦।୮ (ଡି.ଏନ.ଏ) ପଦ୍ମପୁର ଥାପା ଜମଲା ଗ୍ରାମରେ ପିସ୍ତଲ ଧରି ଭୟର ବାତାବରଣ ସୃଷ୍ଟି କରୁଥିବା ଅଭିଯୋଗରେ ପୋଲିସ ସେହି ଗ୍ରାମର ରାଜକିଶୋର ମେହେରଙ୍କୁ ଗିରଫ କରିଛି। ତାଙ୍କଠାରୁ ପିସ୍ତଲ ଜବତ କରାଯାଇଛି । ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ମାନସ ରଞ୍ଜନ ପ୍ରଧାନ ଓ ଏସଆଇ ସୌମ୍ୟ ରଞ୍ଜନ ପାତ୍ର ଅଭିଯୁକ୍ତ ଯୁବକଙ୍କ ଘରେ ଶୁକ୍ରବାର ଚଢ଼ାଉ କରିଥିଲେ ।

### ପ୍ରଦର୍ଶନୀ କ୍ରିକେଟ ଟୁର୍ନାମେଣ୍ଟ

ପଦ୍ମପୁର, ୩୦।୮ (ଡି.ଏନ.ଏ) ପଦ୍ମପୁର ନିକଟସ୍ଥ ସତୀଭଟା ଉଚ୍ଚ ବିଦ୍ୟାଳୟ ପଡିଆରେ ଏକ ପ୍ରଦର୍ଶନୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଶିକ୍ଷକ ଏକାଦଶ ଓ ଦେଉଳି ଏକାଦଶ ମଧ୍ୟରେ ହୋଇଥିଲା । ଶିକ୍ଷକ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୨୧ ରନ କରିଥିଲେ । ଜବାବରେ ଦେଉଳି ଏକାଦଶ ୧୨ ଓଭରରେ ମାତ୍ର ୯୯ ରନ କରି ପରାଜିତ ହୋଇଥିଲେ । ସୁବଳ ଭୋଇ ଓ ରିତେଶ ମେହେର ଖେଳ ପରିଚାଳନା କରିଥିବା ବେଳେ ସୁନାଧର ଓ ସୁଜିତ ସ୍କୋରିଂ କରିଥିଲେ । ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଜେତା ଦଳ ଓ ମ୍ୟାନ ଅଫ୍ ଦି ମ୍ୟାଚ ସ୍ୱାଧିନ ଭୋଇଙ୍କୁ ପୁରସ୍କୃତ କରିଥିଲେ। ମୁବାରକ ଖାଁ ବ୍ୟକ୍ତିଗତ ୩୨ ରନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋହନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲକସ୍ତରୀୟ କୁଷ୍ଠ ନିରାକରଣ ତାଲିମ ଶିବିର

ପାଇକମାଳ, ୩୦।୮ (ଡି.ଏନ.ଏ) ପାଇକମାଳ ବ୍ଲକ ସଭାଗୃହରେ ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକସ୍ତରୀୟ କୁଷ୍ଠ ନିରାକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡା. ନାରାୟଣ ପଶାୟତ ଅଧକ୍ଷତା କରିଥିଲେ । ପିଏଚଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏନ ବିଜୟ ସରାପ, ବିଏଲ ଏଣ୍ଡ ଡବ୍ଲ୍ୟୁ ସତ୍ୟ ଭୂଷଣ ସାହୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ କୁଷ୍ଠ ରୋଗୀମାନଙ୍କୁ ଚିହ୍ନଟ କରିବା ଉପରେ ତାଲିମ ଦିଆଯାଇଥିଲା। ଏଥିରେ ବ୍ଲକସ୍ତରୀୟ ସମସ୍ତ ଆଶାକର୍ମୀ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ପରିଦର୍ଶିକା ପରିଦର୍ଶକ ତାଲିମ ଗ୍ରହଣ କରିଥିଲେ । ଆସନ୍ତା ସେପ୍ଟମ୍ବର ୧୦ରୁ ୨୩ ତାରିଖ ପର୍ଯ୍ୟନ୍ତ କୁଷ୍ଠ ରୋଗ ଚିହ୍ନଟ ପ୍ରକ୍ରିୟା ଚାଲୁ ରହିବ ବୋଲି ଡା. ନାରାୟଣ ପ୍ରସାଦ କହିଛନ୍ତି ।

■ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକ

# ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୩୦।୮

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି–ଡି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିଟିର ଚେୟାରମ୍ୟାନ ସୁଷମା ଭୁଏ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଜିଲାର ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା କରାଯିବା ସହିତ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା । ଜିଲା ପରିଷଦ ସଭ୍ୟା ମୀରା ବଘାର, ସବିତା ସାହୁ, ବିରାଜ କୁମାରୀ ତାଣ୍ଡି, ଦୟାନିଧି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁ ଚରଣ ଦାଶ, ଡା. ଭୀମ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ବେଳେ ଜିଲାରେ ୨୧୯ଜଣ ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ୧୧୫ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି ଏବଂ ୧୦୪ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିପରି ଜିଲାରେ ୧୬୧ ଜଣ ସେବିକାଙ୍କ ଆବଶ୍ୟକତା ରହିଥିବାବେଳେ ମାତ୍ର ୩୫ଜଣ କାର୍ଯ୍ୟ କରୁଛନ୍ତି ଏବଂ ୧୨୬ଟି ସେବିକା ପଦବୀ ଖାଲି ପଡ଼ିଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି ଡା. ସାହୁ ପ୍ରକାଶ କରିଥିଲେ । ପ୍ରତ୍ୟେକ ମାସର ୯ତାରିଖରେ ଗର୍ଭବତୀ ମହିଳାଙ୍କ ଅଲଟ୍ରାସାଉଣ୍ଡ୍ କରାଯିବା ସମ୍ପର୍କରେ ଜିଲା ପରିଷଦ ଅଧ୍ୟକ୍ଷା ଡା. ସାହୁ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।



ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀବୃନ୍ଦ ।

ନିଦାନର କାର୍ଯ୍ୟକାରିତା, ଗର୍ଭବତୀ ମା' ମାନଙ୍କୁ ଲୌହସାର ବଟିକା ପ୍ରଦାନ, ସରକାରୀ ଚିକିତ୍ସାଳୟରେ ପ୍ରସବ କରାଇବା ପାଇଁ ପରାମର୍ଶ ପ୍ରଦାନ କରାଯିବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ପ୍ରକାଶ କରିଥିଲେ । ଜିଲାରେ ୧୪୭୪ଜଣ ଆଶାକର୍ମୀଙ୍କର ଆବଶ୍ୟକତା ରହିଥିବାବେଳେ ୧୪୬୪ଜଣ କାର୍ଯ୍ୟରତ ଅଛନ୍ତି ଏବଂ ୧୦ଟି ପଦବୀ ଖାଲି ପଡ଼ିଛି ବୋଲି ସୂଚନା ଦିଆଯାଇଥିଲା। ଜିଲାରେ ସମୁଦାୟ ୧୧୭୪ଟି ଗାଁ କଲ୍ୟାଣ ସମିତି ରହିଛି ଏବଂ ଜନନୀ ସୁରକ୍ଷା ଯୋଜନାରେ ୩୦୦୩ ଜଣ ମହିଳାଙ୍କୁ ଅର୍ଥ ଯୋଗାଇ ଦିଆଯାଇଛି ବୋଲି ସୂଚନା ଦିଆଯାଇଥିଲା। ଏ କ୍ଷେତ୍ରରେ ଗ୍ରାମାଞ୍ଚଳ ମହିଳାମାନଙ୍କୁ ୧୪୦୦ ଟଙ୍କା ଏବଂ ସହରାଞ୍ଚଳ ମହିଳାଙ୍କୁ ୧୬୦୦ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଉଥିବା ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ଏନଏଚଏମ ଯୋଜନାର କାର୍ଯ୍ୟ, ଖର୍ଚ୍ଚ ଏବଂ ମ୍ୟାଲେରିଆ, ଡେଙ୍ଗୁ ନିରାକରଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର କାର୍ଯ୍ୟ ସମୀକ୍ଷା କରାଯାଇଥିଲା ।

# ଷ୍ଟାଫନର୍ସ ବଦଳିରେ ଚଞ୍ଚକତା ପ୍ରସଙ୍ଗ ଉଠାଇଲେ ଜିଲା ପରିଷଦ ଅଧ୍ୟକ୍ଷା

ବରଗଡ଼ ଅଫିସ୍,୩୦।୮

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଜନୈକା ଷ୍ଟାଫନର୍ସଙ୍କ ବଦଳିରେ ଚଞ୍ଚକତା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏପରିକି ଶୁକ୍ରବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି–ଡି ବୈଠକରେ ଖୋଦ୍ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଏହି ପ୍ରସଙ୍ଗକୁ ଉପସ୍ଥାପନ କରିଥିଲେ । ବଦଳିର ୧୫ଦିନ ନ ପୂରୁଣୁ ସମ୍ପୃକ୍ତ ଷ୍ଟାଫନର୍ସଙ୍କୁ ପୁଣି କେଉଁ ସ୍ୱାର୍ଥରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଡେପୁଟେଶନରେ ଅଣାଯାଇଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ । ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ କହିଲେ, ଜିଲା ମୁଖ୍ୟ ଡାକ୍ତରଖାନାରେ ଏକ ତାଲିମ ଦିଆଯାଇଥାଏ ଏବଂ ସମ୍ପୃକ୍ତ ଷ୍ଟାଫନର୍ସ ହିଁ କେବଳ ସେହି ତାଲିମ ଦେଇପାରନ୍ତି। ସେହି ଦୃଷ୍ଟିରୁ ତାଙ୍କୁ ଡେପୁଟେଶନରେ ଅଣାଯାଇଛି ଏବଂ ତାଲିମ ପ୍ରକ୍ରିୟା ସରିଲେ ପୁଣି ତାଙ୍କୁ ତାଙ୍କ ପୂର୍ବସ୍ଥାନକୁ ପଠାଇ ଦିଆଯିବ । କେବଳ ଷ୍ଟାଫନର୍ସ ନୁହେଁ, ଅନ୍ୟ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ମଧ୍ୟ ବଦଳି ପରେ ସେଭଳି ଡେପୁଟେଶନରେ ଅଣାଯିବା କଥାକୁ ଜିଲା ପରିଷଦ ଅଧ୍ୟକ୍ଷା ଉଠାଇଥିଲେ । ତେବେ ଷ୍ଟାଫନର୍ସଙ୍କୁ ଯଦି ତାଲିମ ଦେବା ପାଇଁ ଅଣାଗଲା, ତେବେ ଆବଶ୍ୟକ ସଂଖ୍ୟକ ଡ୍ରାଇଭର ଥିବା ସତ୍ତ୍ୱେ ସେହି ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ କେଉଁଥି ପାଇଁ ଡେପୁଟେଶନରେ ଅଣାଗଲା ବୋଲି ଜିଲା ପରିଷଦ ଅଧ୍ୟକ୍ଷା ପ୍ରଶ୍ନ କରିଥିଲେ। ଏଭଳି ବିଭିନ୍ନ ଆଳ ଦେଖାଇ ବଦଳିରେ ଚଞ୍ଚକତା କରାଯାଉଛି ଏବଂ ଏଥିପାଇଁ ମୋଟାଅଙ୍କର ଡିଲ୍ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏଭଳି ପ୍ରସଙ୍ଗକୁ ସ୍ଥାନୀୟ ସଚେତନ ନାଗରିକମାନେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଥିବାବେଳେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମଧ୍ୟ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

# ଅନ୍ତେବାସୀଙ୍କୁ ଡାକ୍ତର ଦମ୍ପତିଙ୍କ ନୂଆଖାଇ ଅଢ଼ିଆ

ବରଗଡ଼ ଅଫିସ୍,୩୦।୮

ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇକୁ ଆଉମାତ୍ର ୪ ଦିନ ବାକି। ଏହି ଉତ୍ସବକୁ ପାଳନ କରିବା ପାଇଁ ଏବେଠାରୁ ସବୁଠି ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ମାତ୍ର ବିଭିନ୍ନ ଜରାନିବାସ, ବୃଦ୍ଧାବାସରେ ରହିଥିବା ଅନ୍ତେବାସୀଙ୍କ ମୁହଁରେ ନୂଆଖାଇର ହସ ଫୁଟାଇବା ପାଇ ବରଗଡ଼ର ଡାକ୍ତର ଦମ୍ପତି ଡା. ସୁସ୍ମିତା ତ୍ରିପାଠୀ ଓ ଡା. ରାଜେଶ ତ୍ରିପାଠୀ ପ୍ରୟାସ ଆରମ୍ଭ କରିଛନ୍ତି । ଗୁରୁବାର ଏହି ଡାକ୍ତର ଦମ୍ପତି ଜିଲାର ଗାଇସିଲେଟ ବ୍ଲକ ଅନ୍ତର୍ଗତ ସାନ ସାହାଜବାହାଲ ଗ୍ରାମରେ ଥିବା ବାର୍ଦ୍ଧକ୍ୟ ଆବାସକୁ ଯାଇଥିଲେ । ସେଠାକାର ଅନ୍ତେବାସୀଙ୍କୁ ଭେଟି ଭାବ ବିନିମୟ କରିବା ସହିତ ସାଙ୍ଗରେ ନେଇଥିବା ନୂତନ ବସ୍ତ୍ର, ଡାଲି, ଚିନି, ଚାଉଳ ଆଦି ନୂଆଖାଇ ଅଢ଼ିଆ ସେମାନଙ୍କୁ ପ୍ରଦାନ କରିଥିଲେ । ସେମାନଙ୍କ ପ୍ରତି ଡାକ୍ତର ଦମ୍ପତିଙ୍କ ଏଭଳି ଭଲ ଭାଇବା ଦେଖି ଅନ୍ତେବାସୀମାନେ ନିଜ ଖୁସି ପ୍ରକଟ କରିଥିଲେ।



ବାର୍ଦ୍ଧକ୍ୟ ଆବାସର ଅନ୍ତେବାସୀଙ୍କ ଗହଣରେ ଡାକ୍ତର ଦମ୍ପତି ।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ଘେଁସ,୩୦।୮(ଡି.ଏନ.ଏ)

ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ପେଟୁପାଲି ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ, ଉକ୍ତ ଗ୍ରାମର ନେପାଳ ବରିହା(୩୦) । ଏ ନେଇ ମେଲଛାମୁଣ୍ଡା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୧୯) ରୁଜୁ ସହିତ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇଛି । ପ୍ରକାଶ ଯେ, ଗୁରୁବାର ରାତ୍ରିରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଲା। ନେପାଳ ତାଙ୍କ ଘରେ ବିଦ୍ୟୁତ ମରାମତି କାମ କରୁଥିଲେ। ସେତେବେଳେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଯିବାରୁ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସୋହେଲା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

■ ନୂଆଁଖାଇ ପରଦିନ ଛୁଟି ଦାବି

# ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୩୦।୮

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇକୁ ଆଉ ମାତ୍ର ୪ଦିନ ବାକି। ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ହେବାକୁ ଥିବା ଏହି ପର୍ବ ପାଳନ ପାଇଁ ସବୁଠାରେ ଉତ୍ସାହ ଉଦ୍ଦୀପନତା ଦେଖାଯାଇଛି। ତେବେ ନୂଆଖାଇ ପରବର୍ତ୍ତୀ ଦିନ ଅର୍ଥାତ୍ ଆସନ୍ତା ୪ତାରିଖକୁ ମଧ୍ୟ ଛୁଟି ଘୋଷଣା କରିବା ପାଇଁ ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ୍ ସ୍ମାରକପତ୍ର ଗ୍ରହଣ କରିଥିଲେ । ନୂଆଖାଇ ପାଳନ ପାଇଁ ପଶ୍ଚିମ ଓଡ଼ିଶାବାସୀ ଯେଉଁଠି ଥିଲେ ମଧ୍ୟ ନିଜ ଘରକୁ ଯାଇ ପରିବାର ଓ ଗ୍ରାମବାସୀଙ୍କ ସହିତ ଏହି ପର୍ବକୁ ପାଳନ କରିଥାନ୍ତି । ପର୍ବ ପାଳନ ସାରି ସେହିଦିନରେ ପୁଣି ସେମାନେ କାମ କରୁଥିବା ସ୍ଥାନକୁ ଫେରିବା ସମ୍ଭବପର ହୁଏନାହିଁ । ଫଳରେ ୩ତାରିଖ ନୂଆଖାଇ ପଡୁଥିବା ଯୋଗୁ ତାର ପରବର୍ତ୍ତୀ ଦିନ ଅର୍ଥାତ ଆସନ୍ତା ୪ତାରିଖକୁ ମଧ୍ୟ ଛୁଟି ଘୋଷଣା କରିବା ପାଇଁ ଜିଲା ଓକିଲ ସଂଘ ସ୍ମାରକପତ୍ରରେ ଜିଲାପାଳଙ୍କୁ ଅନୁରୋଧ କରିଛି । ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ଓକିଲ ସଂଘ ଉପସଭାପତି ସରୋଜ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା, ଯାମିନୀ ପ୍ରଧାନ, ମୃତ୍ୟୁଞ୍ଜୟ ପଣ୍ଡା, ରମଣୀ ରଞ୍ଜନ ବେହେରା, ଆଦିତ୍ୟ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।



ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

# ଋଣ ପରିଶୋଧ ନ କରିବାରୁ ୩ ମହିଳା ଗିରଫ

ପାଇକମାଳ, ୩୦।୮(ଡି.ଏନ.ଏ)

ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ଋଣ ନେଇ ପରିଶୋଧ ନ କରିବାରୁ ପାଇକମାଳ ବ୍ଲକ ଅଞ୍ଚଳର ୩ଜଣ ମହିଳାଙ୍କୁ ପୋଲିସ ଗିରଫ କରିଛି। ମହିଳାମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା ପାଇଁ କମ୍ପାନୀ ପକ୍ଷରୁ ପାଇକମାଳ ଅଞ୍ଚଳରେ ୨୪ ମାସ ଅବଧି ପାଇଁ ୩୦ରୁ ୪୦ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା । ଗିରଫ ମହିଳାମାନେ କମ୍ପାନୀ ମାଲିକ ମରିଯିବା ଖବର ପାଇ ଟଙ୍କା ପରିଶୋଧ କରୁ ନ ଥିଲେ । କମ୍ପାନୀର କଲିକତାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ତରଫରୁ କୋର୍ଟରେ ଋଣ ଖିଲାପ କରିଥିବା ମହିଳାମାନଙ୍କ ନାମରେ ମାମଲା ରୁଜୁ ହୋଇ ୱାରେଣ୍ଟ ଜାରି ହୋଇଥିଲା । ପାଇକମାଳ ପୋଲିସ ଉକ୍ତ ମହିଳାଙ୍କୁ ଗିରଫ କରି ପଦ୍ମପୁର ସବଡିଭିଜନ ମାଜଷ୍ଟ୍ରେଟଙ୍କ ପାଖରେ ହାଜର କରିଥିଲା ।

# କେନାଲରେ ଭାସି ଯାଉଥିବା ବୃଦ୍ଧା ଉଦ୍ଧାର

ବରଗଡ଼ ଅଫିସ୍,୩୦।୮

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ନିକଟ ମୁଖ୍ୟ କେନାଲରେ ଭାସି ଯାଉଥିବା ଜଣେ ବୃଦ୍ଧାଙ୍କୁ ଗୁରୁବାର ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି । ମହିଳା ଜଣକ ବରଗଡ଼ ସହରସ୍ଥିତ ତୁଳସୀନଗର ବାସିନ୍ଦା ତୁଳସୀ ଯାଦବ (୭୦) । ବୃଦ୍ଧାଜଣକ କେନାଲରେ ଭାସି ଯାଉଥିବା ଦେଖି ସ୍ୱେଚ୍ଛାସେବୀ ଶ୍ରୀରାମ ବାରିକ, ବିକାଶ ଅଗ୍ରୱାଲ, ସତ୍ୟନାରାୟଣ ଦାଶ, ଆନନ୍ଦ ବାରିକ ପ୍ରମୁଖ ତାଙ୍କୁ କେନାଲରୁ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଉପରୋକ୍ତ ସ୍ୱେଚ୍ଛାସେବୀମାନେ ବୃଦ୍ଧାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ ଏବଂ ଚିକିତ୍ସା ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ ।



ଉଦ୍ଧାର ବୃଦ୍ଧାଙ୍କ ସହିତ ସ୍ୱେଚ୍ଛାସେବୀମାନେ ।

# ଏସ୍‌ପିଙ୍କୁ ଭେଟିଲା ନାଗରିକ କମିଟି

ବରଗଡ଼ ଅଫିସ୍,୩୦।୮

ବରଗଡ଼ ଜିଲା ଗୋଡ଼ଭଗା ନାଗରିକ କମିଟିର ଏକ ପ୍ରତିନିଧି ଦଳ ଶୁକ୍ରବାର ଏସପି ପଦ୍ମିନୀ ସାହୁଙ୍କୁ ଭେଟିଛନ୍ତି । ନାଗରିକ କମିଟିର ପ୍ରତିନିଧିମାନେ ଗୋଡ଼ଭଗା ଅଞ୍ଚଳରେ ଚାଲିଥିବା ଚୋରାମଦ, ସଟ୍ଟା କାରବାର, ଏଟିଏମ ଲୁଟ୍ ଉଦ୍ୟମ ଭଳି ଆଦି ଅପରାଧର ନିୟନ୍ତ୍ରଣ ତଥା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଏସପି ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପ୍ରତିନିଧି ଦଳରେ ଗୋଡ଼ଭଗା ନାଗରିକ କମିଟିର ସଭାପତି ହାରାଧନ ବାରିକ, ସମ୍ପାଦକ ଉପେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ, ଗୋଡ଼ଭଗା ଅଞ୍ଚଳରେ ଚୋରାମଦ, କଫ୍ ସିରପ୍ କାରବାର ଦିନକୁ ଦିନ ବଢ଼ିଚାଲି ଥିବାବେଳେ ସଟ୍ଟା କାରବାର ମଧ୍ୟ ଲୁଚାଛପା ଚାଲିଛି । ଏଥିପାଇଁ ଅଞ୍ଚଳରେ ବିଭିନ୍ନ ଅପରାଧ ଘଟୁଥିବା ବେଳେ ଅଞ୍ଚଳବାସୀଙ୍କ ଜନଜୀବନ ଅସୁରକ୍ଷିତ ହୋଇପଡ଼ିଛି । ଗତ କିଛିଦିନ ତଳେ ଗୋଡ଼ଭଗାରେ ଏକ ଏଟିଏମରୁ ଲୁଟ୍ ଉଦ୍ୟମ ହୋଇଥିଲା। ସେହିପରି ବିଗତ ଦିନରେ ସମ୍ପୃକ୍ତ ଅଞ୍ଚଳରେ ହୋଇଥିବା କାର୍ତ୍ତୁନ ବୋମା ବିସ୍ଫୋରଣ ଗୃହକର୍ତ୍ତା ଗୁରୁତର, ସରଣ୍ଡାରେ ଖବରଦାତାଙ୍କ କାର୍, କମ୍ପ୍ୟୁଟର ଆଦି ସାମଗ୍ରୀ ପୋଡ଼ାଜଳା ଘଟଣାକୁ ଦୀର୍ଘଦିନ ବିତିଯାଇ ଥିଲେ ସୁଦ୍ଧା ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିବାରେ ଏପର୍ଯ୍ୟନ୍ତ ସକ୍ଷମ ହୋଇପାରିନାହିଁ ।

■ ଏକ୍ କରି ବାଁଧି ରଖିଛେ ନୂଆଁଖାଇ

# ସଜ୍‌ବାଜରେ ମାତିଛନ୍ କଠାରପାଲି ଗାଁବାସୀ

ସୋହେଲା,୩୦।୮(ଡି.ଏନ.ଏ)

ଆଉର ଦିନ୍ କେତେଟା ଉତାରୁ ପଶ୍ଚିମ ଓଡ଼ିଶାର ସିଘା ପରବ୍ ନୂଆଁଖାଇ ପାଳନ ହେବା। ଇଥିରଲାଗି ଗାଁଗଁଲିରୁ ସହର ତକ୍ ସବୁଠାନେ ଲୋକ୍ ସଜ୍‌ବାଜରେ ଲାଗି ପଡ଼ିଛନ୍। ଘରଦୁଆର ଲିପାପୁଛା, ଘସାମଜା କରି ଚକାଚକ୍ କରି ସାଏଲେନ। ନୂଆଁଖାଇର ଲାଗି ନୂଆଁ କପଡ଼ାଲତା, ନୂତନ୍ ହାଁଡ଼ି ପାତଲି ସବୁ ଘିନାବିକା କରୁଛନ୍। ସେନ୍ତା ଗାଁମାନକେ ପିଲାମାନେ ରାସ୍ତାଘାଟ ସଫାସୁତର କରବାରେ ଲାଗିପଡ଼ିଛନ୍। ଆଏଜ୍‌କାଲି ଗାଁଗଁଲିମାନକେ ଭିନେ ଭିନେ କାରନ୍‌ରୁ ଲୁକ୍‌କର ଭିତ୍‌ରେ ଭଲ୍ ଭାବ୍ ନାଇଁ ରହେବାର। ହେଲେ ଇ ନୂଆଁଖାଇ ଦିନ ସଭେ ଅଘର ମାଡ଼ଗାଲି, ଭେଦଭାବ ପାସରି ସଭେ ସମ୍‌କୁ ଜୁହାର ଭେଟ ହେସନ୍। ଆଏଜ୍ ବି ଅନେକ ଏନ୍ତା ଗାଁ ଅଛେ ଯେନ୍ଠାନେ ଗାଁ ଜାକ ଲୋକ୍ ଏକ୍‌ଠାନିଆଁ ବସି ନୂଆଁ ଖାଏବାର ସଂଗେ ଏକତାର ପରିଚଏ ଦେଉଛନ୍।

ବରଗଡ ଜିଲା ସୋହେଲା ବ୍ଲକ ଡୁମେରପାଲି ପଁଚେତ୍ ଅଧୀନ କଠାରପାଲି ଗାଁ ବ୍ଲକ ସଦରନୁ ୬ କି.ମି. ଦୂରେ ରହିଛେ। ଗାଁରେ କୁଲତା, ଗଉଡ଼, କୁମ୍ଭାର, ଅନୁସୂଚିତ ଜାତି ମିଶି ପାଖାପାଖି ୫ଶହ ଲୋକ୍ ରହିଛନ୍। ଗାଁଟା ଛୁଟିଆ ହେଇଥିଲାବେଲେ ସଭେ ସମ୍‌କୁ ମିଶିଗୁଲି ଚଲୁଛନ୍। ଏନ୍ତା କି ସମସିଆର ସମାଧାନ ଲାଗି ସଭେ ସମ୍‌କୁ ସହଯୋଗ କରୁଛନ୍। ଇ ମହତ୍ ଚିନ୍ତାଧାରା ଲାଗି କଠାରପାଲି ଗାଁବାସୀ ଆଏଜ୍‌କେ ୧୧ ବଛର ହେଲା(୨୦୦୯)ରୁ ସଭେ ମିଶି ଏକଠାନିଆଁ ନୂଆଁ ଖାଉଛନ୍। ଇଥିରଲାଗି ଗୁଟେ କମିଟି ଗଠନ କରାଯାଇଛେ। ଚଲତି ବଛର ନୂଆଁଖାଇର ଲାଗି ଗାଁବାସୀ ସଭା କରି କେନ୍‌ଥେଇ ନୂଆଁଖାଇ ପାଳନ କରାଯିବା ଆଲୋଚନା କରବାର ସଂଗେ ଭିନେ ଭିନେ ଲୁକ୍‌କୁ ଦାଇତିଅ ଦେଇଛନ୍।



ଗାଁର ମହିଳାମାନେ କୁରେଇ ପତର ଖଲିଦନା ଟିପ୍‌ବାରେ ବାଇ ଅଛନ୍।



ଗାଁର ଭେଁଡ଼ିଆମାନେ ଗାଁଖୁଲି ସାଫ୍‌ସଫେଇରେ ମାତିଛନ୍।

## ଇ ବାବ୍‌ଦେ ଇମାନେ ଯାହା କହିଛନ୍...



"ଆମର ଗାଁରେ ଗଲା ୧୧ ବଛର ହେଲା ଏକଠାନିଆଁ ନୂଆଁଖାଇ ପରବ୍ ପାଳନ କରିଆସୁଛୁଁ। ଏହେଦେ ନୂଆଁଖାଇର ଲାଗି ସଜବାଜ ଚାଲିଛେ। ନୂଆଁଖାଇ ଦିନ ଭିନେ ଭିନେ ଖେଲକୁଦ ସଂଗେ ବେଲବୁଡ଼େ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା।-**ପ୍ରକାଶ ଭୋଇ**, ଗଉଁତିଆ।



"ନୂଆଁଖାଇ ଆଗ୍‌ରୁ ମୁଇଁ ସରିଆ ଧାନ ଠୁଲାସିଁ। ତାହାକେ ଗୁଁଡ଼ କରି, ଲୁକ୍‌କର ପୂଜା ସାମାନ ଧରି ଗ୍ରାମପତି, ସମଲେଇ ଘଣ୍ଟେଶ୍ୱରୀ ଆର ପଣ୍ଡରାଚୁଏନକଁରନେ ନୂଆଁଚରା ଭୋଗ୍ ଲଗାସିଁ। ପଛେ ସେ ଚରାକେ ଘର ଘର ବୁଲି ବାଁଟ୍‌ସିଁ।
-**ପବିତ୍ର ପୋଡ଼, ଝାଙ୍କରା।**



"ଚଲତି ବଛର ଆମେ ଚାଁଦା ହିସାବରେ ଡିବି ପିଛା ୨ଶହ ଟଁକା କରିଛୁଁ। ଆମର ଗାଁରେ ଭେଦଭାବ ବଲି କିଛି ନାଇଁ। ନୂଆଁଖାଇ ଦିନ ଗାଁ ଖୁଲିରେ ସଭେ ଏକଠାନିଆଁ ବସି ଭୁଜିଭାତ ଖାଏବାରେ ମନ୍‌କେ ଗୁଟେ ଅଲଗ୍ କିସମର ଶିଆଁତି ମିଲସି।
-**ରୋହିତ ପୋଡ଼।**



"କୁରେହି ପତରରେ ଆମେ ଖଲିଦନା ତିଆର କରସୁଁ। ନୂଆଁଖାଇ ଦିନ ସେଥିରେ ସଭେ ଭାତତୁନ୍ ଖାଏସୁଁ। ମହିଲାମାନେ ଯେ ଯାହାର ଘରେ ଜାତିର ଜାତିର ପିଠାପନା କରସୁଁ। ରଁଧାବଢ଼ା ସଏଲେ ଘରର ଦେବଦେବୀରନେ ନୂଆଁଚରା, ପିଠାପନା ଭୋଗ୍ ଲଗାସୁଁ।
-**ମୁଖୀ ପୋଡ଼**



"ଆମର ଇ ଅଂଚଲରେ ଏକଠାନିଆଁ ନୂଆଁଖାଇ ପରବ୍ ପାଳନ କରବାରଟା ବିରଲ ଆଏ। ଆମର ଆମର ଭିତରେ ଭଲ ବୁଝାମନା ଅଛେ ବଲି ଇ ଜିନିଷଟା ହେଇପାରୁଛେ। ଆମେ ସଭେ ସମକର ଦୁଖ୍ ସୁଖ୍‌ରେ ସାମିଲ ହେଉଛୁଁ।
-ବୃନ୍ଦାବନ ପୋଢ଼ା।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି। -ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ପଦ୍ମପୁର, ୩୦।୮ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ବୋଡେନ ଥାନା ଅଧୀନ ବାଦିମାଲ ଛକରେ ସଡକ ଦୁର୍ଘଟଣା ହୋଇଛି । ଏକ ଟ୍ରକ ବାଇକ୍ ଆରୋହୀଙ୍କୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବଲାଙ୍ଗୀର ଜିଲା ଲରମ୍ବା ଥାନା ଅଧୀନ ଘୁମେର ଗ୍ରାମର ଦେବେନ୍ଦ୍ର ମେହେର (୧୯) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସୂଚନାଯୋଗ୍ୟ, ସିଜି ୦୬ ଜିଇ/୯୮୨୦ ନମ୍ବର ବିଶିଷ୍ଟ ବାଇକ ଯୋଗେ ଦେବେନ୍ଦ୍ର ମେହେର, କିରାବାଇ ଗ୍ରାମର କ୍ଷେତ୍ରପାଳ ଭୋଇ (୨୦) ଓ ଅନ୍ୟ ଜଣେ ସାଙ୍ଗ ନୃସିଂହନାଥ ଦର୍ଶନ ସାରି ହରିଶଙ୍କରରୁ ପଦ୍ମପୁର ଅଭିମୁଖେ ଆସୁଥିଲେ । ବାଦିମାଲ ଛକଠାରେ ବିପରୀତ ଦିଗରୁ ଏକ ଟ୍ରକ ଆସୁଥିବା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଦେବେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ବୋଡେନ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି ।

#### ଯୁବକଙ୍କୁ ବିଟ୍ ରାସ୍ତାରେ ମାଡ ଘଟଣା

### ହାବିଲଦାର ଗିରଫ ପରେ ଜାମିନରେ ଆସିଲେ

ବୌଦ୍ଧ,୩୦।୮(ସ୍ୱ.ପ୍ର)
ବୌଦ୍ଧ ପୋଲିସର ଜଣେ ଏପିଆର ହାବିଲଦାର ଯୁବକଙ୍କୁ ବିଟ୍ ରାସ୍ତାରେ ନିସ୍ତୁକ ମାଡ ମାରିବା ଘଟଣାରେ ଶୁକ୍ରବାର ଉକ୍ତ ହାବିଲଦାର ରଞ୍ଜନ ମହାପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । କୋର୍ଟରେ ବିଚାରପତି ୧୦ ହଜାର ଟଙ୍କା ଅମାନତ ରାଶି, ୧୫ ହଜାର ଟଙ୍କାର ଜଣେ ଜାମିନଦାର ଓ ୫ଟି ସର୍ତ୍ତ ରଖି ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଏହି ଘଟଣାରେ ପିସିଆର କନଷ୍ଟେବଲ ବିଶ୍ୱନାଥ କହଁରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ସେହିପରି ହୋମଗାର୍ଡ ଶିଶିର ଭଞ୍ଜ ଓ ସୁଶାନ୍ତ ସାହୁଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବୌଦ୍ଧ ଏସ୍‌ପି ଭି. ରଘୁନାଥ ରାଓ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଏପିଆର ହାବିଲଦାର ରଞ୍ଜନ ଛୁଟିରେ ଥିବାବେଳେ ସାଧା ପୋଷାକରେ ବିଟ୍ ରାସ୍ତାରେ ଜଣେ ଯୁବକଙ୍କୁ ନିସ୍ତୁକ ମାଡ ମାରିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ।

# ବିପଦସଙ୍କୁଳ ବାଉଁଶୁଣୀ ବିଦ୍ୟୁତ ଗ୍ରୀଡ୍

ମନମୁଣ୍ଡା, ୩୦।୮ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ବିଦ୍ୟୁତ ବିଭାଗ ସବଡିଭିଜନ ଅନ୍ତର୍ଗତ ବାଉଁଶୁଣୀ ସେକ୍ସନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରାୟ ୧୦ଟି ପଞ୍ଚାୟତକୁ ସେବା ଯୋଗାଉଥିବା ଏହି ସେକ୍ସନର ସଦର ମହକୁମା ଷ୍ଟ୍ରକ୍ଚରରେ ନାନାଦି ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଦୀର୍ଘ ବର୍ଷରୁ ସ୍ଥାପିତ ହୋଇଥିବା ସତ୍ତ୍ୱେ ଅଫିସ୍ ପରିସରରେ ଅଦ୍ୟାବଧି କଂକ୍ରିଟ ବାଡ ନାହିଁ । ଷ୍ଟ୍ରକ୍ଚର ତଳେ ଗାଈ ଗୋରୁ, ଛେଳିମେଣ୍ଢା ଚରୁଥିବା ବେଳେ ଲୋକମାନେ ସେଠାରେ ମଳତ୍ୟାଗ କରୁଛନ୍ତି । ସେହିପରି ମୂଲ୍ୟବାନ ଭିସିବି (ଭିଜୁଆଲ ସରକିଟ୍ ବ୍ରେକର) ଖୋଲା ଆକାଶ ତଳେ ସ୍ଥାପିତ ହୋଇଛି । ଗଛଡାଳ ପଡିଲେ କିମ୍ବା କୌଣସି କାରଣ ବଶତଃ ଟ୍ରିପ୍ ଗଲେ କର୍ମଚାରୀମାନେ ଖରା,



ବିଦ୍ୟୁତ୍ ଫିଡର ତଳେ ଗୋରୁ ଚରୁଛନ୍ତି ।

ଶୀତ ଓ ବିଶେଷ କରି ବର୍ଷା ଦିନରେ ବିପଦପୂର୍ଣ୍ଣ ଭାବେ ସେଠାକୁ ବିଦ୍ୟୁତ ଚାର୍ଜ କରିବାକୁ ଯାଉଛନ୍ତି । ଭିସିବି ଉପରେ ଛାଉଣୀ ହେଲେ ଯନ୍ତ୍ର ସୁରକ୍ଷିତ ରହିପାରନ୍ତା ଓ କର୍ମଚାରୀମାନଙ୍କ ପ୍ରତି ବିପଦ ରୁହନ୍ତା ନାହିଁ । କିନ୍ତୁ ତାହା କରାଯାଇନାହିଁ । ଷ୍ଟ୍ରକ୍ଚର ନିକଟରେ ମେଟାଲ ବିଛା ଯିବା ନିୟମ ଥିବାବେଳେ ତାହା ମଧ କରାଯାଇନାହିଁ । ସେହିପରି ଡ୍ୟୁଟି କରୁଥିବା ଷ୍ଟାଫ ମାନଙ୍କ ବସିବା ପାଇଁ ଛାତ ଘର ନାହିଁ । ଫଳରେ କର୍ମଚାରୀମାନେ ଡ୍ୟୁଟି ବେଳେ ବିଶ୍ରାମ ନେଇ ପାରୁନାହାନ୍ତି । ଏହି ସେକ୍ସନ ଅଧୀନରେ ଥିବା ୪ଟି ଫିଡର ମଧ୍ୟରୁ ବାଉଁଶୁଣୀ, ଅଇଁଲାପାଲି, ଗୁନ୍ଦୁଳିଆରେ ଲାଇନମ୍ୟାନ ନିଯୁକ୍ତି ହୋଇଥିବା ବେଳେ ଦହ୍ୟା ଫିଡର୍‌ରେ ଲାଇନ ମ୍ୟାନ ନ ଥିବାରୁ ଲ୍ୟାଡରମ୍ୟାନ କାମ ଚଳାଉଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବାଉଁଶୁଣୀ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ପ୍ରଧାନଙ୍କୁ ପଚାରିବାରେ ସେ କହିଲେ, ସେକ୍‌ସନରେ ସମସ୍ୟା ନେଇ ତାଙ୍କ ପୂର୍ବରୁ ଅନେକ ବାର ଚିଠି କରାଯାଇଥିବା ସତ୍ତ୍ୱେ ଅଦ୍ୟାବଧି କିଛି ସୁଫଳ ମିଳିପାରିନାହିଁ ।

### ଚାଷୀ ପରିଚୟପତ୍ର ନେଇ ଗଣ୍ଡଗୋଳ

ଗଣ୍ଡତୁରୁମ, ୩୦।୮ (ଡି.ଏନ.ଏ)
ଭେଡେନ ଥାନା ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମରେ ଚାଷୀ ପରିଚୟପତ୍ର ନବୀକରଣ ପାଇଁ ଗଣ୍ଡଗୋଳ ହୋଇଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୧୩୭/୧୯) ରୁଜୁ ହୋଇଛି ।

ଗଣ୍ଡତୁରୁମ ଗ୍ରାମରେ ଥିବା ରାମ ମନ୍ଦିରରେ ଭକ୍ତଚରଣ ବିଶ୍ୱାଳ ଏବଂ ଅଶୋକ ବିଶ୍ୱାଳ ପୂଜକ ଭାବେ କାମ କରିଆସୁଛନ୍ତି । ଉକ୍ତ ମନ୍ଦିର ନାମରେ ଥିବା ୪ ଏକର ୧୦ ଡେସିମିଲ ଜମି ରହିଛି। ଏହାକୁ ପୂଜକ ପରିବାର ବିଗତ ଦିନରୁ ଅଧିକାର କରି ଚାଷ କରୁଛନ୍ତି। ବର୍ତ୍ତମାନ ଚାଷୀ ପରିଚୟପତ୍ର ନବୀକରଣ ପ୍ରକ୍ରିୟା ଚାଲିଥିବା ବେଳେ ଭକ୍ତ ନିକଟସ୍ଥ ପ୍ୟାକ୍ସ ଅଫିସ୍‌କୁ ପହଞ୍ଚିଥିଲେ । ମାତ୍ର ଉକ୍ତ ଜମିକୁ ଗ୍ରାମର ଜଣେ ବ୍ୟବସାୟୀ ତାଙ୍କ ନିଜ ନାମରେ କରି ଚାଷୀ ପରିଚୟପତ୍ର ହାସଲ କରି ସାରିଥିବା ଜାଣିବାକୁ ପାଇଲେ। ଏ ନେଇ ଭକ୍ତଙ୍କ ପୁଅ ଦିଲୀପ ଏବଂ ପୁତୁରା ପପୁନ ତାଙ୍କ ପାଖକୁ ବୁଝିବାକୁ ଯାଇଥିବା ବେଳେ ଉକ୍ତ ବ୍ୟବସାୟୀ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।

#### ପ୍ରଧାନଶିକ୍ଷକ ସମ୍ମିଳନୀରେ ମତପ୍ରକାଶ

# ସାମଗ୍ରିକ ବିକାଶରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ

ବରଗଡ଼ ଅଫିସ୍,୩୦।୮

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଶିକ୍ଷା ଓ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ଏଥିରେ ପ୍ରଧାନଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକ ହାଇସ୍କୁଲର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଉପରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଓ ପ୍ରଧାନଶିକ୍ଷକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଯୋଶୀ ବିଗତ ବର୍ଷରେ ହୋଇଥିବା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାର ପରୀକ୍ଷାଫଳ ଉପରେ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ଏହା ସହିତ ଜିଲାରେ ଚାଲିଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଷ୍ଟେପ୍ ଅପ୍ ଉପରେ ସୂଚନା ପ୍ରଦାନ କରାଯାଇଥିବା ବେଳେ ଗତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଜିଲାର ୩୦୨ ହାଇସ୍କୁଲ ମଧ୍ୟରୁ ପରୀକ୍ଷାଫଳରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ୧୩ଟି ସ୍କୁଲକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲାପାଳ ପ୍ରଧାନ ଷ୍ଟେପ୍ ଅପ୍-୬ ସଂସ୍କରଣକୁ ଉନ୍ମୋଚନ କରିବା ସହିତ ମୋ ସ୍କୁଲ ଅଭିଯାନକୁ ସଫଳ ରୂପାୟନ କରିଥିବା ବିଜେପୁର ବ୍ଲକର ଖରମୁଣ୍ଡା ହାଇସ୍କୁଲ, ସୋହେଲା ବ୍ଲକର ଚିଚିଣ୍ଡା ପଞ୍ଚାୟତ ହାଇସ୍କୁଲ ଏବଂ ମଧୁପୁରର ଖ୍ରୀଷ୍ଟଜ୍ୟୋତି ହାଇସ୍କୁଲକୁ ପୁରସ୍କୃତ କରିଥିଲେ। ଭାର୍ଗବ ନାଏକ, ସଦାନନ୍ଦ ଜାଲ, ଡଃ ଡୋଲାମଣି ଶତପଥି, ବିରେନ୍ଦ୍ର ଦାଶ, ଅମୃତଲାଲ ବେହେରା, ପରିତୋଷ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ମିଳନୀରେ ଉପସ୍ଥିତ ପ୍ରଧାନଶିକ୍ଷକ ଓ ଅନ୍ୟମାନେ ।

## ନିଖୋଜ ମହିଳାଙ୍କ ମୃତ୍ୟୁକୁ ନେଇ ପୋଲିସ ନାକେଦମ

ଘଣ୍ଟାପଡା, ୩୦।୮ (ଡି.ଏନ.ଏ.)

ଜଣେ ନିଖୋଜ ମହିଳାଙ୍କୁ ମାରି ପୋତି ଦିଆଯାଇଥିବା ଖବରକୁ ନେଇ କଣ୍ଟାମାଳ ପୋଲିସ ନାକେଦମ ହୋଇଥିବା ଜଣାପଡିଛି । ଏହା କଣ୍ଟାମାଳ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି ।

ସୂଚନା ଅନୁସାରେ, କଣ୍ଟାମାଳ ଥାନା ନୂଆଁପାଲି ଗ୍ରାମର ବ୍ୟାସ ଭୋଇ (୩୦) ବଲାଙ୍ଗୀର ଜିଲା ଗୌଡଗୋଠ ଗ୍ରାମର ସବିତାଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କ ଦୁଇଟି ପୁଅ ଅଛନ୍ତି। ଛଅ ମାସ ହେଲା ବ୍ୟାସଙ୍କ ଘରେ ସବିତାଙ୍କ ଭଉଣୀ ଲିପା ଭୋଇ(୨୦) ଆସି ରହୁଥିଲେ । ଗତ ୫ ତାରିଖ ପୂର୍ବାହ୍ନ ୧୦ଟାରୁ ଲିପା ଘରୁ କୁଆଡେ ପଳାଇ ଯାଇଥିଲେ । ବହୁ ଖୋଜାଖୋଜି ପରେ ତାଙ୍କୁ ନ ପାଇବାରୁ ପରିବାର ଲୋକେ ୧୦ ତାରିଖରେ ଘଣ୍ଟାପଡା ଫାଣ୍ଡିରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ଏକ ମାମଲା (ନଂ.୬/୧୯) ରୁଜୁ କରି ତଦନ୍ତ ଚଳାଇଥିଲା । ଇତିମଧ୍ୟରେ ନୂଆଁପାଲି ଦେଉଳି ରାସ୍ତାର ଏକ ଜଙ୍ଗଲରେ ଲିପାଙ୍କୁ ମାରି ପୋତି ଦିଆଯାଇଥିବା ନେଇ ତାଙ୍କ ପରିବାର ଲୋକେ ଗୁରୁବାର ଘଣ୍ଟାପଡା ଫାଣ୍ଡିକୁ ଜଣାଇଥିଲେ। ଏଥିରେ କଣ୍ଟାମାଳ ପୋଲିସ ତତ୍ପର ହୋଇ ପଡିଥିଲା । ଘଣ୍ଟାପଡା ଫାଣ୍ଡି ଅଧିକାରୀ ବଳଭଦ୍ର ଗଣ୍ଡା, କଣ୍ଟାମାଳ ଓଆଇସି ଲିସାରାଣୀ ସେଠୀ, ବୌଦ୍ଧ ଏସଡିପିଓ ସାଲେଷ୍ଟିନ ଟିଗା, ମାଜିଷ୍ଟ୍ରେଟ ଭାବେ କଣ୍ଟାମାଳ ଅତିରିକ୍ତ ତହସିଲଦାର ସୁଶୀଲ କୌର ଘଟଣାସ୍ଥଳରେ ପହଞ୍ଚି ଚିହ୍ନଟ ଥିବା ସ୍ଥାନକୁ ଖୋଳିଥିଲେ। ସମସ୍ତଙ୍କ ଉପସ୍ଥିତିରେ ପ୍ରାୟ ୩ ଫୁଟ ଗାତ ଖୋଳିବା ପରେ କୌଣସି ଜିନିଷ ନ ମିଳିବାରୁ ଶେଷରେ ପୋଲିସ ନିରାଶ ହୋଇ ଫେରିଥିଲା । ଏ ନେଇ ଫାଣ୍ଡି ଅଧିକାରୀ ଗଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ଏହି ଘଟଣା ମିଛ । ସୂଚନା ପାଇ ଆମେ ଘଟଣାସ୍ଥଳକୁ ଯାଇଥିଲୁ। ସେଠାରେ ଗାତ ଖୋଳିବା ପରେ କିଛି ମିଳି ନ ଥିଲା ।

# ପୁରା ଉଆଁସ ପାଳିଲେ ଛାତ୍ରୀଛାତ୍ର



ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପୁରା ଉଆଁସ କାର୍ଯ୍ୟକ୍ରମ ।

ବରଗଡ଼ ଅଫିସ୍,୩୦।୮
ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶୁକ୍ରବାର କୃଷିଭିତ୍ତିକ ପର୍ବ ପୁରା ଉଆଁସ ପାଳିତ ହୋଇଛି । ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ ପୂଜାର୍ଚ୍ଚନା ସହିତ ଉକ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସେହିପରି ବରଗଡ଼ ଧନୁଯାତ୍ରା କଳାକାର ନନ୍ଦିଘୋଷ ମହାପାତ୍ର, ପୂର୍ବତନ ପୌର ଉପାଧ୍ୟକ୍ଷା କଳ୍ପନା ମାଝି, ବିଦ୍ୟାଳୟର ସଭାପତି ଡା. ଜୟଦେବ ସାହୁ, ସଭ୍ୟ ଭକ୍ତଚରଣ ଦାଶ, ଡା. ଦିଲୀପ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅଗ୍ନିକୁମାର ପ୍ରଧାନ, ଭକ୍ତ ଚରଣ ସାହୁ, ଦାମୋଦର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଛାତ୍ରୀମାନେ ଗୃହିଣୀ ଏବଂ ଛାତ୍ରମାନେ ଚାଷୀ ବେଶଭୂଷାରେ ସଜ୍ଜିତ ହୋଇ ଯଥାକ୍ରମେ ପୂଜା ଚାଙ୍ଗୁଡ଼ି ଧରି ଏବଂ ଟେରାକୋଟା ବଳଦ ଟାଣି ଶୋଭାଯାତ୍ରାରେ ଯାଇଥିଲେ । ସ୍ଥାନୀୟ ଥାନା ଛକରେ ଛାତ୍ରୀମାନେ ବଳଦଗୁଡ଼ିକୁ ପୂଜାର୍ଚ୍ଚନା କରି ମୁଢ଼ି ଲଡ୍ଡୁ ଖାଇବାକୁ ଦେଇଥିଲେ । ପରେ ବିଦ୍ୟାଳୟରେ ଏକ ସଭା ହୋଇଥିଲା । ସଭାରେ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ଅଭୟ ପ୍ରଧାନ, ପୂରା ଉଆଁସ ପର୍ବ ପାଳନ ଓ ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।

# ନୂଆଁଖାଇ: ଘର ସଜାବାରେ ସଭେ ବାଇ

ଘଣ୍ଟାପଡା, ୩୦।୮ (ଡି.ଏନ୍.ଏ.):

ଦୁଇ ଦିନ୍ ଉତାରୁ ଗାଁଗଁଲିରୁ ସହର ତକ୍ ସବୁନେ ଜାକ୍‌ଜମକରେ ପାଳନ ହେବା ପଶ୍ଚିମ ଓଡ଼ିଶାର ସିଘା ପରବ୍ ନୂଆଁଖାଇ। ସେଥିରଲାଗି ଗାଁରୁ ସହର ତକ୍ ସବୁଠାନେ ଜୁକାନ ବଜାର, ହାଟ ହଟଲି, ବସ୍‌ଷ୍ଟାଣ୍ଡ, ରେଲ ଷ୍ଟେଶନରେ ଭିଡ଼ ଦେଖିବାକେ ମିଲୁଛେ। ବାହାରେ ରହୁଥିବାର ଲୋକ୍‌ମାନେ ନୂଆଁଖାଇର ଲାଗି ଗାଁମୁହାଁ ହେଇଛନ୍। ଗାଁଗଁଡ଼ା ସବୁନେ ଘରର ମହିଲାମାନେ ଘର ଧୁଆରେଥା କରବାର ସଂଗେ ଲିପାଘସା କରୁଛନ୍। ଘରର ସବୁ ପୁରନା କପଡ଼ାଲତା, ଖଟପିଁଢ଼ା, ଭୁଗାଟୁପା ସବୁ ଧୁଆରେଥା ହେଲାନ। ହୁଏତ ଚଲତି ବଛର ବରଷା ପାଏନ୍ ଅଭାବୁ ଘଣ୍ଟାପଡ଼ା ଅଂଚଲରେ ଚାଷବାସ କାଯ୍ ପଛେଇ ଯାଇଥିଲା। ସେନ୍‌ତା ପଛେ ଲଘୁଚାପ ବରଷା ପରଭାବରେ ହେଇଥିବାର ବଢ଼ି ଲାଗି ଅଂଚଲର ଚାଷୀ ଅନେକ କ୍ଷୟକ୍ଷତି ସହିଛନ୍। ସେଥିରଲାଗି ହୁଏତ ନୂଆଁଖାଇ ପରବ୍‌ଟା ଅଂଚଲରେ ଟିକେ ଫିକା ପଡ଼ିପାରେ। ହେଲେ ବାପ୍‌ଅଜା ଅମଲୁ ଚଲିଆସୁଥିବାର ଇ ପରବ୍‌ଟା ନିଜର ନିଜର ଭିତରେ ରହିଥିବାର ମତଭେଦ, ରାଗ୍‌ରୁଷାକେ ଭୁଲେଇ ସମ୍‌କୁ ଏକ୍ କରସି। ସେଥିରଲାଗି ଅଂଚଲବାସୀ ନୂଆଁଖାଇ ସଜବାଜରେ ଲାଗିପଡ଼ିଛନ୍।



ଝନେ ବୁଢ଼ି ମା' ନୂଆଁଖାଇ ଲାଗି ଘର ଲିପାଘସା କରୁଛନ୍।

# ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ଭେଡ଼େନ,୩୦।୮(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ସଭାଗୃହରେ ଶୁକ୍ରବାର ଅଏଁଲାପାଲି ଗ୍ରାମପଞ୍ଚାୟତର ୩୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଡ଼ିଓ ମୁରଲିଧର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି, ଆମ୍ବା କମିଟି ସଭାପତି ହରିଶଙ୍କର ବେହେରା, ନାଏବ ସରପଞ୍ଚ ସୁବଳ ସାହୁ, ପୂର୍ବତନ ସରପଞ୍ଚ ତୁଷବନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତଥା ଅଏଁଲାପାଲି ପଞ୍ଚାୟତ ନିର୍ବାହି ଅଧିକାରୀ ଧୀରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଭେଡ଼େନ ବ୍ଲକରେ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି ।

# ନିଆରା ପର୍ବ ପୂରା ଉଆଁସ

ବୌଦ୍ଧ,୩୦।୮(ସ୍ୱ.ପ୍ର)

ସମଗ୍ର ପଶ୍ଚିମ ଓଡିଶାର ନିଆରା ପର୍ବ ପୂରା ଉଆଁସ ଏବେ ଲୋପ ପାଇବାକୁ ବସିଛି। ଏହି ପାରମ୍ପରିକ ପର୍ବକୁ ନେଇ ସପ୍ତପୁରୀ ଅମାବାସ୍ୟାରେ ବୌଦ୍ଧ ଜିଲାର ସମସ୍ତ ଗ୍ରାମ ଚଳଚଞ୍ଚଳ ହୋଇ ପଡିଥାଏ । ବୌଦ୍ଧ ଜିଲାରେ ସପ୍ତପୁରୀ ଅମାବାସ୍ୟାକୁ ପୂରା ଉଆଁସ ଭାବେ ପାଳନ କରାଯାଇଥାଏ । ପ୍ରତ୍ୟେକ ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀଦେବଙ୍କ ପୀଠରେ ସ୍ୱତନ୍ତ୍ର ପୂଜା କରାଯିବା ପରେ ଆରମ୍ଭ ହୋଇଥାଏ ଏହି ପର୍ବ । ଅପରାହ୍ନରେ ଛୋଟ ଛୋଟ ପୁଅ ପିଲାମାନେ କାଠ, ମାଟି ତିଆରି ହାତୀ, ଘୋଡ଼ା, ମାଙ୍କଡ ଓ ଷଣ୍ଢ ଆଦିକୁ ଫୁଲ, ସିନ୍ଦୁର ଦେଇ ସଜ୍ଜିତ କରି ଖେଳିବାକୁ ବାହାରିଥାନ୍ତି । ଗ୍ରାମର ମନ୍ଦିର ପ୍ରାଙ୍ଗଣ କିମ୍ବା ବିଦ୍ୟାଳୟ ପରିସରରେ ଏହି ଖେଳ ଜମିଥାଏ। ପିଲାମାନେ ନିଜ ନିଜ ହାତୀ ଘୋଡ଼ା ମଧରେ ଲଢ଼େଇ କରାଇଥାନ୍ତି । ଶେଷରେ କୁନିକୁନି ଝିଅମାନଙ୍କ ଠାରୁ ନିଜ ହାତୀ ଘୋଡ଼ା ପାଇଁ ଖାଦ୍ୟ ମାଗିଥାଥାନ୍ତି । ଏପଟେ କୁନି କୁନି ଝିଅମାନେ ହାତରେ ଚାଙ୍ଗୁଡି ଓ କୁଲା ଧରି ମାଟି ନିର୍ମିତ ପାତ୍ରରେ ବିଭିନ୍ନ ଖାଦ୍ୟଶସ୍ୟ ଯଥା ମକା, ଶିମ୍ବ, ମୁଗ, କୋଳଥ, ଲିଆ, ସାତ ପ୍ରକାର ଚଣା ଧରି ସେଠାରେ ଏକତ୍ରିତ ହୁଅନ୍ତି । ସେମାନେ ନିଜ ନିଜ ମଧ୍ୟରେ ଏହି ଖାଦ୍ୟକୁ ଆଦାନ ପ୍ରଦାନ କରିବା ସହ ପିଲାମାନଙ୍କୁ ବାଣ୍ଟନ୍ତି । ଏହି ନିଆରା ପରମ୍ପରାକୁ ଶାଣ ରାଜତ୍ୱ ସମୟରୁ ପାଳିତ ହୋଇ ଆସୁଥିବା କୁହାଯାଏ। ଏହି ପର୍ବ ପାଳନ ମାଧ୍ୟମରେ ପିଲାମାନଙ୍କୁ ଯୁଦ୍ଧ ଓ ଝିଅମାନଙ୍କୁ ଘର କରଣାର ଶିକ୍ଷା ଦିଆଯାଉଥିଲା । ଏହି ପରମ୍ପରା ଭାଇଚାରାର ବାର୍ତ୍ତା ଦେବା ସହ ମିଳିମିଶି ଚଳିବାକୁ ଶିକ୍ଷା ଦେଇଥାଏ ।



ଶିଶୁମାନେ ପୂରା ଉଆଁସ ପର୍ବରେ ପାରମ୍ପରିକ ଖେଳରେ ମାତିଛନ୍ତି ।



"ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ୨ ପଞ୍ଚାୟତରେ ମାସିକ ବୈଠକ

**ବିନିକା,୩୦।୮(ଡି.ଏନ୍.ଏ.):** ବିନିକା ବ୍ଲକ ଅନ୍ତର୍ଗତ ବାବୁପାଲି ଓ ବାଙ୍କିଘିର୍ଡି ପଞ୍ଚାୟତର ମାସିକ ବୈଠକ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବାବୁପାଲି ପଞ୍ଚାୟତ ଅଫିସରେ ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଲସାପାଲି ଗ୍ରାମରେ ଏକ ସ୍ୱର୍ଗଦ୍ୱାର, ବିଭିନ୍ନ ରାସ୍ତାର ମରାମତି, ପ୍ରଧାନମନ୍ତ୍ରୀ କାର୍ଯ୍ୟାଦେଶ ଶୀଘ୍ର ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ। ସେହିଭଳି ବାଙ୍କିଘିର୍ଡି ପଞ୍ଚାୟତରେ ସରପଞ୍ଚ ମାନସ ବେହେରାଙ୍କ ଅଧକ୍ଷତା ଓ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ଶତପଥୀଙ୍କ ପରିଚାଳନାରେ ମାସିକିଆ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଗାଁ ପୋଖରୀ ଲିଜ୍ ନେଇ ମାଛଚାଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିଭଳି ସ୍ୱାବଲମ୍ବୀ ହେବେ, ବର୍ଷା ଦିନରେ ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ନଳକୂପଗୁଡ଼ିକର ବିଶୋଧନ କିଭଳି ହେବ ସେଥିପାଇଁ ୱାର୍ଡ ସଭ୍ୟାସଭ୍ୟା ପ୍ରସ୍ତାବ ଦେଇଥିଲେ।

# ବଳି ଯାତ୍ରା ହେବା ନେଇ ସନ୍ଦେହ

## ପ୍ରସ୍ତୁତି ବୈଠକକୁ ଆସିଲେନି ସକ୍ମା ଗ୍ରାମର ସେବାୟତ

**ସୋନପୁର,୩୦।୮(ନି.ପ୍ର.)**

ସୁବର୍ଣ୍ଣପୁରରର ପ୍ରସିଦ୍ଧ ବଳି ଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ଅଧିକାରୀ ତଥା ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ବୈଠକରେ ଅଧକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ, ବରିଷ୍ଠ ନାଗରିକ, ବରୁଆ, ଡାଙ୍ଗୁଆ ଓ ସେବାୟତମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଯାତ୍ରା କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଡାଙ୍ଗୁଆ ଓ ସେବାୟତମାନେ ଯାତ୍ରାରେ ସହଯୋଗ କରିବେ ବୋଲି ସମ୍ମତି ପ୍ରକାଶ କରିଥିଲେ। ତେବେ ଖଉଳ ବଳି ଫିଟାଉ ଥିବା ସ୍ୱାଧୀନ ଡାଙ୍ଗୁଆ ଅଧିକ ପାରିଶ୍ରମିକ ଦାବି କରିବାରୁ ବୈଠକ ଆଉ ଆଗକୁ ବଢି ପାରି ନ ଥିଲା। ସେହିପରି ଦୋବୋତ୍ତର ବିଭାଗର ନୋଟିସ୍ ପରେ ବି ବିନିକା ବ୍ଲକ ସକ୍ମା ଗ୍ରାମର ପାରମ୍ପରିକ ସେବାୟତମାନେ ଏହି ବୈଠକରେ ଅନୁପସ୍ଥିତ ଥିଲେ। ଦେବୀଙ୍କ ସେବା କାର୍ଯ୍ୟ ପାଇଁ ସୋନପୁର ରାଜା ଏହି ସେବାୟତଙ୍କୁ ୪୯୭ ଏକର ଚାଷଜମି ଯୋଗାଇ ଦେଇଛନ୍ତି ମାତ୍ର ସେମାନେ ଆଉ ସେବା କାର୍ଯ୍ୟ କରୁ ନାହାନ୍ତି, କିନ୍ତୁ ଜମି ଭୋଗ ଦଖଲ କରି ଆସୁଛନ୍ତି। ଭଡାରେ ବରୁଆ ଆଣି ପରମ୍ପରାକୁ ବଞ୍ଚାଇ ରଖିବାକୁ ପଡୁଛି। ଅନ୍ୟ ସେବାୟତମାନେ ମଧ ରାଜାଙ୍କଠାରୁ ମୂଲ୍ୟବାନ ଜମି ପାଇଛନ୍ତି। କିନ୍ତୁ କିଛି ସେବାୟତ ବଳି ଯାତ୍ରା ସମୟରେ ଦୋବୋତ୍ତର ବିଭାଗ ନିକଟରୁ ଅର୍ଥ ଦାବି କରୁଛନ୍ତି। ଅଧିକ ପାରିଶ୍ରମିକ ନ ମିଳିଲେ ଯାତ୍ରାରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଉଛନ୍ତି। ଫଳରେ ଚଳିତ ବର୍ଷ ବଳିଯାତ୍ରା ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ପୀଠ ସୁବର୍ଣ୍ଣପୁରର ମହାନ ଆଧାତ୍ମିକ ପରମ୍ପରାର ପରିଚାୟକ ହେଉଛି ପ୍ରସିଦ୍ଧ ମହାବଳୀ ଯାତ୍ରା । ଆଶ୍ୱିନ କୃଷ୍ଣ ଅମାବାସ୍ୟାଠାରୁ ପୂର୍ଣ୍ଣମା ପର୍ଯ୍ୟନ୍ତ ୧୬ ଦିନ ବ୍ୟାପୀ ବିଭିନ୍ନ ଶକ୍ତି ପୀଠରେ ଏହି ଯାତ୍ରା ପାଳନ କରାଯାଏ। ରାଜା ରାଜୁଡା ଅମଳରୁ ଚାଲି ଆସୁଥିବା ଏହି ଯାତ୍ରା ପାଇଁ ଜିଲାବାସୀଙ୍କ ବିଶେଷ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଥାଏ। ତେଣୁ ଏହି ଯାତ୍ରାକୁ ବଞ୍ଚାଇ ରଖିବା ପାଇଁ ପ୍ରଶାସନ ଓ ସହରର ବୁଦ୍ଧିଜୀବୀ ଉଦ୍ୟମ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ମଲ୍ଲିକ କୁହନ୍ତି ଜମି ପାଇଥିବା ସେବାୟତ ଦେବୀଙ୍କ ସେବା କାର୍ଯ୍ୟ କରିବାକୁ ବାଧ୍ୟ। ଯାତ୍ରାରେ ଅସହଯୋଗ କଲେ ସମ୍ପୃକ୍ତ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବୈଠକରେ ଦେବୋତ୍ତର ପରିଚାଳକ ଅନନ୍ତ ଚରଣ ବାଗ, ବ୍ୟୋମକେଶ ଦାଶ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଲଡୁକିଶୋର ମଲ୍ଲିକ, ଭୀମସେନ ସିଂହଦେଓ, ଚିରଞ୍ଜିବ ବେହିଡ଼ା, ରବିନାରାୟଣ ଗୁରୁ, ବୈଲୋଚନ ଛତ୍ରିଆ, ଚକ୍ରାୟୁଧ ନାଏକ, ମୋହନ ପ୍ରସାଦ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।



ବିନିକାରେ ଶୁକ୍ରବାର ଦୁଗ୍ଧ ଚାଷୀଙ୍କ ବିକ୍ଷୋଭ।

# ଦୁଗ୍ଧ ଚାଷୀଙ୍କ ବିକ୍ଷୋଭ

**ବିନିକା,୩୦।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଦୁଗ୍ଧ ଶୀତଳ ଭଣ୍ଡାର ପରିସରରେ ଶୁକ୍ରବାର ସମ୍ବଲପୁର ସମଲେଶରୀ ଦୁଗ୍ଧ ସଂଘର ୯୫ତମ ପରିଚାଳନା କମିଟିର ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ଦୁଗ୍ଧ ଚାଷୀ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ। ତେବେ ସମଲେଶରୀ ଦୁଗ୍ଧ ସଂଘ ସେମାନଙ୍କ ସ୍ୱାର୍ଥ ପ୍ରତି ଅଣଦେଖା କରୁଥିବା ଅଭିଯୋଗ କରି ଆସୁଥିବା ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସ୍ଥାନର ଦୁଗ୍ଧ ଚାଷୀ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଗତ ୪ରୁ ୫ ବର୍ଷ ଧରି ଦୁଗ୍ଧ ଚାଷୀମାନଙ୍କୁ ନେଇ କୌଣସି ସଭା କରାଯାଇନାହିଁ । ଏଥିଯୋଗୁ ସେମାନଙ୍କ ସମସ୍ୟା ସମାଧାନ କରିବାରେ ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ବିଫଳ ହେଉଛନ୍ତି। ପରେ ଚାଷୀମାନେ ବିନିକାସ୍ଥିତ ଜଗନ୍ନାଥ ଦୁଗ୍ଧ ସମବାୟ ସମିତି ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବିଭିନ୍ନ ପ୍ରକାର ନାରାବାଜି କରିଥିଲେ। ଦୁଗ୍ଧ ଲିଟର ପିଛା ଦରବୃଦ୍ଧି , ଗୋଖାଦ୍ୟ ସାମଗ୍ରୀ ରିହାତି ଦରରେ ଯୋଗାଣ , ଚାଷୀମାନଙ୍କ ଦୁଗ୍ଧ ଉତ୍ପାଦନ ଓ ଆର୍ଥିକ ଅଭିବୃଦ୍ଧିକୁ ଅଗ୍ରାଧିକାର ଦେବାକୁ ଚାଷୀମାନେ ଏହି ଅବସରରେ ଦାବି କରିଥିଲେ। ଦୀର୍ଘ ସମୟ ଧରି ଦୁଗ୍ଧଚାଷୀଙ୍କ ବିକ୍ଷୋଭ ଯୋଗୁ ବୈଠକ ଆରମ୍ଭ ନ ହେଉଣୁ ବାତିଲ ହୋଇ ଯାଇଥିଲା।

# ବୀରମହାରାଜପୁର ପଞ୍ଚାୟତ ସମିତିର ବୈଠକ

**ଅମରପାଲି, ୩୦।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ନବମ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ, ପରିବହନ ଓ ଯୋଜନା ଏବଂ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇଥିଲେ। ମନ୍ତ୍ରୀ ବେହେରା ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତା ପରିଖିବା ସହିତ ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନ କରିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି କାଳିଆ ଯୋଜନାର ହିତାଧିକାରୀ ସ୍ୱଚ୍ଛତାର ସହ ଚୟନ କରି କରିବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ବ୍ଲକ ଉପାଧକ୍ଷା ସୁଷମା ଭୋଇ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ପ୍ରତ୍ୟେକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଟଙ୍କା ଠିକଣା ସମୟରେ ମିଳୁ ନ ଥିବା ଏବଂ ସେହି ଟଙ୍କା ପରବର୍ତ୍ତୀ ସମୟରେ ହିତାଧିକାରୀଙ୍କ ଅଜାଣତରେ ଉଠାଇ ନିଆଯାଉଥିବା ଅଭିଯୋଗ ଆସିଥିଲା। ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ଉପାନ୍ତ ବହଲପଦର ଓ ଦୁର୍ଜନତୈଲା ପଞ୍ଚାୟତରେ କିଡନି ରୋଗୀ ଉଦ୍‌ବେଗଜନକ ବୋଲି କହିବା ସହିତ ଏହାର ପ୍ରତିକାର ଦାବି କରିଥିଲେ। ଏହା ସହିତ ବ୍ରହ୍ମପୁରରୁ ସମ୍ବଲପୁରକୁ ପ୍ରସ୍ତାବିତ ରେଳ ସଂଯୋଗକୁ ବୀରମହାରାଜପୁର ଦେଇ ଯିବାକୁ ପ୍ରସ୍ତାବ ଗୃହୀତ କରିବାକୁ କହିଥିଲେ। ଏହି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହରେ ପ୍ରସ୍ତାବିତ ହୋଇଛି । ପିତାମହୁଲ ସରପଞ୍ଚ ସରୋଜ ବାରିକ କୃଷି ବିଭାଗରେ ଅନିୟମିତତା ହେବା ସହିତ ଅଞ୍ଚଳରେ ସାରର କୃତ୍ରିମ ଅଭାବ ହେଉଥିବା ଅଭିଯୋଗ କରିଥିଲେ। ବାଗବର ସମିତି ସଭ୍ୟା ଅଙ୍ଗନୱାଡି ପାଚିକା ଚୟନରେ ସ୍ୱଚ୍ଛତା ହେଉ ନ ଥିବା ଅଭିଯୋଗ କରିଥିଲେ । ଦୁର୍ଜନତୈଲା ସରପଞ୍ଚ ରଞ୍ଜିତ ଖେତୀ ଦୁର୍ଜନତୈଲା ଓ ଜଟେସିଙ୍ଗାଠାରେ ଏଲଆଇ କେନ୍ଦ୍ର ଥିଲେ ମଧ ସେଠାରେ ପ୍ରାଣୀଧନ ଚିକିତ୍ସକ ନିଯୁକ୍ତି ହେଉ ନ ଥିବା କହିଥିଲେ । କେଞ୍ଚରିଆପାଲି ସମିତି ସଭ୍ୟା ସବିତା ମିଶ୍ର ତାଙ୍କ ପଞ୍ଚାୟତରେ ପିଡିଏସ ଅନିୟମିତତା ହେଉଥିବା ଅଭିଯୋଗ ଆଣିଥିଲେ । ଅଧକ୍ଷ ସନ୍ତୋଷ ଭୋଇଙ୍କ ପ୍ରସ୍ତାବକ୍ରମେ ଚମ୍ପାପୁରଠାରୁ ହିଲୁଙ୍ଗ ପଞ୍ଚାୟତ ଦେଇ ଯୁଜିବି ପର୍ଯ୍ୟନ୍ତ ବାଇପାସ ରାସ୍ତା କରିବାକୁ ପ୍ରସ୍ତାବ ଦେଇଥିଲେ । ସଭା ପ୍ରାରମ୍ଭରେ ବିଡିଓ ନିରଞ୍ଜନ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିପିଓ ଗଗନ ବିହାରୀ ଭୋଇ ବିବରଣୀ ପଠନ କରିଥିଲେ ।



ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ପ୍ରତିନିଧି ।



ଉତ୍ସବରେ ପ୍ରଦର୍ଶିତ ଟେରାକୋଟା ହନୁମାନ।

# ସୁବର୍ଣ୍ଣପୁରରେ ଲଙ୍କାପୋଡ଼ି ଉତ୍ସବ

**ସୋନପୁର,୩୦।୮(ନି.ପ୍ର.)**

ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଅବସରରେ ଶୁକ୍ରବାର ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ପାଳିତ ହୋଇଛି ଲଙ୍କାପୋଡି। ଏହି ଦିନ ଛୋଟଛୋଟ ଛିଅମାନେ ମାଟି ତିଆରି କୁଣ୍ଡି କାଚି ଆଣି ବାଉଁଶ ନିର୍ମିତ ଟୋକେଇରେ ସାମାଜିକ ଜୀବନର ଭାବ ଆଦାନ ପ୍ରଦାନ କରିଥିଲେ। ସେହିଭଳି ସନ୍ଧ୍ୟାରେ ମାଟି ତିଆରି ହନୁମାନ, ହାତୀ ଓ ଷଣ୍ଢ ଆଦିଙ୍କୁ ପୂଜା କରାଯାଇ ରାସ୍ତାରେ ପିଲାମାନେ ଟାଣିଥିଲେ। ବାଳକମାନେ ମାଟିରେ ତିଆରି ହନୁମାନଙ୍କ ଲାଞ୍ଜରେ ନିଆଁ ଲଗାଇ ରାସ୍ତାରେ ଟାଣିଲା ବେଳେ ରାମ ଲକ୍ଷ୍ମଣ ଜାନକି କି ଜୟ, ବୀର ହନୁମାନ କି ଜୟ ନାରା ଦେଇ ଟେରାକୋଟା ହନୁମାନ, ହାତୀ ଓ ଘୋଡା ଟାଣିଥିଲେ। ଖାସ ଏଥିପାଇଁ ଟାଉନ ହଲରେ ବିଭିନ୍ନ ସ୍ଥାନରୁ ଆସିଥିବା ହନୁମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ସୋନପୁର ସହର ନୂଆପଡାର ଅମନ ମେହେର ପ୍ରଥମ, ଢେରାପଡାର ବି ଆଦିତ୍ୟ ପାତ୍ର ଦ୍ୱିତୀୟ, ମଝିପଡାର ଅଙ୍କିତ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଶ୍ମିରଞ୍ଜନ ମିଶ୍ର ଓ ରାଧେଶ୍ୟାମ ପୁରୋହିତ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।

ଲଙ୍କାପୋଡି ମହୋତ୍ସବରେ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାମାୟଣରେ ହନୁମାନଙ୍କ ଲଙ୍କାପୋଡି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏଠାରେ କେଉଁ ଆବହମାନ କାଳରୁ ପାଳିତ ହୋଇ ଆସୁଥିବା ଏଭଳି ପରମ୍ପରା ବିରଳ ବୋଲି କହିଥିଲେ। ଏହି ପୁରାତନ ପରମ୍ପରାକୁ ବଞ୍ଚାଇ ରଖିବା ଉପରେ ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଉମାଶଙ୍କର କର, ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣପୁରର ମହାନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ମୁଖ୍ୟ ଆୟୋଜକ ଶ୍ୟାମା ଓଁ ମିଶ୍ର ଅଧକ୍ଷତା କରିଥିଲେ। ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଟେରାକୋଟା ଶିଳ୍ପୀ ଦିଲ୍ଲିପ ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅମାବାସ୍ୟା ଉପଲକ୍ଷେ ମହାରଣା ସମ୍ପ୍ରଦାୟ ପକ୍ଷରୁ କାଠରେ ତିଆରି ହାତୀ, ଘୋଡା ଏବଂ ଷଣ୍ଢ ଆଦି ପଶୁଙ୍କର ପୂଜାର୍ଚ୍ଚନା ହୋଇଥିଲା।

# ବୀରମହାରାଜପୁରରେ ସପ୍ତପୁରି ଅମାବାସ୍ୟା



ବୀରମହାରାଜପୁରରେ ପୁରଉଆଁସ ଖେଳ ।

**ଅମରପାଲି, ୩୦।୮ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ସପ୍ତପୁରୀ ଅମାବାସ୍ୟା ପାଳିତ ହୋଇଯାଇଛି । ପ୍ରତ୍ୟେକ ଗାଁ ମାନଙ୍କରେ ଛୋଟ ଛୋଟ ପୁଅ ଝିଅମାନେ ପୁରାଉଆଁସ ଖେଳିଥିଲେ। ଗାଁ ମୁଣ୍ଡରେ ବେଦୀ ତିଆରି କରାଯାଇଥିଲା। ପୁଅ ପିଲାମାନେ ମାଟି ଓ କାଠ ତିଆରି ଘୋଡା, ହାତୀ, ହନୁମାନ ଆଦି ଧରି ଦେବୀ ନିକଟକୁ ଆଣିଥିଲେ। ଛୋଟ ଛୋଟ ଝିଅମାନେ ବାଉଁଶ ତିଆରି ଟୋକେର ଧରି ସେଥିରେ ଲିଆ, ଲଡୁ, ରାଶିଲଡୁ ବିଭିନ୍ନ ପ୍ରକାରର ଭଜା ଚଣା ଆଣି ବେଦୀ ପାଖକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ ମାଟି ଓ କାଠ ତିଆରି ଘୋଡା, ହାତୀ, ହନୁମାନ ଆଦିକୁ ବନ୍ଦାପନା କରିଥିଲେ। ପରେ ଝିଅମାନେ ଆଣିଥିବା ଚଣା, ଲଡୁ ଆଦିକୁ ବଣ୍ଟାବଣ୍ଟି କରାଯାଇଥିଲା ।

# ଅମାବାସ୍ୟା ସତ୍‌ସଙ୍ଗ ସମାରୋହ

**ଉଲୁଣ୍ଡା, ୩୦।୮(ଡି.ଏନ.ଏ.)**

ସାମ୍ପ୍ରତିକ ସମୟରେ ମନୁଷ୍ୟ ହାହୁତାଶ ଅବସ୍ଥାରେ ରହୁଛି। ଏହାର ସମାଧାନ ପାଇଁ ବିଭିନ୍ନ ପ୍ରକାର ପ୍ରୟାସ କରୁଛି। ଏହି ପରିପେକ୍ଷୀରେ ଶ୍ରେଷ୍ଠ ବିକଳ୍ପ ହେଉଛି ଭାଗବତ କଥା। କଥା ଆଶ୍ରୟ କଲେ ଉପରୋକ୍ତ ସମସ୍ୟା ଦୂରିଭୂତ ହୋଇ ଶାନ୍ତି ମିଳିବ ବୋଲି ଶୁକ୍ରବାର ଉଲୁଣ୍ଡା ବ୍ଲକ ବାଘପାଲି ହରିବାବାଙ୍କ ମଠରେ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ବକ୍ତାଭାବେ ଯୋଗଦେଇ କହିଛନ୍ତି ମନରଞ୍ଜନ ବାଘ। ବୃନ୍ଦାବନ ଦାସଙ୍କ ପୌରୋହିତ୍ୟ କ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ କଳାକାରଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପରେ ନିଜ ସାଥିଙ୍କ ସହ ପୁରାଣ ପଣ୍ଡା, ଶ୍ରୀରାମ ପଣ୍ଡା ଭାଗବତ ସଙ୍ଗୀତମୟ ପାରାୟଣ କରିଥିଲେ। ମଧ୍ୟାହ୍ନ ସାଢେ ୧୨ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପରିଚାଳନା ପରିଷଦ ସଭାପତି ଦାମୋଦର ମେହେର, ଉପସଭାପତି କାର୍ତ୍ତିକେଶ୍ୱର ବେହେରା, ମହାଦେବ ବିଶି, ଯୁଗେଶ୍ୱର ମେହେର, ଜୀବର୍ଦ୍ଧନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ ଆଇନ ସଚେତନତା ଉତ୍ସବ

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

**ସୋନପୁର,୩୦।୮(ନି.ପ୍ର.)**

ସୁବର୍ଣ୍ଣପୁରର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାସ୍ତରୀୟ ଆଇନ ସଚେତନତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୦ ଗୋଟି ଉଚ୍ଚ ବିଦ୍ୟାଳୟରେ ଥିବା ଷ୍ଟୁଡେଣ୍ଟସ୍ ଲିଗାଲ ଲିଟେରାସୀ କ୍ଲବର ସଦସ୍ୟଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଏବଂ ନାଟକ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୧୩ଟି ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଜଜ୍ ରାଜ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୀମା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଜ ମାନସ କୁମାର ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମାନସ ରଞ୍ଜନ ରଥ, ବରିଷ୍ଠ ଦେୱାନୀ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମ୍‌ଏଫସି ଅଙ୍କିତା ଶର୍ମା, ଜେଏମଏସସି ପ୍ରିୟଦର୍ଶିନୀ କୁମାର, ପ୍ରତ୍ୟାଶା ରାୟ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା ଓ ବୀରମହାରାଜପୁର ଏସଡିପିଓ ଧୀରୋଜ ଚୋପଦାର ପ୍ରମୁଖ ଯୋଗ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଜବାହାର ନବୋଦୋୟ ବିଦ୍ୟାଳୟ ତରଭାର ସମୀକ୍ଷା ସ୍ମୃତିରେଖା କର ପ୍ରଥମ, ପ୍ରବନ୍ଧରେ ବୀରମହାରାଜପୁର ଆଦର୍ଶବିଦ୍ୟାଳୟର ପ୍ରିୟଙ୍କା ମେହେର ପ୍ରଥମ, ଚିତ୍ରାଙ୍କନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୋହନ ମହାଲିକ ପ୍ରଥମ ଓ ଡ୍ରାମାରେ ଆଦର୍ଶ ବିଦ୍ୟାଳୟ ଖାରବାହାଲି ଉଲୁଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଇତିଶ୍ରୀ ଥନାପତି, ସିଦ୍ଧାନ୍ତ କୁମାର ବାଘ, କମଳ ଲୋଚନ ବେହେରା, ସୁନୀଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।




ଜିଲା ଜଜ୍ ରାଜକୁମାର ସାହୁ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

କୁଡାପଡ଼ା-ଖଲିଆପାଲି ରାସ୍ତା ସମସିଆ

# ପଲ୍‌ହା ରୁଇ ପରତିବାଦ ଜନାଲେ ୨ ଗାଁର ମହିଲା

**ବିନିକା,୩୦।୮(ଡି.ଏନ୍.ଏ)**

ବିନିକା ବ୍ଲକ ବାବୁପାଲି ପଁଚେତ୍ ଅଧୀନ କୁଡ଼ାପଡ଼ାରୁ ଖଲିଆପାଲି ତକ୍ ୩ କି.ମି. ରାସ୍ତା ବହୁତ୍ ବଛର ହେଲା ଅବହେଲିତ ଅବସ୍ତାରେ ପଡ଼ି ରହିଛେ। ବଛରେ କି ଦୁଇ ବଛର ନୁହେ ଦେଶ ସୁଆଧିନ ହେବାର ଆଗ୍ରୁ ଇ ରାସ୍ତାଟା ଯେନ୍ତା ଥିଲା ଆଏଜ୍ ବି ସେ ଅବସ୍ତାରେ ପଡ଼ି ରହିଛେ। ହେଲେ ଇ ରାସ୍ତା ଉପରେ ପରଶାସନିକ ଅଧିକାରୀ କି ଥାନୀୟ ଲୋକ୍ ପରତିନିଧିମାନକର ନଜର ନାଇଁ ପଡ଼ବାରଟା ନିହାତି ଗୁଟେ ଲାଜ୍‌ଲଜନା କଥା ଆଏ। ରାସ୍ତାଟା ଖଲିଆପାଲି ହେଇ ବରଗଡ଼ ଜିଲା ଭେଡ଼େନ୍ ସଂଗେ ଯୁଡ଼ି ହେଇଛେ। ଭେଡ଼େନ ଅଂଚଲକେ ଯିବାର ଲାଗି ଇ ରାସ୍ତାଟା ସୁବିଧା ଆର ଅଲପ୍ ବାଟ। ହେଲେ ରାସ୍ତାର ବେହାଲ ଅବସ୍ତା ଲାଗି ଲୁକ୍‌କର କାମେ ନାଇଁ ଆଏବାର। ରାସ୍ତାର ଦୁଇଫାଲେ ବାବୁପାଲି ଆର ଖଲିଆପାଲି ଗାଁର ଚାଷୀକର ଖେତ୍ ରହିଛେ। ଯେନ୍‌ଥିରଲାଗି ସେମାନେ ଉପେ ଶୁଇନ୍ ହେଇ ଇ ରାସ୍ତା ବେଭାର କରୁଛନ୍। ଇଆଡ଼େ ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗାଁଗଁଲିର ରାସ୍ତାଘାଟର ଉନ୍‌ନତି ଲାଗି ଯୋଜନା ଉପରେ ଯୋଜନା ତିଆର କରି କୋଟି କୋଟି ଟଁକା ସାରୁଛନ୍। ସୂଚନା ଅନ୍‌ସାରେ ଆଏଜ୍‌କେ ୪ ବଛର ତଲେ କୁଡ଼ାପଡ଼ା-ଖଲିଆପାଲି ରାସ୍ତା ମଝି ନାଲ୍ ଉପରେ ଆଇଏପି ଅନୁଦାନରୁ ୨୫ ଲାଖ୍ ଟଁକା ଖରଚ୍‌ରେ ଝନେ ଠିକାଦାର ବିନା ସୂଚନା ଫଲକରେ ଗୁଟେ ପୁଲିଆ ତିଆର କରିଥିଲେ। ସେନ୍ତା ଆର ଝନେ ଠିକାଦାର ବିନା ସୂଚନା ଫଲକରେ ଗ୍ରାମୀଣ ଗୋପବନ୍ଧୁ ଯୋଜନା ଅନୁଦାନରୁ ୨ ଲାଖ୍ ଟଁକାରେ ନିରଧାରିତ୍ ୫୦ ମିଟର ରାସ୍ତାର ଉନ୍‌ନତିକରନ କଲେ। ହେଲେ ଦୁଃଖର କଥା ରାସ୍ତାର ଅବସ୍ତା ଆଗ୍ରୁ ଯେନ୍ତାଥିଲା ଏହେଦେ ବି ସେନ୍ତା ଅଛେ। ଇ ରାସ୍ତାଟା ସତେ ଯେନ୍ତା ଠିକାଦାର ଆର କେତେ ଲାଁଚୁଆ ଅଧିକାରୀ, କରମଚାରୀକର ଦୁହାଲି ଗାଈ ପାଲଟିଛେ ବଲି ଗାଁବାସୀ ଅଭିଯୋଗ କରିଛନ୍। ଯେନ୍‌ଥିରଲାଗି ଆଏଜ୍ ବାବୁପାଲି ଆର କୁଡ଼ାପଡ଼ାର ମହିଲାମାନେ ଇ ରାସ୍ତାରେ ପଲ୍‌ହା ରୁଇ ପରତିବାଦ ଜନେଇଛନ୍। ଆଏବାର ଦିନେ ଯଦି ରାସ୍ତାର ଉନ୍‌ନତିକରନ ନାଇଁ ହେବା ଆମେ ଗାଁବାସୀ ରାଜ୍‌ରାସ୍ତାକେ ଓଡିରମୁ ବଲି ଗାଁର ନବୀନ ବଡପଣ୍ଡା , ଶାଚୀ ବଡପଣ୍ଡା , ଗୋପୀନାଥ ହଂସ , ନିର୍ମଳ ମିର୍ଦ୍ଧା , ଲାଲ ମିର୍ଦ୍ଧା, ଠେକୀ ମିର୍ଦ୍ଧା, ଶଙ୍କର ଭୁଏ ପରମୁଖ ପରଶାସନକେ ଚେତାବନୀ ଦେଇଛନ୍।



ଖଲିଆପାଲିରେ ଗାଁର ମହିଲାମାନେ ପଲ୍‌ହା ରୁଉଛନ୍।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ଜିଲାସ୍ତରୀୟ ଆଇନ ସଚେତନତା ଉତ୍ସବ

**ସୋନପୁର,୩୦।୮(ନି.ପ୍ର.):**ସୁବର୍ଣ୍ଣପୁରର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲାସ୍ତରୀୟ ଆଇନ ସଚେତନତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୦ ଗୋଟି ଉଚ୍ଚ ବିଦ୍ୟାଳୟରେ ଥିବା ଷ୍ଟୁଡେଣ୍ଟସ୍ ଲିଗାଲ ଲିଟେରାସୀ କ୍ଲବର ସଦସ୍ୟଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଏବଂ ନାଟକ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୧୩ଟି ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଜଜ୍ ରାଜ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୀମା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ଜଜ ମାନସ କୁମାର ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମାନସ ରଞ୍ଜନ ରଥ, ବରିଷ୍ଠ ଦେୱାନୀ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମ୍ଏଫସି ଅଙ୍କିତା ଶର୍ମା, ଜେଏମଏସସି ପ୍ରିୟଦର୍ଶିନୀ କୁମ୍ବାର, ପ୍ରତ୍ୟାଶା ରାୟ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା ଓ ବୀରମହାରାଜପୁର ଏସଡିପିଓ ଧୀରୋଜ ଚୋପଦାର ପ୍ରମୁଖ ଯୋଗ ଦେଇଥିଲେ । ବକ୍ତୃତା ପ୍ରତିଯୋଗିତାରେ ଜବାହାର ନବୋଦୋୟ ବିଦ୍ୟାଳୟ ତରଭାର ସମୀକ୍ଷା ସ୍ମୃତିରେଖା କର ପ୍ରଥମ, ପ୍ରବନ୍ଧରେ ବୀରମହାରାଜପୁର ଆଦର୍ଶ ବିଦ୍ୟାଳୟର ପ୍ରିୟଙ୍କା ମେହେର ପ୍ରଥମ, ଚିତ୍ରାଙ୍କନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୋହନ ମହାଲିକ ପ୍ରଥମ ଓ ଡ୍ରାମାରେ ଆଦର୍ଶ ବିଦ୍ୟାଳୟ ଝାରବାହାଲି ଉଲୁଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଇତିଶ୍ରୀ ଥନାପତି, ସିଦ୍ଧାନ୍ତ କୁମାର ବାଘ, କମଳ ଲୋଚନ ବେହେରା, ସୁନୀଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।

### ମକା ଫସଲରେ ପୋକ

# କାମ କରୁନି କୀଟନାଶକ

**ଟିକ୍ରାପଡା, ୩୦।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଞ୍ଚଳରେ ମକା ଫସଲରେ ମାରାତ୍ମକ ଫଲ ଆର୍ମିୱର୍ମ ପୋକ ଦେଖା ଦେଇଥିବାରୁ ଚାଷୀ ମହଲରେ ଆତଙ୍କ ଖେଳିଯାଇଛି। କୃଷି ବିଭାଗ ପରାମର୍ଶ କ୍ରମେ କୀଟନାଶକ ସିଞ୍ଚନ କରାଯାଇଥିଲେ ମଧ୍ୟ କୌଣସି ପ୍ରଭାବ ପକାଇ ପାରୁ ନ ଥିବାରୁ ଚାଷୀମାନେ ନିରାଶ ହୋଇ ପଡିଛନ୍ତି। ଧାରକରଜ କରି ଚାଷୀମାନେ ମକା ଫସଲ କରିଥିଲେ । ଉକ୍ତ ପୋକ ଲାଗିବା ଫଳରେ ଫସଲରୁ ବ୍ୟାପକ କ୍ଷତି ସହିବା ନିଶ୍ଚିତ ବୋଲି ସେମାନେ ପ୍ରକାଶ କରିଛନ୍ତି। ଜୁରାବନ୍ଧ ପଞ୍ଚାୟତ ଅଧିନ ଖର୍ସେଲବାଞ୍ଜି ଗ୍ରାମର ଅନନ୍ତ ମହାକୁର ୭ ଏକର ଜମିରେ, ଗୋପାଳ ଖମାରି ୬ ଏକର, ଅନାର ଧରୁଆ ୩ ଏକର, ରୁଦ୍ର ଧରୁଆ ୪ ଏକର, ପଞ୍ଚାନନ ମିର୍ଦ୍ଧା ୪ ଏକର, ଅଭିମନ୍ୟୁ ଭୋଇ ୨.୫ ଏକର ଓ ରଞ୍ଜନ ଧରୁଆ ୨ ଏକର ଜମିରେ କପା ଚାଷ କରିଛନ୍ତି। ଅନନ୍ତ କୃଷି ବିଭାଗକୁ ଜଣାଇଥିଲେ । କୃଷି ଅଧିକାରୀ ନିଶାନ୍ତ ଦାଶ ମକା କ୍ଷେତ ପରିଦର୍ଶନ କରିବା ପରେ ପୋକ ଲାଗିବା ସମ୍ବନ୍ଧରେ ଜଣା ପଡିଥିଲା। ଏହି ପୋକ ମୁଖ୍ୟତଃ ଅଷ୍ଟ୍ରେଲିଆ ମହାଦେଶରେ ଦେଖାଯାଇଥାନ୍ତି। ଗତ ବର୍ଷ ପୂର୍ବ ଓଡିଶାର କେତେକ ଅଞ୍ଚଳରେ ଏମାନଙ୍କୁ ଠାବ କରାଯାଇଥିଲା । ଚଳିତ ବର୍ଷ ଖର୍ସେଲବାଞ୍ଜି ଗ୍ରାମରେ ଦେଖାଯାଇଥିବା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କୃଷି ଅଧିକାରୀ ଦାଶ ସୂଚନା ଦେଇଛନ୍ତି। ବିଭାଗୀୟ କର୍ମଚାରୀ ଅଞ୍ଚଳକୁ ପୁନର୍ବାର ଗସ୍ତ କରି ଆବଶ୍ୟକ ପରାମର୍ଶ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି ।



**ସଇଁତଳା ବ୍ଲକ**
- ଚିନ୍ତାରେ ଚାଷୀ
- ମାରାତ୍ମକ ଫଲ ଆର୍ମିୱର୍ମ ପୋକର ପ୍ରାଦୁର୍ଭାବ
- ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି: କୃଷି ଅଧିକାରୀ



କୁଲିଆଦରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ଦାମୋଦର ମିଶ୍ର, ସବ୍‌ଜଜ୍ ବିନୋଦ ବିହାରୀ ସାହୁ ଓ ଅନ୍ୟମାନେ।

## ସିଭିଲ କୋର୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୩୦।୮(ଡି.ଏନ.ଏ.)**

ତୁରେକେଲା ବ୍ଲକ କରୁଆଁମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁଲିଆଦର ଗାଁରେ କଣ୍ଟାବାଞ୍ଜି ସିଭିଲ କୋର୍ଟ ପକ୍ଷରୁ ଶୁକ୍ରବାର ବୃକ୍ଷରୋପାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଭିଲ କୋର୍ଟ କର୍ମଚାରୀ, ସ୍ଥାନୀୟ ବନ ବିଭାଗ ଓ ଓକିଲ ସଂଘ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ କୁଲିଆଦର ଗାଁରେ ଶତାଧିକ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ୍ ଦାମୋଦର ମିଶ୍ର, ସବ୍‌ଜଜ୍ ବିନୋଦ ବିହାରୀ ସାହୁ, ଓକିଲ ସଂଘ ସଭାପତି ସମିମ ଅହମଦ ଖାନ, ବରିଷ୍ଠ ଆଇନଜୀବୀ ବ୍ରଜଶ୍ୟାମ ଗୁରୁ, ଦୁଃଖିଶ୍ୟାମ ଗୁରୁ, ଓକିଲ ସଂଘ ସମ୍ପାଦକ ସହଦେବ ନାଗ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

## ଦେଶୀ ରନ୍ଧା ମଦ ଜବତ, ୪ ଗିରଫ

**ପାଟଣାଗଡ, ୩୦।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଅବକାରୀ ଅଧୀକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ଲରମ୍ଭା ଥାନା ଅଧିନ ରେଙ୍ଗାଲି ଗ୍ରାମରେ ଶୁକ୍ରବାର ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ରନ୍ଧାମଦ ଏବଂ ପୋଚ ଜବତ କରାଯାଇଛି। ଚଢାଉରେ ୨୮୦ ଲିଟର ଦେଶୀ ରନ୍ଧାମଦ, ୫୪୦ ଲିଟର ମହୁଲ ପୋଚ ସହିତ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏଥିସହିତ ରେଙ୍ଗାଲି ଗ୍ରାମର ଚନ୍ଦ୍ରେଶ ମହାନନ୍ଦ, ସୁବାଷ ଚିନ୍ଦା, ଲିଙ୍ଗରାଜ ନାଏକ ଏବଂ କ୍ଷିରୋଦ୍ର ମହାନନ୍ଦଙ୍କୁ ଗିରଫ କରାଯାଇଛି। ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ପାଟଣାଗଡ ଅତିରିକ୍ତ ତହସିଲଦାର ଧିରଜ କୁମାର ପାତ୍ର ଉପସ୍ଥିତ ଥିଲେ। ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢାଉରେ ପାଟଣାଡର ଏପିଆର ଫୋର୍ସ, ବଲାଙ୍ଗୀର ଭ୍ରାମ୍ୟମାଣ ସଂସ୍ଥାର ଝସକେତନ ବରିହା, ଗିରିଜା ଚନ୍ଦ୍ର ପାଣିଗ୍ରାହୀ, ବଲାଙ୍ଗୀର ସଦର ଅବକାରୀ ଥାନା ଅଧିକାରୀ ପ୍ରସନ୍ନ କୁମାର ନାଏକ, ପଦ୍ମଲୋଚନ ନାଏକ, ତୁଷୁରା ଅବକାରୀ ଥାନା ଅଧିକାରୀ ଶଶିକାନ୍ତ ଦତ୍ତ ଏବଂ ଅବକାରୀ ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।



ଅବକାରୀ ବିଭାଗ ଜବତ କରିଥିବା ମଦରନ୍ଧା ସାମଗ୍ରୀ ଓ ଗିରଫ ଅଭିଯୁକ୍ତମାନେ।

## ଦାଦନ ନିୟନ୍ତ୍ରଣ ସମ୍ପର୍କିତ ସଚେତନତା ବୈଠକ

**ଖପ୍ରାଖୋଲ, ୩୦।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଚଚରାଭଟାଠାରେ ଦାଦନ ନିୟନ୍ତ୍ରଣ ସମ୍ପର୍କିତ ମନସ୍ତାତ୍ତ୍ୱିକ ସଚେତନତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ସତ୍ୟାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ପ୍ରାଣୀଧନ ଅଧିକାରୀ ଡା.ସୁଜିତ କୁମାର ଶତପଥୀ ଯୋଗଦେଇଥିଲେ। ସରକାରୀ, ବେସରକାରୀସ୍ତରରେ ଦାଦନ ସମସ୍ୟା ନିୟନ୍ତ୍ରଣ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ହେଲେ ମାନସିକତାରେ ପରିବର୍ତ୍ତନ ହେଉ ନ ଥିବାରୁ ଭିଟାମାଟି ମୋହ ଛାଡି ପେଟପାଟଣା ପାଇଁ ଲୋକେ ଦାଦନ ଖଟି ଯିବାକୁ ବାଧ୍ୟ ହେଉଛନ୍ତି। ଦାଦନ ସମସ୍ୟା ରୋକିବାକୁ ବ୍ୟକ୍ତିଗତ ଭାବରେ ମନସ୍ତାତ୍ତ୍ୱିକ ଆଲୋଚନା କରାଗଲେ ଶ୍ରମିକମାନେ ସରକାରୀ ଯୋଜନାରେ ସାମିଲ ହେବେ। ଏଥିସହ ଭିଟାମାଟିରେ ରହି ରୋଜଗାର କରିବାର ପନ୍ଥା ପାଇପାରିବେ ବୋଲି ଡା. ଶତପଥୀ କହିଥିଲେ। ବୈଠକରେ ଦାଦନ ଯାଉଥିବା ପରିବାରର ମହିଳାମାନେ ଉପସ୍ଥିତ ଥିଲେ।



ବ୍ଲକସ୍ତରୀୟ ଖୋଖୋ ଓ କବାଡି ଖେଳାଳି ଚୟନ ଶିବିର ଅବସରରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

## ଖୋଖୋ, କବାଡି ଖେଳାଳି ଚୟନ ଶିବିର

**ଦେଓଗାଁ,୩୦।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ହାଇସ୍କୁଲ ଖେଳ ପଡିଆରେ ଦୁଇଦିନ ଧରି ଅନୁଷ୍ଠିତ ବ୍ଲକସ୍ତରୀୟ ଖୋଖୋ ଓ କବାଡି ଖେଳାଳି ଚୟନ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ବ୍ଲକ କ୍ରୀଡା ସଂଯୋଜକ ମଥାମଣି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଥମ ଦିବସରେ ବାଳକ ବିଭାଗକୁ ନେଇ ଖେଳାଳି ଚୟନ କରାଯାଇଥିଲା । ଏଥିରେ ବ୍ଲକର ୨୮ଟି ସ୍କୁଲରୁ ୨୪୭ଜଣ ଛାତ୍ର ଯୋଗଦେଇ କବାଡି ଓ ଖୋଖୋ ଖେଳରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୧୪ବର୍ଷରୁ କମ୍‌ରେ ଗୋଟିଏ ଟିମ୍ ଓ ୧୭ବର୍ଷରୁ କମ୍‌ରେ ଗୋଟିଏ ଟିମ ଚୟନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ବାଳିକା ବିଭାଗକୁ ନେଇ ଖେଳାଳି ଚୟନ କରାଯାଇଥିଲା । ଏଥିରେ ୧୯ଟି ସ୍କୁଲରୁ ୧୩୬ଜଣ ଛାତ୍ରୀ ଯୋଗଦେଇ ଖୋଖୋ ଓ କବାଡି ଖେଳରେ ଭାଗ ନେଇଥିଲେ । ଏଥିରୁ ମଧ ଦୁଇଟି ଟିମ ଚୟନ କରାଯାଇଥିଲା । ଚୟନ ହୋଇଥିବା ୮ଟି ଟିମର ଖେଳାଳିମାନେ ଆସନ୍ତା ମାସରେ କଣ୍ଟାବାଞ୍ଜିଠାରେ ହେବାକୁ ଥିବା ଜିଲାସ୍ତରୀୟ ଖେଳାଳି ଚୟନ ଶିବିରରେ ଭାଗନେବେ ବୋଲି ସୂଚନା ଦିଆଯାଇଥିଲା। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଗୌତମ ପଟେଲ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ସମସ୍ତ ସ୍କୁଲରୁ ଆସିଥିବା ଗାଇଡ ଶିକ୍ଷକ, ପିଇଟି ତଥା ସ୍ଥାନୀୟ ହାଇସ୍କୁଲର ଶିକ୍ଷକ ମାନେ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁରରେ ଲଙ୍କାପୋଡି ଉତ୍ସବ

**ସୋନପୁର,୩୦।୮(ନି.ପ୍ର.)**

ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା ଅବସରରେ ଶୁକ୍ରବାର ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀରେ ପାଳିତ ହୋଇଛି ଲଙ୍କାପୋଡି। ଏହି ଦିନ ଛୋଟଛୋଟ ଛିଅମାନେ ମାଟି ତିଆରି କୁଣ୍ଡି କାଟି ଆଣି ବାଉଁଶ ନିର୍ମିତ ଟୋକେଇରେ ସାମାଜିକ ଜୀବନର ଭାବ ଆଦାନ ପ୍ରଦାନ କରିଥିଲେ। ସେହିଭଳି ସନ୍ଧ୍ୟାରେ ମାଟି ତିଆରି ହନୁମାନ, ହାତୀ ଓ ଷଣ୍ଢ ଆଦିଙ୍କୁ ପୂଜା କରାଯାଇ ରାସ୍ତାରେ ପିଲାମାନେ ଟାଣିଥିଲେ। ବାଳକମାନେ ମାଟିରେ ତିଆରି ହନୁମାନଙ୍କ ଲାଞ୍ଜରେ ନିଆଁ ଲଗାଇ ରାସ୍ତାରେ ଟାଣିଲା ବେଳେ ରାମ ଲକ୍ଷ୍ମଣ ଜାନକି କି ଜୟ, ବୀର ହନୁମାନ କି ଜୟ ନାରା ଦେଇ ଟେରାକୋଟା ହନୁମାନ, ହାତୀ ଓ ଘୋଡା ଟାଣିଥିଲେ। ଖାସ ଏଥିପାଇଁ ଟାଉନ ହଲରେ ବିଭିନ୍ନ ସ୍ଥାନରୁ ଆସିଥିବା ହନୁମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ସୋନପୁର ସହର ନୂଆପଡାର ଅମନ ମେହେର ପ୍ରଥମ, ଢେରାପଡାର ବି ଆଦିତ୍ୟ ପାତ୍ର ଦ୍ୱିତୀୟ, ମଝିପଡାର ଅଙ୍କିତ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଶ୍ମିରଞ୍ଜନ ମିଶ୍ର ଓ ରାଧେଶ୍ୟାମ ପୁରୋହିତ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।

ଲଙ୍କାପୋଡି ମହୋତ୍ସବରେ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ରାମାୟଣରେ ହନୁମାନଙ୍କ ଲଙ୍କାପୋଡି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏଠାରେ କେଉଁ ଆବହମାନ କାଳରୁ ପାଳିତ ହୋଇ ଆସୁଥିବା ଏଭଳି ପରମ୍ପରା ବିରଳ ବୋଲି କହିଥିଲେ। ଏହି ପୁରାତନ ପରମ୍ପରାକୁ ବଞ୍ଚାଇ ରଖିବା ଉପରେ ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ଉମାଶଙ୍କର କର, ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣପୁରର ମହାନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ମୁଖ୍ୟ ଆୟୋଜକ ଶ୍ୟାମା ଓଁ ମିଶ୍ର ଅଧକ୍ଷତା କରିଥିଲେ। ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଟେରାକୋଟା ଶିଳ୍ପୀ ଦିଲ୍ଲିପ ରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବେଣୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅମାବାସ୍ୟା ଉପଲକ୍ଷେ ମହାରଣା ସମ୍ପ୍ରଦାୟ ପକ୍ଷରୁ କାଠରେ ତିଆରି ହାତୀ, ଘୋଡା ଏବଂ ଷଣ୍ଢ ଆଦି ପଶୁଙ୍କର ପୂଜାର୍ଚ୍ଚନା ହୋଇଥିଲା।

## ମା’ କୋଶଲେଶ୍ୱରୀ ଶକ୍ତିପୀଠରେ ନବାନ୍ନ ଅର୍ପଣ

**ଟିଟିଲାଗଡ଼, ୩୦।୮ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଲଇତରା କୁମୁଡିପଦର କୋଶଲେଇ ବନସ୍ଥିତ ମା’ କୋଶଲେଶ୍ୱରୀ ଶକ୍ତିପୀଠରେ ଶୁକ୍ରବାର ସପ୍ତପୁରୀ ଅମାବାସ୍ୟାରେ ବିଧିମତେ ନବାନ୍ନ ଅର୍ପଣ କରାଯାଇଛି। ଚତୁର୍ଦ୍ଦଶୀ ମଧରାତ୍ରରେ ଶାବରି ତନ୍ତ୍ର ବିଧିରେ ପୂଜକମାନେ ଗୁପ୍ତ ପୂଜା ବିଧି ସମ୍ପନ୍ନ କରିଥିଲେ। ଅମାବାସ୍ୟା ତିଥିରେ ଅମୃତ ବେଳାରେ ପୂଜକ ତଥା ଶତାଧିକ ଭକ୍ତଙ୍କ ଗହଣରେ ଦେବୀଙ୍କ ନିକଟରେ ନବାନ୍ନ ଚରୁ ଅର୍ପଣ କରାଯାଇଛି। ବିଶ୍ୱାସ ଅଛି ଯେ, ଭାଦ୍ରପଦ (ଭାଦ୍ରବ) ମାସ ଶୁକ୍ଳପକ୍ଷ ପ୍ରଥମ ଅମାବାସ୍ୟାରେ ଦେବୀ ଧରାବତାର କରିଥାନ୍ତି ଓ କୋଶଲେଶ୍ୱରୀ ପୀଠରେ ପ୍ରଥମେ ଚରୁ ଗ୍ରହଣ କରନ୍ତି। ଏହା ଏକ ବହୁ ପ୍ରାଚୀନ ପରମ୍ପରା ବୋଲି ବିଶିଷ୍ଟ ଗବେଷକ ପ୍ରାଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି କହନ୍ତି। ନବାନ୍ନ ଯଜ୍ଞରେ ଯାଜ୍ଞିକ ଭାବେ କ୍ଷମତା ପ୍ରସନ୍ନ ମହାପାତ୍ର, କୃପା ଜାନୀ, ବଳରାମ ଜାନୀ, ରାଏସିଂ ମାଝୀ, ଧ୍ରୁବା ଜାନୀ, ନିତ୍ୟା ମାଝୀ, ନୀଳାମ୍ବର ରଣା ପ୍ରମୁଖ ପୂଜା ବିଧି କର୍ମ ସମ୍ପାଦକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗସ୍ତି ସାହୁ, ସାଇକିରଣ ରାଓ, ବିଶିକେସନ ବେହେରା, ଧନୀରାମ ବେହେରା, କୈଳାସ ବେହେରା, ସତ୍ୟନାରାୟଣ ବେହେରା, ସଦାନନ୍ଦ ହୋତା, ଜଗନ୍ନାଥ ବେହେରା, ତରୁଣ ସାହୁ, ରାଜେନ୍ଦ୍ର ବେହେରା, ଈଶ୍ୱର ନାଗ ପ୍ରମୁଖ ୮ ଖଣ୍ଡ ଗ୍ରାମର ଭକ୍ତ, ଜାନୀ ଦେହେଲିଆ ସାମିଲ ହୋଇଥିଲେ।



ପୀଠରେ ମା’ କୋଶଲେଶ୍ୱରୀ।

## ସମାଜ ଗଠନରେ ଗଣମାଧମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବଲାଙ୍ଗୀର ଅଫିସ, ୩୦।୮**

ସ୍ଥାନୀୟ ସାମ୍ବାଦିକ ଭବନଠାରେ ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ୫୮ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ଉଦ୍‌ଘାଟକ ଭାବେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଏବଂ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଏବଂ ଇଏସ୍‌ଆଇ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦାନ କରିଥିଲେ। ସଂଘ ସାଧାରଣ ସମ୍ପାଦକ ବଳରାମ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମନୋରଞ୍ଜନ ଯୋଷୀ ସଭା ସଂଯୋଜନା କରିଥିଲେ। ଅତିଥିମାନଙ୍କୁ ସଂଘ ପ୍ରତିଷ୍ଠାତା ସଦସ୍ୟ ସତ୍ୟନାରାୟଣ ବେହେରା, ସୁବାସ ଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥୀ, ନବୀନ କୁମାର ପଶାୟତ, ଦୟାନିଧି ସାହୁ, ସତ୍ୟସୁନ୍ଦର ଭଞ୍ଜ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ସାହୁ ସମାଜ ଗଠନରେ ଗଣମାଧମ ପ୍ରତିନିଧିଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ମନ୍ତ୍ରୀ ସିଂ ଗଣମାଧମ ପ୍ରତିନିଧିମାନେ ଜୀବନବ୍ୟାପୀ ସଂଘର୍ଷ କରି ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରନ୍ତି ଓ ଏହା ସମାଜକୁ ସନ୍ତୁଳିତ କରେ ବୋଲି କହିଥିଲେ । ଏହି ଅବସରରେ ଶଙ୍କର ପ୍ରସାଦ ମିଶ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ, ଅଭିନ୍ନ ଆଶୁତୋଷ ଶତପଥୀଙ୍କୁ ନାରାୟଣ ପୃଷ୍ଟେଠ୍ ସ୍ମୃତି ସମ୍ମାନ, ଦିଲୀପ କୁମାର ପୁରୋହିତଙ୍କୁ ସପନ୍ ବହିଦାର ସ୍ମୃତି ସମ୍ମାନ ଓ କରୁଣାକର ପଧାନଙ୍କୁ ବାଳକୃଷ୍ଣ ହୋତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉପସଭାପତି ଆନନ୍ଦଚନ୍ଦ୍ର ସାହୁ, ବିଶ୍ୱଜିତ ଦାଶ, ସନ୍ଦୀପ କୁମାର କୁଅଁର ଏବଂ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମାନପତ୍ର ପଠନ କରିଥିଲେ । ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁ ଅତିଥିମାନଙ୍କୁ ନିଜ କୃତିର ଫଟୋଚିତ୍ର ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଉପସଭାପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହ ଆରମ୍ଭରୁ ସଂଘର ପ୍ରତିଷ୍ଠାତା ସଦସ୍ୟବୃନ୍ଦ, ସଭାପତି, ଉପସଭାପତି, ସମ୍ପାଦକ ତଥା ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ସଂଘ ପତକା ଉତ୍ତୋଳନ କରାଯାଇଥିଲା।



ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ପ୍ରତିଷ୍ଠା ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

### ବନ୍ୟା ଧୋଇଦେଇଛି ରାସ୍ତା

# ୧୮ ଦିନ ପରେ ବି ମରାମତି ହେଉନି

**ଲୋଇସିଂହା,୩୦।୮(ଡି.ଏନ.ଏ.)**

ଚଳିତ ମାସ ୧୨ ଓ ୧୩ ତାରିଖ ଲଗାଣ ବର୍ଷାରେ ବଲାଙ୍ଗୀର ଜିଲାରେ ଭୟଙ୍କର ବନ୍ୟା ହୋଇଥିଲା। ଏଥିଯୋଗୁ ଲୋଇସିଂହା ବ୍ଲକରେ ବହୁ କ୍ଷତି ହୋଇଛି। ବନ୍ୟାରେ କୁଶମେଲ ପଞ୍ଚାୟତର ଜାମୁଟିଆ-ବଲାଙ୍ଗୀର ରାସ୍ତା ଧୋଇ ଯାଇଛି । ଏହାର ମରାମତି କରାଯାଇନାହିଁ। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସ୍ଥାନରେ ଦୁର୍ଘଟଣା ଘଟୁଛି।

ଲୋଇସିଂହା ବ୍ଲକ କୁଶମେଲ, ଗଡଶଙ୍କର ଡୁଙ୍ଗରିପାଲି, ରେଙ୍ଗାଲି, ବାନିପାଲି ରତାଖଣ୍ଡି ପଞ୍ଚାୟତର ଜନସାଧାରଣ ବଲାଙ୍ଗୀରକୁ ଉକ୍ତ ରାସ୍ତା ଦେଇ ଯାଇଥାନ୍ତି। କୁଶମେଲ ପଞ୍ଚାୟତ ଅଧୀନରେ ଥିବା ଏହି ମୋରୁମ ରାସ୍ତା ଗତ ବନ୍ୟାରେ ଧୋଇ ଯାଇଛି । ବନ୍ୟା ସମୟରେ ଏହି ରାସ୍ତାରେ ଦୁଇଦିନ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଥିଲା । ବନ୍ୟାର ୨୦ ଦିନ ପରେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ ମରାମତି ଦିଗରେ ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଫଳରେ ଉକ୍ତରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ଓ ଚନ୍ଦନଭାଟି କଲେଜକୁ ପଢିବାକୁ ଯାଉଥିବା ଛାତ୍ରୀଛାତ୍ର ହଟହଟା ହେଉଛନ୍ତି। ଏ ନେଇ ଅଞ୍ଚଳବାସୀ ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସେମାନଙ୍କୁ ନିରାଶ ହେବାକୁ ପଡିଛି । ଏହି ସ୍ଥାନରେ ଲୋକେ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆଖାବରା ହେଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ସୂଚନାକ୍ରମେ ଉକ୍ତ ବନ୍ୟାଞ୍ଚଳ ସ୍ଥାନୀୟ ବିଧାୟକ ମଧ୍ୟ ପରିଦର୍ଶନ କରି ଫେରିଥିବା ଜଣାଇଛନ୍ତି। ଏବେ ନୂଆଁଖାଇ ପାର୍ବଣ ସମୟ ଆସିଥିବାରୁ ଏକ୍ତ ରାସ୍ତା ବ୍ୟସ୍ତ ରହୁଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି। ଶୀଘ୍ର ମରାମତି ଦିଗରେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପଦକ୍ଷେପ ନେବାକୁ କୌସ୍ତୁବ ସାହୁ, ଆଶିଷ ସାହୁ, ବାଳଗୋପାଳ ଯୋଷୀ, ସୁଶୀଲ ବିଶ୍ୱାଳ, ବିବେକାନନ୍ଦ ନାହାକ ପ୍ରମୁଖ ଦାବି ଜଣାଇଛନ୍ତି।

**ଜାମୁଟିଆ-ବଲାଙ୍ଗୀର ରାସ୍ତାରେ ବଢୁଛି ଦୁର୍ଘଟଣା**



ବନ୍ୟାରେ ଧୋଇଯାଇଥିବା ରାସ୍ତା।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ

## ସଂକ୍ଷେପରେ

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପିଲାଙ୍କୁ ପୋଷାକ ବଣ୍ଟନ

କଲମପୁର,୩୦।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କଲମପୁର ବ୍ଲକ ବଡକୁଟ୍ରୁ ପଞ୍ଚାୟତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କୁ ପୋଷାକ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ର ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ମୁଖ୍ୟବକ୍ତା ଭାବେ ନବଜୀବନୀ ଶିକ୍ଷା ସଂସଦର ଶିକ୍ଷାକ ସଯୋଜକ ବ୍ରଜମୋହନ ବେହେରା ଏବଂ ଅନ୍ୟତମ ବକ୍ତା ଭାବେ ଗୋପିଚାନ୍ଦ ବାଗ, ଜୁନାଗଡ଼ର ବଙ୍କଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରିଥିଲେ । ସେହିପରି ଜୟପାଟଣାର ଶଙ୍କର ଅଗ୍ରୱାଲ ଛାତ୍ରୀଛାତ୍ରମାନଙ୍କୁ ପାଠ ପୁସ୍ତକ ଯୋଗାଇ ଦେଇଥିଲେ । ଅନୁଷ୍ଠାନ ସଭାପତି ଗଣେଶ ପଣ୍ଡା ଏବଂ ଅଭିଭାବକମାନେ ଓ ବିଦ୍ୟାଳୟ ଶିକ୍ଷାଦାନ କରୁଥିବା ଅପା, ଭାଇମାନେ ଉପସ୍ଥିତଥିଲେ ।

# ଖରିଆରରୋଡ ହସ୍ପିଟାଲ ବୁଲିଲେ ଜିଲାପାଳ

ନୂଆପଡ଼ା ଅଫିସ,୩୦।୮

ନୂଆପଡା ଭଳି ଉପାନ୍ତ ଜିଲାରେ ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ଗମ୍ଭୀର ହେବାକୁ ଲାଗିଛି । ଏହାକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଥିଲେ ମଧ୍ୟ ତତକାଳୀନ ଅଧିକାରୀମାନେ କୌଣସି ଦୃଷ୍ଟି ଦେଇନାହାନ୍ତି। ହେଲେ ନୂତନ ଜିଲାପାଳ ମଧୁସ୍ମିତା ସାହୁ ଗୋଟିଏ ପାଦ ଆଗକୁ ଆସି ଅଚାନକ ଭାବେ ଭିନ୍ନ ଭିନ୍ନ ହସ୍ପିଟାଲ ବୁଲି ସମସ୍ୟା ପରଖୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ଅଚାନକ ଭାବେ ଖରିଆରରୋଡ ହସ୍ପଟାଲ ଗସ୍ତ କରି ସବୁ ବୁଲି ଦେଖିଛନ୍ତି। ରୋଗୀଙ୍କୁ ଠିକ ଭାବେ ଚିକିତ୍ସାସେବା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିବାବେଳେ ହସ୍ପିଟାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

ଜିଲା ସଦର ମହକୁମାଠାରୁ ମାତ୍ର ୧୦ କି.ମି. ଦୂର ଖରିଆରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାପାଳ ମଧୁସ୍ମିତା ସାହୁ ସାଢେ ୬ଟାରେ ଯାଇ ପହଞ୍ଚିଥିଲେ। ହସ୍ପିଟାଲର ବିଭିନ୍ନ ୱାର୍ଡକୁ ବୁଲି ଦେଖିଥିଲେ। ନିକଟରେ ଥିବା ମା' ଗୃହକୁ ବୁଲି ଦେଖିଥିଲେ। ସେଠାରେ ଗର୍ଭବତୀଙ୍କୁ କିପରି ସ୍ୱାସ୍ଥ୍ୟ ସେବା ମିଳୁଛି ସେ ଉପରେ ପଚାରି ବୁଝିଥିଲେ। ଜିଲାର ଉପାନ୍ତ ଗାଁଗୁଡ଼ିକରୁ ଯେପରି ସମସ୍ତ ଗର୍ଭବତୀ ଏଠାରେ ଆସି ଚିକିତ୍ସା ସେବା ଯେମିତି ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ମା' ଗୃହରେ ପ୍ରତିମାସ ଅନ୍ତତଃ ୨୦ ଜଣ ମା'ଙ୍କୁ ଚିକିତ୍ସା ସେବା ନିଶ୍ଚିତ କରିବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଦିନକୁ ଦିନ ମାତୃ ଏବଂ ଶିଶୁ ମୃତ୍ୟୁହାର ବଢୁଥିବାରୁ ଆନୁଷ୍ଠାନିକ ପ୍ରସୂତୀ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ସାହୁ କହିଥିଲେ। ପ୍ରସୂତୀମାନେ ଶିଶୁ ଜନ୍ମ କରିବା ପରେ ଅନ୍ତତଃ ୪୮ଘଣ୍ଟା ହସ୍ପିଟାଲରେ ରହିବାକୁ ଉତ୍ସାହିତ କରିବାକୁ କହିଥିଲେ। ଏହିଭଳି ବିଭିନ୍ନ ୱାର୍ଡକୁ ଯାଇ ରୋଗୀମାନଙ୍କର ସ୍ଥିତି ପଚାରି ବୁଝିଥିଲେ। କାଗଜାତ ଦେଖି ହସ୍ପିଟାଲ ଇନଚାର୍ଜ ଡା. ବୀରେନ୍ଦ୍ର କୁମାର ବାଗଙ୍କୁ ରୋଗୀ ସେବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ କରିଥିଲେ । ଜିଲାପାଳଙ୍କ ପରିଦର୍ଶନ ବେଳେ ହସ୍ପିଟାଲରେ ନିୟୋଜିତ ବିଭିନ୍ନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲାପାଳଙ୍କ ଗସ୍ତକୁ ବିଭିନ୍ନ ମହଲରେ ସ୍ୱାଗତ କରିଥିବା ବେଳେ ଏହା ଯେହେତୁ ଜିଲା ତଥା ରାଜ୍ୟର ସୀମାନ୍ତବର୍ତ୍ତୀ ହସ୍ପିଟାଲ ହୋଇଥିବାରୁ ଶତାଧିକ ସଂଖ୍ୟାରେ ରୋଗୀମାନେ ଆସି ଚିକିତ୍ସା ସେବା ପାଇଥାନ୍ତି । ହେଲେ ସେହି ଅନୁପାତରେ ଅଭିଜ୍ଞ ଡାକ୍ତର ନ ଥିବା ବେଳେ ଆବଶ୍ୟକ କର୍ମଚାରୀ, ଔଷଧ ଆଦି ମିଳୁ ନ ଥିବାରୁ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ମତ ଦେଇଥିଲେ ।



ଜିଲାପାଳ ମଧୁସ୍ମିତା ସାହୁ ହସ୍ପିଟାଲର କାଗଜପତ୍ର ଦେଖୁଛନ୍ତି ।

**ଖରିଆରରୋଡ ହସ୍ପିଟାଲ**
- ମା' ଗୃହ ବୁଲି ଦେଖିଲେ
- ଠିକ୍ ଚିକିତ୍ସା ସେବା ପାଇଁ ପରାମର୍ଶ



ଏମ୍‌ପି ବସନ୍ତ ପଣ୍ଡା ରାଜପଥ ଠିକାଦାର ଓ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି ।

### ମରଣଯନ୍ତା ପାଲଟିଛି ୩୫୩ ନଂ. ଜାତୀୟ ରାଜପଥ

# ୨୪ ଘଣ୍ଟାରେ ସମସ୍ତ ଖାଲ ସମତୁଲ କରିବାକୁ ଏମ୍‌ପିଙ୍କ ନିର୍ଦ୍ଦେଶ

ଖଡିଆଲ,୩୦।୮(ଡି.ଏନ.ଏ.)

ନୂଆପଡା ଜିଲା ଦେଇ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଅନେକ ସମୟରେ ବଡବଡ ଦୁର୍ଘଟଣା ହେଉଥିବା ବେଳେ ଅନେକ ସମୟରେ ଭାରିଯାନଗୁଡିକ ବଡ ବଡ ଖାଲରେ ଫସି ରହି ରାସ୍ତା ଅବରୋଧ କରୁଥିବା ଦେଖିବାକୁ ମିଳୁଛି । ସେହିଭଳି ଏହି ୩୫୩ ନଂ. ଜାତୀୟ ରାଜପଥରେ ଅନେକ ସ୍ଥାନରେ ବଡ ବଡ ଖାଲ ହୋଇ ପାଣି ଭରି ରହିଥିବାରୁ ଯାତାୟାତ କରୁଥିବା ଯାତ୍ରୀମାନେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ଏହି ଜାତୀୟ ରାଜପଥକୁ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ମଧ କୌଣସି ପଦକ୍ଷେପ ନେଉନାହାନ୍ତି। ଏହି ରାଜପଥ ଦେଇ ଜିଲାପାଳ, ଏସପି, ମାଜିଷ୍ଟ୍ରେଟ, ଏମଏଲଏ ତଥା ଅନେକ ଉଚ୍ଚ ଅଧିକାରୀମାନେ ଯାତାୟାତ କରୁଛନ୍ତି। ହେଲେ ରାସ୍ତାକାମ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସପୂର୍ଣ୍ଣ ଅବସ୍ଥାରେ ରହିଛି । ଶୁକ୍ରବାର ୩୫୩ ନଂ. ଜାତୀୟ ରାଜପଥରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଖଡିଆଳ ଗସ୍ତରେ ଆସିଥିବା ବେଳେ ଏହି ରାଜପଥ ନିର୍ମାଣ କରୁଥିବା ଠିକାଦାର ଓ କର୍ମଚାରୀଙ୍କୁ ସାକ୍ଷାତ କରି ୨୪ ଘଣ୍ଟା ମଧରେ ଜାତୀୟ ରାଜପଥରେ ଥିବା ସମସ୍ତ ଖାଲକୁ ସମାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏମ୍‌ପିଙ୍କ ଉକ୍ତ ପଦକ୍ଷେପକୁ ଖଡିଆଳ ଅଞ୍ଚଳର ନାଗରିକମାନେ ଅନେକ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି ।

# କୋନାବିରା ଅଞ୍ଚଳରେ ୨୨ ହାତୀ ପ୍ରବେଶ

କୋମନା, ୩୦।୮ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ କୋନାବିରା ଅଞ୍ଚଳରେ ହାତୀ ପୁଣି ଥରେ ପ୍ରବେଶ କରି ଡିଖାଳି ଡ୍ୟାମ ଭିତରେ ଆଡ୍ଡା ଜମାଇଛି । ଫଳରେ କୋନାବିରା ଅଞ୍ଚଳରେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ସୂଚନା ଅନୁଯାୟୀ ଯେ, ଗତ କିଛି ଦିନ ତଳେ କୋମନା ବ୍ଲକ କାଲିମାଟି, ରଜନା, କୋନାବିରା ଓ ବିଲେଇଅଞ୍ଚାର ଅଞ୍ଚଳରେ ୨୮ ରୁ ୩୦ ହାତୀ ପ୍ରବେଶ କରି ସପ୍ତାହେ ବହୁ ଫସଲ ନଷ୍ଟ କରିଥିଲେ। ସେ ସମୟରେ ହାତୀ ପଲକୁ କୋମନା ବନ ବିଭାଗ ଓ ହାତୀ ଘୋଉାଇବାର ସ୍ୱତନ୍ତ୍ର ଦଳ ମିଶି ବଲାଙ୍ଗୀର ଜିଲା ସୀମାନ୍ତବର୍ତ୍ତୀ ଜଙ୍ଗଲକୁ ପାର କରିଥିଲେ। ହାତୀପଲ ମାସେ ପର୍ଯ୍ୟନ୍ତ ସେଠି ରହିବା ପରେ ଶୁକ୍ରବାର ଅନୁପଗଡ ଜଙ୍ଗଲ ଦେଇ ଫେରି ଆସିଥିବା ଅନୁମାନ କରାଯାଉଛି। କୋମନା ବନ ଭିଭାଗ ଓ ସ୍ୱତନ୍ତ୍ର ହାତୀ ଘୋଉାଇବା ଦଳ ହାତୀପଲର ଗତିବିଧି ଉପରେ ଅନୁଧ୍ୟାନ କରୁଥିବା ଫରେଷ୍ଟର ଟିକଚନ ଜ୍ୟୋତିଶ ଓ ରମା ରଞ୍ଜନ ରାଉତ କହିଛନ୍ତି ।



କୋନାବିରା ଅଞ୍ଚଳରେ ହାତୀପଲ ବୁଲୁଛନ୍ତି ।

### ଦୁର୍ଗମ ଅଞ୍ଚଳରେ ସରକାରଙ୍କ ନିୟମ ଅଡୁଆ

# ଚାଉଳ ପାଇବାରୁ ବଞ୍ଚିତ ହେବେ ୧୫ ହଜାର ଲୋକେ

ଲାଞ୍ଜିଗଡ଼,୩୦।୮ (ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଶନ୍ କାର୍ଡରେ ଥିବା ସମସ୍ତ ପରିବାର ସଦସ୍ୟଙ୍କ ଆଧାର ଲିଙ୍କ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଧାର ସିଡିଂ ନ ହେଲେ ସେହି ପରିବାର କିମ୍ବା ସେହି ସଦସ୍ୟମାନଙ୍କ ନାମରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଓ ଗହମ ବନ୍ଦ ହୋଇଯିବ। ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ଆଧାର ଓ ରାଶନ କାର୍ଡ ସଂଯୋଗୀକରଣର ଶେଷ ତାରିଖ ଥିବା ବେଳେ ଜିଲା ପ୍ରଶାସନ ଆଧାର ସଂଯୋଗ ହୋଇ ନ ଥିବା ପରିବାର ଓ ସଦସ୍ୟମାନଙ୍କ ନାମ କାଟିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଫଳରେ ଲାଞ୍ଜିଗଡ ବ୍ଲକର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକେ ରାଶନ ପାଇବାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ଫଳରେ ଶୁକ୍ରବାର ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ଶତାଧିକ ଆଦିବାସୀ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଆସି ପ୍ରଶାସନକୁ ଗୁହାରି କରିଥିଲେ । ବ୍ଲକ ପ୍ରଶାସନ ମଧ ଏକପ୍ରକାର ହାତ ଟେକିଦେଇଥିବା ଜଣାପଡିଛି। ଏପରିକି ଆଧାର ନ ଥିବା ଲୋକଙ୍କ ଆଧାର କାର୍ଡ ପ୍ରସ୍ତୁତି ପାଇଁ ସବୁଆଡେ ବ୍ୟାପକ ବ୍ୟବସ୍ଥା ଥିବାବେଳେ ଲାଞ୍ଜିଗଡ ବ୍ଲକରେ ଆଧାର କାର୍ଡ ପ୍ରସ୍ତୁତି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏପରିକି ପଞ୍ଚାୟତ ମୁଖ୍ୟାଳୟଗୁଡିକରେ ଆଧାର କାର୍ଡ ପ୍ରସ୍ତୁତି ପାଇଁ ଶିବିର କରାଯାଉଥିବାବେଳେ ଲାଞ୍ଜିଗଡ ବ୍ଲକର କିଛି ଅଞ୍ଚଳରେ କିଛି ଦିନ ଏହା ଚାଲିବା ପରେ ଏବେ ବନ୍ଦ ହୋଇଯାଇଛି । ବ୍ଲକ ପ୍ରଶାସନ ଏଥିପାଇଁ ବିକଳ୍ପ ବ୍ୟବସ୍ଥା ଲାଗି ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଖୁବ୍ ଶୀଘ୍ର ଜିଲା ପ୍ରଶାସନ ସହିତ ତାଳମେଳ ରଖି ପଦକ୍ଷେପ ଗ୍ରହଣ କରାଯିବ। ଜିଲା ତଥା ବ୍ଲକ ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଉକ୍ତ ବ୍ଲକର ୨୬ ଗ୍ରାମପଞ୍ଚାୟତର ୪୩ ହଜାର ୭୦ଟି ପରିବାରର ୧ ଲକ୍ଷ ୫୨ ହଜାର ୩୯୯ ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ଆଜିଯାଏଁ ଶତାଧିକ ଗରିବ ଓ ନିରୀହ ପରିବାର ରାଶନ କାର୍ଡ ପାଇ ନ ଥିବା ଅଭିଯୋଗ ହେଉଥିବା ବେଳେ ଏବେ ହିତାଧିକାରୀଙ୍କ ଆଧାର ଲିଙ୍କ୍ ଜନସାଧାରଣଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ସରକାର ନିର୍ଦ୍ଦିଷ୍ଟ ଅବଧି ମଧରେ ଆଧାର ସିଡିଂ ପାଇଁ ନିର୍ଦ୍ଦେଶନାମା ଜାରି କରିଥିବାବେଳେ ଲାଞ୍ଜିଗଡ ବ୍ଲକ ବିଭିନ୍ନ ଦୁର୍ଗମ ଅଞ୍ଚଳ ସମେତ ନିୟମଗିରି ପାଦତଳେ ରହୁଥିବା ଶହ ଶହ ଡଙ୍ଗରିଆ ଓ ଝରଣିଆ କନ୍ଧ ପରିବାର ଓ ସେମାନଙ୍କ ସଦସ୍ୟ ନାମରେ ଆଜି ପର୍ଯ୍ୟନ୍ତ ଆଧାର ପଞ୍ଜୀକରଣ ହୋଇପାରିନାହିଁ । ଏପରି କି ବ୍ଲକର ୧୫ ହଜାର ୬୨୯ ଜଣ ସଦସ୍ୟଙ୍କ ନାମରେ ଆଧାର କାର୍ଡ ନ ଥିବାବେଳେ ସେମାନଙ୍କୁ ରାଶନ କାର୍ଡ ଓ ଆଧାର ଲିଙ୍କ୍ କରାଇବା ସମ୍ଭବପର ହୋଇପାରୁନାହିଁ । ଆଧାର ଲିଙ୍କ୍ ପାଇଁ ଗ୍ରାମପଞ୍ଚାୟତରେ ନିଯୁକ୍ତ ଯୋଗାଣ ସହାୟକମାନେ ରାତିଦିନ ଏକ କରି କାମ କରୁଥିବା ସତ୍ତ୍ୱେ ଅଧିକାଂଶ ଲୋକଙ୍କ ଆଧାର ନ ଥିବାରୁ ବାଧା ଦେଖାଦେଇଛି ।



ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ଶତାଧିକ ଆଦିବାସୀ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟକୁ ଆସିଛନ୍ତି ।





କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

# ସମସ୍ୟାରେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

କୋମନା,୩୦।୮(ଡି.ଏନ.ଏ.)

ସଧାରଣ ଲୋକଙ୍କ ସୁସ୍ଥ ଓ ନିରାମୟ ଜୀବନ ଯାପନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅନେକ ଯୋଜନା କରୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ ହୋଇ ପାରୁ ନାହିଁ । ଫଳରେ ରୋଗୀମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆପଡା ଜିଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ ଜଣ ବିଶେଷଜ୍ଞ ଡାକ୍ତର ସହିତ ମୋଟ ୭ ଜଣ ଡାକ୍ତରଙ୍କୁ ସରକାର ନିଯୁକ୍ତି ଦେବା କଥା। ହେଲେ ବର୍ତ୍ତମାନ ଏଠାରେ ମାତ୍ର ୨ ଜଣ ଡାକ୍ତର ଥିବା ଯୋଗୁ ରୋଗୀ ସେବା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନେ ହଇରାଣ ହେଉଛନ୍ତି। ବିଶେଷ କରି କୋମନା ବ୍ଲକର ପଏଁର, ଟିକ୍ରାପଡା, କୋମନା, କୋନାବିରା, ପେଣ୍ଡ୍ରାବନ, ଭେଲା, ରଜନା, ସୁନାବେଡା, ସୋସେଙ୍ଗ ଓ କୁରେଶ୍ୱର ଗ୍ରାମପଞ୍ଚାୟତ ହଜାର ହଜାର ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ କୋମନାରେ ଡାକ୍ତର ଅଭାବ ଯୋଗୁ ୩୦ କି.ମି. ଦୂର ଖଡିଆଳ ଓ ନୂଆପଡ଼ା ଜିଲା ମେଡିକାଲକୁ ଯାଇ ରୋଗୀ ଚିକିତ୍ସିତ ହେବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ କୋମନା ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ବୁର୍ଲା ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବୈଠକ

ଟିପିଲିମା, ୩୦।୮ (ଡି.ଏନ.ଏ.)

ବୁର୍ଲା ରୋଟାରୀ କ୍ଲବ ଗୃହରେ ବୁର୍ଲା ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ଏକ ସଭା ଇଂ. ସୁରେନ୍ଦ୍ର ସିଂ କାବଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଜୟ ତ୍ରିପାଠୀ, ଧ୍ରୁବ ପ୍ରସାଦ ପଣ୍ଡା, ନିରଞ୍ଜନ ପଟ୍ଟନାୟକ, ଅଭୟ ପାଢ଼ୀ, ପ୍ରଭଞ୍ଜନ ବେହେରା, ବିଜୟ ଦାଶ, ବସନ୍ତ ପଣ୍ଡା, ନାରାୟଣ ପତି, ରବୀନ୍ଦ୍ର ନାୟକ, ରାଜକିଶୋର ଜାଜୋଡିଆ, ସନ୍ତୋଷ କାନୁନଗୋ, ଦୀପ୍ତିକାନ୍ତ ଠାକୁର, ଗୋପିନାଥ ବଡପଣ୍ଡା, ଓପି ନାୟାର, ରାମ ଅବତାର ଅଗ୍ରୱାଲ, ଶୁରେଶ ଚନ୍ଦ୍ର ପଣ୍ଡା, ହରିଶ ବାଲି, ସୁବାଷଚନ୍ଦ୍ର ମିଶ୍ର, ଶରତଚନ୍ଦ୍ର ବାରିକ, ସନ୍ତୋଷ ପଣ୍ଡା, ରଶ୍ମିରଞ୍ଜନ ଶତପଥୀ, କୈଳାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟକୁ ଆସିଥିବା ମୋ ସ୍କୁଲ ଅଭିଯାନର ଜମା ଅର୍ଥ କିପରି ଭାବେ ବିନିଯୋଗ ହେଉଛି ତାହା ଉପରେ ଆଲୋଚନା ହୋଇଥିଲା ।

# ନୂଆଁ ଧାନ ମିଳୁନାହିଁ, ଚିନ୍ତାରେ ଲୋକେ

ଭବାନୀପାଟଣା/ପର୍ଲା, ୩୦।୮ (ଡି.ଏନ.ଏ.)

**ନୂଆଁଖାଇରେ ସମସ୍ୟା ଉପୁଜିବା ଆଶଙ୍କା**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ଆଉ ମାତ୍ର କମ୍ ଦିନ ରହିଛି। ଏବେଠୁ ଲୋକେ ଜୋରସୋର ସାଜସଜ୍ଜାରେ ଲାଗିପଡ଼ିଛନ୍ତି। ଦୋକାନ ବଜାରରେ ଗହଳି ଲାଗିଲାଣି। ଜିନିଷପତ୍ର କିଣାକିଣି ସାଙ୍ଗକୁ ଘର ସଜ୍ଜାରେ ଲୋକେ ବ୍ୟସ୍ତ ଥିବା ବେଳେ ନୂଆଁଧାନ ଏବେ ବଡସମସ୍ୟା ହୋଇ ଠିଆ ହୋଇଛି। ବିଶେଷ ଭାବେ କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳରେ ଏହି ସମସ୍ୟା ଦେଖାଦେଇଛି। ନୂଆଁଖାଇରେ ନୂଆଁ ଧାନର ବେଶ ଗୁରୁତ୍ୱ ରହିଛି । ଏହି ଧାନରୁ ଚୁଡା ପ୍ରସ୍ତୁତ କରାଯାଇ ଦେବଦେବୀଙ୍କୁ ଅର୍ପଣ କରି ପ୍ରସାଦ ଭାବେ ନୂଆଁ ଖିଆଯାଏ। ଲୋକଙ୍କ ଆବଶ୍ୟକ ଚାହିଦା ମୁତାବକ ବଜାରକୁ ନୂଆଁ ଧାନ ମିଳୁନାହିଁ। ଯାହା ସ୍ଥାନୀୟ ଲୋକଙ୍କୁ ଚିନ୍ତାରେ ପକାଇଦେଇଛି। ଏବେ ଲୋକେ ଏକ ପ୍ରକାର ଧାନ ଖୋଜାରେ ବ୍ୟସ୍ତ ଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳର ସାପ୍ତାହିକ ବଜାର ବେହେରା, ପର୍ଲା, ଗୋଡମୁଣ୍ଡା, ମିର୍ଜାପୁର, ବେହେରାଗୁଡା, ଛଞ୍ଚାଣବାହାଲି, ଡାଲଗୁମା, ତେଣ୍ଡାପାଲି ପ୍ରମୁଖ ସ୍ଥାନରେ ପୂର୍ବବର୍ଷ ଭଳି ଏବର୍ଷ ନୂଆଁ ଧାନ ଦେଖିବା ଏକପ୍ରକାର ସପ୍ନ ପାଲଟିଛି। ଯାହା ବି ଆସୁଛି ଲୋକଙ୍କ ପାଇଁ ନିଅଣ୍ଟ ହେଉଛି । ଲୋକେ ଚଢାଦରରେ ମଧ୍ୟ ନୂଆଁ ଧାନକୁ କିଣିବାକୁ ପଛାଉନାହାନ୍ତି। ବିଳମ୍ବ ବର୍ଷା ଯୋଗୁ ଚାଷୀ ବିଳମ୍ବରେ ଚାଷ କରିଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ଅଞ୍ଚଳର ବୁଦ୍ଧିଜୀବୀମାନେ କହୁଛନ୍ତି । ସାଧାରଣତ ଏହି ଧାନ ଜୁନ ପ୍ରଥମ ସପ୍ତାହ ମଧ୍ୟରେ ଜମିରେ ବୁଣିବା ଠିକ ସମୟ ଥିବା ବେଳେ ବର୍ଷା ଅଭାବରୁ ଚାଷୀ ବିଳମ୍ବରେ ଚାଷ କରୁଥିବା ଜଣାପଡୁଛି। ଏହି ଧାନ ପ୍ରାୟ ଭଟା ମାମୁଲି ଜମିରେ ଚାଷ ହଉଥିବା ବେଳେ ଚାଷୀ ଅଧିକ ଲାଭଖୋର ଉଦ୍ଦେଶ୍ୟ ରଖି ସେହି ସ୍ଥାନରେ ମକା ଚାଷ କରୁଥିବା ମଧ୍ୟ ଅନ୍ୟ ଏକ କାରଣ ବୋଲି କୃଷି ବିଭାଗ କର୍ମୀମାନେ କହନ୍ତି। ଗତବର୍ଷ ଦଣ୍ଡପାଟ ଅଞ୍ଚଳର ୧୮ ଶହ ହେକ୍ଟର ଜମିରେ ଚାଷ ହୋଇଥିବା ବେଳେ ଚଳିତ ବର୍ଷରେ କେବଳ ୧୧ ଶହ ଜମିରେ ଚାଷ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଧୀରେ ଧୀରେ ଏହି ଧାନ ଚାଷ କରିବା ପ୍ରତି ଚାଷୀଙ୍କ ଆଗ୍ରହ କମିବାରେ ଲାଗୁଛି। ଆଗାମୀ ଦିନରେ ଧାନକୁ ନେଇ ନୂଆଁଖାଇ ପର୍ବ ଫିକା ପଡିଯବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ସେଥିପ୍ରତି ସରକାର ଜତ୍ନବାନ ସହ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ହଳଧର ନାଗ, ବଳଭଦ୍ର ସାହୁ, ତୁଳସି ରାମ ଅଗ୍ରୱାଲ, ଦୟାନିଧି ଜାଲ, ମେଘନାଦ ବାଗ, ହୃଷୀକେଷ ସାହୁ, ଗୁଣନିଧି ନାଗ, ଲଳିତ ରଣା, ସୁଧିର ଚନ୍ଦ୍ର ପଣ୍ଡା ପ୍ରମୁଖ ଦାବି କରିଛନ୍ତି ।



ସ୍ଥାନୀୟ ବଜାରରେ ନୂଆଁ ଧାନ ଓ ଅନ୍ୟ ଜିନିଷ ବିକ୍ରି ପାଇଁ ରାଖାଯାଇଛି।

### ୮ ଲକ୍ଷରୁ ଅଧିକ ଟଙ୍କାର କପା ହଡ଼ପ ଘଟଣା

# ଉପଜିଲାପାଳଙ୍କୁ ଅଭିଯୋଗ ପରେ ବି ଚାଷୀ ନିରାଶ

ଭବାନୀପାଟଣା,୩୦।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଅଞ୍ଚଳର କପା ଚାଷୀଙ୍କ ୮ ଲକ୍ଷରୁ ଅଧିକ ଟଙ୍କାର କପା ହଡପ ହୋଇଥିଲା। ଏ ସମ୍ପର୍କରେ ଚାଷୀମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ମଧ ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି। ଗତବର୍ଷ ଲାଞ୍ଜିଗଡ ଅଞ୍ଚଳର କପାଚାଷୀଙ୍କଠାରୁ କର୍ଲାପଡା ଥାନା ଚଗାଁର କପା ବ୍ୟବସାୟୀ ଡୁଲେଶ୍ୱର ସାହୁ କପା ନେଇଥିଲେ। ଛତ୍ରପୁର ପଞ୍ଚାୟତ ବାଟଗୁଡା ଗାଁର ପଦ୍ମଲୋଚନ ସାହୁଙ୍କ ଜରିଆରେ ୭୮ ଟ୍ରକ କପା ଚାଷୀଙ୍କଠାରୁ କିଣି ନେଇଥିଲେ। ଶେଷ ସମୟରେ ଲାଞ୍ଜିଗଡ ଓ ଛତ୍ରପୁର ପଞ୍ଚାୟତର ୭ଜଣ କପା ଚାଷୀଙ୍କ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ସମସ୍ତ କପା ଚାଷୀଙ୍କ ୧୨ ଲକ୍ଷ ୬୪ ହଜାର ୮ ଶହ ଟଙ୍କାରୁ ମାତ୍ର ୪ ଲକ୍ଷ ୨୧ ହଜାର ଟଙ୍କା ପାଇଥିବା ବେଳେ ବଳକା ଟଙ୍କା ନ ଦେଇ କପା ବ୍ୟବସାୟୀ ଚାଲି ଯାଇଥିଲେ। ଚଳିତବର୍ଷ ବ୍ୟବସାୟୀ ଡୁଲେଶ୍ୱର ନିଜେ ନ ଆସି ତାଙ୍କ ଶ୍ୱାଇଁ କ୍ଷୀରସିନ୍ଧୁ ସାହୁ ଓ ସମ୍ପର୍କୀୟ ହରେକୃଷ୍ଣପୁର ଗ୍ରାମର ବିଶ ସାହୁଙ୍କ ଦ୍ୱାରା କପା କିଣୁଥିବା ଚାଷୀମାନେ ଜାଣିପାରି ଗତ ଫେବୃୟାରୀ ୮ ତାରିଖରେ କପା ବୋଝେଇ ଗାଡି (ନଂ. ଏମ୍‌ଏଚ୩୩କ୍ୟୁ ୦୦୪୧)କୁ ହରେକୃଷ୍ଣପୁର ଗାଁରୁ ଆଣି ଛତ୍ରପୁର ପଞ୍ଚାୟତ ଭାଟଗୁଡା ଗ୍ରାମରେ ରଖିଥିଲେ। ଏହା ପରେ କ୍ଷୀରସିନ୍ଧୁ ଓ ବିଶ କପା ସେମାନେ ନିଜେ କିଣିଥିବା କହି ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲାଞ୍ଜିଗଡ ପୋଲିସ ଭାଟଗୁଡା ଗ୍ରାମକୁ ଯାଇ କପା ଟ୍ରକକୁ ଜବତ କରି ଥାନାକୁ ଆଣିଥିଲା।

କପା ଚାଷୀମାନେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ପଚାରି ଥିଲେ । ଲୋକେ ଡୁଲେଶ୍ୱର ହିଁ କପା ଟଙ୍କା ଦେଉଥିବା କହିଥିଲେ। କପା ଟ୍ରକ ଲାଞ୍ଜିଗଡ ଥାନାରେ ୫ ଦିନ ରହିବା ପରେ ସମସ୍ତ ସତ ଘଟଣା ଜାଣି ଲାଞ୍ଜିଗଡ ତସିଲଦାର ଓ ଉପଜିଲାପାଳ ଦାୟିତ୍ୱ ନେଇ ଡୁଲେଶ୍ୱର କିଣିଥିବା କପା ଟ୍ରକକୁ ଉପଜିଲାପାଳ ଦାୟିତ୍ୱରେ ସିଲ କରାଗଲା ବୋଲି କପା ଚାଷୀଙ୍କୁ କହିଥିଲେ। କିଛି ଦିନ ପରେ ଚାଷୀଙ୍କୁ ଭବାନୀପାଟଣା ଡାକି ଉପଜିଲାପାଳ ସବୁକଥା ପଚାରି ବୁଝିଥିଲେ ଓ କେଉଁ ଚାଷୀଙ୍କ କେତେ ଟଙ୍କା ପାଇବାର ଅଛି ପୁଣି ଲେଖିକି ଦେବାକୁ କହି ଏସ୍‌ପିଙ୍କୁ ମଧ ଡୁଲେଶ୍ୱର ନାଁରେ ଠକେଇ ଅଭିଯୋଗ କରିବାକୁ କହିଥିଲେ। ଫେବୃୟାରୀ ୨୦ ତାରିଖରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପୁଣି ଗତ ଏପ୍ରିଲ ୨୯ ତାରିଖରେ ଉପଜିଲାପାଳ ସମସ୍ତ ୭ ଜଣ ଚାଷୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ନିଜର ବକେୟା ଟଙ୍କା ବାବଦରେ ଗୋଟି ଗୋଟି ଦରଖାସ୍ତ ଦେବାକୁ କହି ଖୁବଶୀଘ୍ର ବକେୟା ଟଙ୍କା ପାଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ଆଉ ୩ ମାସ ବିତି ଯାଇଥିଲେ ମଧ ଚାଷୀ ସେମାନଙ୍କ ବକେୟା ଟଙ୍କା ପାଇ ପାରି ନାହାନ୍ତି। ଚାଷୀମାନେ ଶୀଘ୍ର କିପରି ସେମାନଙ୍କ ଟଙ୍କା ଫେରି ପାଇବେ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୩୧ ଅଗଷ୍ଟ, ୨୦୧୯



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବା।
-ଫ୍ରାନସିସ୍ ବେକନ



## ସଂକ୍ଷେପରେ

### ଭଙ୍ଗା ପୋଲରେ ପଡ଼ି ଜଣେ ମୃତ, ଜଣେ ଗୁରୁତର

କର୍ଲାମୁଣ୍ଡା,୩୦।୮(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ବାଞ୍ଜିପଦର ରାସ୍ତା ଏକ ଭଙ୍ଗା ପୋଲରେ ପଡି ଶୁକ୍ରବାର ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମ.ରାମପୁର ବ୍ଲକ ଗୋଛାଡେଙ୍ଗେନ ଗ୍ରାମର କଇଁରୁ ବିଶ୍ୱାଳ (୬୦) ତାଙ୍କ ଶ୍ୱଶୁର ଘର କର୍ଲାମୁଣ୍ଡା ବ୍ଲକର ଭାଲୁପିଆକୁ ଆସି ତାଙ୍କ ଭଣଜା ରାଜେନ୍ଦ୍ର ସାହୁ (୩୫)ଙ୍କ ସହିତ ମୋଟରସାଇକେଲ ଯୋଗେ କର୍ଲାମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଟଙ୍କା ଉଠାଣ ପାଇଁ ଆସିଥିଲେ। ଟଙ୍କା ଉଠାଇ ଫେରୁଥିବା ବେଳେ ରାଜପୁର ପଞ୍ଚାୟତ ବାଞ୍ଜିପଦରଠାରେ ଥିବା ଏକ ଭଙ୍ଗା ଅବସ୍ଥାରେ ଥିବା ଏକ ବ୍ରିଜ (ବାହାଲ ନାଳ) ମୋଟରସାଇକେଲ ସହିତ ଦୁହେଁ ଖସି ପଡିଯାଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ମ.ରାମପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର କଇଁରୁ ବିଶ୍ୱାଳଙ୍କୁ ମୃତ ଘୋଷଣା କରିଥିବା ବେଳେ ରାଜେନ୍ଦ୍ର ସାହୁ ଚିକିତ୍ସିତ ହେଉଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ନାଳରେ ଥିବା ଏହି ପୋଲ ଗତ ବନ୍ୟାରେ ଭୁଶୁଡି ପଡିଥିଲା।

ପଥର୍ଲା ଗ୍ରାମପଞ୍ଚାୟତରେ ଆଗୁଆ ନୂଆଁଖାଇ

# ଗ୍ରାମ ଦେବତାଙ୍କୁ ବରଣ କାର୍ଯ୍ୟକ୍ରମ ଶେଷ

କେସିଙ୍ଗା,୩୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପଥର୍ଲା ଗ୍ରାମପଞ୍ଚାୟତରେ ଜିଲାର ଆଗୁଆ ନୂଆଁଖାଇ ପାଇଁ ଗ୍ରାମର ଦେବତାଙ୍କୁ ଶୁକ୍ରବାର ବରଣ କାର୍ଯ୍ୟକ୍ରମ ଶେଷ ହୋଇଯାଇଛି । ପଥର୍ଲା ଗ୍ରାମ ପଞ୍ଚାୟତର ପଥର୍ଲା, ବାହାଦୂରପଦର ଓ ପଲଗାପଡା ଗ୍ରାମରେ ଶନିବାର ନୂଆଁଖାଇ ପର୍ବ ଧୁମଧାମରେ ପାଳିତ ହେବ। ଏଥିପାଇଁ ପଥର୍ଲା ଗ୍ରାମ ଗୌନ୍ତିଆ ଦଇପାନ ମାଝିଙ୍କ ନେତୃତ୍ୱରେ ଗ୍ରାମ ଦେବଦେବୀ ଯଥା ଶ୍ରୀଚରମଖାଇ, ବୁଢ଼ାରଜା, ଡଙ୍ଗରବୁଢା, କାଳିସୁନ୍ଦରୀ, କମେଶ୍ୱରୀ, ଭୀମା, ରପାଙ୍ଗ, ଭରୁଭଣ୍ଡାରଙ୍କୁ ନୀତି ନୀୟମାନୁସାରେ ପୂଜା ଅର୍ଚ୍ଚନା କରାଯାଇଛି। ପଥର୍ଲା ଗ୍ରାମପଞ୍ଚାୟତର ପଥର୍ଲା ଗ୍ରାମରେ ଥିବା ୩୩୮ ଜଣ ଆଦିବାସୀ, ୫୦ ଜଣ ହରିଜନ ଓ ଅନ୍ୟାନ୍ୟ ୬୮୦ ଜଣ, ସେହିପରି ପଥର୍ଲା କଲୋନୀପଡାର ୧୨୫ ଜଣ ଆଦିବାସୀ, ୧୬୮ ଜଣ ହରିଜନ, ୨୬୮ ଜଣ ଅନ୍ୟାନ୍ୟ, ବାହାଦୂରପଦର ଗ୍ରାମର ୧୯୧ ଜଣ ଆଦିବାସୀ, ୧୬୭ ଜଣ ହରିଜନ, ୩୩୫ ଅନ୍ୟାନ୍ୟ ଏବଂ ପଲକାପଡାର ୫୦୦ ଜଣ ଜିଲାର ପ୍ରଥମ ନୂଆଁଖାଇ ପାଳନ କରିବେ । ଏଥିପାଇଁ ଦୂରଦୁରାନ୍ତକୁ ଯାଇଥିବା ସମସ୍ତ ଲୋକେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପ୍ରତ୍ୟେକ ଘରେ ଲିପାପୋଛା କାର୍ଯ୍ୟକ୍ରମ ମଧ ଶେଷ ହୋଇଯାଇଛି। ନୂଆଁଖାଇ ପାଇଁ ନୂତନ ବସ୍ତ୍ର, ନୂଆଁଚୁଡା, ପୂଜା ସାମଗ୍ରୀ ଘରେ ପହଞ୍ଚାଇ ସାରିଲେଣି । ପଥର୍ଲା ଗ୍ରାମରେ ଜିଲାର ଆଗୁଆ କାହିକି ନୂଆଁଖାଇ ସମ୍ପର୍କରେ ଶିକ୍ଷିତ ଯୁବ ଗୋଷ୍ଠୀଙ୍କଠାରୁ ପ୍ରକାଶ ଯେ, କଳାହାଣ୍ଡିରେ ଗଙ୍ଗ ବଂଶର ରାଜା ଶାସନ ଚାଲୁଥିବା ନାଗ ବଂଶୀୟ ରାଜାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ପଥର୍ଲା ଗ୍ରାମପଞ୍ଚାୟତର ସୈନିକମାନେ ଯୁଦ୍ଧରେ ସାମିଲ ହୋଇ ନାଗ ବଂଶୀୟ ରାଜାଙ୍କୁ ପରାଜୟ କରିଥିଲେ। ସେଥିପାଇଁ ତତ୍କାଳୀନ ରାଜା ପଥର୍ଲା ଗ୍ରାମର ଗୌନ୍ତିଆଙ୍କୁ ଉପହାର ଦେବା ପାଇ ପଚାରିଥିଲେ। କିନ୍ତୁ ସେହି ସମୟର ଗୌନ୍ତିଆ ରାଜାଙ୍କୁ ମାଗିଥିଲେ ଯେ, ଜିଲା ମଧ୍ୟରେ ଆଗୁଆ ନୂଆଁଖାଇ ପର୍ବ ପାଳନ କରିବା ପାଇଁ ଉପହାର ସଦୃଶ୍ୟ ମାଗିଥିଲେ। ଆଜକୁ ୨୦୦ ଶହ ବର୍ଷ ପୂର୍ବରୁ ଏହି ପଥର୍ଲା ଗ୍ରାମରେ ଏହି ନୂଆଁଖାଇ ପର୍ବ ପାଳନ ହୋଇ ଆସୁଛି ବୋଲି ଗ୍ରାମ ଅବସରପ୍ରାପ୍ତ ଆର୍ମି ସଞ୍ଜିବ ମାଝି, ଶିକ୍ଷୟିତ୍ରୀ ରଶ୍ମିତା ଭୋଇ, ନରେନ୍ଦ୍ର ଦାଶ, ଯୁଗେଶ୍ୱର ବାଗ ପ୍ରକାଶ କରିଥିଲେ । ରାଜାଙ୍କ ତମ୍ବା ପଟ୍ଟାରେ ଲିଖିତ ଆଦେଶାନୁସାରେ ସେହି ଦିନଠାରୁ ଏହି ପର୍ବ ପାଳନ କରାଯାଉଛି। ଗ୍ରାମ ଦେବତାଙ୍କୁ କୁରେ ପତ ଦନାରେ ନୂଆଚୁଡା, କୁଣ୍ଡା, ଅରୁଆ ଚାଉଳ, ପ୍ରଭୃତି ପୂଜା ସାମଗ୍ରୀ ଗ୍ରାମ ଦେବତାଙ୍କୁ ସମର୍ପଣ କରିଥିଲେ ।



ପଥର୍ଲା ଗ୍ରାମରେ ଜିଲାର ଆଗୁଆ ନୂଆଁଖାଇ ପାଇଁ ଘରେ ଘରେ ପୂଜା ସାମଗ୍ରୀ ପ୍ରସ୍ତୁତି ।

**ଆଜି ନୂଆଁଖାଇ**



ଗଜବାହାଲ୍ ସରପଞ୍ଚ ପୂଜାରାଣୀ ସାହୁ ଜଣେ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି।

# କର୍ଲାମୁଣ୍ଡା ବ୍ଲକ: ୩୧୪ ନୂତନ ହିତାଧିକାରୀଙ୍କୁ ପେନସନ ପ୍ରଦାନ

କର୍ଲାମୁଣ୍ଡା,୩୦।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଗୁରୁବାର ଓ ଶୁକ୍ରବାର ୩ ଦିନ ଧରି ବ୍ଲକର ୧୨ଟି ପଞ୍ଚାୟତର ୩୧୪ ଜଣ ନୂତନ ହିତାଧିକାରୀମାନଙ୍କୁ ମଧୁବାବୁ ପେନସନ, ଇନ୍ଦିରା ଗାନ୍ଧି ଜାତୀୟ ବାର୍ଦ୍ଧକ୍ୟ ଭତ୍ତ, ବିଧବା ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ବିଡିଓ ପ୍ରିୟ ଦର୍ଶିନୀ ମିର୍ଦ୍ଧା, ବିଏସଇଓ ସସ୍ମିତା ପଟେଲ, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ଗଜବାହାଲ ସରପଞ୍ଚ ପୂଜାରାଣୀ ସାହୁ, ରାଜପୁର ସରପଞ୍ଚ ମହେନ୍ଦ୍ର ରଣା, ପୌରକେଲା ସରପଞ୍ଚ କେତକୀ ରଣା, ରେଗେଡା ସରପଞ୍ଚ ସୁଶାନ୍ତ ପରିଡା ପ୍ରମୁଖ ଯୋଗଦେଇ ପେନସନ ବଣ୍ଟନ କରିଥିଲେ।

# ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ଚାହିଦା ବଢୁଛି, ସଙ୍କଟରେ ମାଟି କାରିଗର

ଭବାନୀପାଟଣା,୩୦।୮ (ଡି.ଏନ.ଏ.)

ଭବାନୀପାଟଣା ସହରରେ ଥିବା ମାଟି ମୂର୍ତ୍ତିକାରମାନେ ଏବେ ସେମାନଙ୍କ ଜୀବିକାକୁ ନେଇ ସଙ୍କଟରେ ପଡିଛନ୍ତି। ବଜାରରେ ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତିଗୁଡିକର ଚାହିଦା ବଢୁଥିବାରୁ ମାଟି ମୂର୍ତ୍ତିଗୁଡିକର ବିକ୍ରି କମିବାରେ ଲାଗିଛି। ଫଳରେ ମାଟି ମୂର୍ତ୍ତିକାରମାନଙ୍କ ଜୀବିକା ଏବେ ସଙ୍କଟାପନ୍ନ ହେବାକୁ ବସିଛି। ସହରରେ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଥାଏ। ମାଟି ମୂର୍ତ୍ତିକାରମାନେ ଦୁଇ ମାସ ପୂର୍ବରୁ ଗଣେଶ ମୂର୍ତ୍ତି ତିଆରିରେ ଲାଗିପଡନ୍ତି। ଏହି ମୂର୍ତ୍ତିଗୁଡିକ ମାଟି, ଗୋବର ଓ ବାଉଁଶରେ ତିଆରି କରାଯାଇଥାଏ। ଏଥିରେ କୌଣସି ବିଷାକ୍ତ କେମିକାଲ ବ୍ୟବହାର ହୋଇ ନ ଥାଏ। ପୂଜା ପରେ ବିସର୍ଜନ କଲେ ପାଣିରେ ଏହା କୌଣସି କୁପ୍ରଭାବ ନ ପକାଇ ସହଜରେ ମିଳାଇଯାଏ। କିନ୍ତୁ ଏହି କାରିଗରମାନେ ଏବେ ସଙ୍କଟରେ ପଡିଛନ୍ତି। ବଜାରରେ ରଙ୍ଗବେରଙ୍ଗର ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ଚାହିଦା ବଢିବାରେ ଲାଗିଛି। କାରଣ ଏହି ମୂର୍ତ୍ତିଗୁଡିକ ଦେଖିବାକୁ ଅତି ଆକର୍ଷଣୀୟ ଓ ଏହାର ଦାମ ୫୦ ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି। ଏହି ମୂର୍ତ୍ତିଗୁଡିକ କିଣାଯାଇ ଏବେ ସହରର ବିଭିନ୍ନ ମଣ୍ଡପ ଓ ସାହିଗଳିରେ ପୂଜା କରାଯାଉଛି। ଏହା ବ୍ୟତୀତ ଏହି ମୂର୍ତ୍ତିଗୁଡିକ ବିସର୍ଜନ କଲେ ପାଣିରେ ଏହା ସହଜରେ ମିଳାଇ ନ ଥାଏ ଓ ଜଳକୁ ଦୂଷିତ କରିଥାଏ। ତେଣୁ ଏ ନେଇ ମାଟି ମୂର୍ତ୍ତିକାରଙ୍କ ପକ୍ଷରୁ ଭବାନୀପାଟଣା ଉପଜିଲାପାଳଙ୍କଠାରେ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିବା ଜଣାପଡ଼ିଛି। ଏହି ପ୍ଲାଷ୍ଟରଅଫ ପୟାରିସ ମୂର୍ତ୍ତି ବଜାରରେ ବିକ୍ରି ହେବା ଦ୍ୱାରା ମୂର୍ତ୍ତିକାରଙ୍କ ଦୀର୍ଘ ବର୍ଷର ପେଶା ଉପରେ ଅତିମାତ୍ରାରେ ପ୍ରବାବ ପଡୁଛି। ତେଣୁ ଏହି କେମିକାଲଯୁକ୍ତ ମୂର୍ତ୍ତି ବିକ୍ରି ଉପରେ ରୋକ ଲଗାଯାଉ ନ ଚେତ ଆଗାମୀ ଦିନରେ ମାଟି ମୂର୍ତ୍ତି ପ୍ରତି ଲୋକଙ୍କ ଆଗ୍ରହ କମିଯିବ। ତେଣୁ ବଜାରରେ ଏହି ମୂର୍ତ୍ତି ବିକ୍ରି ଉପରେ ରୋକ ଲଗାଇବାକୁ ମୂର୍ତ୍ତିକାରମାନଙ୍କ ପକ୍ଷରୁ ଦାବି କରାଯାଇଛି। ପ୍ରସାସନ ପକ୍ଷରୁ ଏଥିପ୍ରତି ପଦକ୍ଷେପ ନିଆଯିବ ବୋଲି ମଧ ଆଶ୍ୱାସନା ଦିଆଯାଇଛି।



ମୂର୍ତ୍ତି ଗଢ଼ିବାରେ ନିମଗ୍ନ ଜଣେ କାରିଗର।



ଶିବିରରେ ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ କରୁଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଳମପୁର,୩୦।୮(ଡି.ଏନ.ଏ.)

**କଳମପୁର ବ୍ଲକ**

କଳାହାଣ୍ଡି ଜିଲା କଳମପୁର ବ୍ଲକ ପରିସରରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । କଳମପୁର ବିଡିଓ ହେମ ସାଗର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ ପଞ୍ଚାୟତରୁ ବହୁ ଭିନ୍ନକ୍ଷମ ଉପସ୍ଥିତ ଥିଲେ। ଅନଲାଇନ ମାଧ୍ୟମରେ ୩୭୩ ଜଣ ପଞ୍ଜୀକୃତ ଭିନ୍ନକ୍ଷମ ଫର୍ମ ଆବେଦନ କରିଥିଲେ । ୧୨୭ ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ୯୦ ଜଣ ହିତାଧିକାରୀ ନୂତନ ଭବେ ଅନଲାଇନ କରିଥିବା ବେଳେ ବସ ଏବଂ ଟ୍ରେନ ପାସ୍ ପାଇଁ ୨୭ ଜଣ ଆବେଦନ କରିଥିଲେ । ପେନସନ ପାଇଁ ୧୦ ଜଣ ଆବେଦନ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୨୯ ଜଣ ଏବଂ କର୍ମନିଯୁକ୍ତି ଆବେଦନ ପାଇଁ ୨୫ ଜଣ ଆବେଦନ କରିଛନ୍ତି । କାର୍ଯ୍ୟକ୍ରମରେ ମଣ୍ଡଳ ଗ୍ରାମ ପଞ୍ଚାୟତ ଲାଟିଗାଁର ରାଜ ଝାଙ୍କରକୁ ଗୋଟିଏ ହ୍ୱୀଲ ଚେୟାର ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଜିଲା ଚିକିତ୍ସାଳୟରୁ ବହୁ ବିଭାଗୀୟ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଏସକେ ପାଢ଼ୀ, ନିବେଦିତା ସାହୁ, ପିକେ ପଟ୍ଟନାୟକ, ପିକେ ପଣ୍ଡା, ବାଦଲ କୁମାର ପଟ୍ଟନାୟକ, ରମେଶ ଜେନା, ନିବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଭୀମଭୋଇ ସାମର୍ଥ୍ୟ ଶିବିରରେ କଳମପୁର ବ୍ଲକ ସିଡିପିଓ ନିୟତିବାଲା ସୁରେନ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କରୁଣାକର ବାଗ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମଣ ହରିଜନ, ବରିଷ୍ଠ ରାଜସ୍ୱ ସହାୟକ ଭୁଷବ ନାଏକ, କନିଷ୍ଠ ସହାୟକ ରବୀନ୍ଦ୍ର ବେହେରା, ଶିକ୍ଷକ ବିନୋଦ ପଟ୍ଟନାୟକ, ଶିକ୍ଷକ ସୁବ୍ରତ ବେହେରା, ପ୍ରୋଗ୍ରାମ ସହାୟକ ପୂର୍ଣ୍ଣଚନ୍ଦ୍ର ମାଝି, ଅଫିସର ନାୟକ, ରାଜେନ୍ଦ୍ର ରାଉତ, ଜଗନ୍ନାଥ ନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# କୁଟୀରଶିଳ୍ପ ପ୍ରୋତ୍ସାହନ ପାଇଁ ସଚେତନତା କର୍ମଶାଳା

କର୍ଲାମୁଣ୍ଡା,୩୦।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲା ଶିଳ୍ପ କେନ୍ଦ୍ର କଳାହାଣ୍ଡି ପକ୍ଷରୁ ଶୁକ୍ରବାର କୁଟିର ଶିଳ୍ପର ପ୍ରୋତ୍ସାହନ ପାଇଁ ଏକ ଜନସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟ ଭୂପିନ୍ଦର ସିଂ ଯୋଗଦେଇ ଅଂଶ ଗ୍ରହଣକାରୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ନିଜ ନିଜର ଆର୍ଥିକ ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇସି କଳାହାଣ୍ଡିର ସହକାରୀ ପରିଚାଳକ ଦେବଦତ୍ତ ଦାସ, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ଏଏଫଓ କୁଳଦୀପ ଅମ୍ଳାନ ରଞ୍ଜନ, ପ୍ରାଣୀ ଚିକିତ୍ସା ଅଧିକାରୀ ଅରୁଣ କୁମାର ସାହୁ, ଆଇପିଓ ତାପସ କୁମାର ମହାପାତ୍ର, ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିଥିଲେ।



କର୍ମଶାଳାରେ ନର୍ଲା ବିଧାୟକ ଭୁପିନ୍ଦର ସିଂ ଉଦ୍‌ବୋଧନ ଦେଉଛନ୍ତି।

# ଗାଡ଼ିରେ ଛାଡ଼ି ନ ଦେବାରୁ ଖବରଦାତାଙ୍କୁ ହତ୍ୟା ଧମକ

ଜୁନାଗଡ,୩୦।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ସାପ୍ତାହିକ ବଜାରଠାରେ ଶୁକ୍ରବାର ଅପରାହ୍ନରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଗାଡିରେ ଛାଡି ନ ଦେବାରୁ ସର୍ବସାଧାରଣ ଆଗରେ ଜଣେ ବ୍ୟକ୍ତି ଅଞ୍ଚଳର ଜଣେ ଖବରଦାତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଜୈନିକ ଖବରଦାତା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଚିଲଗୁଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦାସିଗାଁ ଅଞ୍ଚଳର ଏକ ଖବରଦାତା ତଥା ଧରିତ୍ରୀ ବିତରକ ଟିକଚନ ବାଗ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ସାପ୍ତାହିକ ବଜାରରେ ସଉଦା କିଣୁଥିଲେ। ଏହି ସମୟରେ ଦାସିଗାଁ ସିର୍ଲିପଡା ବସ୍ତିର ଗୁଞ୍ଜନ ବେମାଲ ସେଠାରେ ପହଞ୍ଚି ଟିକଚନଙ୍କୁ ଗାଡିରେ ଟିକିଏ ଘରକୁ ଛାଡି ନେବା ପାଇଁ ବାଧ କରିଥିଲେ। ଟିକଚନ ବଜାର ସାରି କି ଛାଡି ନେବା ପାଇଁ ଗୁଞ୍ଜନଙ୍କୁ କହିଥିଲେ। ଏଥିରେ ଗୁଞ୍ଜନ ରାଗିଯାଇ ଟିକଚନଙ୍କୁ ସର୍ବସାଧାରଣ ଆଗରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରିବାକୁ ଧାଇଁ ଆସି ହତ୍ୟା ଧମକ ଦେଇଥିଲେ। ଟିକଚନ ଭୟଭୀତ ହୋଇ ସେଠାରୁ ଚାଲିଯାଇ ଚିଲଗୁଡା ଫାଣ୍ଡିରେ ଗୁଞ୍ଜନଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏପରିକି ଗୁଞ୍ଜନ ସର୍ବସାଧାରଣ ଆଗରେ ଟିକଚନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିବାର ଭିଡିଓ ଫୁଟେଜ ମଧ୍ୟ ଟିକଚନ ଫାଣ୍ଡିକୁ ଦେଇଛନ୍ତି। ଏ ନେଇ ଚିଲଗୁଡା ଫାଣ୍ଡି ଅଧିକାରୀ ଅଶୋକ ବିହାରୀଙ୍କୁ ପଚାରିବାରୁ ଏହା ଉପରେ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ମାହାତ୍ମା ଗାନ୍ଧୀ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

# ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୩୦।୮ (ଡି.ଏନ.ଏ.)

**କଳାହାଣ୍ଡି ସଂସ୍କୃତି ପରିଷଦ**

ଜିଲା ସଂସ୍କୃତିକ ପରିଷଦ ପକ୍ଷରୁ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ଗୃହରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ବ୍ୟାପୀ ପାଳନ କରାଯିବା ସକାଶେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଚାରା ରୋପଣ କାର୍ଯ୍ୟକ୍ରମ ଓ ଗାନ୍ଧୀଙ୍କ ଜୀବନୀ ଉପରେ ଚିତ୍ରକଳା ପ୍ରଦର୍ଶନୀ, ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, କୁଇଜ ପ୍ରତିଯୋଗିତା କରାଯିବାକୁ ସ୍ଥିର ହୋଇଛି। ସେହିପରି ଭବାନୀପାଟଣା ସହର ଏକ ରାସ୍ତାକୁ ଗାନ୍ଧୀ ମାର୍ଗ ନାମରେ ନାମିତ କରାଯିବା, ବିଭିନ୍ନ ସ୍ଥାନରେ ରାଲି ଓ ପଦଯାତ୍ରା, ଅକ୍ଟୋବର ୨ ତାରିଖରେ ଜିଲାସ୍ତରୀୟ ୧୫୦ ତମ ଜୟନ୍ତୀ ପାଳନ, ୨୦୨୦ ଜାନୁୟାରୀ ୩୦ ତାରିଖ ଶହୀଦ ଦିବସ ପାଳନ, କଳାହାଣ୍ଡି ଉତ୍ସବ ସମୟରେ ଗାନ୍ଧୀଜୀଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀ ସମେତ ବର୍ଷ ସାରା ଗାନ୍ଧୀଜୀଙ୍କ ନୀତି, ଆଦର୍ଶ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉପରେ ଆଲୋଚନା କରାଯାଇଛି। ବୈଠକରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଏପିଡି ଡିଆରଡିଏ ଗୋପାଳ ସ୍ୱାମୀ ନାୟୁଡୁ, ଏଡିଇଓ ବିଜୟ କୁମାର ସିଂ, ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଡିସିପିଓ ଶୈଳେନ୍ଦୁ ଶେଖର ମହାପାତ୍ର, ସାଂସ୍କୃତିକ ସଙ୍ଗଠକ ଜୟନ୍ତ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗ ପଦାଧିକାରୀ ଏବଂ ସଂସ୍କୃତି ପରିଷଦ ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା ପରିଚାଳନା କରିଥିଲେ।

# ଉପଜିଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ

ଭବାନୀପାଟଣା,୩୦।୮ (ଡି.ଏନ.ଏ.)

ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଠିକ ଭାବରେ କାର୍ଯ୍ୟକାରୀ କରିବା ସହ ବ୍ୟକ୍ତିଗତ ଓ ସାମୂହିକ ଅଧିକାର ପ୍ରମାଣପତ୍ର ଏବଂ ମୋ ଜମି ମୋ ଡିହ ଯୋଜନା ଦ୍ୱାରା ହିତାଧିକାରୀମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯିବା ଆଦି ୭ଦଫା ଦାବି ନେଇ ଶୁକ୍ରବାର ଭବାନୀପାଟଣା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକତା ପରିଷଦ କଳାହାଣ୍ଡି ଶାଖା ରାଜ୍ୟ ସଂଯୋଜକ ଭାରତ ଭୂଷଣ ଠାକୁର ଓ ଜିଲା ସଂଯୋଜକ ସରୋଜ ବାଗଙ୍କ ନେତୃତ୍ୱରେ ଭବାନୀପାଟଣା ଉପଖଣ୍ଡ ଅନ୍ତର୍ଗତ ଲାଞ୍ଜିଗଡ, ଭବାନୀପାଟଣା ବ୍ଲକ ଯୁଗସାଏପାଟଣା, ଶଗଡା, ଚାଞ୍ଚେର, ତଲବେଲଗାଁ, ଦୁଆରସୁନୀ, ଭଟାଙ୍ଗପଦର ଓ ଗୁଣ୍ଡରି ଗ୍ରାମର ଶତାଧିକ ଗ୍ରାମବାସୀ ଭବାନୀପାଟଣା ଆସି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆଦିବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନେ ପୁରୁଷାନୁକ୍ରମେ ପାରମ୍ପରିକ ଭାବେ ଚାଷ କରି ତଥା ଜଙ୍ଗଲ ଉପରେ ନିର୍ଭର କରିବା ସହ ବିଭିନ୍ନ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ତଥା ବିକ୍ରୟ କରି ଜୀବନ ଜିବିକା ନିର୍ବାହ କରିଥାନ୍ତି। କିନ୍ତୁ ଜଙ୍ଗଲ ବିଭାଗ ଜଙ୍ଗଲରୁ ଲଘୁ ବନଯାତ ସଂଗ୍ରହ ତଥା ଛୋଟ ଛୋଟ ଆବଶ୍ୟକ ସାମଗ୍ରୀ ଆଣିବାକୁ ବାରଣ କରାଯାଉଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଜଙ୍ଗଲ ଅଧିକାର କମିଟି ଦ୍ୱାରା ବ୍ୟକ୍ତିଗତ ଓ ଗୋଷ୍ଠୀ ଗତ ଦାବିପତ୍ର ଉପଖଣ୍ଡସ୍ତରୀୟ କମିଟିକୁ ପଠାଯାଇଥିଲେ ମଧ ସେଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଏଥିଯୋଗୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏପରିକି ବହୁ ପରିବାର ପାଖରେ ଜମିପଟା ନ ଥିବାରୁ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି ।

୭ ଦଫା ଦାବି ମଧ୍ୟରେ ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଠିକ୍ ଭାବେ କାର୍ଯ୍ୟନ୍ୱୟନ କରିବା ସହ ହୀତାଧିକାରୀମାନଙ୍କୁ ବ୍ୟକ୍ତିଗତ ଓ ସାମୂହିକ ଅଧିକାରପତ୍ର ପ୍ରଦାନ କରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬ ସମ୍ବନ୍ଧରେ ପଞ୍ଚାୟତ ପ୍ରତିନିଧି ଓ ଜଙ୍ଗଲ ଅଧିକାର କମିଟି ସଦସ୍ୟାସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଆବେଦନ ପ୍ରକ୍ରୀୟାରେ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ଓ ଗ୍ରାମପଞ୍ଚାୟତର ସହଯୋଗ ପାଇଁ ପଦକ୍ଷେପ ନିଆଯିବା, ଯେଉଁ ଗ୍ରାମବାସୀ ଗୋଷ୍ଠୀ ଜଙ୍ଗଲ ସମ୍ବଳ ପାଇଁ ଆବେଦନ କରିସାରିଛନ୍ତି ସେମାନଙ୍କୁ ତୁରନ୍ତ ଅଧିକାର ପତ୍ର ପ୍ରଦାନ, ଜିଲାରେ କାର୍ଯ୍ୟରତ ଉପଖଣ୍ଡସ୍ତରୀୟ କମିଟି, ଜିଲାସ୍ତରୀୟ କମିଟିକୁ ପୁଣିଥରେ ସକ୍ରୀୟ କରାଯାଇ ଜଙ୍ଗଲ ଅଧିକାର ଆଇନକୁ ତ୍ୱରାନ୍ୱିତ କରାଯିବା, ଘରଡିହ ହୀନ ଓ ଚାଷଜମି ହିନ ପରିବାରକୁ ଚିହ୍ନଟ କରାଯାଇ 'ମୋ ଜମି ମୋ ଡିହ' ଯୋଜନାରେ ପଟ୍ଟା ପ୍ରଦାନ, ଯେଉଁ ହୀତାଧିକାରୀମାନେ ଆଗରୁ ଚାଷ ଜମି ଓ ଘରଡିହ ପାଇଁ ଆବେଦନ କରିଛନ୍ତି ସେମାନଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ ଓ 'ମୋ ଜମି ମୋ ଡିହ' ଯୋଜନାରେ ପୂର୍ବରୁ ଦିଆଯାଇ ଥିବା ଘରଡିହ ଜମିର ଚିହ୍ନଟିକରଣ କରାଯାଇ ହିତାଧରକାରୀମାନଙ୍କୁ ସେହି ସ୍ଥାନରେ ଥଇଥାନ କରାଯିବା ଆଦି ଦାବି ଅନ୍ତର୍ଭୁକ୍ତ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଏକତା ପରିଷଦ କଳାହାଣ୍ଡି ଶାଖା**



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।

-ଫ୍ରାନସିସ୍ ବେକନ

## ସଂକ୍ଷେପରେ

### ବଦଳିଲେ ରେଳବାଇ ଏସ୍‌ପି

ରାଉରକେଲା ଅଫିସ,୩୦।୮- ରାଉରକେଲା ରେଳବାଇ ଏସ୍‌ପି ଅଜେୟ୍ ପ୍ରତାପ ସ୍ୱାଇଁଙ୍କୁ ଖୋର୍ଦ୍ଧା ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂତନ ଏସ୍‌ପି ଭାବେ ତ୍ରିନାଥ ପଟେଲ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ନୂତନ ଏସ୍‌ପି ପଟେଲ ଉପସ୍ଥିତ କର୍ମଚାରୀଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ।

### ଭତ୍ତା, ଟ୍ରାଇ ସାଇକେଲ ବଣ୍ଟନ

ରେଢାଖୋଲ,୩୦।୮(ଡି.ଏନ.ଏ.)- ରେଢାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତରେ ଶୁକ୍ରବାର ବ୍ଲକ ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମଙ୍କୁ ଭତ୍ତା ଓ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ବିଡିଓ ପରିକ୍ଷିତ ସାହୁ ଯୋଗଦେଇ ୯ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ୩ ଜଣଙ୍କୁ ଟ୍ରାଇ ସାଇକେଲ ଓ ଜଣଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ। ସରପଞ୍ଚ ନଳିନୀ ଦେହୁରୀ, ଜିପିଇଓ ପଞ୍ଚାନନ ବେହେରା, ଏସଇଓ କିଶୋର ପାତ୍ର, ଯୋଗାଣ ନିରିକ୍ଷକ ପ୍ରତିଭା ପ୍ରଧାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

### ଏସ୍‌ପିଙ୍କ ସହ ଆଶ୍ରା କର୍ମକର୍ତ୍ତାଙ୍କ ଆଲୋଚନା

# ମହିଳା ହିଂସା, ଅପରାଧ ରୋକିବା ଉପରେ ଗୁରୁତ୍ୱ

ରାଉରକେଲା ଅଫିସ,୩୦।୮

ମହିଳାଙ୍କୁ ନେଇ କାର୍ଯ୍ୟ କରୁଥିବା ସଂଗଠନ ଆଶ୍ରା ପକ୍ଷରୁ ରାଉରକେଲା ପୋଲିସ ଆରକ୍ଷୀ ଅଧୀକ୍ଷକ କେ ଶିବା ସୁବ୍ରମଣିଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଂଗଠନ କର୍ମକର୍ତ୍ତା ଆଇନ ଶୃଙ୍ଖଳା ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କର୍ମକର୍ତ୍ତା କହିଥିଲେ, ସହରରେ ବୁଲା ଗାଇ, ମଇଁଷି ଓ କୁକୁରଙ୍କ ଅବାଧ ବିଚରଣ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନି ଘଟୁଛି। ସେହିପରି ସହରରେ ଦ୍ରୁତ ଗାଡ଼ି ଚାଳନା ଏବଂ ଶୁଟି କଟୁ ହର୍ଣ୍ଣ ବ୍ୟବହାର ଉପରେ ଅଙ୍କୁଶ ଲଗାଯିବାକୁ କହିଥିଲେ। ବିଭିନ୍ନ ସ୍କୁଲ କଲେଜ ସମ୍ମୁଖରେ ଚକ୍କର କାଟୁଥିବା ଷ୍ଟ୍ରିଟ ରୋମିଓ ଛାତ୍ରୀମାନଙ୍କୁ କମେଣ୍ଟ ମାରି ହଇରାଣ ହରକତ କରୁଛନ୍ତି। ଏହି ଦିଗରେ ପୋଲିସ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଅନେକ ସମୟରେ ପାରିବାରିକ ହିଂସାର ଶିକାର ହେଉଥିବା ମହିଳାମାନେ ଥାନାରେ ଅଭିଯୋଗ କରୁଛନ୍ତି। ହେଲେ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ବେଳେ ସମ୍ପୃକ୍ତ ଅଭିଯୋଗକାରୀ ମାନସିକ ଆଘାତ ପାଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ କର୍ମକର୍ତ୍ତା ଆରକ୍ଷୀ ଅଧୀକ୍ଷକଙ୍କୁ ନିବେଦନ କରିଥିଲେ। ମହିଳା ଥାନାରେ ଆବଶ୍ୟକ ଭିତ୍ତିଭୂମି ଓ କର୍ମଚାରୀ ନ ଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ଏହାର ସମାଧାନ କରିବାକୁ କର୍ମକର୍ତ୍ତା ଏମ୍‌ପିଙ୍କୁ କହିଥିଲେ। ଏପରି କି ସହରରେ ଦୁର୍ବୃତ୍ତମାନେ ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଲୁଟି ନେଉଛନ୍ତି। ଫଳରେ ମହିଳାମାନେ ସହରରେ ବୁଲାବୁଲି କରିବାକୁ ନିରାପଦ ମଣୁନାହାଁନ୍ତି। ଏନେଇ ସହରରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ସଂଗଠନ ପକ୍ଷରୁ ଏସ୍‌ପି ସୁବ୍ରମଣିଙ୍କୁ ଅନୁରୋଧ କରାଯାଇଥିଲା। ସହରରେ ଚୋରି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଏନେଇ ସହରରେ ଅପରାଧ ନିୟନ୍ତ୍ରଣ ନେଇ ସିସି ଟିଭି ଲଗାଇବାକୁ ସଂଗଠନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। ଏପରି କି ସହରରେ ନିଶା କାରବାର ସାଙ୍ଗକୁ ସଟ୍ଟା ଖେଳ ବୃଦ୍ଧି ପାଉଛି। ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କର୍ମକର୍ତ୍ତା ଏସ୍‌ପିଙ୍କୁ କହିଥିଲେ। ଏଥିରେ ସଂଗଠନ ସମ୍ପାଦିକା ମିନତୀ ଦେବତାଙ୍କ ସହ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ଆଶ୍ରା ପକ୍ଷରୁ ରାଉରକେଲା ପୋଲିସ ଆରକ୍ଷୀ ଅଧୀକ୍ଷକ କେ. ଶିବା ସୁବ୍ରମଣିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ଅପରାଧ ଦମନ ନେଇ ଦୃଢ଼ ପଦକ୍ଷେପ ନିଆଯିବ

ରାଉରକେଲା ଅଫିସ,୩୦।୮

ରାଉରକେଲା ପୋଲିସ ଆରକ୍ଷୀ ଅଧିକ୍ଷକ କେ. ଶିବା ସୁବ୍ରମଣି ସହରରେ ଅପରାଧ ଦମନ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁବ୍ରମଣି କହିଥିଲେ, ସହରରେ କିପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେନେଇ ବିଶେଷ ଦୃଷ୍ଟି ଦିଆଯିବ। ଅପରାଧିଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯିବ। ସଟ୍ଟା, ଚୋରା ମଦ କାରବାର ନିୟନ୍ତ୍ରଣ କ୍ଷେତ୍ରରେ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏପରି କି ଟ୍ରାଫିକ ସମସ୍ୟାର ସମାଧାନ ନେଇ ଖୁବ ଶିଘ୍ର ପଦକ୍ଷେପ ଆରମ୍ଭ କରାଯିବ ବୋଲି କହିଥିଲେ। ସହରର ସବୁ ବର୍ଗର ଲୋକେ କିପରି ଉଚିତ ନ୍ୟାୟ ପାଇବେ ସେ ଦିଗରେ ପୋଲିସ କାର୍ଯ୍ୟ କରିବ। ଜନସାଧାରଣ ପୋଲିସ ଉପରେ ଆସ୍ଥା ରଖି ସହଯୋଗ କରିବାକୁ ଏସ୍‌ପି ସୁବ୍ରମଣି କହିଥିଲେ। ଏଥିରେ ଅତିରିକ୍ତ ଏସ୍‌ପି ସୁରେଶ ପାଠୀ, ପୋଲିସ ଅଧିକାରୀ ପି.କେ. ମିଶ୍ର, ଏସ୍.କେ. ନାୟକ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ପ୍ରତିଶତ ଲାଭାଂଶ ଘୋଷଣା

## ସେଲର ୪୭ତମ ବାର୍ଷିକ ସାଧାରଣ ବୈଠକ

ରାଉରକେଲା ଅଫିସ, ୩୦।୮

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ(ସେଲ୍)ର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଅନିଲ ଚୌଧୁରୀ ୨୦୧୮-୧୯ ଆର୍ଥିକ ବର୍ଷରେ କମ୍ପାନୀର ୫ % ଲାଭାଂଶ ହୋଇଥିବା ଏହି ଘୋଷଣା କରିଛନ୍ତି। ଆଲୋଚ୍ୟ ଆର୍ଥିକ ବର୍ଷରେ କମ୍ପାନୀ ୨୧୭୯ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ହାସଲ କରିଛି। ୨୦୧୭-୧୮ରେ କମ୍ପାନୀ ୪୮୨ କୋଟି ଟଙ୍କା କ୍ଷତି ସହିଥିଲା ବୋଲି ଚୌଧୁରୀ କରିଛନ୍ତି। ସେହିପରି ସମୁଦାୟ ଲାଭ ୨୩୪୯ କୋଟି ଟଙ୍କା ରହିଛି। କମ୍ପାନୀର ପ୍ରତିବଦ୍ଧ ଓ ରଣନୀତିକ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଅଧକ୍ଷ ଚୌଧୁରୀ କହିଥିଲେ। ଏହି ଆର୍ଥିକବର୍ଷରେ ବିକ୍ରଯୋଗ୍ୟ ଇସ୍ପାତରେ ୭ପ୍ରତିଶତ ଉନ୍ନତି, ୬୬,୨୬୭ କୋଟି ଟଙ୍କାର ସମୁଦାୟ ବିକ୍ରି ହୋଇଥିଲା ବେଳେ ପୂର୍ବବର୍ଷ ତୁଳନାରେ ୧୬ % ଅଧିକ, କନକାଷ୍ଟ ମାଧମରେ ପରିବର୍ଦ୍ଧିତ ଉତ୍ପାଦନ ବୃଦ୍ଧି ଯୋଗୁ ଅପରେସନାଲ ନିପୁଣତାରେ ଉନ୍ନତି, କୋକ ହାର ହ୍ରାସ ଇତ୍ୟାଦି ଯୋଗେ କମ୍ପାନୀ ଲାଭାନ୍ୱିତ ହୋଇଛି।




ବୈଠକରେ ଅଧକ୍ଷଙ୍କ ସହ ବରିଷ୍ଠ କର୍ମକର୍ତ୍ତାମାନେ।



ସେଲ୍ ହକି ଏକାଡେମୀ ଓ ପାନପୋଷ ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚ।



ଅତିଥିମାନେ ହକି ଖେଳାଳି ବୀରେନ୍ଦ୍ର ଲାକ୍ରା ଏବଂ ସିଲାନନ୍ଦ ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ

ରାଉରକେଲା ଅଫିସ, ୩୦।୮

ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ା ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ହଟଷ୍ଟ୍ରିପ ମିଲ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି.ମୁରଲୀ ମୁଖ୍ୟ ଅତିଥି, ସହର ପ୍ରଶାସନ ଓ ସିଏସ୍‌ଆର୍ ବିଭାଗର ଜିଏମ୍ ଅଜୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆର୍‌ଏସ୍‌ପିର ୩ଜଣ ଅବସରପ୍ରାପ୍ତ ବିଶିଷ୍ଟ କ୍ରୀଡ଼ାବିତ ଅର୍ଜୁନ ପୁରସ୍କାର ବିଜେତା ବଡି ବିଲ୍ଡର ସୁନୀଲ ପାତ୍ର, ଦୌଡ଼କୁଦ ପ୍ରଶିକ୍ଷକ ପି.ଏନ୍. ଗନ୍ତାୟତ ଏବଂ ଭେଟେରାନ ଟେବୁଲ ଟେନିସ ପ୍ରଶିକ୍ଷକ କୃଷ୍ଣ କାନ୍ତ, ହକି ତାରକା ବୀରେନ୍ଦ୍ର ଲାକ୍ରା, ସିଲାନନ୍ଦ ଲାକ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସେଲ୍ ହକି ଏକାଡେମୀ ଏବଂ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ୨-୨ ଗୋଲରେ ଶେଷ ହୋଇଥିଲା। ଶେଷରେ ମୁଖ୍ୟଅତିଥି ପି.ମୁରଲୀ ବିରେନ୍ଦ୍ର ଲାକ୍ରା, ଅଜୟ ନାୟକ, ସିଲାନନ୍ଦ ଲାକ୍ରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏପରି କି ଖଳାଳି, କୋଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ର, ଅଭିଭାବକ ଏବଂ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ବି.କେ ରାଉତ ସ୍ୱାଗତ ଭାଷଣ ଦେଇଥିଲେ ଅନୀଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ କରାଟେ ଫେଡେରେଶନ ରେଫରି ସେମିନାର

ରାଉରକେଲା ଅଫିସ, ୩୦।୮

ବିଶ୍ୱ କରାଟେ ଫେଡେରେଶନର କରାଟେ ପ୍ରତିଯୋଗିତା ପାଇଁ ନୂତନ ନିୟମାବଳୀ ସମ୍ବନ୍ଧରେ ଏକ ସେମିନାର ଆୟୋଜିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ସେମିନାରରେ ବିଶ୍ୱ କରାଟେ ଫେଡେରେଶନର ରେଫରି ଚେୟାରମ୍ୟାନ ସେନସାଇ ଜାଭିୟର ଏସ୍‌କାଲାନ୍ତେ ଉପସ୍ଥିତ ରହି କରାଟେ କ୍ରୀଡ଼ାର କାଟା ଓ କୁମିତେ ପ୍ରତିଯୋଗିତାରେ ପ୍ରଚଳିତ ନୂତନ ନିୟମ ସମ୍ପର୍କରେ ବୁଝାଇଥିଲେ। ଓଡ଼ିଶା କରାଟେ ଆସୋସିଏଶନର ସାଧାରଣ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ମନୋନିତ ଏକ ୬ଜଣିଆ ଟିମ୍ ଏଥିରେ ଭାଗ ନେଇଥିଲେ। ରାଉରକେଲାର ଜଣାଶୁଣା ଜାତୀୟ ଓ ଅର୍ନ୍ତଜାତୀୟ ପଦକ ପ୍ରାପ୍ତ ଏସୀୟ କୋଚ ରାଜୀବ ସିଂ ଯୋଗଦେଇ ପ୍ରଶିକ୍ଷଣ ନେଇଛନ୍ତି। ସେମିନାରରେ ଦେଶର ବିଭିନ୍ନ ରାଜ୍ୟରୁ ରେଫରି ଏବଂ ଜଜ୍ ଅଂଶଗ୍ରହଣ କରିଥିଲେ।

# ପ୍ରଦୂଷଣ ରୋକିବାକୁ ଜିଲାପାଳଙ୍କୁ ଗୁହାରି

ରାଉରକେଲା ଅଫିସ/ବେଦବ୍ୟାସ, ୩୦।୮(ଡି.ଏନ୍.ଏ,)

କାଲୁଙ୍ଗା ଶିଳ୍ପାଞ୍ଚଳରେ ରହିଥିବା ସ୍ପଞ୍ଜ କାରଖାନାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଜିଆବାହାଲ ସମେତ ସ୍ଥାନୀୟ ଅଞ୍ଚଳବାସୀ ପ୍ରଦୂଷଣ ରୋକିବା ନେଇ ସୁନ୍ଦରଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଅଞ୍ଚଳରେ ରହିଥିବା ସ୍ପଞ୍ଜ କାରଖାନା ଯୋଗୁ ବାୟୁମଣ୍ଡଳ ପ୍ରଦୂଷଣ ହେବାରେ ଲାଗିଛି। ଏପରି କି କାରଖାନାଗୁଡିକରୁ ନିର୍ଗତ ହେଉଥିବା ଧୂଳି ଧୂଆଁ ଅଞ୍ଚଳର ସବୁଜ ବନାନୀ ଓ ଚାଷ ଜମିକୁ ନଷ୍ଟ କରୁଛି। କଳକାରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ସହ ରାସାୟନିକ ପାଣି ଗାଁ ପୋଖରୀ, ନାଳରେ ପଡି ପାଣିକୁ ଦୂଷିତ କରୁଛି। ଦୂଷିତ ପାଣି ପିଇ ଗୃହପାଳିତ ପ୍ରାଣୀ ବିଭିନ୍ନ ରୋଗରେ ପଡି ମୃତ୍ୟୁ ମୁଖର ପଡୁଛନ୍ତି। ଅଭିଯୋଗ କଲେ କାରଖାନା ପକ୍ଷରୁ ଲୋକଙ୍କୁ ଧମକ ଦିଆଯାଉଛି। ଅନ୍ୟପକ୍ଷେ ପ୍ରଦୂଷଣ ଯୋଗୁ ଅଞ୍ଚଳର ବିଭିନ୍ନ ପ୍ରକାର ରୋଗ ବ୍ୟାପିବାରେ ଲାଗିଛି। ଫଳରେ ଜନସାଧାରଣ ମୃତ୍ୟୁ ମୁଖରେ ପଡୁଛନ୍ତି। ଏପରି କି କାରଖାନାରୁ ନିର୍ଗତ ବର୍ଜ୍ୟ ବସ୍ତୁ ସାଙ୍ଗକୁ ରାସାୟନିକ ପାଣି ଜମିଗୁଡିକରେ ମାଡିଯାଉଛି। ଫଳରେ ଫସଲରେ ବିଭିନ୍ନ ରୋଗ ପୋକ ଲାଗିବା ସହ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଉଜୁଡି ଯାଉଛି। ଏପରି ଅବସ୍ଥାରେ କାରଖାନା ସମ୍ପ୍ରସାରଣ ପାଇଁ ଯୋଜନା କରାଯାଉଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ଦପକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ ପାଳିତ

ରାଉରକେଲା ଅଫିସ, ୩୦।୮

ସୁନ୍ଦରଗଡ଼ ସାଇକ୍ଲିଂ ଆସୋସିଏଶନ ଓ ବିଶ୍ୱଭାରତୀ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଗୋଲଗରଠାରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଶିକ୍ଷାବିତ କାମାକ୍ଷା ନାରାୟଣ ଚୌବେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବାର୍ ଆଶୋସିଏଶନ ସଭାପତି ରମେଶଚନ୍ଦ୍ର ବଳ, ବରିଷ୍ଠ ଆଥଲେଟ ବଳରାମ ମାଝି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ ପାଣ୍ଡୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ଅତିଥିମାନେ ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ଆସୋସିଏଶନର ସାଧାରଣ ସମ୍ପାଦକ ନରସିଂହ ସାହୁ, ସହସମ୍ପାଦକ ଲିଙ୍ଗରାଜ ଷଡଙ୍ଗୀ, ପୂର୍ଣ୍ଣଚନ୍ଦ୍ର ନାଏକ, ଶୁକମନି ମହାନନ୍ଦ, ଶଙ୍କର ବିଶ୍ୱାଳ, ବିଶ୍ୱଭାରତୀ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ମେଜର ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଶୁକମନି ମହାନନ୍ଦ ଧନ୍ୟବାଦ ଦେଇଥିଲେ।




ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ଶୌଚାଳୟ ନିର୍ମାଣ ଆଳରେ ବସ୍ତି ବାସିନ୍ଦାଙ୍କୁ ଧୋକା

## ଅନୁଦାନ ଫେରସ୍ତ ନିର୍ଦ୍ଦେଶକୁ ଆମ୍ ଆଦ୍‌ମୀ ପାର୍ଟିର ବିରୋଧ

ରାଉରକେଲା ଅଫିସ,୩୦।୮

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସହରର ବିଭିନ୍ନ ବସ୍ତିବାସିନ୍ଦାଙ୍କୁ ଶୌଚାଳୟ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିବା ଅନୁଦାନ ରାଶି ଫେରସ୍ତ କରିବାକୁ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ପକ୍ଷରୁ ନୋଟିସ ଜାରି କରାଯାଇଛି। ଏଥିରେ ୭ ଦିନ ମଧ୍ୟରେ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଆମ ଆଦ୍‌ମୀ ପାର୍ଟି ପକ୍ଷରୁ ବିରୋଧ କରାଯାଇଛି। ଶୌଚାଳୟ ନିର୍ମାଣ ନେଇ ସର୍ଭେ କରାଯିବା ପରେ ୮ ହଜାର କରି ଟଙ୍କା ପ୍ରଦାନ କରାଯିବ ବୋଲି ସେତେବେଳେ କୁହାଯାଇଥିଲା। ଯେଉଁମାନେ ନିଜ ଅର୍ଥରେ ପାଇଖାନା ନିର୍ମାଣ କଲେ ସେମାନଙ୍କୁ କର୍ତ୍ତୃପକ୍ଷ ୮ହଜାର ପ୍ରଦାନ କଲେ। ଅର୍ଥାଭାବରୁ ଯିଏ ପାଇଖାନା ନିର୍ମାଣ କରିବାକୁ ଅସମର୍ଥ ତାଙ୍କୁ ପର୍ଯ୍ୟାୟ କ୍ରମେ କିସ୍ତି ଅନୁଷାରେ ଅର୍ଥ ପୈଠ କରାଗଲା। ତେବେ ଅନେକ ବସ୍ତି ବାସିନ୍ଦା ସମ୍ପୂର୍ଣ୍ଣ କିସ୍ତି ପାଇ ନ ଥିବା ଆମ୍ ଆଦମୀ ପାର୍ଟି ପକ୍ଷରୁ ଅଭିଯୋଗ ହୋଇଛି। ଏପରି ଅବସ୍ଥାରେ କେଉଁ ନ୍ୟାୟରେ ଅର୍ଥ ଫେରସ୍ତ ନେଇ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଜାରି କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦଳର ରାଜ୍ୟ ସମ୍ପାଦକ ପ୍ରେସ ବିବୃତିରେ କହିଛନ୍ତି ଯେ, ଲୋକଙ୍କୁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ ନ କରି ଅର୍ଦ୍ଧ ନିର୍ମିତ ପାଇଖାନା ବାବଦ ଟଙ୍କା ଫେରସ୍ତ କରିବା ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷେ ଅର୍ଥାଭାବରୁ ଲୋକେ ପାଇଖାନା ନିର୍ମାଣ କରି ନ ପାରି ଅଧାପନ୍ତରିଆ ଭାବେ ଛାଡିଦେଇଛନ୍ତି। ସମ୍ପୂର୍ଣ୍ଣ କିସ୍ତି ପାଇଥିଲେ ଏହାକୁ ପୂର୍ଣ୍ଣାଙ୍ଗ କରିବାରେ ଅସୁବିଧା ନ ଥିଲା। ହେଲେ ଅର୍ଥ କାହିଁକି ଫେରସ୍ତ ଦେବେ ବୋଲି ତିୱାରି ପ୍ରଶ୍ନ କରିଛନ୍ତି। ଏହି ମର୍ମରେ ଆମ ଆଦମୀ ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟ ତଥା ଆର୍‌ଏମ୍‌ସି କମିଶନରଙ୍କୁ ଭେଟି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି, ଯେଉଁମାନେ ଅଗ୍ରିମ ଅର୍ଥ ନେଇ ପାଇଖାନ ନିର୍ମାଣ କରି ନାହାଁନ୍ତି ସେମାନଙ୍କୁ ଅର୍ଥ ଫେରସ୍ତ ପାଇଁ କୁହାଯାଇଛି। ବାକି ଯେଉଁମାନେ ପାଇଖାନା ନିର୍ମାଣ କରି ସାରିଛନ୍ତି ଓ ବକେୟା କିସ୍ତି ପାଇ ନାହାଁନ୍ତି ସେମାନଙ୍କୁ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅର୍ଥ ପୈଠ କରାଯିବ। ସାକ୍ଷାତ ଆଲୋଚନାରେ ପାର୍ଟିର ଭରତ ବାଇ, ସୁରିନ୍ଦର ସିଂ, ରୀତା ତନ୍ତି, ଜିତେନ୍ଦ୍ର କିଷାନ, ବିନୋଦ କୁଜୁର, ଜେରୋମ ଟେଟେ, ତିନ୍ତୁସ ଲାକ୍ରା, ଚମନଦୀପ ସିଂ, ଅଞ୍ଜନ ପାଢୀ, ରୁବିନା ଡାଙ୍ଗ, ଇନ୍ଦିରା ସିଂ, ଚାନ୍ଦୁ ସିଂ, ଅଭିଷେକ ମହାନ୍ତି, ସହଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଆମ୍ ଆଦମୀ ପାର୍ଟିର କର୍ମକର୍ତ୍ତା ଆର୍‌ଏମ୍‌ସି କମିଶନରଙ୍କୁ ଭେଟି ଆଲୋଚନା କରୁଛନ୍ତି।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ



## ସଂକ୍ଷେପରେ

### ଦୁଇ ବାଇକ ମୁହାଁମୁହିଁ ଧକ୍କା : ଦୁଇ ଗୁରୁତର

**ବାଲିଶଙ୍କରା, ୩୦।୮ (ଡି.ଏନ.ଏ):** ତଲସରା ଥାନା ଅନ୍ତର୍ଗତ ବୁଡାବାହାଲ ପୋଷ୍ଟ ଅଫିସଛକ ସମ୍ମୁଖରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନାନୁସାରେ ଜଣାପଡିଛି କି ଅଲାପକା ଗ୍ରାମର ଅମ୍ରିତ କୁଜୁର ବାଇକ ଓଡି- ୯୨୫୩ ଯୋଗେ ବାଲିଶଙ୍କରା ପଟୁ ଯାଉଥିବା ବେଳେ ବାଲିଶଙ୍କରା ଗ୍ରାମର ଶତ୍ରୁଘନ ସିଂହ ଜେଏଚ ୨୦- ୦୪୯୯ ଯୋଗେ ପେଟ୍ରୋଲ ଗାଡିରେ ପକାଇ ବାଲିଶଙ୍କରାକୁ ଆସୁଥିଲେ । ହଠାତ ଦୁଇ ଗାଡି ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ଉଭୟେ ଛିଟିକି ପଡିଥିଲେ। ଖବରପାଇ ତଲସରା ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ■ ଲେଫ୍ରିପଡା ପଞ୍ଚାୟତ ସମିତି ବୈଠକ

# ଲୋକେ ଭତ୍ତା ପାଉ ନ ଥିବାରୁ ଉଦ୍‌ବେଗ

**ଲେଫ୍ରିପଡା,୩୦।୮(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ ଅଧ୍ୟକ୍ଷତା କରିଥିଲେ। ଏଥିରେ ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ, ତଲସରା ବିଧାୟକ ଭବାନୀ ଭୋଇ, ଜିଲା ପରିଷଦ ସଭ୍ୟ ନରେଶ ପ୍ରତାପ ସିଂ, ବ୍ଲକ ଉପାଧ୍ୟକ୍ଷ ଅମୀର କୁମାର ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀ ରାଣୀ ରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ପର୍ଯ୍ୟାୟ କ୍ରମେ ସମସ୍ତ ବିଭାଗୀୟ ଅଧିକାରୀ ସରକାରଙ୍କ ଦ୍ୱାରା ପରିଚାଳିତ ଯୋଜନା ସମ୍ପର୍କରେ ଉପସ୍ଥାପନ କରିଥିଲେ। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଭତ୍ତା ଅଞ୍ଚଳର ଜନସାଧାରଣ ପାଇପାରୁ ନ ଥିବାରୁ



ଲେଫ୍ରିପଡା ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅଧିକାରୀ, ଜନପ୍ରତିନିଧି।

ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଲେଫ୍ରିପଡା ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଗସ୍ତ ଖର୍ଚ୍ଚ ଏବଂ ଉତ୍କୋଚ ଦାବି କରୁଥିବା ନେଇ ଜିଲା ପରିଷଦ ସଭ୍ୟ ନରେଶ ପ୍ରତାପ ସିଂ ବୈଠକରେ ଅଭିଯୋଗ କରିଥିଲେ। ପରେ ଜିଲା ପରିଷଦ ସଭ୍ୟଙ୍କ ଅଭିଯୋଗ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଖଣ୍ଡନ କରିଥିଲେ। ପୂର୍ବରୁ ବିଭିନ୍ନ ବୈଠକରେ କର୍ମଚାରୀଙ୍କ ଅବହେଳା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରସ୍ତାବ ପାରିତ ହୋଇଥିଲେ ବି କୌଣସି ପଦକ୍ଷେପ ନିଆ ନ ଯାଉଥିବାରୁ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଲୋକସଭା ସାଂସଦ ପ୍ରତିନିଧି କୌତୁକ ଚୌଧୁରୀ, ସହକାରୀ ଯନ୍ତ୍ରୀ ନବୀନ ବାଗେ ସମେତ ୧୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ।

# ରକ୍ତ ବର୍ଗୀକରଣ, ସ୍ୱାସ୍ଥ୍ୟ ସଚେତନତା ଶିବିର

**ସୁନ୍ଦରଗଡ଼, ୩୦।୮ (ଡି.ଏନ୍.ଏ)**

ସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ ଉଚ୍ଚ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଛାତ୍ରୀଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଅଷ୍ଟମ ଓ ନବମ ଶ୍ରେଣୀରେ ନାମ ଲେଖାଇଥିବା ୮୦ ଛାତ୍ରୀ ଛାତ୍ରଙ୍କର ଇଣ୍ଡିଆନ୍ ରେଡକ୍ରସ ସୋସାଇଟି ସୁନ୍ଦରଗଡ ତରଫରୁ ରକ୍ତ ବର୍ଗୀକରଣ ଚିହ୍ନଟ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳ କସରତ ଦ୍ୱାରା ଛାତ୍ରୀ ଛାତ୍ରମାନଙ୍କର ସାମଗ୍ରିକ ବିକାଶ ହୋଇଥାଏ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆୟୁର୍ବେଦ ଚିକିତ୍ସକ ଡା. ଅନନ୍ତ କୁମାର ଆଚାର୍ଯ୍ୟ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ପିଙ୍ଗୁଆ, ଡିଲେଶ୍ୱର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ୱ ସ୍ୱଚ୍ଛତା, ପରିଚ୍ଛନ୍ନତା ଓ ଖାଦ୍ୟ ପାନୀୟ ପ୍ରତି ସତର୍କତା ହିଁ ଉତ୍ତମ ସ୍ୱାସ୍ଥ୍ୟର ମାନଦଣ୍ଡ ବୋଲି କହିଥିଲେ। ରବୀନ୍ଦ୍ର କୁମାର ଜେନା ସଭା ସଞ୍ଚାଳନ କରିଥିବା ବେଳେ ରଥୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବସନ୍ତ ପଟେଲ, ନରେନ୍ଦ୍ର ନାଏକ, ଝରଣା ତନ୍ତୀ, ଅନିତା ନାଏକ, କେଶବ କର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୧୭ରେ ଏହି ଉଚ୍ଚ ବିଦ୍ୟାଳୟରେ ସମସ୍ତ ଛାତ୍ରୀ ଛାତ୍ରଙ୍କର ରକ୍ତ ବର୍ଗୀକରଣ ସୋସାଇଟି ତରଫରୁ କରାଯାଇଥିଲା। ସେହିବର୍ଷ ଠାରୁ ପ୍ରତିବର୍ଷ ନୂତନ ଛାତ୍ରୀଛାତ୍ରଙ୍କର ରକ୍ତ ବର୍ଗୀକରଣ ଚିହ୍ନଟ କରାଯାଇ ଆସୁଛି।

# ଗମ୍ଭାରୀଡିହିଠାରେ କୀର୍ତ୍ତନ ମଣ୍ଡପ ଉଦ୍‌ଘାଟିତ

**ଲେଫ୍ରିପଡା,୩୦।୮(ଡି.ଏନ.ଏ)**

ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀଡିହି ଗ୍ରାମରେ ନବନିର୍ମିତ କୀର୍ତ୍ତନ ମଣ୍ଡପ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ କୁମାର ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ, ଟାଙ୍ଗରପାଲି ବ୍ଲକ୍ ଅଧ୍ୟକ୍ଷ ଜଟିଆମୁଣ୍ଡା, ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମେନ୍ଦ୍ର କୁମାର ଦାଶ, ବିଜେଡି ନେତା ଜନ୍ମେଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ଆୟୋଜିତ ବୈଠକରେ ଅତିଥିଗଣ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରି ଏହାର ସୁଯୋଗ ନେବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ।



କୀର୍ତ୍ତନ ମଣ୍ଡପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଓ ଅନ୍ୟମାନେ।

## ଲହୁଣୀପଡ଼ା ପଞ୍ଚାୟତ ସମିତି ବୈଠକ

**ଲହୁଣୀପଡା, ୩୦।୮ (ଡି.ଏନ.ଏ):** ଲହୁଣୀପଡା ରାଜୀବଗାନ୍ଧୀ ସେବା ସଦନରେ ଲହୁଣୀପଡା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ଅଧକ୍ଷ ପଣ୍ଡିତଚରଣ ମୁଣ୍ଡା ଅଧକ୍ଷତା କରିଥିବା ବେଳେ ଏଥିରେ ଉପାଧକ୍ଷା ଶୁକମତୀ ମାହାନ୍ତ, ଜିଲାପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ସଦସ୍ୟ କେଦାର ମାହାନ୍ତ, ବିଧାୟକ ପ୍ରତିନିଧି ଲାଲବାହାଦୁର ମାହାନ୍ତ, ବିଡିଓ ଧାନଇ ଚରଣ ଗୁଡ୍ଡୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ଜିପିଓ ସାରିଆ ଲାକ୍ରା ମଞ୍ଚାସୀନ ଥିଲେ। ପ୍ରତ୍ୟେକ ଦୁଇ ମାସରେ ବ୍ୟବଧାନରେ ସମିତି ବୈଠକ ହେବା କଥା। କିନ୍ତୁ ଦୀର୍ଘ ଦିନର ବ୍ୟବଧାନରେ ସମିତି ବୈଠକ ଅନୁଷ୍ଠିତ ହୋଇଥିବାରୁ ଆରମ୍ଭରୁ ସମିତି ସରପଞ୍ଚମାନେ ହୋହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ବ୍ଲକ ସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀମାନେ ସମିତି ବୈଠକରେ ଯୋଗଦେଇ ନିଜ ବିଭାଗର ତଥ୍ୟ ଉପସ୍ଥାପନ କରିବା କଥା କିନ୍ତୁ ଅନେକ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ସରପଞ୍ଚ, ସମିତିସଭ୍ୟା, ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ଦେଖିବାକୁ ମିଳିଥିଲା। କୃଷି, ମତ୍ସ୍ୟ, ଶିକ୍ଷା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହାର ପରବର୍ତ୍ତି ବୈଠକରେ ବ୍ଲକସ୍ତରୀୟ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୋଗଦେବା ପାଇଁ ଦାବି ହୋଇଥିଲା।

# ଜିଲା ଉନ୍ନୟନ ପରିଷଦର ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ସୁନ୍ଦରଗଡ, ୩୦।୮ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ବିନୟ ଟପ୍ପୋ ଶୁକ୍ରବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନବନିଯୁକ୍ତ ଅଧ୍ୟକ୍ଷ ଟପ୍ପୋ ପ୍ରଥମେ ରାଣୀ ବଗିଚା ବାଇପାସ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜେଡି କର୍ମୀଙ୍କ ଗହଣରେ ଏକ ଖୋଲାଜିପ୍‌ରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି କଲେକ୍ଟରିଏଟ୍ ପରିସରରେ ଥିବା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ ଫୁଲତୋଡା ଦେଇ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୁନ୍ଦରଗଡ ସମନ୍ୱିତ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅନନ୍ତ ବିଜୟ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ସରକାରୀ ପଦାଧିକାରୀ ମଧ୍ୟ ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ଜିଲା ପରିଷଦ ଅଧ୍ୟକ୍ଷା ଏମା ଏକ୍କା, ବିଜେଡି ନେତ୍ରୀ ସୁନୀତା ବିଶ୍ୱାଳ ,ବରିଷ୍ଠ ବିଜେଡି ନେତା ହରଜେନ୍ଦ୍ର ସିଂ, ଜନ୍ମେଜୟ ମହାପାତ୍ର, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ , ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝୀ ,ପୂର୍ବତନ କାଉନସିଲର ବୀଣା ସାହୁ, ପଞ୍ଚା ବାର୍ଲା, ବିଜୁ ଛାତ୍ର ଜନତା ଦଳ ପଶ୍ଚିମାଞ୍ଚଳ ଜୋନ୍ ସଭାପତି ବୈକୁଣ୍ଠ ନାଏକ ପ୍ରମୁଖ ଦଳୀୟ ନେତୃବୃନ୍ଦ ଓ କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ବିନୟ ଟପ୍ପୋଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଉଛି।

# ୧୦୨ ହିତାଧିକାରୀଙ୍କୁ ପିଏମ୍ୱାଇ କାର୍ଯ୍ୟାଦେଶ ବଣ୍ଟନ କଲେ ବିଧାୟକ

**ବଡଗାଁ, ୩୦।୮ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପଞ୍ଚାୟତ ଅଞ୍ଚଳର ୧୦୨ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ୱାଇ)ର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟଅତିଥି ଓ ବିଡିଓ କ୍ଷେମାନିଧି ଭୋଇ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ସ୍ଥାନୀୟ ସରପଞ୍ଚ ଟଙ୍କଧର ନାଏକ, ଭାଜପା ଜିଲା ସଙ୍ଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ଭାଜପା ବଡଗାଁ ମଣ୍ଡଳ ସଭାପତି ଦିଲୀପ ସେନାପତି ଅତିଥି ଭାବେ ଯୋଗଦେଇଥିଲେ । ବିଧାୟକ ଓ ବିଡିଓ ହିତାଧିକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଘର ତିଆରି କାମ ଶେଷ କଲେ ୧୦ ରୁ ୨୦ ହଜାର ଟଙ୍କା ଆର୍ଥୀକ ସହଯୋଗ ସରକାର ଯୋଗାଇଦେଉଥିବା ସମ୍ପର୍କରେ ବୁଝାଇଥିଲେ। ଏହା ପରେ ବଡଗାଁ ବ୍ଲକର ଇଞ୍ଜିନିୟର ରାଜେନ୍ଦ୍ର ବେହେରା ଲେ ଆଉଟ ଦେଇଥିବା ଜଣେ ହିତାଧିକାରୀଙ୍କ ଘର ଡିହରେ ନଡିଆ ଫଟାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦେଇ ଶୁଭାରମ୍ଭ କରିଥିଲେ । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଫୁଲବାରୀ ପଞ୍ଚାୟତରେ ୨୧୬ ଜଣ, ଦାଣ୍ଡଜମରା ପଞ୍ଚାୟତରେ ୧୭ ଜଣଙ୍କୁ ପିଏମ୍ୱାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।



ପିଏମ୍ୱାଇ ଘର ନିର୍ମାଣର ଭିତ୍ତିପ୍ରସ୍ତର ଦେଇ ଶୁଭାରମ୍ଭ କରାଯାଉଛି।

## ବଜ୍ରପାତରେ ଆହତଙ୍କ ମୃତ୍ୟୁ

**ବଡଗାଁ,୩୦।୮ (ଡି.ଏନ.ଏ):** ବଡଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମର ୪ଜଣ ବ୍ୟକ୍ତି ରବିବାର ଏକମା ଗ୍ରାମରୁ ଚାଲି ଚାଲି ପାମରା ଆସୁଥିଲା ବେଳେ ଅପରାହ୍ନ ସାଢ଼େ ୩ଟାରେ ଜୁନାପଡା ନିକଟରେ ବଜ୍ରପାତ ହେବାରୁ ବିନୋଦ ପୋଢ଼ (୩୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା ବେଳେ ଗୋକୁଳ ପୋଢ଼ (୨୨)ଙ୍କ ଜଙ୍ଘରେ ଆଘାତ ଲାଗିଥିଲା । ଅନ୍ୟ ୨ ଜଣ ଅଶୋକ ଖିଲାରୀ ଓ ବିଷ୍ଣୁ ପୋଢ଼ ସାମାନ୍ୟ ଆହତ ହୋଇଥିଲେ । ଘଟଣା ପରେ ଅଶୋକଙ୍କ ଛାତିରେ ସାମାନ୍ୟ ଯନ୍ତ୍ରଣା ହୋଇଥିଲା। ବୁଧବାର ପର୍ଯ୍ୟନ୍ତ ସେ ଗାଁରେ ବୁଲାବୁଲି କରୁଥିଲେ। ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି।

# ଗ୍ୟାରେଜରେ ଥିବା ଡମ୍ପରରୁ ଟାୟାର ଚୋରି ଅଭିଯୋଗ

**କୁତ୍ରା, ୩୦।୮ (ଡି.ଏନ.ଏ)**

କୁତ୍ରା ଥାନା ଅଧିନ ରାଞ୍ଚି ରୋଡଠାରେ ଥିବା ରବୀନ୍ଦ୍ର ଜେନାଙ୍କ ଗ୍ୟାରେଜରେ ରଙ୍ଗ କରିବା ପାଇଁ ଆସି ଛିଡା ହୋଇଥିବା ଏକ ଡମ୍ପରର ଦୁଇଟି ଟାୟାର ଚୋରି ହୋଇଯାଇଥିବା ନେଇ କୁତ୍ରା ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାଯାଏ ଯେ, ସମ୍ବଲପୁର ଜିଲା ବାମଣ୍ଡାର ତୁଷାନନ୍ଦ ସାହୁ ରାଞ୍ଚି ରୋଡ ପାଖରେ ଥିବା ପେଟ୍ରୋଲ ପମ୍ପରେ ମ୍ୟାନେଜର ଭାବେ କାମ କରନ୍ତି। ସେ ନିଜ ଡମ୍ପର ନଂ. ଓଆର୍ ୧୬ ଡି– ୨୯୫୭କୁ ରାଞ୍ଚି ରୋଡରେ ଥିବା ରବୀନ୍ଦ୍ର ଜେନାଙ୍କ ଗ୍ୟାରେଜରେ ରଙ୍ଗ କରିବା ପାଇଁ ନେଇଥିଲେ। ରବୀନ୍ଦ୍ର ଉକ୍ତ ଗାଡିକୁ ରଙ୍ଗ କରୁଥିଲେ। ୨୮ ତାରିଖ ଗାଡିରେ କିଛି ରଙ୍ଗ କାମ ହୋଇଥିଲା। ୨୯ ତାରିଖ ସକାଳେ ଗ୍ୟାରେଜ ମାଲିକ ଗ୍ୟାରେଜକୁ ଆସି ଦେଖିଲା ବେଳକୁ ଉକ୍ତ ଗାଡିର ପଛପଟ ଦୁଇଟି ଟାୟାର ନ ଥିଲା। ଗ୍ୟାରେଜ ମାଲିକ ଗାଡି ମାଲିକଙ୍କୁ ଏକଥା ଜଣାଇଥିଲେ। ହେଲେ ଗାଡି ମାଲିକ ମଧ୍ୟ ଟାୟାର ଖୋଲାଯିବା ସମ୍ବନ୍ଧରେ ଜାଣି ନ ଥିବା କଥା ପ୍ରକାଶ କରିବା ପରେ ଗ୍ୟାରେଜ ମାଲିକ ଡିସ ସହିତ ଟାୟାର ଚୋରି ହୋଇ ଯାଇଥିବା ଜାଣି କୁତ୍ରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇଲା ପରେ ଅନୁସନ୍ଧାନ କରୁଥିବା ଜଣାପଡିଛି।

# କାର୍ ଧକ୍କାରେ ମୋପେଡ୍ ଚାଳକ ମୃତ

**ଝାରସୁଗୁଡା ଅଫିସ୍/ଲଖନପୁର, ୩୦।୮(ଡି.ଏନ୍.ଏ,):**

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

୧୦ନମ୍ବର ରାଜ୍ୟ ରାଜପଥ ଝାରସୁଗୁଡ଼ା ସରବାହାଲ ବାଇପାସ୍ ସାରସମାଲ ଛକରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଏକ କାର୍ ଧକ୍କାରେ ମୋପେଡ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସରବାହାଲ ସତନାମୀପଡ଼ାର ମାନା ସତନାମୀ(୭୫)। ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଝାରସୁଗୁଡ଼ା ଥାନା ଆଇଆଇସି ସାବିତ୍ରୀ ବଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ଦୁର୍ଘଟଣା ଘଟାଇଥିବା କାର୍ ମାଲିକଙ୍କ ସହିତ ପୋଲିସ ଆଲୋଚନା କରି କ୍ଷତିପୂରଣ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଝାରସୁଗୁଡ଼ା ଥାନା ପୋଲିସ ଏକ ମାମଲା(ନଂ. ୫୫୦/୧୯)ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଦୁର୍ଘଟଣାସ୍ଥଳରୁ ପୋଲିସ କାର୍(ନଂ.ଓଡି୨୩ଡି ୪୬୬୭) ଏବଂ ମୋପେଡ୍(ନଂ.ଓଡି୨୩ଏ ୦୫୬୩)କୁ ଜବତ କରିଛି। ସୂଚନା ଯୋଗ୍ୟ, ମୋପେଡ୍ ଚାଳକ ମାନା ରାସ୍ତା ଅତିକ୍ରମ କରୁଥିବା ବେଳେ କାର୍ ଭାରସାମ୍ୟ ହରାଇ ଦେଇଥିଲା। ଘଟଣାସ୍ଥଳରେ ମାନାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।



କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ■ ଗଣେଶ ପୂଜା ଶାନ୍ତି କମିଟି ବୈଠକ

# ଡିଜେ ନ ବଜାଇବା ପାଇଁ ପୂଜା କମିଟିକୁ ପୋଲିସର ତାଗିଦ

**ଲଖନପୁର,୩୦।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନାରେ ଶୁକ୍ରବାର ଆଇଆଇସି ପ୍ରଶାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଗଣେଶ ପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ, ଏଏସ୍ଆଇ ପରକ୍ଷୀତ ସାହୁ, ମନୋଜ ମିଶ୍ର, ପ୍ରକାଶ ପରଡ଼ା, ହାବିଲଦାର ନେତ୍ରାନନ୍ଦ କାଲୋ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅଞ୍ଚଳର ୮ଟି ପୂଜା କମିଟି ଉପସ୍ଥିତ ଥିଲେ। ଏଥିରେ ଇବ୍‌ଥର୍ମାଲ ଓମ୍ ଶ୍ରୀ ଗଣେଶ ପୂଜା କମିଟି, ବନ୍ଧବାହାଲ ଆଇବି ସେକ୍ଟର ପୂଜା କମିଟି, ବନ୍ଧବାହାଲ ଇନ୍‌କ୍ଲାରୀ କ୍ଲବ ପୂଜା କମିଟି, ବନ୍ଧବାହାଲ ବସ୍‌ଷ୍ଟାଣ୍ଡ ଗୌଡପଡ଼ା ପୂଜା କମିଟି, ବନ୍ଧବାହାଲ ୟୁଥ୍ କ୍ଲବ୍ ଶାନ୍ତିନଗର ପୂଜା କମିଟି, କର୍ପାବାହାଲ ପୂଜା କମିଟି, ତେଲେନପାଲି ଶିବାୟୁଥ୍ ଆସୋସିଏଶନ ପୂଜା କମିଟି, ତେଲେନପାଲି ଚନ୍ଦନ କ୍ଲବ ପୂଜା କମିଟି ରହିଥିଲେ। ପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୫ନିୟମ କରାଯାଇଥିଲା। ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ପୂଜାରେ ଡିଜେ ସାଉଣ୍ଡ ବ୍ୟବହାର ନ କରି ସାଧାରଣ ସାଉଣ୍ଡବକ୍ସ ବ୍ୟବହାର କରିବା, ପୂଜା ମଣ୍ଡପରେ ରାତି ୧୦ଟା ପର୍ଯ୍ୟନ୍ତ ସାଉଣ୍ଡବକ୍ସ ବଜାଇବା, ଭସାଣି ସମୟରେ କେହି ଡିଜେ ବ୍ୟବହାର ନ କରିବା, ପ୍ରସେଶନ୍ ସମୟରେ ମାଦକ ଦ୍ରବ୍ୟ ସେବନ ନ କରିବା, ରାତି ୧୦ଟା ମଧ୍ୟରେ ଭସାଣି ଶେଷ କରିବା, ପ୍ରତ୍ୟେକ ପୂଜା କମିଟି ପୂଜା ପୂର୍ବରୁ ପୂଜା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସେଶନ, ଆତସବାଜି ଆଦି ସମସ୍ତ ତଥ୍ୟ ପ୍ରଦାନ କରି ପୋଲିସ ନିକଟରୁ ଅନୁମତି ଗ୍ରହଣ କରିବା ଏସବୁ ନିୟମ ପାଳନ କରି ଶାନ୍ତି ଶୃଙ୍ଖଳାରେ ପୂଜା କରିବା ପାଇଁ ଆଇଆଇସି ମେହେର ପ୍ରତ୍ୟେକ ପୂଜା କମିଟିକୁ ଅନୁରୋଧ କରିଛନ୍ତି। ବୈଠକରେ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଈଶ୍ୱର କଉଡି, ବାବଲୁ ସା, ଗୋପାଳ ନାୟକ, ଲକ୍ଷ୍ମୀଧର ବାରିକ, ପ୍ରଶାନ୍ତ କୁମାର ଜେନା, ବ୍ରଜେଶ କୁମାର ଭଇଁସା, ନେପାଳ ଚନ୍ଦ୍ର ଧୁରୁଆ, ମୁକେଶ ସାହୁ, ରଞ୍ଜନ ଡାକୁଆ, ଗୁରୁଦେବ ରାଉଡିଆ, ସରୋଜ ସୁନାନୀ, ଏ. ଭୋଇ, ଜିତେନ୍ଦ୍ର ସା, ନରେନ୍ଦ୍ର ସାହୁ, ରିଙ୍କୁ ସା, ଏ.ପି. ସେଠୀ, ଏ.କେ. ସାମନ୍ତରାୟ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଶାନ୍ତି କମିଟି ବୈଠକରେ ଉପସ୍ଥିତ ଥିବା ପୋଲିସ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତାମାନେ।